# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୮/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, March 18/2025 | Page 14 | ₹ 7.00

୫୧ଶ ଭାଗ ୧୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 112 | ମୂଲ୍ୟ ₹୭/-




## 'କ୍ରିସ୍ ୪'ର ନିର୍ଦ୍ଦେଶନା ଦେବେନି ରାକେଶ ରୋଶନ

'କ୍ରିସ୍ ୪' ଫିଲ୍ମର ନିର୍ଦ୍ଦେଶନା ଦେବେ ନାହିଁ ବୋଲି ଏକ ସାକ୍ଷାତ୍କାରରେ ବଲିଉଡ୍‌ର ବରିଷ୍ଠ ନିର୍ଦ୍ଦେଶକ ତଥା ଫିଲ୍ମ ନିର୍ମାତା ରାକେଶ ରୋଶନ କହିଛନ୍ତି।

୦୨

୧୪

## ବ୍ରୋଞ୍ଜ ଜିତିଲେ ଦୀପ ରଞ୍ଜନ

ସ୍ପେନ୍‌ର ଟୋଲେଡୋରେ ଅନୁଷ୍ଠିତ ସ୍ପାନିସ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକ ଜିତିଛନ୍ତି।



# ପରଲୋକରେ ଦେବେନ୍ଦ୍ର ପ୍ରଧାନ

### ୩ ଥର ଭାଜପା ରାଜ୍ୟ ସଭାପତି, ୨ ଥର କେନ୍ଦ୍ରମନ୍ତ୍ରୀ ଥିଲେ



**ଭୁବନେଶ୍ୱର,୧୭ା୩(ସୁନିତ୍ ମିଶ୍ର)**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କର ୮୪ ବର୍ଷ ବୟସରେ ସୋମବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଅସୁସ୍ଥ ଥିଲେ। ନୂଆଦିଲ୍ଲୀ ସ୍ଥିତ ଧର୍ମେନ୍ଦ୍ର ପ୍ରଧାନଙ୍କ ସରକାରୀ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଦେହାନ୍ତ ଖବର ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

୧୧ ବର୍ଷର ଶାସନ ଅବଧି

# ହେମାମାଳିନୀଙ୍କ ଶ୍ରୀମନ୍ଦିର ପ୍ରବେଶ ନେଇ ବିବାଦ

ବିଶିଷ୍ଟ ସିନେମା ଅଭିନେତ୍ରୀ ତଥା ଉତ୍ତରପ୍ରଦେଶ ମଥୁରାର ଭାଜପା ଏମ୍‌ପି ହେମାମାଳିନୀ ଶନିବାର ପୁରୀ ଶ୍ରୀମନ୍ଦିରରେ ପ୍ରବେଶ କରି ଦାରୁଦିଅଁଙ୍କୁ ଦର୍ଶନ କରିବା ନେଇ ବିବାଦ ସୃଷ୍ଟି ହୋଇଛି। ହେମାମାଳିନୀ ପ୍ରସିଦ୍ଧ ଅଭିନେତା ଧର୍ମେନ୍ଦ୍ର (ଧର୍ମେନ୍ଦ୍ର କେୱଲ କ୍ରିଷ୍ଣ ଦେଓଲ)ଙ୍କୁ ବିବାହ କରିବା ପାଇଁ ୧୯୭୯ ଅଗଷ୍ଟ ୨୧ରେ ସ୍ୱଇଚ୍ଛାରେ ମୁସଲମାନ ଧର୍ମକୁ ଆପଣାଇଥିଲେ। ଧର୍ମେନ୍ଦ୍ର ମଧ୍ୟ ମୁସଲମାନ ଧର୍ମ ଗ୍ରହଣ କରିଥିଲେ। ଏହାପରେ ହେମାମାଳିନୀଙ୍କ ନାମ ଆଇଶା ବି ଆର୍ ଚକ୍ରବର୍ତ୍ତୀ ଏବଂ ଧର୍ମେନ୍ଦ୍ରଙ୍କ ନାମ ଦିଲାୱାର ଖାନ୍ କେୱଲ କ୍ରିଷ୍ଣ ହୋଇଥିଲା। ହେମାମାଳିନୀ ଜଣେ ମୁସଲମାନ ଭାବେ ଶ୍ରୀମନ୍ଦିରରେ ପ୍ରବେଶ କରିବା ବେଆଇନ ବୋଲି ଦର୍ଶାଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସୋମବାର ପୁରୀ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଣେ ସୋସିଆଲ ମିଡିଆରେ ମତ ଦେଇଛନ୍ତି ଯେ, ଇନ୍ଦିରା ଗାନ୍ଧୀ ଫିରୋଜ ଜାହାଙ୍ଗୀର ଘାନ୍ଧୀ (ଗାନ୍ଧୀ ଭାବେ ଜଣାଶୁଣା)ଙ୍କୁ ବିବାହ କରିଥିଲେ। ଫିରୋଜ ଜଣେ ପାର୍ସି ଥିଲେ। ଇନ୍ଦିରା ଗାନ୍ଧୀ କିନ୍ତୁ ପାର୍ସି ଧର୍ମ ଗ୍ରହଣ କରି ନ ଥିଲେ କିମ୍ବା ନିଜ ନାମ ମଧ୍ୟ ପରିବର୍ତ୍ତନ କରି ନ ଥିଲେ। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସତ୍ତ୍ୱେ ସ୍ୱଇଚ୍ଛାରେ ଶ୍ରୀମନ୍ଦିରକୁ ପ୍ରବେଶ କରି ନ ଥିଲେ। ଏବେ ହେମାମାଳିନୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ଅନୁମତି ଦିଆଯିବା ଅନ୍ୟାୟ ବୋଲି ସେ ଦର୍ଶାଇଛନ୍ତି। ଏଥିପାଇଁ ଜଗନ୍ନାଥ ସେନା ପକ୍ଷରୁ ମଧ ଜିଲା ପ୍ରଶାସନକୁ ଦାୟୀ କରାଯାଇଛି।



ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ କରିଥିବା ବଲିଉଡ ଅଭିନେତ୍ରୀ ହେମାମାଳିନୀ।

**ପୁରୀ,୧୭ା୩ (ଅଜିତ୍ କୁମାର ମହାନ୍ତି)**

ବଲିଉଡ୍ ଅଭିନେତ୍ରୀ ହେମାମାଳିନୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାକୁ ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସୋମବାର ସିଂହଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ହେମାମାଳିନୀ ହିନ୍ଦୁ ନୁହନ୍ତି, ସେ ମୁସଲମାନ ଅଟନ୍ତି। ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in



DSPL-424



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ନୂତନ ଭାବେ ମନୋନୀତ ହୋଇଥିବା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୪୪୨ ଜଣ ଆୟୁଷ୍ ଆସିଷ୍ଟାଣ୍ଟ,
କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୩୩ ଜଣ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏବଂ ୬୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ,
ଇସ୍ପାତ ଓ ଖଣି ବିଭାଗର (ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଅଧୀନରେ) ୧୮୯ ଜଣ କନିଷ୍ଠ ଖଣି ଅଧିକାରୀ ଏବଂ ୯ ଜଣ କନିଷ୍ଠ ସହାୟକ,
ଶକ୍ତି ବିଭାଗ ଅଧୀନସ୍ଥ ଓ.ପି.ଟି.ସି.ଏଲ୍ ରେ ୪୮ ଜଣ ମ୍ୟାନେଜ୍‌ମେଣ୍ଟ ଟ୍ରେନି (ଇଲେକ୍ଟ୍ରିକାଲ୍),
ଜଳସମ୍ପଦ ବିଭାଗର ୧୨ ଜଣ କନିଷ୍ଠ ସହାୟକ ଏବଂ ୧୪ ଜଣ ଅମିନଙ୍କ ସମେତ
ସର୍ବମୋଟ ୮୧୨ ଜଣଙ୍କୁ

ନିଯୁକ୍ତିପତ୍ର ପ୍ରଦାନ

୧୮ ମାର୍ଚ୍ଚ ୨୦୨୫ | ଅପରାହ୍ନ ୨.୩୦
କୃଷି ଶିକ୍ଷା ସଦନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ଇସ୍ପାତ ଓ ଖଣି ବିଭାଗ | ଶକ୍ତି ବିଭାଗ | ଜଳସମ୍ପଦ ବିଭାଗ
ଓଡ଼ିଶା ସରକାର

OIPR-10001/13/0037/2425



ଭାରତର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ସୋମବାର କାଲକାଟା ହାଇକୋର୍ଟର ସିନିୟର ଜଜ୍ ଜୟମାଲ୍ୟା ବାଗ୍‌ଚୀଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ଶପଥ ପାଠ କରାଇଛନ୍ତି। ଜଷ୍ଟିସ୍ ବାଗ୍‌ଚୀଙ୍କ ଶପଥ ପାଠ ପରେ ଏବେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବଢ଼ି ୩୩ରେ ପହଞ୍ଚିଛି। ପ୍ରକାଶ ଯେ, ସର୍ବୋଚ୍ଚ ଅଦାଳତରେ ସର୍ବାଧିକ ୩୪ ଜଣ ବିଚାରପତି ରହିପାରିବେ।

## ସଂକ୍ଷେପରେ

### ଡିଜିଟାଲ ଆରେଷ୍ଟ: ୨୦ କୋଟି ହରାଇଲେ ବୃଦ୍ଧା

ମୁମ୍ବାଇ, ୧୭।୩

ଡିଜିଟାଲ ଆରେଷ୍ଟକୁ ନେଇ ଅନେକ ପ୍ରକାରର ଅଭିଯାନ କରାଯାଉଥିଲେ ମଧ୍ୟ ଏପରି ଅପରାଧ କମିବାରେ ନାଁ ନେଉନାହିଁ। ମୁମ୍ବାଇରେ ଜଣେ ୮୬ ବର୍ଷୀୟା ମହିଳା ଡିଜିଟାଲ ଆରେଷ୍ଟର ସମ୍ମୁଖୀନ ହୋଇ ୨୦.୨୫ କୋଟି ଟଙ୍କା ହରାଇଥିବାର ଏକ ମାମଲା ସାମ୍‌ନାକୁ ଆସିଛି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, କେତେଜଣ ଅପରାଧୀ ନିଜକୁ ପୋଲିସ ଅଧିକାରୀ ଭାବେ ପରିଚୟ ଦେଇ ଉକ୍ତ ବୃଦ୍ଧାଙ୍କୁ ତାଙ୍କ ଆଧାର କାର୍ଡକୁ ବ୍ୟବହାର କରାଯାଇ ବେଆଇନ କାର୍ଯ୍ୟ କରାଯାଉଥିବା ନେଇ ଧମକ ଦେଇଥିଲେ। ତେଣୁ ଗତ ୩ ମାସ ମଧ୍ୟରେ ବୃଦ୍ଧା ଜଣକ ସାଇବର ଠକଙ୍କ ବିଭିନ୍ନ ଆକାଉଣ୍ଟକୁ ୨୦.୨୫ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ସାଇବର ଅପରାଧୀମାନେ ତାଙ୍କ ପୂରା ପରିବାରକୁ ଆଇନଗତ ଅସୁବିଧାରେ ପକାଇବେ ବୋଲି ବୃଦ୍ଧାଙ୍କୁ ଧମକ ଦେଇଥିଲେ। ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇବା ପରେ ସେ ଠକାମିର ଶିକାର ହୋଇଥିବା ନେଇ ବୃଦ୍ଧା ଜଣକ ହୃଦ୍‌ବୋଧ କରିଥିଲେ ଏବଂ ପୋଲିସ ସହ ସମ୍ପର୍କ କରିଥିଲେ। ଘଟଣାକୁ ନେଇ ପୋଲିସ ସୋମବାର ଜମିଲ ଶେଖ ଏବଂ ରାଜିକ ଆଜମ ବଟ ନାମକ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଉଭୟଙ୍କର ବୟସ ମାତ୍ର ୨୦ ବର୍ଷ ରହିଛି। ଏହି ୨ ଯୁବକ ଏକ ଅନ୍ତର୍ଜାତୀୟ ଗ୍ୟାଙ୍ଗ୍‌ର ସଦସ୍ୟ ହୋଇଥିବା ନେଇ ପୋଲିସ ଅନୁମାନ କରୁଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

### ଭାରତ-ଚାଇନା ସମ୍ପର୍କକୁ ନେଇ ମୋଦିଙ୍କ ମନ୍ତବ୍ୟକୁ ବେଜିଂର ପ୍ରଶଂସା

ବେଜିଂ, ୧୭।୩(ପି.ଟି.)

ଭାରତ-ଚାଇନା ସମ୍ପର୍କକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସକାରାତ୍ମକ ମନ୍ତବ୍ୟକୁ ବେଜିଂ ସୋମବାର ପ୍ରଶଂସା କରିଛି। ୨ ଦେଶ ମଧ୍ୟରେ ରହିଥିବା ମତଭେଦକୁ ପ୍ରଧାନମନ୍ତ୍ରୀ ସ୍ୱାଭାବିକ ଦର୍ଶାଇବା ସହ ଅତୀତର ଉତ୍ତେଜନା ସତ୍ତ୍ୱେ ପଡ଼ୋଶୀ ଦେଶ ସହ ଆଲୋଚନା କରାଯିବା ସପକ୍ଷରେ ମତ ଦେଇଥିଲେ। ପାରସ୍ପରିକ ଦୃଢ଼ ସହଯୋଗ ୨ ରାଷ୍ଟ୍ରର ସ୍ୱାର୍ଥ ଓ ବୈଶ୍ୱିକ ସ୍ଥିରତାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଆମେରିକାର ଏଆଇ ଗବେଷକ ଲେକ୍ସ ଫ୍ରିଡ୍‌ମ୍ୟାନ୍‌ଙ୍କ ସହ ପୋଡ୍‌କାଷ୍ଟରେ ଆଲୋଚନା ବେଳେ କହିଥିଲେ। ଦୁଇ ଦେଶ ମଧ୍ୟରେ ସହଯୋଗ ପାରସ୍ପରିକ ସଫଳତା ପାଇଁ ବଡ଼ ଅବଦାନ, ଯାହା ଉଭୟ ପକ୍ଷ ଚାହାନ୍ତି ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି।

# ‘ଔରଙ୍ଗଜେବଙ୍କ କବର ହଟାଇବୁ’

## ହିନ୍ଦୁ ସଙ୍ଗଠନର ଡାକରା ପରେ କଡ଼ା ସୁରକ୍ଷା ବ୍ୟବସ୍ଥା




ଖୁଲଦାବାଦ ସ୍ଥିତ ଔରଙ୍ଗଜେବଙ୍କ କବରସ୍ଥଳ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଛତ୍ରପତି ସମ୍ଭାଜିନଗର, ୧୭।୩

ମୋଗଲ ସମ୍ରାଟ୍ ଔରଙ୍ଗଜେବଙ୍କ କବରକୁ ନେଇ ମହାରାଷ୍ଟ୍ରରେ ବିବାଦ ଦେଖାଦେଇଛି। ଔରଙ୍ଗାବାଦ ଜିଲାର ଖୁଲଦାବାଦ ସହରସ୍ଥିତ ଔରଙ୍ଗଜେବଙ୍କ କବରସ୍ଥଳକୁ ହଟାଇବା ପାଇଁ ପ୍ରମୁଖ ହିନ୍ଦୁ ସଙ୍ଗଠନ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଓ ବଜରଙ୍ଗ ଦଳ ରାଜ୍ୟର ଭାଜପା ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ଚେତାବନୀରେ କୁହାଯାଇଛି, ଯଦି ଔରଙ୍ଗଜେବଙ୍କ କବରସ୍ଥଳକୁ ହଟାଇବା ପ୍ରକ୍ରିୟାରେ ବିଳମ୍ବ ଘଟେ ତେବେ ବାବ୍‌ରୀ ମସ୍‌ଜିଦ ଧ୍ୱଂସ ଘଟଣା ପରି ଖୁଲଦାବାଦସ୍ଥିତ ଔରଙ୍ଗଜେବଙ୍କ କବରସ୍ଥଳକୁ ମଧ୍ୟ ଭଙ୍ଗାଯିବ। ହିନ୍ଦୁତ୍ୱବାଦୀ ସଙ୍ଗଠନର ଚେତାବନୀ ପରେ ଔରଙ୍ଗଜେବଙ୍କ କବରସ୍ଥଳର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଘଟଣାସ୍ଥଳରେ ବହୁ ସଂଖ୍ୟାରେ ଷ୍ଟେଟ୍ ରିଜର୍ଭ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେହିପରି କବର ନିକଟବର୍ତ୍ତୀ ଅଞ୍ଚଳରେ କୌଣସି ମଧ୍ୟ ବ୍ୟକ୍ତିଙ୍କୁ ଯିବା ଆସିବା ପାଇଁ ଅନୁମତି ଦିଆଯାଉ ନାହିଁ।

ଭିଏଚ୍‌ପିର ମହାରାଷ୍ଟ୍ର-ଗୋଆ ଆଞ୍ଚଳିକ ମୁଖ୍ୟ ଗୋବିନ୍ଦ ଶେଣ୍ଡେ କହିଛନ୍ତି, ସମ୍ପ୍ରତି କିଛି ଲୋକ ଔରଙ୍ଗଜେବଙ୍କର ପ୍ରଶଂସା କରିବାରେ ଲାଗିଛନ୍ତି। ଔରଙ୍ଗଜେବ ଦେଶରେ ବହୁ ଅତ୍ୟାଚାର କରିଥିଲେ। ସେ ହିନ୍ଦୁଙ୍କ ଉପରେ ଅତ୍ୟାଚାର କରିବା ସହ ତାଙ୍କ ବାପାଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ଏପରି ନିଷ୍ଠୁର ବ୍ୟକ୍ତିଙ୍କର କୌଣସି ଚିହ୍ନକୁ ଭାରତରେ ବରଦାସ୍ତ କରାଯିବ ନାହିଁ। ତେଣୁ ହିନ୍ଦୁମାନଙ୍କ ଭାବନାକୁ ସମ୍ମାନ ଜଣାଇ ଔରଙ୍ଗଜେବଙ୍କ କବରକୁ ହଟାଇବାକୁ ଭିଏଚ୍‌ପିର ଦାବି ରହିଛି। ତେବେ ଏହି ପ୍ରସଙ୍ଗକୁ ନେଇ ମହାରାଷ୍ଟ୍ରରେ ରାଜନୀତି ସରଗରମ ହୋଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି-ଶରଦ ଚନ୍ଦ୍ର ପାଓ୍ୱାର (ଏନ୍‌ସିପି-ଏସ୍‌ପି) ନେତ୍ରୀ ସୁପ୍ରିୟା ସୁଲେ କହିଛନ୍ତି, ଖୁଲଦାବାଦସ୍ଥିତ ଔରଙ୍ଗଜେବଙ୍କ କବରସ୍ଥଳ ଦେଶର ଇତିହାସ ସହ ଜଡ଼ିତ। କୌଣସି ରାଜନୈତିକ କିମ୍ବା ଧାର୍ମିକ ସଙ୍ଗଠନ ପକ୍ଷରୁ ଏହା ଉପରେ ବୟାନବାଜି କରାଯିବା ଅନୁଚିତ।

### କବରକୁ ରାଜ୍ୟ ସରକାର ସୁରକ୍ଷା ଯୋଗାଇବା ଦୁର୍ଭାଗ୍ୟଜନକ: ଫଡ୍‌ନବିସ୍

ଔରଙ୍ଗଜେବଙ୍କ କବରସ୍ଥଳକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ସୋମବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ନିଜ ପ୍ରତିକ୍ରିୟା ରଖିଛନ୍ତି। ଖୁଲଦାବାଦସ୍ଥିତ ଔରଙ୍ଗଜେବଙ୍କ କବରସ୍ଥଳ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ଦ୍ୱାରା ଘୋଷିତ ଏକ ସଂରକ୍ଷିତ ସ୍ଥାନ ହୋଇଥିବାରୁ ରାଜ୍ୟ ସରକାରଙ୍କୁ ଏହାର ସୁରକ୍ଷା ଯୋଗାଇବାକୁ ପଡୁଛି, ଯାହା ଦୁର୍ଭାଗ୍ୟର ବିଷୟ। ଐତିହାସିକ ରେକର୍ଡ ପାଇଁ ରାଜ୍ୟ ସରକାର ଏହି କବରସ୍ଥଳକୁ ସୁରକ୍ଷା ଯୋଗାଉଛନ୍ତି ବୋଲି ସେ କହିଛନ୍ତି। ଔରଙ୍ଗଜେବଙ୍କ ନିନ୍ଦନୀୟ କାର୍ଯ୍ୟ ଓ ବର୍ବର ଚିନ୍ତାଧାରାକୁ ରାଜ୍ୟର ଭାଜପା ସରକାର କେବେ ମଧ୍ୟ ମହିମା ମଣ୍ଡନ କରିନାହାନ୍ତି। କୌଣସି ସଙ୍ଗଠନ କିମ୍ବା ବ୍ୟକ୍ତିଙ୍କ ପକ୍ଷରୁ ଏହି କବରସ୍ଥଳକୁ ଗୌରବ ସ୍ଥଳ ଭାବେ ଅଭିହିତ କରିବାକୁ ଚେଷ୍ଟା କରାଗଲେ, ଉକ୍ତ ପ୍ରୟାସକୁ ସରକାର ବିଫଳ କରିବେ ବୋଲି ଫଡ୍‌ନବିସ କହିଛନ୍ତି।

# ବୁଧବାର ଫେରିବେ ସୁନୀତା, ବୁଚ୍



ସୁନୀତା ୱିଲିଅମ୍ସ ଓ ବୁଚ୍ ୱିଲ୍‌ମୋର

ୱାଶିଂଟନ, ୧୭।୩

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୯ ମାସରୁ ଊର୍ଦ୍ଧ୍ୱ ସମୟ ବିତାଇବା ପରେ ନାସା ମହାକାଶଚାରୀ ସୁନୀତା ୱିଲିଅମ୍ସ ଏବଂ ବୁଚ୍ ୱିଲ୍‌ମୋର ବୁଧବାର ଭୋର ସମୟରେ ପୃଥିବୀକୁ ଫେରିବା ଚୂଡ଼ାନ୍ତ ହୋଇଛି। ବୋଇଂର ଷ୍ଟାର୍‌ଲାଇନର୍‌ରେ ସୁନୀତା ଏବଂ ବୁଚ୍ ୭ ଦିନିଆ ମିଶନରେ ଆଇଏସ୍‌ଏସ୍‌କୁ ଯାଇଥିଲେ। ଯାନରେ ଯାନ୍ତ୍ରିକ ତ୍ରୁଟି ଏବଂ ହିଲିୟମ୍ ଲିକ୍ କାରଣରୁ ଫେରିବା ପାଇଁ ଏହା ନିରାପଦ ହୋଇ ନ ଥିଲା। ଫଳରେ ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ନାସା ସ୍ଥଗିତ ରଖିଥିଲା। ସେମାନେ ଏବେ ସ୍ପେସ୍‌ଏକ୍ସ୍‌ର କ୍ରିଉ ଡ୍ରାଗନ କ୍ୟାପ୍‌ସୁଲରେ ପୃଥିବୀକୁ ଫେରିବେ। ସେମାନଙ୍କ ସହ ଆମେରିକା ଆଉ ଜଣେ ଓ ରୁଷିଆର ଜଣେ ମହାକାଶଚାରୀ ମଧ୍ୟ ଫେରିବେ। ପାଗ ଅନୁକୂଳ ଥିବାରୁ ସେମାନଙ୍କୁ ନିର୍ଦ୍ଧାରିତ ତାରିଖର ଗୋଟିଏ ଦିନ ପୂର୍ବରୁ ଫେରାଇ ଆଣିବାକୁ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ମଙ୍ଗଳବାର ସେମାନେ ଆଇଏସ୍‌ଏସ୍‌ରୁ ବାହାରି କ୍ରିଉ ଡ୍ରାଗନ୍‌ରେ ପ୍ରବେଶ କରିବେ। ଆମେରିକୀୟ ସମୟ ମଙ୍ଗଳବାର ସନ୍ଧ୍ୟା ୫ଟା ୫୭ ମିନିଟ୍ ଅର୍ଥାତ୍ ଭାରତୀୟ ସମୟ ବୁଧବାର ଭୋର ୩ଟା ୨୭ ମିନିଟ୍ ସମୟରେ ଉକ୍ତ ମହାକାଶ ଯାନ ଫ୍ଲୋରିଡା ଉପକୂଳରେ ଅବତରଣ କରିବ। ସେମାନଙ୍କ ପ୍ରତ୍ୟାବର୍ତ୍ତନର ସିଧା ପ୍ରସାରଣ କରାଯିବ, ଯାହା ନାସା ଟିଭି, ନାସା ସରକାରୀ ୱେବ୍‌ସାଇଟ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ହେବ।

# ଖଲିସ୍ତାନୀ ଉଗ୍ରପନ୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

## ଆମେରିକାକୁ କହିଲା ଭାରତ



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଆମେରିକା ଗୋଇନ୍ଦା ମୁଖ୍ୟ ତୁଲ୍‌ସୀ ଗାବାର୍ଡ ଭେଟୁଛନ୍ତି।

ନୂଆଦିଲ୍ଲୀ, ୧୭।୩

ଆମେରିକା ମାଟିରେ ଖଲିସ୍ତାନୀ ଉଗ୍ରପନ୍ଥୀମାନେ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକା ଗୋଇନ୍ଦା ମୁଖ୍ୟ ତୁଲ୍‌ସୀ ଗାବାର୍ଡଙ୍କୁ ଜଣାଇଛନ୍ତି। ସୋମବାର ଗାବାର୍ଡଙ୍କ ସହ ବୈଠକରେ ରାଜନାଥ କହିଛନ୍ତି, ଖଲିସ୍ତାନୀ ସଂଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛି। ଜାତୀୟ ସୁରକ୍ଷା ବିରୋଧରେ କାର୍ଯ୍ୟ କରୁଥିବା ଏହି ସଂଗଠନକୁ ଭାରତରେ ବେଆଇନ ଘୋଷଣା କରାଯାଇଛି। ଏଭଳି ବେଆଇନ ସଂଗଠନ ବିରୋଧରେ ଆମେରିକା ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଆମେରିକା ଜାତୀୟ ଗୋଇନ୍ଦା ନିର୍ଦ୍ଦେଶକ ତୁଲ୍‌ସୀ ଗାବାର୍ଡ ଏବଂ ରାଜନାଥଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ପ୍ରତିରକ୍ଷା ସମ୍ପର୍କ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ-ଆମେରିକା ସହଭାଗିତାକୁ ଆହୁରି ନିବିଡ଼ କରାଇବା ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

# ରାଜ୍ୟ ସଭାରୁ ବିରୋଧୀଙ୍କ କକ୍ଷତ୍ୟାଗ

## ଡୁପ୍ଲିକେଟ୍ ଭୋଟର କାର୍ଡ ଉପରେ ଆଲୋଚନାକୁ ମିଳିଲାନି ଅନୁମତି

ନୂଆଦିଲ୍ଲୀ, ୧୭।୩ (ପି.ଟି.)

ନିର୍ବାଚନ କମିଶନ ଡୁପ୍ଲିକେଟ୍ ଭୋଟର ପରିଚୟପତ୍ର ଜାରି କରିଥିବା ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା ପାଇଁ ଅନୁମତି ନ ମିଳିବାରୁ ସୋମବାର ରାଜ୍ୟ ସଭାରୁ କଂଗ୍ରେସ, ତୃଣମୂଳ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କକ୍ଷତ୍ୟାଗ କରିଛନ୍ତି।

ସୋମବାର ପାର୍ଲାମେଣ୍ଟ ଉଚ୍ଚ ସଦନରେ ଅନ୍ୟାନ୍ୟ କାର୍ଯ୍ୟକୁ ବାଦ୍ ଦେଇ ଡୁପ୍ଲିକେଟ୍ ଭୋଟର ପରିଚୟପତ୍ର ଜାରି ଏବଂ ଡିଲିମିଟେଶନ୍ ସମ୍ପର୍କରେ ଆଲୋଚନା ଲାଗି ଟିଏମ୍‌ସି, କଂଗ୍ରେସ ଏବଂ ବାମଦଳର ଏମ୍‌ପିମାନେ ରୁଲ୍ ୨୬୭ ଅନୁଯାୟୀ ନୋଟିସ୍ ଦେଇଥିଲେ। ସେହିପରି ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣର କିଭଳି ପ୍ରଭାବ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ପଡ଼ିବ, ତାହା ଉପରେ ଆଲୋଚନା ନିମନ୍ତେ ତାମିଲ ଦଳଗୁଡ଼ିକ ଦାବି ଜଣାଇଥିଲେ। ତେବେ ଅଧ୍ୟକ୍ଷଙ୍କ ରୁଲିଂ ଅନୁଯାୟୀ ବିରୋଧୀ ସଦସ୍ୟ ଆଚରଣ କରୁ ନ ଥିବାରୁ ନୋଟିସ୍ ଗ୍ରହଣୀୟ ହୋଇପାରିବ ନାହିଁ ବୋଲି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ କହିଥିଲେ। ଫଳରେ ବିରୋଧୀ ଏମ୍‌ପିମାନେ ଆଲୋଚନା ଦାବିରେ ସ୍ଲୋଗାନ ଦେବା ସହ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

ଟିଏମ୍‌ସିର ସୁଖେନ୍ଦୁ ଶେଖର ରାୟ, ସୁସ୍ମିତା ଦେବ ଏବଂ କଂଗ୍ରେସର ପ୍ରମୋଦ ତିୱାରୀ ଡୁପ୍ଲିକେଟ୍ ଭୋଟର ପରିଚୟପତ୍ର ଇସ୍ୟୁରେ ନିର୍ବାଚନ କମିଶନଙ୍କ ତ୍ରୁଟି ଉପରେ ଆଲୋଚନା ଦାବି କରିଥିଲାବେଳେ ଡିଏମ୍‌କେର ପି. ୱିଲ୍‌ସନ ଏବଂ ସିପିଏମ୍‌ର ଭି. ଶିବଦସନ ସୀମା ପୁନଃ ନିର୍ଦ୍ଧାରଣର ପ୍ରଭାବକୁ ନେଇ ଆଲୋଚନା ଦାବି କରିଥିଲେ। ଭାରତରେ ସାଟେଲାଇଟ୍ ଇଣ୍ଟରନେଟ ସେବା ପାଇଁ ଷ୍ଟାର୍‌ଲିଙ୍କ ସହ ଏୟାରଟେଲ୍ ଏବଂ ଜିଓର ଚୁକ୍ତିନାମାକୁ ନେଇ ସିପିଆଇ ସଦସ୍ୟ ପି. ସନ୍ତୋଷ କୁମାର ଆଲୋଚନା ଦାବି କରିଥିଲେ।

# ଯୁଦ୍ଧ ବନ୍ଦ ପାଇଁ ଆଜି ଟ୍ରମ୍ପ୍-ପୁଟିନ୍ ଆଲୋଚନା

ୱାଶିଂଟନ, ୧୭।୩

ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏନେଇ ମଙ୍ଗଳବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଯୁଦ୍ଧ ବନ୍ଦ ଦିଗରେ ଏହା ଏକ ମୁଖ୍ୟ ବିନ୍ଦୁ ହେବା ସହ ଆମେରିକା ବିଦେଶ ନୀତିରେ ପୁନର୍ବିନ୍ୟାସ ଜାରି ରଖିବାରେ ଟ୍ରମ୍ପ୍‌ଙ୍କ ପାଇଁ ଏକ ସୁଯୋଗ ହୋଇପାରେ ବୋଲି କୁହାଯାଉଛି। ନିକଟରେ ମସ୍କୋରେ ଆମେରିକା ଏବଂ ରୁଷିଆ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ସକାରାତ୍ମକ ହୋଇଥିଲା। ଆମେ ଯୁଦ୍ଧର ଅବସାନ ଘଟାଇପାରୁଛୁ କି ନାହିଁ, ତାହା ଦେଖିବାକୁ ଚାହୁଁଛୁ ବୋଲି ଫ୍ଲୋରିଡାରୁ ୱାଶିଂଟନ ଫେରିବା ବେଳେ ଟ୍ରମ୍ପ୍ ଏୟାରଫୋର୍ସ ୱାନ୍ ବିମାନରେ ଖବରଦାତାମାନଙ୍କୁ କହିଛନ୍ତି।

ଟ୍ରମ୍ପ୍ ଏବଂ ପୁଟିନ୍‌ଙ୍କ ମଧ୍ୟରେ ମଙ୍ଗଳବାର ଆଲୋଚନା ନେଇ ହୋଇଥିବା ଯୋଜନା ସମ୍ପର୍କରେ କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ସୋମବାର ସକାଳେ ସ୍ପଷ୍ଟ କରିଛନ୍ତି। ତେବେ ପୁଟିନ୍‌ଙ୍କ ସହ ଟ୍ରମ୍ପ୍‌ଙ୍କ ଆତ୍ମୀୟତା ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପ୍ରତି କଠୋର ଆଭିମୁଖ୍ୟକୁ ନେଇ ୟୁରୋପୀୟ ସହଯୋଗୀମାନେ ସତର୍କ ରହିଛନ୍ତି। ୩ ବର୍ଷ ପୂର୍ବେ ରୁଷିଆ ଆକ୍ରମଣ ଆରମ୍ଭ କରିବାବେଳେ ୟୁକ୍ରେନ୍‌କୁ ପରାଜିତ କରିପାରି ନାହିଁ। ଆଲୋଚନାରେ ଜମି ଏବଂ ବିଦ୍ୟୁତ୍ ପ୍ରକଳ୍ପ ପ୍ରସଙ୍ଗକୁ ସାମିଲ କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି। ବୁଝାମଣାକୁ ଆଗେଇ ନେବା ଲାଗି ଗତ ସପ୍ତାହରେ ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ପ୍ରତିନିଧି ଭାବେ ଷ୍ଟିଭ୍ ୱିଟ୍‌କଫ୍ ମସ୍କୋ ଯାଇଥିଲେ।



# ‘କ୍ରିସ୍ ୪’ର ନିର୍ଦ୍ଦେଶନା ଦେବେନି ରାକେଶ ରୋଶନ

ମୁମ୍ବାଇ

ଅଭିନେତା ହ୍ରିତିକ ରୋଶନଙ୍କର ଆଗାମୀ ଫିଲ୍ମ ‘କ୍ରିସ୍ ୪’ର ନିର୍ଦ୍ଦେଶନା ତାଙ୍କ ବାପା ତଥା ବଲିଉଡ୍‌ର ବରିଷ୍ଠ ନିର୍ଦ୍ଦେଶକ ରାକେଶ ରୋଶନ ଦେବେନାହିଁ। ଏନେଇ ସୋମବାର ଏକ ସାକ୍ଷାତ୍‌କାର ଦେଇ ରାକେଶ ଘୋଷଣା କରିଛନ୍ତି। ‘କ୍ରିସ୍ ୪’ ପୂର୍ବରୁ ଏହାର ୩ଟି ସିକ୍ୱେଲ କୋଇ ମିଲ୍ ଗୟା (୨୦୦୩), ‘କ୍ରିସ୍’ (୨୦୦୬) ଏବଂ ‘କ୍ରିସ୍ ୩’ (୨୦୧୩) ଫିଲ୍ମକୁ ରାକେଶ ସଫଳତାର ସହ ନିର୍ଦ୍ଦେଶନା ଦେଇଥିଲେ। ହ୍ରିତିକଙ୍କ ଅଭିନୀତ ଏହି ୩ ଫିଲ୍ମ ହିଟ୍ ହୋଇଥିଲା।

ସୋମବାର ରାକେଶ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ସେ ‘କ୍ରିସ୍ ୪’ ଫିଲ୍ମର ନିର୍ଦ୍ଦେଶନା ଦେବେନାହିଁ। ଏହି ଦାୟିତ୍ୱ ସେ କରନ୍ ମାଲହୋତ୍ରାଙ୍କୁ ପ୍ରଦାନ କରିଛନ୍ତି। ରାକେଶ କହିଛନ୍ତି, ସେ ‘କ୍ରିସ୍ ୪’ ଫିଲ୍ମର ନିର୍ଦ୍ଦେଶନା ନ ଦେବା କୌଣସି ବଡ଼ କଥା ନୁହେଁ। କୌଣସି ନା କୌଣସି ଦିନ ଏପରି ହେବାର ଥିଲା। ତେଣୁ ସେ ନିର୍ଦ୍ଦେଶନା ନ ଦେଇ ଫିଲ୍ମର ପୂରା ପ୍ରକ୍ରିୟାକୁ ଦେଖିବା ପାଇଁ ଇଚ୍ଛୁକ ଅଛନ୍ତି। ରାକେଶ ଆହୁରି କହିଛନ୍ତି, ସେ ନିର୍ଦ୍ଦେଶନା ଦେଲେ ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହିଟ୍ ହେବ, ଏପରି କୌଣସି ଗ୍ୟାରେଣ୍ଟି ନାହିଁ। କରନ୍ ମାଲହୋତ୍ରାଙ୍କ ନିର୍ଦ୍ଦେଶନାରେ ମଧ୍ୟ ଏହି ଫିଲ୍ମକୁ ଏହାର ପୂର୍ବ ସିକ୍ୱେଲଗୁଡ଼ିକ ପରି ସଫଳତା ମିଳିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ପ୍ରକାଶ ଯେ, ରାକେଶ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଅଭିନେତା ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ନିର୍ଦ୍ଦେଶନା ଜଗତରେ ପାଦ ଥାପି ସଫଳତା ପାଇଥିଲେ।




# ଶିମିଳିପାଳରେ ନିଆଁ

ବାରିପଦା,୧୭।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସର୍କଲ ଅଧୀନରେ ଥିବା ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିଛି। ବନ କର୍ମଚାରୀମାନେ ଏହାକୁ ନିୟନ୍ତ୍ରଣ କରିବାରେ ଲାଗିଛନ୍ତି। ସୋମବାର ସନ୍ଧ୍ୟା ସୁଦ୍ଧା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସମେତ ୫ଟି ବନଖଣ୍ଡରେ ଲାଗିଥିବା ନିଆଁକୁ ୯୭ ପ୍ରତିଶତ ନିୟନ୍ତ୍ରଣ କରାଯାଇଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଫରେଷ୍ଟ ଫାୟାର ରିପୋର୍ଟ ଅନୁଯାୟୀ, ସୋମବାର ବାରିପଦା ଡିଭିଜନରେ ୧୪ଟି, କରଞ୍ଜିଆ ଡିଭିଜନରେ ୪ଟି, ରାଇରଙ୍ଗପୁରରେ ୯ଟି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ୨ଟି ଏବଂ ଉତ୍ତର ଡିଭିଜନରେ ୪ଟି ଫାୟାର ପଏଣ୍ଟକୁ ମିଶାଇ ମୋଟ ୩୩ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୩୨ଟି ପଏଣ୍ଟରେ ବନାଗ୍ନିକୁ ନିୟନ୍ତ୍ରଣ କରାଯାଇଥିବା ବେଳେ ଦକ୍ଷିଣ ଡିଭିଜନରେ ଗୋଟିଏ ପଏଣ୍ଟକୁ ଅଦ୍ୟାବଧି ନିୟନ୍ତ୍ରଣ କରାଯାଇନାହିଁ। ଫଳରେ ନିଆଁ ବ୍ୟାପିବା ସମ୍ଭାବନା ବୃଦ୍ଧି ପାଇଛି। କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଶୁଖିଲା ପତ୍ରକୁ ପ୍ରତିଦିନ ବ୍ଲୋୟର ମେସିନ ସାହାଯ୍ୟରେ ଫାୟାର ଲାଇନ ସୃଷ୍ଟି କରାଯାଉଛି। ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ବନବାସୀ ଓ ପାଦଦେଶର ଆଦିବାସୀମାନଙ୍କୁ ବନାଗ୍ନି ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି।

# ଜଙ୍ଗଲ ନିଆଁରେ ଜଳିଗଲେ ମହିଳା

କାମାକ୍ଷାନଗର,୧୭।୩ (ସୁଧୀର ପରିଡ଼ା)

ଜଙ୍ଗଲରେ ଲାଗିଥିବା ନିଆଁରୁ ଘରକୁ ରକ୍ଷା କରିବା ପାଇଁ ଉଦ୍ୟମ କରିବାକୁ ଯାଇ ଜଣେ ମହିଳା ଜୀବନ୍ତ ଜଳିଯାଇଛନ୍ତି। ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ବାମ ପଞ୍ଚାୟତର ଗୋବରୀ ଗାଁରେ ସୋମବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ ଗୋବରୀ ଗାଁର ମହିଳା ବୁଧିନୀ ମହାନ୍ତ(୫୦)।

ସୂଚନା ଅନୁଯାୟୀ, ବୁଧିନୀଙ୍କ ଘର ଠାରୁ ୧୦୦ ମିଟର ଦୂରରେ ଜଙ୍ଗଲ ଜଳୁଥିଲା। ନିଆଁ ଘରମୁହାଁ ହେବା ଦେଖି ମଧ୍ୟାହ୍ନ ୧୨ଟାରେ ବୁଧିନୀ ନିଆଁ ଲିଭାଇବା ପାଇଁ ଯାଇଥିଲେ। ସେ କେନାଲ ହୁଡ଼ାରେ ଛିଡ଼ା ହୋଇ ତଳେ ଲାଗିଥିବା ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ହୁଡ଼ାରୁ ତଳକୁ ଗଳିପଡ଼ିଥିଲେ। ଫଳରେ ନିଆଁରେ ପୋଡ଼ିହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ କଙ୍କଡାହାଡ଼ ଅଗ୍ନିଶମ ବାହିନୀ ପହଞ୍ଚି ଜଙ୍ଗଲ ନିଆଁ ଆୟତ୍ତ କରିବା ପାଇଁ ପ୍ରୟାସ ଚଳାଇଛି। ମହାବିରୋଡ ଥାନା ଅଧିକାରୀ କାଶୀନାଥ ହାଁସଦା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ତଦନ୍ତ ଜାରି ରଖିଛନ୍ତି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ଜଙ୍ଗଲରେ ଲୋକମାନେ ନିଆଁ ଲଗାଇ ଦେଉଛନ୍ତି। ଏହା ଏକ ଦୁର୍ଘଟଣା। ଏଥିରେ ଜଣଙ୍କର ମୃତ୍ୟୁ ହୋଇଛି। ଖବର ଲେଖାହେବା ବେଳକୁ ବନ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ସରପଞ୍ଚ ଫକୀର ଚରଣ ମହାନ୍ତ ପହଞ୍ଚି ବୁଧିନୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



ମୃତ ମହିଳା ବୁଧିନୀ ମହାନ୍ତ




# ପୂରଣ ହେବ ୫୨୪୮ ଡାକ୍ତର ପଦବୀ: ସ୍ୱାସ୍ଥ୍ୟମନ୍ତ୍ରୀ

## ସବୁ ଜିଲାରେ ଖୋଲିବ ମେଡିକାଲ କଲେଜ

ଭୁବନେଶ୍ୱର,୧୭।୩(ରବିନାରାୟଣ ଜେନା)

ରାଜ୍ୟରେ ଖାଲିଥିବା ଡାକ୍ତର ପଦବୀ ମଧ୍ୟରୁ ୫୨୪୮ ତ୍ୱରିତ୍ ପୂରଣ କରିବା ଲାଗି ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଓପିଏସ୍‌ସିକୁ ଫେବୃଆରୀ ୧୨ରେ ବିଭାଗ ପକ୍ଷରୁ କୁହାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସୋମବାର ପ୍ରଶ୍ନକାଳ ଅବସରରେ ଭାଜପା ସଦସ୍ୟା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ୧୨ଟି ସରକାରୀ ମେଡିକାଲ କଲେଜ ରହିଥିବାବେଳେ ଗୋଟିଏ ଡେଣ୍ଟାଲ କଲେଜ, ୬ଟି ବେସରକାରୀ ମେଡିକାଲ କଲେଜ, ଗୋଟିଏ ଏମ୍‌ସ ଏବଂ ୨ଟି ପିଜି ଇନ୍‌ଷ୍ଟିଚ୍ୟୁଟ କାର୍ଯ୍ୟକ୍ଷମ ରହିଛି। କନ୍ଧମାଳର ଫୁଲବାଣୀଠାରେ ଥିବା ସରକାରୀ ମେଡିକାଲ କଲେଜ ଏବଂ ଅନୁଗୋଳ ଜିଲାର ତାଳଚେରଠାରେ ଥିବା ପବିତ୍ରମୋହନ ମେଡିକାଲ କଲେଜରେ ଶିକ୍ଷାବର୍ଷ ୨୦୨୫-୨୬ଠାରୁ ପ୍ରତ୍ୟେକଟିରେ ୧୦୦ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଜାତୀୟ ଭେଷଜ ଆୟୋଗ(ଏନ୍‌ଏମ୍‌ସି)ଙ୍କ ନିକଟରେ ଅନୁମତି ପାଇଁ ଅନୁରୋଧ କରାଯାଇଛି। ଯେଉଁ ଜିଲାରେ ମେଡିକାଲ କଲେଜ ନାହିଁ ସେଠାରେ ପର୍ଯ୍ୟାୟକ୍ରମେ ଖୋଲାଯିବ। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଥିବା ୧୭ଟି ମେଡିକାଲ କଲେଜ ଓ ହସ୍ପିଟାଲରେ ଯେତିକି ସଂଖ୍ୟକ କନିଷ୍ଠ ସହାୟକଙ୍କ ଆବଶ୍ୟକ ରହିଛି ତା'ର ମାତ୍ର ୩ଗୁଣରୁ ଏକଗୁଣ ଷ୍ଟାଫ୍ ରହିଛନ୍ତି। ରାଜ୍ୟରେ ୫୧୪ କନିଷ୍ଠ ସହାୟକ ମଞ୍ଜୁର ପଦବୀ ରହିଥିବାବେଳେ ମାତ୍ର ୧୪୬ ଷ୍ଟାଫ୍ ରହିଛନ୍ତି। ଏବେ ବି ସଂପୃକ୍ତ ମେଡିକାଲ କଲେଜ ଓ ହସ୍ପିଟାଲରେ ୩୬୮ ପଦବୀ ଖାଲିପଡ଼ିଛି। ସବୁଠାରୁ ବଡ଼କଥା ହେଲା, ପୁରୀ, କେନ୍ଦୁଝର, ସୁନ୍ଦରଗଡ଼, କଳାହାଣ୍ଡି, ଯାଜପୁର, ଫୁଲବାଣୀ, ତାଳଚେର, କଟକ ଏସ୍‌ସିବି, ଏମ୍‌ଏଚ୍‌ଆଇ ଏବଂ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍‌ରେ ଜଣେ ହେଲେ ବି କନିଷ୍ଠ ସହାୟକ ନାହାନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆଞ୍ଚଳିକ ହସ୍ପିଟାଲ ଲାଗି ୧୫ହଜାର ୭୭୪ ମଞ୍ଜୁର ଡାକ୍ତର ପଦବୀ ରହିଥିବାବେଳେ ୧୦ହଜାର ୫୯୯ ଜଣ ରହିଛନ୍ତି। ୫୧୭୫ଟି ଡାକ୍ତରୀ ପଦବୀ ଖାଲିପଡ଼ିଛି। ସରକାରୀ ହୋମିଓପାଥି ମେଡିକାଲ କଲେଜରେ ୧୪୩ଟି ମଞ୍ଜୁର ପଦବୀ ମଧ୍ୟରୁ ୫୩ଜଣ ରହିଥିବାବେଳେ ୯୦ଟି ଖାଲିପଡ଼ିଛି। ଏହି ସବୁକୁ ପର୍ଯ୍ୟାୟକ୍ରମେ ପୂରଣ ଲାଗି ପ୍ରକ୍ରିୟା ଜାରି ରହିଛି।







# ୬୭ ଆଇଏଏସ୍, ୬୯ ଆଇପିଏସ୍ ପଦ ଖାଲି

ଭୁବନେଶ୍ୱର,୧୭।୩
(ରବିନାରାୟଣ ଜେନା)

ରାଜ୍ୟରେ ସରକାରୀ କଳ କିପରି ଚାଲିଛି ତାହା ସୋମବାର ଗୃହବିଭାଗ ତଥ୍ୟରୁ ସ୍ପଷ୍ଟ ହୋଇଛି। ରାଜ୍ୟରେ ବହୁ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍, ଓଏଏସ୍, ଓପିଏସ୍ ପଦ ଖାଲିପଡ଼ିଛି; ଯେଉଁଥିପାଇଁ ସରକାରୀସ୍ତରରେ ନିଷ୍ପତ୍ତିରେ ବିଳମ୍ବ ହେଉଛି। ତେବେ ଏହିସବୁ ପଦଗୁଡ଼ିକ କିଭଳି ତୁରନ୍ତ ପୂରଣ କରାଯାଇପାରିବ ସେଥିପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୬୭ ଆଇଏଏସ୍ ଏବଂ ୬୯ ଆଇପିଏସ୍ ପଦବୀ ଖାଲି। ସେହିଭଳି ୬୯ ଆଇଏଫ୍‌ଏସ୍ ପଦ ଖାଲି ପଡ଼ିଥିବା ବେଳେ ୨୫୩ ଓଏଏସ୍ ଏବଂ ୨୫୩ ଓପିଏସ୍ ପଦ ଖାଲିପଡ଼ିଛି। ଏହାବାଦ୍ ୨୭୪ ଓଡ଼ିଶା ଅର୍ଥ ସେବା, ୬୧୧ ଓଡ଼ିଶା ବନ ସେବା, ୨୬୩ ଓଆର୍‌ଏସ୍ ପଦବୀ ଖାଲି ପଡ଼ିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୨୪୮ଟି ଆଇଏଏସ୍ ମଞ୍ଜୁରୀପ୍ରାପ୍ତ ପଦ ରହିଥିବାବେଳେ ଏବେ ୧୮୧ ଆଇଏଏସ୍ ଅଫିସର ରହିଛନ୍ତି, ମାତ୍ର ୬୭ ପଦ ଖାଲିପଡ଼ିଛି।

ସେହିପରି ୧୯୫ ଆଇପିଏସ୍ ମଞ୍ଜୁରୀ ପଦବୀ ରହିଥିବାବେଳେ ୧୨୬ ଆଇପିଏସ୍ ଅଫିସର ରହିଛନ୍ତି ଏବଂ ୬୯ଟି ପଦ ଖାଲିପଡ଼ିଛି। ସେହିପରି ୧୪୧ ଆଇଏଫ୍‌ଏସ୍ ପଦବୀରୁ ୬୯ ଖାଲି ରହିଥିବାବେଳେ ୨୨୪୮ ଓଏଏସ୍‌ରୁ ୨୫୩ ପଦବୀ ଏବଂ ୮୨୯ ଓପିଏସ୍‌ରୁ ୨୫୩ ପଦ ଖାଲିପଡ଼ିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଯୁକ୍ତି ମେଳା, ସ୍ଥାନ: ଓୟୁଏଟି ନ୍ୟୁ କନ୍‌ଭେନଶନ ହଲ୍, ସମୟ: ଅପରାହ୍ନ ୧୨ଟା ୪୫।
- ଶରତ ସ୍ମୃତି ସନ୍ଧ୍ୟା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ମା' ଝାଡ଼ଖଣ୍ଡି ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ରଘୁନାଥପୁର, ସମୟ: ସକାଳ ୮ଟା।

## ପୁରୀ
- କାକଟପୁର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ପ୍ରଥମ ପାଳି ଯାତ୍ରା ଆରମ୍ଭ, ସ୍ଥାନ: ମା' ମଙ୍ଗଳା ପୀଠ, ସମୟ: ପ୍ରାତଃ ୩ଟା।

## ବାଲେଶ୍ୱର
- ରୂପସା ଅଗ୍ନିହୋତ୍ର ପରିବାରର ବୈଠକ, ସ୍ଥାନ: ଦୁର୍ଗାମଣ୍ଡପ, ପାଟପୁର ବଜାର, ରୂପସା, ସମୟ: ସକାଳ ୭ଟା ୩୦।
- ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା

## ଭଦ୍ରକ
- ଲକ୍ଷ୍ମୀ ମନ୍ଦିର ବାର୍ଷିକ ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କୁରିଗାଁ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଣ୍ଣବୋଧ ଦିବସ ପାଳନ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କବି ରମାକାନ୍ତ ରଥଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଲଉଡ଼ି ଖେଳ ପ୍ରତିଯୋଗିତା ଓ ମେଲୋଡ଼ି କାର୍ଯ୍ୟକ୍ରମ, ସ୍ଥାନ: ବାଲିମେଦ ଦୋଳ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ବାର୍ଷିକ ଯଜ୍ଞ ଓ ମା' ମଙ୍ଗଳାଙ୍କ ପୂଜା ଉତ୍ସବର ଯଜ୍ଞାରମ୍ଭ, ସ୍ଥାନ: ଜମ୍ବିରା, ଛେନାପଦି, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ରସିକରାୟ ମହାପ୍ରଭୁଙ୍କ ନୂତନ ମନ୍ଦିରପ୍ରତିଷ୍ଠା ଉତ୍ସବ, ସ୍ଥାନ: ମାନଗୋବିନ୍ଦପୁର, ବଡ଼ସାହି,ସମୟ: ସକାଳ ୯ଟା।
- ହନୁମାନ ମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ହନୁମାନ ମନ୍ଦିର ପରିସର, ସମୟ:ଅପରାହ୍ନ ୪ଟା।
- ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ଉଦଳା ସନ୍ଧାନୀ ଗୃହ, ସମୟ: ଅପରାହ୍ନ ୫ଟା।
- କରଞ୍ଜିଆ ମହୋତ୍ସବ, ସ୍ଥାନ: କରଞ୍ଜିଆ,ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ
- କାନ୍ଧୁଲ ଯାତ୍ରା, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ନୂଆଗାଁ କନ୍ଧମାଳ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ତ୍ରିନାଥ ମନ୍ଦିର ବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସୁନିମାତା ଠାକୁରାଣୀ ପୀଠ, କାଉପଡ଼ା, ଡେରାବିଶ, ସମୟ: ସକାଳ ୬ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଅଷ୍ଟପ୍ରହରୀ ନଗର ପରିକ୍ରମା, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପଟିଆ ଗ୍ରାମ,ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ୩ ଦୋଳ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତର ବସନ୍ତପୁର, ସମୟ: ସକାଳ ୭ଟା।
- ଭାରତୀୟ ମଜଦୁର ସଂଘ ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ୍ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଅଲ୍ ଓଡିଶା ଇପିଏଫ୍ ପେନସନ ଆସୋସିଏଶନ ରାୟଗଡ଼ା ଜିଲା ଶାଖାର ବୈଠକ, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ମୁନିଗୁଡା ପୋଲିସ ତରଫରୁ ମୈତ୍ରୀ କାର୍ଯ୍ୟକ୍ରମ, ସ୍ଥାନ: ସକଟା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାୟଗଡା ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ କବି ରମାକାନ୍ତ ରଥଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନ୍ୟୁ ଟାଉନ ପୂଜା କମିଟି ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ଅଲ୍ ଓଡ଼ିଆଶା ଅଙ୍ଗନୱାଡି ଲେଡିସ୍ ୱାର୍କର ଆସୋସିଏସନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ନବରଙ୍ଗପୁର, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ ସମ୍ବଳ ସୁପରିଚାଳନା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- କୃଷି ଓ କୃଷକ ପ୍ରଦର୍ଶନୀ, ସ୍ଥାନ: ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର,ସମୟ ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- କଲମ ପରିବାର ପକ୍ଷରୁ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ରାଉରକେଲା
- ପଣ୍ଡୁଦୋଳ ଉତ୍ସବ, ସ୍ଥାନ: ଉଦିତନଗର ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୭ଟା।
- ମହିଳା ମାତୃଶକ୍ତି ମିଶନ ପକ୍ଷରୁ ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ଧାରଣା, ସ୍ଥାନ: ଉଦିତ ନଗର, ସମୟ: ସକାଳ ୯ଟା।
- ସୁଶୀଳାବତୀ କଲେଜରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ଓଡିଶା ଲେଖିକା ସଂସଦର ପଞ୍ଚଦଶ ବାର୍ଷିକ ଉତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଆରଏସ୍‌ଏସ୍ ପ୍ରତିଷ୍ଠାତା ଡିଏନ୍ ପାଣିକରଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧୮, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ବିଶ୍ୱ ଗ୍ରାହକ ଅଧିକାର ଦିବସ-୨୦୨୫ ପାଳନ, ସ୍ଥାନ: ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଜୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଦାରୁବ୍ରହ୍ମ ଶୋଭାଯାତ୍ରା, ସ୍ଥାନ: କୋଟସମଲେଇ ପାତାଳି ଶ୍ରୀକ୍ଷେତ୍ର, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଟିଁଠିପାଲିରେ ନବାହ୍ନ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକସଭା, ସ୍ଥାନ: ବୀରମହାରାଜପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ସକାଳ ୯ଟା।
- ଛତୁ ଚାଷ ପାଇଁ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀରମହାରାଜପୁର ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପ୍ରାତଃ ୫ଟା ୧୫।
- ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ଚକବନ୍ଦ ଆନ୍ଦୋଳନ, ସ୍ଥାନ: ଓଏମ୍‌ପି ଛକ, ସମୟ: ସକାଳ ୭ଟା।
- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ଷୋଳ ଉପଚାର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ରେଲୱେ ଷ୍ଟେଶନ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ମାଳ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ମା' ତାରିଣୀ ମନ୍ଦିରରେ ପୂଜା ଆରମ୍ଭ, ସ୍ଥାନ: ଭାଗବଇଜା ତାରିଣୀ ମନ୍ଦିର, ସମୟ: ସକାଳ ୮ଟା।
- ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଶ୍ୱନୀ ନକ୍ଷତ୍ର ହଠାତ୍ କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ମନ କଥା କାହାକୁ କହିପାରୁ ନ ଥିବେ କିମ୍ବା ସମାଧାନର ରାସ୍ତା ପାଉ ନ ଥିବେ। କର୍ମକ୍ଷେତ୍ରରେ ମନ୍ଥର ଗତି ସହ ଅଫିସରେ ଫାଇଲ୍ ଚାପର ସମ୍ମୁଖୀନ ହେବେ।

**ବୃଷ**
କୃତ୍ତିକା ନକ୍ଷତ୍ର ସକାଶେ ଆଜି ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ। ପ୍ରତ୍ୟେକ ସମ୍ବେଦନଶୀଳ କଥାରେ ଭାବପ୍ରବଣତା ପରିହାର ନ କଲେ ସମସ୍ୟା ଭିତରକୁ ଟାଣିହୋଇଯିବେ। ପାରିବାରିକ ଜୀବନରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। ସ୍ୱାସ୍ଥ୍ୟ ଦିଗରୁ ସତର୍କତାର ଆବଶ୍ୟକତା ପଡିବ ନାହିଁ।

**ମିଥୁନ**
ଆକସ୍ମିକ କଳହ ସୃଷ୍ଟି ଯୋଗୁ ନିଜ ଲୋକମାନେ ଦୂରେଇ ଯିବା ସମ୍ଭାବନା ରହିଛି। ମୃଗଶିରା ନକ୍ଷତ୍ର ସକାଶେ ରୋଗପୀଡା, ଶତ୍ରୁତା ଓ ଧାର କରଜ ଚିନ୍ତାକୁ ବଢାଇବ। ଅବଶ୍ୟ କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡି, ସଭା ସମିତିରୁ ଉପକୃତ ହେବେ। ପ୍ରତ୍ୟେକ ସମୟରେ କିଛି ନା କିଛି କାରଣକୁ ନେଇ ଟେନଶନ୍ ଲାଗିରହିବ।

**କର୍କଟ**
ପୂର୍ବ ବିବାଦକୁ ନେଇ ନିଜର ଲୋକମାନେ ଶତ୍ରୁତା କରିପାରନ୍ତି। ପୁଷ୍ୟା ନକ୍ଷତ୍ର ସକାଶେ ଧନହାନି କିମ୍ବା ଅର୍ଥକୁ କେନ୍ଦ୍ରକରି କଳହର ମାତ୍ରା ବଢି ଯାଇପାରେ। ବିବାଦୀୟ ପରିସ୍ଥିତି ଉପୁଜିଥିବା ଯୋଗୁ ସଭାରେ ଆଲୋଚନା ଅସମାପ୍ତ ରହିପାରେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେବାର ଆଶା ରହିଛି।

**ସିଂହ**
ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ର ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହିପାରିବେ ନାହିଁ। କଚେରି ମାମଲା ମନ୍ଥର ହେବାରୁ ମନ ଉଦ୍‌ବେଗ ରହିବ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବ ନାହିଁ। କ୍ଷେତ୍ରସନାରୀ ଜିନିଷ, ନୂତନ ବସ୍ତ୍ର ଅଳଙ୍କାର କିମ୍ବା ଗାଡି ମୋଟର ଆଦି କ୍ରୟ କରିବା ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ।

**କନ୍ୟା**
କାର୍ଯ୍ୟକ୍ଷେତ୍ରରେ କାମ ସମ୍ପନ୍ନ ସକାଶେ ଶାରୀରିକ ଅସାମର୍ଥ୍ୟତା ପ୍ରକାଶ ପାଇବ। ହିତାକାଂକ୍ଷୀଙ୍କ ସାହାଯ୍ୟ ମନୋଭାବରୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିପାରେ। ତଥାପି ଚିତ୍ରା ନକ୍ଷତ୍ରର ଅଧିକାଂଶ ସମୟ ମନରେ ଆଶଙ୍କା ଓ ଅସ୍ଥିରତା ଲାଗିରହିବ। ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗିରହିବା ଫଳରେ ମଘାର ଚିନ୍ତା ବଢିଯାଇପାରେ।

**ତୁଳା**
ସାମୟିକ ବ୍ୟସ୍ତତା କାରଣରୁ ଅଫିସରେ କାମଗୁଡିକ ଗୋଳମାଳିଆ ଧରିପାରେ। ବହୁଦିନରୁ ଅଟକି ରହିଯାଇଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଣ୍ଠୁଠାରୁ ଗୋଡ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ବିଶାଖା ନକ୍ଷତ୍ର ବିବାଦୀୟ ଘଟଣାରେ ବିଜୟଲାଭ କରିପାରନ୍ତି।

**ବିଛା**
ମନରେ ବିଭିନ୍ନ ଭାବନା ଉଦ୍ରେକ ହେବାରୁ କାର୍ଯ୍ୟଧାରା ନିୟନ୍ତ୍ରିତ ରହି ନ ପାରେ। କେତୁଗ୍ରହ ଏକାଦଶସ୍ଥ ହେତୁ ପରିବାର ଓ କର୍ମକ୍ଷେତ୍ର ସକାଶେ ଦିନଟି ଶୁଭ ନୁହେଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତିରେ ପ୍ରଶଂସିତ ହେବେ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।

**ଧନୁ**
ସହନଶୀଳତାର ଅଭାବଜନିତ ସତର୍କରେ ନ ଚଳିଲେ ବିବାଦରେ ପଡିବେ। ନବମସ୍ଥ ସପ୍ତମାଧିପତି ଯୋଗୁ ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ନିକଟରେ ରହୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହ ଜନକ ହୋଇପାରେ। ମୂଲ୍ୟବାନ୍ ଦ୍ରବ୍ୟଲାଭ, କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ମହିଳାମାନେ ଖୁସି ଖବରଟିଏ ପାଇବେ।

**ମକର**
ଆଜିର କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ଶ୍ରବଣା ନକ୍ଷତ୍ର ଆନୁଷ୍ଠାନିକ କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**କୁମ୍ଭ**
ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବାର ସ୍ପଷ୍ଟ ସୂଚନା ପାଇଯିବେ। ଅବଶ୍ୟ ସାମାଜିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଶତଭିଷା ନକ୍ଷତ୍ରର ସହଜ କାମ କଷ୍ଟରେ ହାସଲ ହେବାର ଆଶଙ୍କା ରହିଛି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ତଥା ବିଭିନ୍ନ ପ୍ରକାରର ଝମେଲା ହେତୁ ବ୍ୟସ୍ତ ରହିପାରନ୍ତି।

**ମୀନ**
ନିରପେକ୍ଷ ବିଚାର ସାଙ୍ଗକୁ ସୁସଂଯତ କାର୍ଯ୍ୟକଳାପରୁ ସନ୍ତୋଷ ପାଇବେ। ସାମୟିକ କୌଣସି ଜିନିଷର ଅଭାବଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଶିଳ୍ପ, ପ୍ରକଳ୍ପ ପ୍ରଭୃତି ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେବେ। ରେବତୀ ନକ୍ଷତ୍ରର ଘର କଥା ମନକୁ ଆଲୋଡ଼ିତ କରିବାରୁ ଅଶାନ୍ତି ରହିପାରନ୍ତି।

ଆଜି ମାର୍ଚ୍ଚ ୧୮ ତାରିଖ, ଚୈତ୍ର କୃଷ୍ଣ ଚତୁର୍ଥୀ ମଙ୍ଗଳବାର। ଚୈତ୍ର ମଙ୍ଗଳା ଓଷା ଆରମ୍ଭ। ରାଶିନକ୍ଷତ୍ର-ସ୍ୱାତୀ/ତୁଳା,ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୫୫ ଗତେ ଘ.୧୦.୪୩ ମଧ୍ୟେ, ଘ.୦୧.୦୬ ଗତେ ଘ.୦୧.୨୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୨.୫୪ ଗତେ ଘ.୦୪.୨୩ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**


ଭୁବନେଶ୍ୱର ବିମାନବନ୍ଦରରେ ଦେବେନ୍ଦ୍ର ପ୍ରଧାନଙ୍କ ମରଶରୀରକୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ।

## ପରଲୋକରେ ଦେବେନ୍ଦ୍ର...

କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କ ସମେତ ବହୁ ନେତା ତାଙ୍କ ଶେଷ ଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି, ଦେବେନ୍ଦ୍ର ପ୍ରଧାନ ପରିଶ୍ରମୀ ଏବଂ ନମ୍ର ନେତା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଓଡ଼ିଶାରେ ଭାଜପାକୁ ମଜଭୁତ କରିବା ଲାଗି ସେ ଅନେକ ପ୍ରୟାସ କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ମରଶରୀର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କ ଶେଷ ଦର୍ଶନ ଲାଗି ସେଠାରେ ଦଳମତ ନିର୍ବିଶେଷରେ ବିଭିନ୍ନ ଦଳର ନେତା ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଆସି ପହଞ୍ଚିଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବାଚସ୍ପତି ସୁରମା ପାଢ଼ୀ ଶେଷ ଦର୍ଶନକରି ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ପରେ ବିମାନବନ୍ଦରଠାରୁ ସ୍ୱର୍ଗତ ପ୍ରଧାନଙ୍କ ମରଶରୀର ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଦେବେନ୍ଦ୍ରଙ୍କ ଶେଷ ଦର୍ଶନ ଲାଗି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ରାଜ୍ୟ ସଭାପତି ମନମୋହନ ସାମଲ, ବହୁ ବିଧାୟକ ଏବଂ ବରିଷ୍ଠ ନେତାମାନେ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଶେଷ ଦର୍ଶନ ସରିବା ପରେ ତାଙ୍କ ପାର୍ଥିବ ଶରୀରକୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୁବନେଶ୍ୱରର ପ୍ରାଚୀବିହାର ସ୍ଥିତ ବାସଭବନକୁ ଅଣାଯିବ। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସ୍ୱରାଷ୍ଟ୍ର ମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କଠାରୁ ଆରମ୍ଭ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ବିଭିନ୍ନ ଦଳର ଏମ୍‌ପି, ଓଡ଼ିଶାର ରାଜ୍ୟପାଳ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ଏନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

୧୬ ଜୁଲାଇ ୧୯୪୧ରେ ତାଳଚେରଠାରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୬୬ରେ ଏମ୍‌ବିବିଏସ୍‌ରେ ସଫଳତା ହାସଲ କରିବା ପରେ ୧୯୬୭ରେ ତାଳଚେରଠାରେ ଆସିଷ୍ଟାଣ୍ଟ ମେଡିକାଲ ଅଫିସର ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୧୯୭୩ରେ ଡାକ୍ତରୀ ସେବାରୁ ଇସ୍ତଫା ଦେଇ ସାମାଜିକ କାର୍ଯ୍ୟକଳାପ ଏବଂ କୃଷିକୁ ଅନୁସରଣ କରିଥିଲେ। ୧୯୮୦ରେ ଭାଜପାରେ ଯୋଗ ଦେଇଥିଲେ। ୧୯୮୦-୮୩ ପର୍ଯ୍ୟନ୍ତ ତଳଚେରର ମଣ୍ଡଳ ସଭାପତି ହୋଇଥିଲେ। ଏହାପରେ ୧୯୮୩-୮୫ ପର୍ଯ୍ୟନ୍ତ ସେ ଭାଜପା ଢେଙ୍କାନାଳ ଜିଲାର ସଭାପତି ହୋଇଥିଲେ। ପରବର୍ତ୍ତୀ ସମୟରେ ୩ ଥର ରାଜ୍ୟ ଭାଜପାର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଦଳକୁ ମଜଭୁତ କରିବାରେ ସେ ସକାରାତ୍ମକ ଭୂମିକା ଗ୍ରହଣ କରିଥିଲେ। ୧୯୮୮ରୁ ୧୯୯୦ ପର୍ଯ୍ୟନ୍ତ ସେ ଦଳର ରାଜ୍ୟ ସଭାପତି ହୋଇଥିଲେ। ୧୯୯୦ରୁ ୧୯୯୩ ପର୍ଯ୍ୟନ୍ତ ଦ୍ୱିତୀୟ ଥର ଏବଂ ୧୯୯୫ରୁ ୧୯୯୭ ପର୍ଯ୍ୟନ୍ତ ୩ୟ ଥର ରାଜ୍ୟ ଭାଜପା ସଭାପତି ହୋଇଥିଲେ। ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ। ଦେବଗଡ଼ ଆସନରୁ ୨ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୯୮-୯୯ରେ ଦେବଗଡ଼ରୁ ଦ୍ୱାଦଶ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀ ହୋଇଥିଲେ। ପୁନର୍ବାର ୧୯୯୯ରେ ୧୩ତମ ଲୋକ ସଭାରେ ୨ୟ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୯ରୁ ୨୦୦୧ ପର୍ଯ୍ୟନ୍ତ କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀ ଏବଂ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ରେ ପାଲଲହଡ଼ା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିଥିଲେ। ୨୦୦୪ରୁ ୨୦୦୮ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟ ଭାଜପା କାର୍ଯ୍ୟକାରିଣୀର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ସେ ଜଣେ ଟାଣୁଆ ମନ୍ତ୍ରୀ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ମୃତ୍ୟୁରେ ଖୋର୍ଦ୍ଧା ଉତ୍କଳ ସମ୍ମିଳନୀର ସଭାପତି ଶକ୍ତି ଶଙ୍କର ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ପ୍ରଧାନଙ୍କ ଭଳି ଜଣେ ଅମାୟିକ, ଉତ୍ତମ ସଂଗଠକ, ମିଷ୍ଟଭାଷୀ ତଥା ନିର୍ବିବାଦୀୟ ନେତାଙ୍କୁ ଓଡ଼ିଶା ହରାଇଲା ବୋଲି ମିଶ୍ର କହିଛନ୍ତି।

## ହେମାମାଳିନୀଙ୍କ ଶ୍ରୀମନ୍ଦିର...

ତେଣୁ ତାଙ୍କର ଶ୍ରୀମନ୍ଦିରରେ ପ୍ରବେଶ କରିବା ବେଆଇନ। ହେମାମାଳିନୀ ୨୧ ଅଗଷ୍ଟ ୧୯୭୯ରେ ଅଭିନେତା ଧର୍ମେନ୍ଦ୍ରଙ୍କୁ ମୁମ୍ବାଇଠାରେ ମୁସଲିମ୍ ପ୍ରଥାରେ ବିବାହ କରିଥିଲେ। ଉକ୍ତ ବିବାହକୁ ମୌଲାନା କାଜି ଅବଦୁଲା ଫଇଜାବାଦି ନିକାହ କରାଇଥିଲେ। ବିବାହ ନିମନ୍ତେ ଧର୍ମେନ୍ଦ୍ର ଏବଂ ହେମା ୧ ଲକ୍ଷ ୧୧ ହଜାର ଟଙ୍କା ଦେଇଥିଲେ। ହିନ୍ଦୁ ବିବାହ ଆଇନ ୧୯୫୫କୁ ଫାଙ୍କିବା ପାଇଁ ଧର୍ମେନ୍ଦ୍ର ଓ ହେମା ଏପରି ପନ୍ଥା ଆପଣେଇ ବିବାହ କରିଥିଲେ। କାରଣ ପୂର୍ବରୁ ଧର୍ମେନ୍ଦ୍ର ପ୍ରକାଶ କୌରଙ୍କୁ ବିବାହ କରିଥିଲେ। ସେମାନଙ୍କର ଚାରି ସନ୍ତାନ ଥିଲେ। ପୂର୍ବରୁ ଗୋଟିଏ ସ୍ତ୍ରୀ ଥିବାରୁ ହିନ୍ଦୁ ଆଇନରେ ଦ୍ୱିତୀୟ ବିବାହ ଆଇନସମ୍ମତ ନୁହେଁ। ତେଣୁ ଦ୍ୱିତୀୟ ବିବାହ କରିବା ନିମନ୍ତେ ଉଭୟେ ଧର୍ମେନ୍ଦ୍ର ଏବଂ ହେମା ମୁସଲମାନ ଧର୍ମ ଗ୍ରହଣ କରିଥିଲେ। ମୁସଲମାନ ଧର୍ମରେ ଏକାଧିକ ବିବାହ କରିବାର ପ୍ରଥା ରହିଛି। ଧର୍ମେନ୍ଦ୍ର ନିଜକୁ ଦିଲାୱାର ଖାନ୍ କେୱଲ କ୍ରିଷ୍ଣ ଏବଂ ହେମା ନିଜକୁ ଆଇଶା ବି ଆର୍ ଚକ୍ରବର୍ତ୍ତୀ ବୋଲି ଦର୍ଶାଇ ବିବାହ କରିଥିଲେ। ଉଭୟଙ୍କ ଦୁଇଟି କନ୍ୟାସନ୍ତାନ ରହିଛନ୍ତି। ତେବେ ହେମାମାଳିନୀ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରିବା ଘଟଣା କୋଟି କୋଟି ସନାତନ ହିନ୍ଦୁମାନଙ୍କୁ ଆଘାତ ଦେଇଛି। ତେଣୁ ଆଇନ ଅନୁଯାୟୀ ହେମାମାଳିନୀଙ୍କୁ ତଦନ୍ତ ପୂର୍ବକ ମାମଲା ରୁଜୁ କରି ନୋଟିସ ଜାରି କରାଯାଉ। ଅଭିଯୋଗ ସତ ହୋଇଥିଲେ ଗିରଫ କରାଯାଉ। ତେବେ ହେମା ମୁସଲିମ୍ ବୋଲି ପୁରୀ ଲୋକ ସଭା ଏମ୍‌ପି ସମ୍ବିତ ପାତ୍ର ଜାଣିଛନ୍ତି। ତେଣୁ ସେ ବିବାଦ ଘେରକୁ ନ ଯିବାପାଇଁ ହେମାଙ୍କୁ ଦୋଳବେଦୀ ନିକଟରେ ଛାଡ଼ି ଚାଲିଯାଇଥିଲେ ବୋଲି ପଟ୍ଟନାୟକ ଅଭିଯୋଗରେ ଦର୍ଶାଇଛନ୍ତି।


"Jay Jagannath"
II JAY JAGANNATH II
SHREE JAGANNATH SENA CENTRAL OFFICE, PURI
Priya Darsan Pattnaik, (Advocate)
National Convenor
Gopal Ballav Road, Puri - 752 001, (Orissa)
Contact No. 06752-222223, (M) 09861085838

F.I.R.
Sir/Madam
Points of Enquiry

ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୁରୀ ସିଂହଦ୍ୱାର ଥାନାରେ ଦିଆଯାଇଥିବା ଏତଲା କପି।

## ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ଦିଆଯାଇଛି: ପ୍ରିୟଦର୍ଶନ


ପ୍ରିୟଦର୍ଶନ ପଟ୍ଟନାୟକ

ପୁରୀ ଶ୍ରୀମନ୍ଦିରରେ ଅଭିନେତ୍ରୀ ହେମାମାଳିନୀଙ୍କ ପ୍ରବେଶକୁ ନେଇ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ହେମାମାଳିନୀ ମୁସ୍‌ଲିମ୍ ଧର୍ମକୁ ଧର୍ମାନ୍ତରୀକରଣ ହୋଇଥିବାବେଳେ ବେଆଇନ ଭାବେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛନ୍ତି। ତାଙ୍କୁ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରାଇବାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ। ଏପରି କି ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ଗାଡ଼ିରେ ହେମାମାଳିନୀ ଶ୍ରୀମନ୍ଦିର ନିକଟକୁ ଆସିଥିଲେ। ତାଙ୍କୁ ଦୋଳବେଦୀ ପାଖରେ ଛାଡ଼ି ସମ୍ବିତ୍ ଚାଲିଯାଇଥିଲେ। ଏହି ଘଟଣା ଜାଣିଶୁଣି କରାଯିବା ଏବଂ କୋଟି କୋଟି ସନାତନୀ ହିନ୍ଦୁଙ୍କର ଧାର୍ମିକ ଭାବନାକୁ ଆଘାତ ଦେଇଥିବାରୁ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ବିଏନ୍‌ଏସ୍‌ର ଦଫା ୨୯୮, ୨୯୯, ୩୦୦, ୩୦୧, ୩୦୨ରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ ବୋଲି ପଟ୍ଟନାୟକ କହିଛନ୍ତି।



ଭାରତର ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେମାମାଳିନୀଙ୍କ ଆଫିଡେଭିଟ୍ ସମ୍ପର୍କିତ ତଥ୍ୟ।




# ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସ୍ଥାନୀୟ ସମ୍ପ୍ରଦାୟର ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ: ଆଦ୍ୟାଶା ସତପଥୀ

ଭୁବନେଶ୍ୱର, ୧୭।୩
(ବନ୍ଦନା ସେଠୀ)



ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟରେ ସୋମବାର ଅନୁଷ୍ଠିତ 'ଜଳବାୟୁ ପରିବର୍ତ୍ତନ ପ୍ରଶମନ ପାଇଁ ଶିକ୍ଷା ଏବଂ ଆଦିବାସୀ ସମ୍ପ୍ରଦାୟରୁ ଗ୍ରହଣ' ଶୀର୍ଷକ ସମ୍ମିଳନୀରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଅନ୍ୟ ଅତିଥିଗଣ।

ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଆଦିବାସୀ ଏବଂ ଆଦିବାସୀ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅପରପକ୍ଷେ ଜଳବାୟୁ ସଂରକ୍ଷଣରେ ସ୍ଥାନୀୟ ସମ୍ପ୍ରଦାୟ ନିୟୋଜିତ ନ ହେଲେ ସଂରକ୍ଷଣ ପଦକ୍ଷେପଗୁଡ଼ିକ ପ୍ରାୟତଃ ବିଫଳ ହୁଏ ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମତବ୍ୟକ୍ତ କରିଛନ୍ତି। ସୋମବାର 'ଜଳବାୟୁ ପରିବର୍ତ୍ତନ ପ୍ରଶମନ ପାଇଁ ଶିକ୍ଷା ଏବଂ ଆଦିବାସୀ ସମ୍ପ୍ରଦାୟରୁ ଗ୍ରହଣ' ଶୀର୍ଷକ ସମ୍ମିଳନୀ ଭୁବନେଶ୍ୱରର ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗଦେବା ଅବସରରେ ଏକ ଉଦାହରଣ ଦେଇ ଆଦ୍ୟାଶା କହିଲେ, ଆଦିବାସୀମାନେ ଜଙ୍ଗଲର ସୁରକ୍ଷା ପାଇଁ ମହୁମାଛି ପାଳନ କରିଥାନ୍ତି। ମହୁଚାଷରୁ ସେମାନେ ଅର୍ଥ ଅର୍ଜନ କରିବା ସହିତ ହାତୀଙ୍କଠାରୁ ଗଛକୁ ସୁରକ୍ଷା ଦିଅନ୍ତି। ତେଣୁ ପରିବେଶଗତ ଏବଂ ସମ୍ପ୍ରଦାୟ କଲ୍ୟାଣର ଦୀର୍ଘକାଳୀନ ସଫଳତା ପାଇଁ ସ୍ଥାନୀୟ ସମ୍ପୃକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାବ୍ୟତୀତ ସେ ଅଧିକାରୀ ପରିବର୍ତ୍ତନ ଯୋଗୁଁ ଅସଙ୍ଗତ ନୀତି କାର୍ଯ୍ୟାନ୍ୱୟନର ସମସ୍ୟାକୁ ସୂଚାଇବା ସହ ଯୁବପିଢ଼ିଙ୍କୁ ସେମାନଙ୍କ ସମ୍ପ୍ରଦାୟ ସହିତ ସଂଯୁକ୍ତ ରହିବାକୁ ଅନୁରୋଧ କରିଥିଲେ। ସମ୍ମାନୀତ ଅତିଥି ଭାବେ ଝାଡ଼ଖଣ୍ଡର ଲେଡି ଟାର୍ଜନ ଭାବରେ ଜଣାଶୁଣା ପଦ୍ମଶ୍ରୀ ଜମୁନା ଟୁଡୁ ଯୋଗଦେଇ ମଣିଷ ଏବଂ ପ୍ରକୃତି ମଧ୍ୟରେ ଥିବା ପବିତ୍ର ସମ୍ପର୍କ ଉପରେ ତାଙ୍କର ଦୃଷ୍ଟିକୋଣ ବଖାଣିଥିଲେ। ଏଥିସହ ସମସ୍ତଙ୍କୁ ଜଙ୍ଗଲ ସୁରକ୍ଷା କରିବାକୁ ଅନୁରୋଧ କରିଥିଲେ। ଗଛ ଏବଂ ଜଙ୍ଗଲକୁ ଦେବତାଙ୍କ ସହିତ ତୁଳନା କରି ପ୍ରକୃତ ଯତ୍ନ ନିଆଗଲେ ସେମାନେ ଆମକୁ ଶାନ୍ତି ଏବଂ ପରିପୂର୍ଣ୍ଣତା ପ୍ରଦାନ କରିଥାନ୍ତି ବୋଲି କହିଥିଲେ।

ଫୋର୍ସ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ଆଦିବାସୀ ଜ୍ଞାନ ସଂରକ୍ଷଣ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ସମ୍ପ୍ରଦାୟଗୁଡ଼ିକ ଶତାବ୍ଦୀ ଧରି ମୂଲ୍ୟବାନ ପାରମ୍ପରିକ ପରିବେଶଗତ ଜ୍ଞାନ (ଟ୍ରାଡିସ୍‌ନାଲ୍ ଇକୋଲୋଜିକାଲ୍ ନଲେଜ୍) ବିକଶିତ କରିଛନ୍ତି। ଯାହାକି ଜଳବାୟୁ ସଙ୍କଟ ମୁକାବିଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମିଳନୀରେ ଦୁଇଟି ପ୍ୟାନେଲରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପ୍ରଥମରେ ଆଦିବାସୀ ଜନଜାତିଙ୍କ ଅଭ୍ୟାସରୁ ଉତ୍ପନ୍ନ ସ୍ଥାୟୀ ବିକଳ୍ପଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଆଦିବାସୀଙ୍କଠାରୁ ଆହରିତ ଜ୍ଞାନକୁ ବ୍ୟବହାର କରି ପରିବେଶ ସଂରକ୍ଷଣ ଆବଶ୍ୟକତା ସହିତ ଅଭିବୃଦ୍ଧି ଲକ୍ଷ୍ୟକୁ ସନ୍ତୁଳିତ କରିବା ଉପରେ ଆଲୋକପାତ କକରାଯାଇଥିଲା। ଫୋର୍ସର ସଭାପତି ଜ୍ୟୋତି ଶର୍ମା କୃଷି, ଖାଦ୍ୟ ଏବଂ ପୁଷ୍ଟି, ସ୍ୱାସ୍ଥ୍ୟ, ଶକ୍ତି, ଜଳ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜୈବ ବିବିଧତା ସଂରକ୍ଷଣରେ ଆଦିବାସୀ ସମ୍ପ୍ରଦାୟର ସ୍ଥାୟୀ ଅଭ୍ୟାସ ବିଷୟରେ ପର୍ଯ୍ୟବେକ୍ଷଣ ଉପରେ ଆଲୋକପାତ କରିଥିଲେ। କୋଲକାତାସ୍ଥିତ ଅଷ୍ଟ୍ରେଲୀୟ କନସଲ୍ ଜେନେରାଲ ହ୍ୟୁ ବଏଲନ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ସହିତ ଜଡିତ ହୋଇଥିବାରୁ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଥିଲେ।

## ୧୯ରୁ କାଳବୈଶାଖୀ, କୁଆପଥର ବର୍ଷା

ଭୁବନେଶ୍ୱର,୧୭।୩
(ଅନୁରାଧା ମହାରଣା)

ରାଜ୍ୟରେ ଏବେ ତାପମାତ୍ରା ୪୩ ଡିଗ୍ରୀ ଟପିଛି। ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିବାବେଳେ ଏଥିରେ

### ୪୩.୫ ଡିଗ୍ରୀରେ ବୌଦ୍ଧ

ବ୍ରେକ୍ ଦେବ କାଳବୈଶାଖୀ ବର୍ଷା। ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡ଼ିଶା ଉପକୂଳସ୍ଥ ବଙ୍ଗୋପସାଗର ଅଞ୍ଚଳରେ ଗୁରୁଚାପ ପ୍ରଭାବରେ ରାଜ୍ୟ ମଧ୍ୟକୁ ପ୍ରଚୁର ଜଳୀୟବାଷ୍ପ ପ୍ରବେଶ କରୁଛି। ଏହା ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ସହ ଉପରିଭାଗରେ ନିମ୍ନ ଚାପ ରେଖାର ଉପସ୍ଥିତି ଏହି କାଳବୈଶାଖୀ ପାଇଁ ଅତ୍ୟନ୍ତ ଅନୁକୂଳ ହୋଇଛି। ଫଳରେ ରାଜ୍ୟର ବିଭିନ୍ନ ଜିଲାରେ ଘଡ଼ଘଡ଼ି ଓ ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୦ରୁ ୨୨ ତାରିଖ ମଧ୍ୟରେ କାଳବୈଶାଖୀର ସର୍ବାଧିକ ପ୍ରଭାବ ରହିବ। ଏପରିକି ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

ଅନ୍ୟପକ୍ଷରେ ସୋମବାର ରାଜ୍ୟରେ ସର୍ବାଧିକ ଦିନ ତାପମାତ୍ରା ବୌଦ୍ଧରେ ୪୩.୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ବରଗଡ଼ରେ ୪୨, ଅନୁଗୋଳରେ ୪୦.୭, ଟିଟିଲାଗଡ଼ରେ ୪୦.୫ ଓ ମାଲକାନଗିରିରେ ୪୦.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା। ଅନ୍ୟପଟେ ଭୁବନେଶ୍ୱରରେ ତାପମାତ୍ରା ୩୬.୭ ଏବଂ କଟକ ୩୭ ଡିଗ୍ରୀ ରହିଥିଲେ ମଧ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିଲା। ତେବେ ମଙ୍ଗଳବାର ହିଟ୍ ୱେଭ୍ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ଓ ବୌଦ୍ଧକୁ ଅରେଞ୍ଜ ୱାର୍ନିଂ ଏବଂ କଳାହାଣ୍ଡି, ଅନୁଗୋଳ, ସୁନ୍ଦରଗଡ଼ ଓ ବଲାଙ୍ଗୀରକୁ ୟେଲୋ ୱାର୍ନିଂ ଜାରି କରିଛି।

# ପତିତପାବନ ବାନାରେ ପଡ଼ିଲା ଶୂନ୍ୟଗଣ୍ଠି

### ଭକ୍ତ କହିଲେ ଶୁଭ ସଙ୍କେତ

ପୁରୀ,୧୭।୩
(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଛି।

ଶ୍ରୀମନ୍ଦିର ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଛି। ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାଗୁଡ଼ିକରେ ଶୂନ୍ୟଗଣ୍ଠି ପଡ଼ିଥିବା ସୋମବାର ସକାଳେ ଦେଖିବାକୁ ମିଳିଛି। ନୀଳଚକ୍ରରେ ଲାଗିଥିବା ବାନାଗୁଡ଼ିକ ଉଡ଼ିବା ସମୟରେ ଆପେ ଆପେ ସେଥିରେ ଗଣ୍ଠି ପଡ଼ିଲେ ତାହାକୁ ଶୂନ୍ୟଗଣ୍ଠି ବୋଲି କୁହାଯାଇଥାଏ, ଯାହା ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ତେଣୁ ଏହି ଘଟଣା ଶୁଭ ସଙ୍କେତ ବୋଲି ସାଧାରଣରେ ବିଶ୍ୱାସ କରାଯାଏ।

ସୂଚନା ଅନୁଯାୟୀ, ପ୍ରତ୍ୟେକ ଦିନ ପରି ରବିବାର ଅପରାହ୍ନରେ ଚୂନରା ସେବାୟତ ଶ୍ରୀମନ୍ଦିର ଉପରକୁ ଚଢି ପତିତପାବନ ବାନା ବାନ୍ଧିଥିଲେ। ନୀଳଚକ୍ରର ଅକ୍ଷୟଦଣ୍ଡରେ ଗୋଟିଏ ବାନା ଲାଗିଥିବାବେଳେ ଅନ୍ୟ ବାନାଗୁଡ଼ିକ ନୀଳଚକ୍ରରେ ବନ୍ଧାଯାଇଥିଲା। ତେବେ ସୋମବାର ପୂର୍ବାହ୍ନରେ ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିବା ନଜରକୁ ଆସିଥିଲା। ରାତିରେ ପବନ କାରଣରୁ ଉକ୍ତ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିବା ଅନୁମାନ କରାଯାଉଛି। ସୋମବାର ଅପରାହ୍ନରେ ଚୂନରା ସେବାୟତମାନେ ବାନା ପରିବର୍ତ୍ତନ କରିବାକୁ ଯିବା ସମୟରେ ଶୂନ୍ୟଗଣ୍ଠି ପଡ଼ିଥିବା ବାନାଗୁଡ଼ିକୁ ଓଲାଗି କରିଥିଲେ ଅର୍ଥାତ୍ କାଢ଼ି ଆଣିଥିଲେ।

ପୂର୍ବରୁ ଶ୍ରୀମନ୍ଦିର ନୀଳଚକ୍ରରେ ୧୫୧ ହାତିଆ ବାନା ସହ ଏକାଧିକ ବାନା ଲାଗୁଥିଲା। ଫଳରେ ବାନାଗୁଡ଼ିକରେ ଶୂନ୍ୟଗଣ୍ଠି ପଡୁଥିବା ଦେଖିବାକୁ ମିଳୁଥିଲା। ଶୂନ୍ୟଗଣ୍ଠି ଏତେବଡ଼ ଓ ଓଜନିଆ ହୋଇଥାଏ ଯେ, ତାକୁ ଖୋଲିବା ସମ୍ଭବପର ହୋଇ ନ ଥାଏ। ତେବେ ଏବେ ନୀଳଚକ୍ରରେ ୧୪ ହାତିଆ ବାନା ଲାଗୁଥିବାରୁ କ୍ୱଚିତ କେତେବେଳେ ଶୂନ୍ୟଗଣ୍ଠି ପଡୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଚୂନରା ସେବାୟତ ଡ. ଶରତ ମହାନ୍ତି କହିଛନ୍ତି, ଶୂନ୍ୟରେ ଆପେ ଆପେ ପତିତପାବନ ବାନାରେ ଯେଉଁ ଗଣ୍ଠି ପଡ଼ିଥାଏ, ତାହାକୁ ଶୂନ୍ୟଗଣ୍ଠି ବୋଲି କୁହାଯାଇଥାଏ। ନୀଳଚକ୍ର ବାନରେ ଲାଗିଥିବା ପତିତପାବନବାନାଗୁଡିକ ପରସ୍ପର ମଧ୍ୟରେ ଛନ୍ଦାଛନ୍ଦି ହୋଇ ପବନର ବେଗରେ ପିଟିହୋଇ ଗଣ୍ଠି ସୃଷ୍ଟି କରିଥାନ୍ତି। ଏହି ଶୂନ୍ୟଗଣ୍ଠି ଦୁର୍ଲଭ। କୌଣସି ଆପଦବିପଦକୁ ମହାପ୍ରଭୁ ଗଣ୍ଠି ପକାଇ ଅଟକାଇ ଦିଅନ୍ତି ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଉକ୍ତ ବାନାକୁ ଘରେ ରଖିଲେ ସମସ୍ତ ପ୍ରକାର ଅସୁବିଧା ଦୂର ହୋଇଥାଏ। ପୁରୀବାସୀଙ୍କ ବିଶ୍ୱାସ ରହିଛି ଯେ, ଗର୍ଭବତୀମାନେ ଯଦି ଶୂନ୍ୟଗଣ୍ଠି ବାନାର ପାଣି ପିଇଥାନ୍ତି ତେବେ ସେମାନଙ୍କର ଗର୍ଭ ଯନ୍ତ୍ରଣା ହୋଇ ନ ଥାଏ ଓ ସାଧାରଣ ପ୍ରସବ ହୋଇଥାଏ। ସେହିପରି ବିପଦ ଦୂର ପାଇଁ ଶିଶୁଙ୍କ ଶେଯ ନିକଟରେ ଶୂନ୍ୟଗଣ୍ଠି ବାନାକୁ ରଖାଯାଇଥାଏ। ଏଥିସହ ବିଭିନ୍ନ କାର୍ଯ୍ୟରେ ଶୂନ୍ୟଗଣ୍ଠି ବାନାକୁ ବ୍ୟବହାର କରାଯାଏ ବୋଲି ବିଶ୍ୱାସ ରହିଥିବା ଡ. ମହାନ୍ତି ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତ କହିଛନ୍ତି, ସେ ସୋମବାର ପ୍ରଥମ ଥର ପାଇଁ ଶୂନ୍ୟଗଣ୍ଠି ଦେଖିବାର ସୌଭାଗ୍ୟ ପାଇଛନ୍ତି। ତେଣୁ ସେ ନିଜକୁ ଭାଗ୍ୟବାନ ମନେକରୁଛନ୍ତି। ସେହିପରି ପୁରୀ ବାସିନ୍ଦା ବିକ୍ରମ ପରିଡ଼ା କହିଛନ୍ତି, ଶୂନ୍ୟଗଣ୍ଠି ସମ୍ପର୍କରେ ପୂର୍ବରୁ ଶୁଣିଥିଲି, କିନ୍ତୁ ଆଜି ଦେଖିଲି। ଶୂନ୍ୟଗଣ୍ଠି ରାଜ୍ୟ ତଥା ଦେଶ ପାଇଁ ଶୁଭ ସଙ୍କେତ ବୋଲି ବିବେଚନା କରାଯାଏ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରମାକାନ୍ତ ରଥଙ୍କ ଶେଷକୃତ୍ୟ ସମ୍ପନ୍ନ



ପୁରୀ ସ୍ୱର୍ଗଦ୍ୱାରରେ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ଶେଷକୃତ୍ୟ ଅବସରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୭।୩
(ଅଜିତ୍ କୁମାର ମହାନ୍ତି)

ପୁରୀ ସ୍ୱର୍ଗଦ୍ୱାରରେ ସୋମବାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ସ୍ୱର୍ଗତ ରଥଙ୍କ ବଡ଼ପୁଅ ପିନାକୀ ରଥ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ପରିବାରର ଅନ୍ୟ ସଦସ୍ୟ ଓ ପ୍ରିୟପରିଜନ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ପୁରୀ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୋଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି, ସି ବିଚ୍ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର, ସାହିତ୍ୟିକ ଗୌରହରି ଦାସ ଏବଂ ବଦ୍ରି ମିଶ୍ରଙ୍କ ସମେତ ବହୁ ସାହିତ୍ୟିକ, ସାହିତ୍ୟ ଅନୁରାଗୀ ଏବଂ ଲୋକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୧୧ ଜିଲାର ୧୯ ବୃହତ୍ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଅନୁମୋଦନ

ଭୁବନେଶ୍ୱର, ୧୭।୩ (ବନ୍ଦନା ସେଠୀ)

- ୬,୧୧୭ କୋଟି ପୁଞ୍ଜି ନିବେଶ
- ୧୭,୨୮୬ରୁ ଅଧିକ ନିଯୁକ୍ତି ସୃଷ୍ଟି ଆଶା



ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ୧୩୫ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକ ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬,୧୧୭ କୋଟି ଟଙ୍କାର ଉଲ୍ଲେଖନୀୟ ପୁଞ୍ଜିନିବେଶ ହୋଇଥିବାବେଳେ ଏହା ଓଡ଼ିଶାକୁ ଏକ ପ୍ରମୁଖ ପୁଞ୍ଜିନିବେଶ ସ୍ଥଳ ଭାବେ ଆହୁରି ସୁଦୃଢ଼ କରିଛି। ବୈଠକରେ ୧୯ଟି ବୃହତ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହା ରାଜ୍ୟର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ସହ ୧୭,୨୮୬ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏଥିରେ ଜୈବ ଇନ୍ଧନ, ବାୟୋଟେକ୍ନୋଲୋଜି, ଜାହାଜ ନିର୍ମାଣ, ଆଲୁମିନିୟମ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ପୋଷାକ ଏବଂ ସବୁଜ ଶକ୍ତି ଉପକରଣ ସମେତ ୧୦ଟି ଉଚ୍ଚ ପ୍ରଭାବୀ କ୍ଷେତ୍ରର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ବଲାଙ୍ଗୀର, କଟକ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କନ୍ଧମାଳ, ରାୟଗଡ଼ା ଓ ସମ୍ବଲପୁର ସମେତ ଓଡ଼ିଶାର ୧୧ଟି ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଜୈବ ଇନ୍ଧନ ଓ ସବୁଜ ଶକ୍ତି କ୍ଷେତ୍ରରେ ଟ୍ରାନ୍ସପେସିଫିକ୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରର ଏକ ବାୟୋକୋଲ କାରଖାନାରେ ୯୦୦କୋଟି ଟଙ୍କା ବିନିଯୋଗ କରି ୬୩୦ ନିଯୁକ୍ତି ସୃଷ୍ଟି କରିବ। ସେହିପରି ସାଇସୁଧା ମୋଟର୍ସ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଖୋର୍ଦ୍ଧାରେ ୬୮.୫୮ କୋଟି ଟଙ୍କାର ସୋଲାର ମଡ୍ୟୁଲ ଉତ୍ପାଦନ ୟୁନିଟ୍ ସ୍ଥାପନ ଫଳରେ ୩୫୦ ନିଯୁକ୍ତି ସୃଷ୍ଟି ହେବ। ରାୟଗଡ଼ା, ବଲାଙ୍ଗୀର ଓ କଳାହାଣ୍ଡିରେ ହାଇସ୍ପିଡ୍ ଡିଜେଲ ଏବଂ ପେଟ୍ରୋଲ ପାଇପ୍‌ଲାଇନ ପାଇଁ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ପକ୍ଷରୁ ୮୬୮କୋଟି ଟଙ୍କା ବିନିଯୋଗ ହେବ। ଏହାବ୍ୟତୀତ ଜୋହୋ କର୍ପୋରେଶନ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୩୦୬.୫୦କୋଟି ଟଙ୍କାର ଡାଟା ସେଣ୍ଟର ସ୍ଥାପନ କରି ୯୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସାପିଜେନ ବାୟୋଲୋଜିକ୍ସ ପ୍ରାଇଭେଟ୍ ଲିମିଟେଡ ଖୋର୍ଦ୍ଧା ଅନ୍ତର୍ଗତ ଓଡ଼ିଶା ବାୟୋଟେକ୍ ପାର୍କରେ ୮୫୪.୩୨କୋଟି ଟଙ୍କାର ଟିକା ଉତ୍ପାଦନ ୟୁନିଟ୍ ସ୍ଥାପନ ପୂର୍ବକ ୮୫୦ ନିଯୁକ୍ତି ସୃଷ୍ଟି ହେବ। ଏଆର୍‌ସିଏଲ୍ ଅର୍ଗାନିକ୍ସ ଲିମିଟେଡ୍ ଜଗତ୍‌ସିଂହପୁରରେ ୫୦୦କୋଟି ଟଙ୍କାର ସ୍ପେଶାଲିଟି କେମିକାଲ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୭୨୫ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଆର୍‌ସିସି ଲାବରେଟୋରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାର ପ୍ରି-କ୍ଲିନିକାଲ ଟେଷ୍ଟିଂ ଏବଂ ପ୍ରାଣୀ ପ୍ରଜନନ କେନ୍ଦ୍ରରେ ୫୫.୩୬ କୋଟି ଟଙ୍କା ନିବେଶ କରିବ। ଇସ୍ପାତ ଓ ଆଲୁମିନିୟମ କ୍ଷେତ୍ରରେ ବଡ଼ ଧରଣର ସମ୍ପ୍ରସାରଣ ହେବା ସହ ନେଜୋନ ଷ୍ଟିଲ୍ସ ଉତ୍କଳ ଏଲ୍‌ଏଲ୍‌ପି ଯାଜପୁରରେ ୪୭୦କୋଟି ଟଙ୍କାର କଲର କୋଟିଂ ସିଟ୍ ଉତ୍ପାଦନ ୟୁନିଟ ସ୍ଥାପନ କରିବ। ଏହାଦ୍ୱାରା ୩୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ସିଏମଆର୍ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡ ସମ୍ବଲପୁରରେ ୨୩୪.୧୪କୋଟି ଟଙ୍କାର ଲିକ୍ୱିଡ ଆଲୁମିନିୟମ ମିଶ୍ରଧାତୁ ପ୍ଲାଣ୍ଟ ସ୍ଥାପନ କରି ୨୦୦ଜଣଙ୍କୁ ନିଯୁକ୍ତି ଦେବ। କୋର୍‌ୱୟାର ସର୍ଫେସ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ ଯାଜପୁରରେ ୫୦.୧୦କୋଟି ଟଙ୍କାର ଷ୍ଟିଲ ରୋଲ୍ସ ମାନୁଫାକ୍ଚରିଂ ଏବଂ ରିବିଲ୍ଡିଂ ୟୁନିଟ୍ ସ୍ଥାପନ କରି ୮୫ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ। ଜଗତ୍‌ସିଂହପୁରର ଜାହାଜ ନିର୍ମାଣ ଓ ମରାମତି ୟାର୍ଡ ନିମନ୍ତେ ଚୌଗୁଲେ ଲାଭଗନ ସିପ୍ ମରାମତି ପ୍ରାଇଭେଟ ଲିମିଟେଡ୍ ୫୫୦କୋଟି ଟଙ୍କା ବିନିଯୋଗରେ ୧ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିପରି ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ର ସମ୍ପ୍ରସାରଣ ପାଇଁ ହିନ୍ଦୁସ୍ତାନ କୋକାକୋଲା ବେଭରେଜ ପ୍ରାଇଭେଟ ଲିମିଟେଡ ୫୧୫.୩୨କୋଟି ଟଙ୍କା ବିନିଯୋଗ କରି ୪୪୧ ନିଯୁକ୍ତି ସୃଷ୍ଟି ହେବ। ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ (ଇଣ୍ଡିଆ) ଲିମିଟେଡ୍ ଖୋର୍ଦ୍ଧାରେ ୧୦୮କୋଟି ଟଙ୍କାର ଏକ ୟୁନିଟ ସ୍ଥାପନ କରି ରେଡି-ଟୁ-ଡ୍ରିଙ୍କ ବେଭରେଜ, ପର୍ସନାଲ କେୟାର ପ୍ରଡକ୍ଟସ, କଣ୍ଡିମେଣ୍ଟସ ଏବଂ ସସ୍ ଉତ୍ପାଦନ କମ୍ପାନୀ ସ୍ଥାପନ କରି ୪୦୦ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଆଇରନ ଟ୍ରାଏଙ୍ଗଲ ଲିମିଟେଡ୍ ବଲାଙ୍ଗୀରରେ ୧୧୩.୫୦କୋଟି ଟଙ୍କା ବିନିଯୋଗ କରି ୧୦ଲକ୍ଷ ଟାୱେଲ ଏବଂ ୨୦ଲକ୍ଷ ଏଥିନିକ ୱେୟାର ପୋଷାକ ଉତ୍ପାଦନ କରି ୧୧୫୦ ନିଯୁକ୍ତି ସୃଷ୍ଟି କରିବ। ପ୍ଲାଷ୍ଟିକ କ୍ଷେତ୍ରରେ ପ୍ରବେଶ କରିଥିବା ସନ୍ୟାମ ଟାଇ ଅପ୍ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡ଼ାରେ ସର୍ଫେସ ପ୍ରୋଟେକ୍ସନ ଫିଲ୍ମସ, ଏଲ୍‌ଡିପିଇ ଫିଲ୍ମସ, ପିଇ ଲାଇନର୍ସ, ତାର୍ପୋଲିନ ଏବଂ ରିସାଇକ୍ଲିଂ ପାଇଁ ୧୭୫ ନିଯୁକ୍ତି ସହିତ ୧୦୭.୫୦କୋଟି ଟଙ୍କାର ଏକ ସୁବିଧା କେନ୍ଦ୍ର ସ୍ଥାପନ କରାଯିବ। ସୋମାଲୋ ଇକୋ ରିସୋର୍ଟ ପ୍ରାଇଭେଟ ଲିମିଟେଡ୍ ଗଞ୍ଜାମରେ ୧୧୦କୋଟି ଟଙ୍କାର ବିଳାସପୂର୍ଣ୍ଣ ଇକୋ-ରିସୋର୍ଟ ବିକଶିତ କରି ୨୧୯ ନିଯୁକ୍ତି ସୃଷ୍ଟି କରିବ ଏବଂ ତବସ୍ୟା ହସ୍ପିଟାଲିଟି ପ୍ରାଇଭେଟ ଲିମିଟେଡ କନ୍ଧମାଳର ଏକ ଇକୋ ରିସୋର୍ଟରେ ୫୨.୨୦କୋଟି ଟଙ୍କା ନିବେଶ କରି ୨୫୦ ନିଯୁକ୍ତି ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି।

## ସେରେଣ୍ଡାରେ ୧୨ ବଖରା ଜଳିଗଲା

ବଇଣ୍ଡା,୧୭।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଲା ପଞ୍ଚାୟତ ସେରେଣ୍ଡା ଗ୍ରାମରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୧୨ ବଖରା ଚାଳଘର ଜଳିଯାଇଛି। ନିଆଁ କିପରି ଲାଗିଲା ତାହା ଜଣାପଡ଼ି ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଏପରି ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ପ୍ରଥମେ ମାମି ବେହେରାଙ୍କ ଘରେ ନିଆଁ ଲାଗିଥିଲା। ପରେ ପଡ଼ୋଶୀ ନେଙ୍କୁରୀ ମାଝୀ, ସୁଫଳା ମାଝୀ, ଗୌରୀ ମାଝୀ, ସଂଯୁକ୍ତା ମାଝୀ, ପ୍ରଭାତୀ ମାଝୀ, ଗୋବିନ୍ଦ ବେହେରା, ମୁନି ବେହେରାଙ୍କ ଘରକୁ ବ୍ୟାପି ଯାଇଥିଲା। ସମସ୍ତ ଆସବାବପତ୍ର, ସୁନା ଗହଣା, ଧାନ ଚାଉଳ ଆଦି ଜଳିଯାଇଛି।



ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା' ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଭେଦ୍ୟମୟ ବିଷୟ ଭିତରେ ମାଡ଼ିଯାଇଛୁ। ଆରେ ନିର୍ବୋଧ ହୃଦୟରେ ମଣିଷପଣେ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ୧୧ ବର୍ଷର ଶାସନ ଅବଧି



ଆକାର ପଟେଲ

ଫ୍ରାନ୍ସର ସମ୍ରାଟ ନେପୋଲିଅନ ଡିସେମ୍ବର ୧୮୦୪ରେ ସିଂହାସନ ଆରୋହଣ କରିଥିଲେ। ଏହାର ୧୧ ବର୍ଷ ପରେ ଅର୍ଥାତ୍ ୧୮୧୫ରେ ୱାଟରଲୁ ଯୁଦ୍ଧରେ ପରାସ୍ତ ହୋଇଥିଲେ। ଏହି ୧୧ ବର୍ଷ ଭିତରେ ସେ ୟୁରୋପକୁ ଏକାଠି କରିପାରିଥିଲେ। ନେପୋଲିଅନ ପ୍ରୁସିଆ ଓ ଅଷ୍ଟ୍ରିଆ ଭଳି ବିରାଟ ସେନା ବିରୋଧରେ ଯୁଦ୍ଧ ଜୟକରି ଏହା ହାସଲ କରିଥିଲେ। ଡେଙ୍ଗ୍ ଜିଆଓପିଙ୍ଗ୍ ୭୪ ବର୍ଷ ବୟସରେ ୧୯୭୮ରେ ଚାଇନାର ଦାୟିତ୍ୱ ନେଲେ। ଏହାର ୧୧ ବର୍ଷ ପରେ ୧୯୮୯ରେ ତାଙ୍କୁ ପଦାବନତି କରିଦିଆଗଲା, ଯେଉଁ ବର୍ଷ ତିଆନାନ୍‌ମେନ ସ୍କୋୟାରର ନୃଶଂସ ଗଣହତ୍ୟା ଘଟିଥିଲା। ସିଙ୍ଗାପୁରର ନେତା ଲି କୁଆନ୍ ୟୁଙ୍କ ସମେତ ଅନେକ ବ୍ୟକ୍ତି ତାଙ୍କୁ ଜଣେ ମହାନ୍ ବ୍ୟକ୍ତି ଭାବେ ବିଚାର କରୁଥିଲେ। କାରଣ ଡେଙ୍ଗ୍ ତାଙ୍କ ଶାସନର ୧୧ ବର୍ଷ ଭିତରେ ଯାହା ହାସଲ କରିବାକୁ ଚାହୁଁଥିଲେ ସେଥିରେ ସଫଳ ହୋଇଥିଲେ। ଡେଙ୍ଗ୍ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନୁସରଣକରି ଆସିଥିବା ମାର୍କ୍ସବାଦ ଦୃଷ୍ଟିକୋଣକୁ ଛାଡ଼ିଦେଇ ଚାଇନାର ପୁନର୍ଗଠନ ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ଯେଉଁ ପଥ ଦେଖାଇଥିଲେ ସେଥିରେ ଏବେ ଚାଇନା ଚାଲିଛି। ଜଣେ ନେତାଙ୍କ ପାଇଁ ୧୧ ବର୍ଷ ଶାସନ ହେଉଛି ତାଙ୍କ ପ୍ରଭାବ ପ୍ରତିପାଦନର ଏକ ଲମ୍ବା ସମୟ। ପୃଥିବୀର ଯେକୌଣସି ସ୍ଥାନରେ ଏବଂ ଏପରିକି ଇତିହାସରେ ଯେକୌଣସି ସମୟରେ ଜଣେ ବ୍ୟକ୍ତି ତାଙ୍କ ଶାସନର ପ୍ରଥମ ଦଶନ୍ଧି ପରେ ନିଆରା କାର୍ଯ୍ୟ କରିଥିବା ଦେଖିବା କଷ୍ଟକର। ସେମାନେ ଯାହା କରୁଥିଲେ ତାହାକୁ ଜାରି ରଖିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ଅନେକ ସମୟରେ ସେମାନେ ଭୟଙ୍କର ପରିଣାମ ସାମ୍ନାକୁ ଆଣୁଥିଲେ। ଡେଙ୍ଗ୍‌ଙ୍କ ପୂର୍ବାଧିକାରୀ ମାଓ ଏଭଳି ଘଟଣାର ଏକ ଦୃଷ୍ଟାନ୍ତ। ତାଙ୍କ ଶାସନର ୧ ଦଶନ୍ଧି ପରେ ନୀତି ଓ ହିଂସା ଯୋଗୁ ଅନାହାର ଦେଖାଯାଇଥିଲା। ଭଲ ହେଉ କିମ୍ବା ମନ୍ଦ, ଭାରତରେ ଇନ୍ଦିରା ଗାନ୍ଧୀଙ୍କ ଶାସନର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ବ୍ୟାଙ୍କର ଜାତୀୟକରଣ, ଦେଶରେ ଜରୁରିକାଳୀନ ସ୍ଥିତି ଜାରି ହୋଇଥିଲା। ଏହା ସହ ତାଙ୍କ ଶାସନର ଶେଷ ବର୍ଷଗୁଡ଼ିକରେ ପଞ୍ଜାବରେ ହିଂସା ସୃଷ୍ଟି ହୋଇଥିଲା। ରୁଷିଆର ଭ୍ଲାଦିମିର ପୁଟିନ ମଧ୍ୟ ପାଖାପାଖି ୨୫ ବର୍ଷ ହେଲା ରୁଷିଆର ଶାସନରେ ରହିଛନ୍ତି। ପୁଟିନ କ୍ଷମତାକୁ ଆସିବାବେଳେ ରୁଷିଆର ମୁଣ୍ଡ ପିଛା ଜିଡିପି ଥିଲା ୧୭୦୦ ଆମେରିକୀୟ ଡଲାର। ୧୧ ବର୍ଷ ପରେ ଅର୍ଥାତ୍ ୨୦୧୧ରେ ଏହା ୧୪,୩୦୦ ଡଲାରକୁ ବୃଦ୍ଧି ପାଇଥିଲା। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ଏହା ୧୪ ବର୍ଷ ପରେ ଏବେ ହ୍ରାସ ପାଇ ୧୩,୮୦୦ ଡଲାରରେ ରହିଛି। ଦେଢ଼ ଦଶନ୍ଧି ହେଲା ରୁଷିଆର କୌଣସି ଆର୍ଥିକ ଅଭିବୃଦ୍ଧି ହୋଇନାହିଁ ଏବଂ ଗୋଟିଏ ଯୁଦ୍ଧ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତକୁ ଧୂଳିସାତ୍ କରିଦେଇଥିବା ବେଳେ ପୁଟିନ ଶାସନ ଜାରି ରଖିଛନ୍ତି। ୨୦୦୩ରେ ତୁର୍କୀରେ ଏର୍ଡୋଗାନ କ୍ଷମତାକୁ ଆସିବା ସମୟରେ ଦେଶର ମୁଣ୍ଡ ପିଛା ଜିଡିପି ଥିଲା ୪୬୦୦ ଆମେରିକୀୟ ଡଲାର ଏବଂ ୨୦୧୩ ସୁଦ୍ଧା ଏହାକୁ ସେ ୧୨,୫୦୦ ଡଲାରରେ ପହଞ୍ଚାଇଥିଲେ। ଏବେ ତାହା ସେହି ସ୍ତରରେ ରହିଛି। ଯେକୌଣସି ଆହ୍ୱାନର ସାମ୍ନାକରି ସେ ଏବେ ବି କ୍ଷମତାରେ ରହିଛନ୍ତି।

ଜବାହରଲାଲ ନେହେରୁ ତାଙ୍କ ଶାସନର ପ୍ରଥମ ଦଶନ୍ଧିରେ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକ ଗଠନ କରିଥିଲେ। ୧୯୫୦ରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଖଡ଼ଗପୁରରେ ଆରମ୍ଭ କରାଯାଇଥିଲା। ୧୯୫୪ରେ ଭାବା ଆଣବିକ ଗବେଷଣା କେନ୍ଦ୍ର, ୧୯୫୬ରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍, ୧୯୬୧ରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପ୍ରତିଷ୍ଠା ହୋଇଥିଲା। ଏହାବ୍ୟତୀତ ତାଙ୍କ ସମୟରେ ସେଲ୍ (୧୯୫୪), ଓଏନ୍‌ଜିସି (୧୯୫୬), ଏନ୍‌ଏମ୍‌ଡିସି (୧୯୫୮), ଇଣ୍ଡିଆନ୍ ଅଏଲ (୧୯୫୯) ପ୍ରତିଷ୍ଠା ହୋଇଥିଲା। ବୈଦେଶିକ ବ୍ୟାପାରରେ ତାଙ୍କର ଅବଦାନ ପଞ୍ଚଶୀଳ ନୀତି (୧୯୫୪) ଏବଂ ବାନ୍ଦୁଙ୍ଗ୍ ସମ୍ମିଳନୀ (୧୯୫୫)ରୁ ସ୍ପଷ୍ଟ ହୁଏ। ନେହେରୁଙ୍କୁ ତୁମେ ପ୍ରଶଂସା କିମ୍ବା ଘୃଣା କରିପାର (ଯାହା ବର୍ତ୍ତମାନ ବେଶି ଦେଖାଯାଉଛି), କିନ୍ତୁ ତାଙ୍କ ସଫଳତାର ସନ୍ତକ ଏବେ ମଧ୍ୟ ଉଜ୍ଜୀବିତ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକରେ ସେସବୁ ପ୍ରତିଧ୍ୱନିତ ହେଉଛି ଏବଂ ଏସବୁ ପାଖାପାଖି ୧୧ ବର୍ଷରେ ଶେଷ ହୋଇଥିଲା। ପାକିସ୍ତାନର ସେନାଧ୍ୟକ୍ଷ ଆୟୁବ ଖାନ୍ ୧୯୫୮ରେ ପାକିସ୍ତାନରେ କ୍ଷମତା ଦଖଲକଲେ ଓ ୧୧ ବର୍ଷ ପରେ ୧୯୬୯ରେ ତାହା ହରାଇଲେ। ଶାସନର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିରୁ ସେ ସଫଳ ହୋଇଥିଲେ,ଯେଉଁଥିପାଇଁ ତାଙ୍କୁ ଆମେରିକାର ରାଜନୈତିକ ବିଶେଷଜ୍ଞ ସାମୁଏଲ ହୁଣ୍ଟିଂଟନ ପ୍ରଶଂସା କରିଥିଲେ। କିନ୍ତୁ ୧୯୬୫ରେ ଭାରତ ସହ ଯୁଦ୍ଧ ଏବଂ ପୂର୍ବ ପାକିସ୍ତାନରେ ସୃଷ୍ଟିହୋଇଥିବା ଉତ୍ତେଜନା କାରଣରୁ ତାଙ୍କ ଶାସନର ଅନ୍ତ ଘଟିଲା। ଦେଖିବାକୁ ଗଲେ ଇତିହାସର ଦୁର୍ବଳ ନେତାଗଣ ମଧ୍ୟ ଏହି ଅବଧିର ଶାସନ ସମ୍ପୂର୍ଣ୍ଣ କରିଥିଲେ। ହିଟ୍‌ଲର ୧୯୩୩ରେ କ୍ଷମତାକୁ ଆସିଲେ ଓ ୧୯୪୩ରେ ଷ୍ଟାଲିଂଗାଡ୍‌ରେ ଜର୍ମାନୀକୁ ପରାସ୍ତ କରିଥିବା ସୋଭିଏଟ୍‌ର ଜେନେରାଲ ଝୁକୋଭଙ୍କ ସେନା ଭୟରେ ୧୯୪୪ରେ ବଙ୍କରରେ ରହିଥିଲେ। ଅର୍ଥ ବ୍ୟବସ୍ଥାଠାରୁ ଆରମ୍ଭକରି ଅଟୋବାନ୍ କିମ୍ବା ସଂଖ୍ୟାଲଘୁଙ୍କ ଗଣହତ୍ୟା, ବ୍ଲିଜ୍‌କ୍ରିକ୍ ( ତୀବ୍ର ଯୁଦ୍ଧ)ରେ ଫ୍ରାନ୍ସ ଓ ବ୍ରିଟିଶ୍ ସେନାକୁ କ୍ରୁରପୂର୍ଣ୍ଣ ଦମନ କିମ୍ବା ପ୍ରଥମ ଅତ୍ୟାଧୁନିକ ରକେଟ୍ ଭି-୨ ନିର୍ମାଣ ପର୍ଯ୍ୟନ୍ତ ଘଟଣା ଏହି ଏକଛତ୍ରବାଦୀ ଶାସକଙ୍କ ଶାସନର ୧୧ ବର୍ଷ ମଧ୍ୟରେ ଘଟିଥିଲା।

ଜଣେ ନେତା କେଉଁ ପ୍ରକୃତିର ତାହା ଏହି ୧୧ ବର୍ଷରେ ଘଟିଥିବା ଘଟଣାଗୁଡ଼ିକୁ ଅନୁଧ୍ୟାନକଲେ ଜଣାପଡ଼େ । ବିଶ୍ୱରେ ଯେଉଁ କେତେଜଣଙ୍କର କ୍ଷମତା ଅଛି ସେମାନେ ଆମକୁ ଜଣାଇବା ଦରକାର ଯେ, କେଉଁ ସବୁ କାର୍ଯ୍ୟ ସମ୍ଭବ ଓ କେତେଦିନ ମଧ୍ୟରେ ହୋଇପାରିବ। 'ଟେନ୍ ରୁଲ୍ସ ଅଫ୍ ସକ୍‌ସେସ୍‌ଫୁଲ୍ ନେସନ୍ସ' ପୁସ୍ତକରେ 'ନିରସ ନେତା' ଉପଶୀର୍ଷକରେ ରୁଚିର ଶର୍ମା ଉଲ୍ଲେଖ କରିଛନ୍ତି, ଏବକାର ଶାସନ ସମ୍ପର୍କରେ ଚିନ୍ତା କରିବାର ଏକ ସରଳ ଉପାୟ ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ ପୁନର୍ଗଠନ ଜଣେ ନେତାଙ୍କ ପ୍ରଥମ ପାଳିରେ ଘଟିବାର ସମ୍ଭାବନା ଅଧିକ ଥାଏ ଏବଂ ତାହା ଦ୍ୱିତୀୟ ପାଳି କିମ୍ବା ତା'ପରେ ହେବାର କମ୍ ସମ୍ଭାବନା ରହିଥାଏ। କିନ୍ତୁ ଏବେ ଜଣେ ନେତା ଭାବେ ପୁନର୍ଗଠନର ବିଚାର କିମ୍ବା ଏହାର ସମର୍ଥନରୁ ଦୂରେଇ ରହି ଏକ ଆକର୍ଷକ ଶାସନକୁ ହାସଲ କରିବାକୁ ଅଗ୍ରସର ହେଉଛନ୍ତି। ଏଭଳି ପ୍ରକୃତିକୁ ଲକ୍ଷ୍ୟକଲେ ଆମେରିକୀୟ ଫିଲୋସଫର ରାଲ୍‌ଫ ୱାଲ୍‌ଡୋ ଏମରଶନ ଉକ୍ତି, 'ଶେଷରେ ସମସ୍ତ ହିରୋ ନିଷ୍ପ୍ରଭ ବ୍ୟକ୍ତି ପାଲଟିଯାଆନ୍ତି' ପ୍ରଣିଧାନଯୋଗ୍ୟ।

Email:aakar.patel@gmail.com

# ଓଡ଼ିଆ ଭାଷାର ଭବିଷ୍ୟତ



ଦେବେନ୍ଦ୍ର ନାଥ ରାଉତ

ଆଉ ଯେତେ ଭାଷା ଶିଖୁଛ ଶିଖ, ନିଜ ମାତୃଭାଷା ମହତ ରଖ! ଏହି ଉକ୍ତିଟିକୁ ଅନୁଶୀଳନକଲେ ମାତୃଭାଷାର ଗୁରୁତ୍ୱ ବିଷୟରେ ଚିନ୍ତାକରିବାକୁ ପ୍ରତ୍ୟେକ ସଚେତନ ବ୍ୟକ୍ତି କିଛି ସମୟ ପାଇଁ ବାଧ୍ୟ ହୁଅନ୍ତି। ସାମ୍ପ୍ରତିକ ସମୟରେ ଭାଷା ବ୍ୟକ୍ତିର ଚିନ୍ତାକରିବା ଏବଂ ନିଜକୁ ପ୍ରକାଶ କରିବାର ଏକ ମାଧ୍ୟମ ଭାବରେ ଗ୍ରହଣ କରିବା ପରିବର୍ତ୍ତେ ଏହା ମୁଖ୍ୟତଃ ଶିକ୍ଷାର ଏକ ମାଧ୍ୟମ ଭାବରେ ଗ୍ରହଣ କରାଯାଇଛି। ପିଲାଟିର ସାମଗ୍ରିକ ବୌଦ୍ଧିକ ବିକାଶ ପାଇଁ ଭାଷା ପ୍ରମୁଖ ଭୂମିକା ଗ୍ରହଣକରେ ବୋଲି ଭୁଲିଯାଇ ଏହା ମାଧ୍ୟମରେ ଶିକ୍ଷା ଗ୍ରହଣକରି କେବଳ କର୍ମସଂସ୍ଥାନ ପାଇବ ବୋଲି ବିବେଚନା କରାଯାଉଛି। ତେଣୁ ମାତୃଭାଷାର ଗୁରୁତ୍ୱକୁ ଅନୁଭବ କରିବା ପୂର୍ବରୁ ଅନେକ ଅଭିଭାବକ ବିଦେଶୀ ଭାଷା ମନସ୍କ ହୋଇଉଠିଥାନ୍ତି। ଏମିତି ଏକ ସମୟରେ ଆମ ମାତୃଭାଷା ଓଡ଼ିଆର ଭବିଷ୍ୟତ ଉପରେ ଅନେକ ବୁଦ୍ଧିଜୀବୀଙ୍କ କଟାକ୍ଷ ଓ ସନ୍ଦେହପୂର୍ଣ୍ଣ ପ୍ରଶ୍ନ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପ୍ରତିଧ୍ୱନିତ ହେଉଛି। ଏହା ସ୍ଥିର ନିଶ୍ଚିତ ଯେ ସାଢ଼େ ୪କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ଦୈନିକ ବ୍ୟବହୃତ ହେଉଥିବା ଭାଷା କେବେ ମରିବନାହିଁ । ଓଡ଼ିଆ ଜନଜୀବନରେ ଭାଷାର ପ୍ରଭାବ ଏତେ ଗଭୀର ଥିଲା ଯେ ନଅଙ୍କ ଦୁର୍ଭିକ୍ଷ ସମୟରେ ଅନେକ ଲକ୍ଷ ଲୋକ ଅନ୍ନ ଅଭାବରୁ ମୃତ୍ୟୁବରଣ କରୁଥିବା ବେଳେ ଅନ୍ନ ଚିନ୍ତା ଛାଡ଼ି ଭାଷାର ସୁରକ୍ଷା ପାଇଁ ଏ ଜାତି ସଂଗ୍ରାମ ଆରମ୍ଭ କରିଥିଲା। ସାରା ବିଶ୍ୱରେ ପ୍ରତ୍ୟେକ ଜାତିକୁ ବିଭାଜିତକରି ସେଠାରେ ଶାସନ କରୁଥିବା ଇଂରେଜ ଶାସନ କାଳରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରକରି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ପରିକଳ୍ପନା କରିବା ଓ ତାହାର ସଫଳ ରୂପାୟନ କରାଇନେବା ବିଶ୍ୱ ଇତିହାସରେ ବିରଳ ଉଦାହରଣ । ପ୍ରତିକୂଳ ପରିସ୍ଥିତିରେ ନିଜକୁ ସଶକ୍ତକରି ନିଜ ଭାଷାକୁ ସମୃଦ୍ଧି ପଥରେ ଆଗେଇନେବା ଆମ ପୂର୍ବଜମାନେ ଆମକୁ ଶିକ୍ଷା ଦେଇଯାଇଛନ୍ତି। ତେଣୁ ସାମୟିକ ଦୁର୍ବଳତାର ଶିକାର ହୋଇ ଆମ ମାତୃଭାଷାକୁ ଆମେ ଅବହେଳା କରୁଥିଲେ ମଧ୍ୟ ଆମର ମାତୃଭାଷା ଭବିଷ୍ୟତରେ ଲୋପପାଇଯିବ, ଏକ ଅପରିକଳ୍ପିତ ଅଭିବ୍ୟକ୍ତି! ବିଶ୍ୱର ସର୍ବ ପୁରାତନ ଭାଷାଗୁଡ଼ିକ ମଧ୍ୟରୁ ଅନ୍ୟତମ ଆମ ଓଡ଼ିଆ ଭାଷାର ସାମ୍ପ୍ରତିକ ସମୟରେ ତୁଳନାତ୍ମକ ସ୍ଥିତି ଓ ଏହାର ଭବିଷ୍ୟତ ବିଷୟରେ ସଚେତନ ରହିବା ପ୍ରତ୍ୟେକ ନାଗରିକ, ବୁଦ୍ଧିଜୀବୀ, ଶାସକ, ପ୍ରଶାସକ ତଥା ଭାଷାପ୍ରେମୀମାନଙ୍କର ପ୍ରାଥମିକ ଦାୟିତ୍ୱ ହେବା ବାଞ୍ଛନୀୟ। ଏକ ଶାସ୍ତ୍ରୀୟ ଭାରତୀୟ ଭାଷା ଭାବରେ ସ୍ୱତନ୍ତ୍ର ପରିଚୟ ଆମ ଭାଷାକୁ ମିଳି ସାରିଛି। ଆମ ଅତୀତକୁ ନିରେଖି ଦେଖିଲେ ଆମ ଭାଷାର ଉତ୍ପତ୍ତି ଏକ ଗୌରବମୟ ଅତୀତର



ଗାଥାକୁ ସ୍ମରଣ କରାଇବା ସହ ପ୍ରତ୍ୟେକ ଓଡ଼ିଆ ଗର୍ବ କରିବାର ସୌଭାଗ୍ୟ ପ୍ରଦାନ କରେ। ବୌଦ୍ଧାୟନ ଅନୁଯାୟୀ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ପୂର୍ବରୁ କଳିଙ୍ଗର ଅସ୍ତିତ୍ୱ ରହିଥିଲା ଯାହା ବୈଦିକ ଯୁଗର ପୂର୍ବ ସମୟ ଭାବେ ଗ୍ରହଣ କରାଯାଏ। ଭାରତୀୟ ନାଟ୍ୟ ଶାସ୍ତ୍ରରେ ପ୍ରଥମଥର ପାଇଁ ଉଡ୍ର ବିଭାଷା ବିଷୟରେ ବର୍ଣ୍ଣନା ହୋଇଛି, ଯାହା ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ କଳିଙ୍ଗ ଜନପଦର ଉଡ୍ର ଦେଶର ଭାଷା ଥିଲା ବୋଲି ବର୍ଣ୍ଣିତ ଅଛି। ଏଥିରୁ ସ୍ପଷ୍ଟ ଅନୁମେୟ ୨ହଜାର ବର୍ଷରୁ ଅଧିକ ପ୍ରାଚୀନ ଆମ ମାତୃଭାଷା ଯାହା କେବଳ ଭାରତରେ ନୁହେଁ, ବିଶ୍ୱ ସ୍ତରରେ ସର୍ବ ପୁରାତନ ଭାଷାମାନଙ୍କ ମଧ୍ୟରୁ ଅନ୍ୟତମ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ରେ ଥିବା ସମ୍ରାଟ ଅଶୋକଙ୍କ ଶିଳାଲିପି, ହାତୀ ଗୁମ୍ଫାରେ ଥିବା ପ୍ରଥମ ଶତାବ୍ଦୀର ସମ୍ରାଟ ଖାରବେଳଙ୍କ ଶିଳାଲିପି, ତୃତୀୟ ଶତାବ୍ଦୀର ମହାରାଜା ଶ୍ରୀଗଣଙ୍କ ପ୍ରାଚୀର ଲିପି, ସପ୍ତମ ଶତାବ୍ଦୀର ଧର୍ମରାଜ ଦେବଙ୍କ ତାମ୍ରଲିପି ଠାରୁ ଆରମ୍ଭକରି ପରବର୍ତ୍ତୀ ସମୟରେ ଅସଂଖ୍ୟ ଶିଳାଲିପି, ତାମ୍ରଲିପି, ତାଳପତ୍ର ପୋଥି ଓ ଭାଷାର ପ୍ରାଚୀନତାର ସ୍ମାରକ ବହନ କରିବା ସହ ଏକ ଗରିମାମୟ ଇତିହାସକୁ ଆଗାମୀ ପିଢ଼ି ପାଇଁ ଉଜ୍ଜୀବିତକରି ରଖିଛି। ପରବର୍ତ୍ତୀ ସମୟରେ ପ୍ରାଚୀନ କାଳରୁ ପ୍ରସ୍ତର ଖୋଦିତ ଶିଳାଖଣ୍ଡ, ତାମ୍ର ବା କାଂସ୍ୟ ଫଳକ, ତାଳପତ୍ର ପୋଥି ଆଦି ଆମ ମାତୃଭାଷାର ବିବର୍ତ୍ତନକୁ ସଗର୍ବେ ଉପସ୍ଥାପିତ କରୁଛି। ୧୮୦୭ ମସିହାରେ ପ୍ରଥମ ଥର ପାଇଁ ମୁଦ୍ରଣ ପ୍ରେସ୍ ଦ୍ୱାରା ଓ ଭାଷାରେ ମୁଦ୍ରିତ ହେବା ଓ ୧୮୩୭ ମସିହାରେ ବ୍ରିଟିଶ ମିଶନାରି ଚାର୍ଲ୍ସ ଲେସିଙ୍କ ଦ୍ୱାରା ପ୍ରଥମ ଥର ପାଇଁ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ଏବଂ ୧୮୬୬ ମସିହାରେ କର୍ମବୀର ଗୌରିଶଙ୍କର ରାୟଙ୍କ ପ୍ରୟାସରେ ପ୍ରଥମ ଦେଶୀୟ ମୁଦ୍ରଣ ପ୍ରେସ୍ କଟକରେ ପ୍ରତିଷ୍ଠା ଆମ ଭାଷାର ଅଭ୍ୟୁଦୟରେ ମାଇଲଖୁଣ୍ଟ ହୋଇ ରହିଛି।

ଆମ ଭାଷା ବିବର୍ତ୍ତନର ଏହି ଅଦମ୍ୟ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନରେ ଆମେ ଉପନୀତ। ସାମ୍ପ୍ରତିକ ସମୟରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର ଦ୍ୱାରା ଆମ ସମସ୍ତଙ୍କର ଦୈନନ୍ଦିନ ପ୍ରଭାବିତ ହୋଇଛି। ଜୀବନର ପ୍ରତ୍ୟେକ ସୋପାନରେ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ସ୍ପଷ୍ଟ ଅନୁମେୟ ହେଉଛି। ଯେଉଁ ଭାଷା କମ୍ପ୍ୟୁଟରୀକରଣରେ ଯେତେ ଆଗୁଆ ସେହି ଭାଷା ତା'ର ଆଗାମୀ ପିଢ଼ି ପାଖରେ ସେତେ ଅଧିକ ଆଦୃତ। ବର୍ତ୍ତମାନ ସମୟରେ ପିଲାମାନେ ପୁସ୍ତକ ପଢ଼ିବା ବଦଳରେ ମୋବାଇଲ, କମ୍ପ୍ୟୁଟର, ଟ୍ୟାବ୍ ବା ଲାପ୍‌ଟପ୍‌ରୁ ପଢ଼ିବାକୁ ଅଧିକ ଉଚିତ ମନେକରୁଛନ୍ତି । ପ୍ରତ୍ୟେକ ପିଲାର ହାତରେ ମୋବାଇଲ ଫୋନ୍ ଥିବାରୁ ସେଥିରୁ ସେ ସମସ୍ତ କାର୍ଯ୍ୟ କରିବାକୁ ପ୍ରୟାସ କରୁଛି। ସମସ୍ତେ ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟରେ ନିଜର ସୃଜନଶକ୍ତିକୁ ଅନ୍‌ଲାଇନ ମାଧ୍ୟମରେ ଏକ ବୃହତ୍ ପାଠକ ସମାଜ ପାଖରେ ସହଜରେ ପହଞ୍ଚାଇବାର ପରିକଳ୍ପନା କରୁଛନ୍ତି। ଏହିସତ୍ୟକୁ ଭଲ ଭାବରେ ହୃଦୟଙ୍ଗମକରି ଏହାର ଡିଜିଟାଲାଇଜେଶନ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ଭାରତୀୟ ଭାଷାକୁ କମ୍ପ୍ୟୁଟରୀକରଣ ପ୍ରକ୍ରିୟାରେ ତାମିଲ, ଗୁଜରାଟୀ, ମରାଠୀ, ହିନ୍ଦୀ ପରି ଭାଷା ଅନେକ ଅଗ୍ରଗତି କରିଛନ୍ତି। ଏମିତି ଏକ ପରିବର୍ତ୍ତିତ ସମୟରେ ଓ ଭାଷାର କମ୍ପ୍ୟୁଟରୀକରଣର ଅଗ୍ରଗତିକୁ ଅନୁଧ୍ୟାନକଲେ ନିରାଶ ହେବାକୁ ପଡୁଛି।

ଓଡ଼ିଆ ଭାଷାକୁ କମ୍ପ୍ୟୁଟରୀକରଣ ପାଇଁ ଓ ଫଣ୍ଟ ଏବଂ କୀ ବୋର୍ଡର ମାନକୀକରଣ, ୟୁନିକୋଡ୍ ଗ୍ରହଣ, ଅନ୍ତର୍ଜାତୀୟକରଣ ଏବଂ ସ୍ଥାନୀୟକରଣ ପାଇଁ ନୀତି ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବା ଅତ୍ୟନ୍ତ ଜରୁରୀ। ଫଣ୍ଟ ବିକାଶ ଏବଂ ଉପଲବ୍ଧତାରେ କାଲିଗ୍ରାଫିକ୍ ଫଣ୍ଟ ଏବଂ ଇ-ଗଭର୍ନାନ୍ସ ପ୍ରୟୋଗ ପାଇଁ ସ୍ୱତନ୍ତ୍ର ଫଣ୍ଟ ସମେତ ବିଭିନ୍ନ ଡିଭାଇସ୍ ଏବଂ ଗଣମାଧ୍ୟମ ପାଇଁ ମାନକୀକରଣ ଫଣ୍ଟର ଏକ ବିସ୍ତୃତ ପରିସର ସୁନିଶ୍ଚିତ କରିବା ଆବଶ୍ୟକ । ମାନକ ଏବଂ ସର୍ବୋତ୍ତମ ଅଭ୍ୟାସ ଉପରେ ସରକାରୀ କର୍ମଚାରୀମାନଙ୍କୁ ତାଲିମ ଦିଆଯିବା ଓ ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରି ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆରେ ପ୍ରକାଶନ କରିବାକୁ ଉତ୍ସାହିତ କରିବା ଏହି ପ୍ରକ୍ରିୟାକୁ ସମୃଦ୍ଧ କରିବ। ଭାଷା ଉତ୍ପାଦ, ଉପକରଣ ଏବଂ ପ୍ରଶିକ୍ଷିତ ସ୍ଥାନୀୟକରଣ ବିଶେଷଜ୍ଞଙ୍କ ପାଇଁ ପ୍ରମାଣୀକରଣ ବ୍ୟବସ୍ଥା ବିନା ଅନ୍ତର୍ଜାତୀୟ ସ୍ତରରେ ଆମ ଭାଷାର ଗ୍ରହଣୀୟତା ହ୍ରାସ ପାଇବ। ଏକଭାଷୀ, ଦ୍ୱିଭାଷୀ ଏବଂ ବହୁଭାଷୀ ଅଭିଧାନ ଏବଂ ମଲ୍ଟିମିଡିଆ ସମ୍ବଳ ସମେତ ବିଷୟବସ୍ତୁର ବିକାଶ ପାଇଁ ସମର୍ପିତ ପ୍ରୟାସ ଜରୁରୀ । ସରକାର ଅନୁମୋଦିତ ଫଣ୍ଟ ଏବଂ ଉପକରଣ ଅନ୍ତର୍ଭୁକ୍ତ କରିବା, ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ବ୍ୟବସାୟିକ ଅନୁଷ୍ଠାନ ଆପଲ୍, ଗୁଗୁଲ୍, ମାଇକ୍ରୋସଫ୍ଟ ପରି ଶିଳ୍ପ ସହଯୋଗୀ ସହ ଜଡ଼ିତ ହେବାକୁ ପଡ଼ିବ। ଶେଷରେ ସହଜ ଏବଂ ତ୍ରୁଟିଶୂନ୍ୟ ମୋବାଇଲ ଆପ୍ ମାଧ୍ୟମରେ ସାଧାରଣ ଜନତାଙ୍କୁ ଓଡ଼ିଆ ଭାଷା ସହ ଯୋଡ଼ି ରଖିବାର ବ୍ୟବସ୍ଥା ହେବା ଆବଶ୍ୟକ। ଏହି ଦିଗରେ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହାକୁ ବ୍ୟାପକ କରିବା ପାଇଁ ଆହୁରି ବିଧିବଦ୍ଧ ପ୍ରୟାସର ଆବଶ୍ୟକତା ସୃଷ୍ଟି ହୋଇଛି। ଏଣୁ ଜଗତୀକରଣ ସମୟରେ ଆମ ଭାଷାର ବ୍ୟବହାର, ଗୁରୁତ୍ୱ, ଐତିହ୍ୟ ତଥା ଆବଶ୍ୟକତା ସାରା ବିଶ୍ୱରେ ପ୍ରତିପାଦିତ କରିବା ସହ ଏହାର ଭବିଷ୍ୟତ ସୁରକ୍ଷିତ ରଖିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ସମର୍ପିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ।

ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦

# ହଜିବାରେ ଆନନ୍ଦ



ଡ. ସୀତାକାନ୍ତ ତ୍ରିପାଠୀ

ଗୁରୁକୁଳରେ ଶିକ୍ଷା ସମାପ୍ତ ପରେ ଶିଷ୍ୟର ଜ୍ଞାନ ପରୀକ୍ଷା ନିମନ୍ତେ ଗୁରୁ ତାଙ୍କ ଶିଷ୍ୟକୁ ପ୍ରଶ୍ନ ପଚାରିଲେ; ୧ରେ ୧ ଯୁକ୍ତ କଲେ ଉତ୍ତର କ'ଣ ହେବ? ଶିଷ୍ୟ କହିଲେ, '୧' ହେବ । ଗୁରୁ ପୁଣି ପଚାରିଲେ ତା'ହେଲେ ୧ରୁ ୧ ବିୟୋଗ କଲେ କେତେ ରହିବ ? ଶିଷ୍ୟ କହିଲେ '୨'। ଏ ପ୍ରକାର ସହଜ ଓ ସରଳ ପ୍ରଶ୍ନର ଉକ୍ତ ଅଦ୍ଭୁତ ଉତ୍ତର ଶୁଣି ଅନ୍ୟ ଶିଷ୍ୟମାନେ ଯେତିକି ଆଶ୍ଚର୍ଯ୍ୟ ହେଲେ ତା'ଠାରୁ ଅଧିକ ବିସ୍ମିତ ହେଲେ। ତେବେ ଶିଷ୍ୟମାନଙ୍କର ସଂଶୟ ଦୂର କରିବାକୁ ଯାଇ ଗୁରୁଦେବ କହିଲେ, ପିଲାମାନେ ଶୁଣ ! ପରମାତ୍ମା ହେଲେ ଏକ ଏବଂ ତାଙ୍କଠାରୁ ଜୀବାତ୍ମା ବିଯୁକ୍ତ ହୋଇ ଆସିଲେ ପରମାତ୍ମାଙ୍କ ସତ୍ତା ସହିତ ଜୀବାତ୍ମାର ସତ୍ତା ମଧ୍ୟ ବଳବତ୍ତର ରହିଲା। ତେଣୁ ଉତ୍ତର ହେଲା ଦୁଇ। ଠିକ୍ ସେହିଭଳି ପରମାତ୍ମାଙ୍କ ସହିତ ଜୀବାତ୍ମା ମିଶିଗଲେ ଜୀବାତ୍ମା ତା' ନିଜର ସତ୍ତା ହଜାଇ ବସେ ତେଣୁ ୧ରେ ୧ ମିଶିଲେ ଉତ୍ତର ଏକ ହେବ। ତେବେ ଏହାକୁ ଯଦି ସାଂସାରିକ କ୍ଷେତ୍ରରେ ଆମେ ପ୍ରୟୋଗ କରିବା ତା'ହେଲେ ଗୋଟିଏ ଯୌଥ ପରିବାରରୁ ଜଣେ ଜଣେ ଭାଇ ଅଲଗା ହେଲେ ପରିବାର ସଂଖ୍ୟା ବଢ଼ିଚାଲେ। ଶେଷରେ ପରିବାର ଆରମ୍ଭ କରିଥିବା ବାପା-ମା' ଏହି ଏକାନ୍ନବର୍ତ୍ତୀ ପରିବାରଗୁଡିକ ମଧ୍ୟରେ ଭାଗ ହୋଇଯାଆନ୍ତି । ସାଧାରଣ ଭାବେ ଆମର କୌଣସି ଜିନିଷ ହଜିଗଲେ ଆମେ ଦୁଃଖ କରୁଥିବା ବେଳେ ଏହି ବାପା-ମା' ଦୁଇଜଣ ତଥାକଥିତ ଏକାନ୍ନବର୍ତ୍ତୀ ପରିବାରଗୁଡ଼ିକରୁ ହଜିଗଲେ ପ୍ରାୟ ସମସ୍ତେ ଖୁସି ହୋଇ ଥାଆନ୍ତି; 'ଯାହା ହେଉ ଅଯଥା ମୁଣ୍ଡବିନ୍ଧାରୁ ମୁକ୍ତି ମିଳିଗଲା'।

ଏ ସମ୍ପର୍କରେ ବେଶ୍ କିଛିଦିନ ପୂର୍ବେ ଖବରକାଗଜ ପୃଷ୍ଠାରେ ଏହି ବାପା-ମା'ଙ୍କ ସମ୍ପର୍କିତ ଏକ ଆଲେଖ୍ୟ ବେଶ୍ ପ୍ରଣିଧାନଯୋଗ୍ୟ। ନିଜର ବୁଢ଼ାବାପାଙ୍କୁ ତୀର୍ଥ କରାଇବା ବାହାନାରେ ପୁଅ ଜଣକ ବାହାରକୁ ବୁଲାଇବାକୁ ନେଇ ସହରରେ ଛାଡି ଦେଇ ଅନ୍ତର୍ଦ୍ଧାନ ହୋଇଗଲେ। ଯେଉଁଥିପାଇଁ ବିଚରା ବାପା ଜଣକ ଏଠି ସେଠି ଭିକ୍ଷାବୃତ୍ତି କରି ଚଳିଲେ। ଉକ୍ତ ବୟସ୍କ ଲୋକଙ୍କ ଆଚାର ବ୍ୟବହାରକୁ ଲକ୍ଷ୍ୟକରି କିଛି ସ୍ୱେଚ୍ଛାସେବୀ ତାଙ୍କୁ ପରିଚୟ ପଚାରିବା ପରେ ତାଙ୍କର ଉତ୍ତର ଥିଲା; ମୋ ପୁଅ କ'ଣ ମୋତେ ଖୋଜୁଛି ? ସିଏ ମୋତେ



ହଜାଇ ଦେବାରେ ଯଦି ଖୁସି ପାଇଲା ତା'ହେଲେ ମୁଁ ହଜି ଯିବାରେ କାହିଁକି ଦୁଃଖ ପାଇବି ? ଏ ଦୁନିଆରୁ ସବୁଦିନ ପାଇଁ ହଜିଯିବା ପୂର୍ବରୁ ନିଜକୁ ତ' ବଞ୍ଚାଇବାକୁ ପଡ଼ିବ। ଏଠାରେ ହଜାଇଥିବା ଲୋକର ପରବର୍ତ୍ତୀ ସମୟର ମାନସିକତା ସମ୍ପର୍କରେ ଆଲୋଚନା କରିବା ନିଷ୍ପ୍ରୟୋଜନ।

ପୁରାଣ ଯୁଗରୁ ଏପର୍ଯ୍ୟନ୍ତ ଜଣେ ଅବିବାହିତା ମା' ନିଜର ତଥା ନିଜ ପରିବାରର ସମ୍ମାନ ତଥା ଶିଶୁର ଭବିଷ୍ୟତକୁ ଏକା ସାଙ୍ଗରେ ନ୍ୟାୟ ଦେବା ସମ୍ଭବ ହୋଇ ପାରି ନ ଥାଏ। ତେଣୁ କେତେବେଳେ ସିଏ ସଂସାରରୁ ହଜିଯିବା ପାଇଁ ଶ୍ରେୟସ୍କର ମନେକରୁଥିବା ବେଳେ ଆଉ କେତେବେଳେ ଶିଶୁଟିକୁ ଜାଣିଶୁଣି ହଜାଇ ଦେଇ ଅନ୍ତର୍ଦ୍ୱନ୍ଦ୍ୱ ମନକୁ ନେଇ ବରଂ ବଞ୍ଚେ କିନ୍ତୁ ଶିଶୁଟିକୁ ଧରି ତଥାକଥିତ ଦୁନିଆ ଆଗରେ ମୁଣ୍ଡଟେକି ବଞ୍ଚିବା ପାଇଁ ସାହସ ଜୁଟାଇ ପାରି ନ'ଥାଏ। କାଳର କରାଳ ଗତିରେ ବହିଯାଇଥିବା ଓ ହଜିଯାଇଥିବା ଶୃଙ୍ଗାର ବା ମିଳନର ପର୍ବକୁ ପ୍ରମାଣ କରିବାକୁ ପ୍ରାୟତଃ ଚାହିଁ ନ ଥାଏ, ଯେଉଁଥିପାଇଁ ବିଗତ ଦିନର ପ୍ରିୟ ପୁରୁଷକୁ ମଧ୍ୟ ହଜାଇ ଦେଇ ବରଂ ଆନନ୍ଦ ପାଇବା ପାଇଁ ଚେଷ୍ଟା କରିଥାଏ।

ଆଉ ଯେଉଁ ମା'ମାନେ ଜାଣିଶୁଣି ସେମାନଙ୍କ ପିଲାମାନଙ୍କୁ ହଜାଇ ଦେଇଥାଆନ୍ତି ଉକ୍ତ ପିଲାମାନେ ନିଜର ହଜି ଯାଇଥିବା ପିତା-ମାତାଙ୍କ ପରିଚୟକୁ ପ୍ରମାଣ କରିବା ଅପେକ୍ଷା ନିଜର ଅତୀତକୁ ଭୁଲିଯାଇ ସମାଜର ମୁଖ୍ୟସ୍ରୋତରେ ନିଜକୁ ହଜାଇ ଦେବାର ଆନନ୍ଦ ମିଳିଥାଏ।

ଅଧ୍ୟାତ୍ମବାଦ କୁହେ ମାୟା ବିଜଡ଼ିତ ସଂସାରରୁ ନିଜର କାମନାଗୁଡିକୁ ହଜାଇ ଦେଇପାରିଲେ ହିଁ ମୋକ୍ଷପ୍ରାପ୍ତ ହୋଇଥାଏ। କାରଣ, ଯେ ପର୍ଯ୍ୟନ୍ତ 'ମୁଁ ସଂସାରର ଆଉ ସଂସାର ମୋର' ବୋଲି ମଣିଷ ଭାବିଥାଏ ସେ ପର୍ଯ୍ୟନ୍ତ ନା ସିଏ କିଛି ହଜାଇବାକୁ ଚାହେଁ ନା ସିଏ ସଂସାରକୁ ହଜିଯିବା ପାଇଁ ଭାବିଥାଏ। ତେଣୁ ନିଜକୁ ସମସ୍ତ ବନ୍ଧନରୁ ମୁକ୍ତ କରିଦେଇ ବିଭୁ ପଦାରବିନ୍ଦରେ ନିଜକୁ ହଜାଇ ଦେଇପାରିଲେ ହିଁ ଆନନ୍ଦ। ଗୀତାବାଣୀ କୁହେ, ତୁମେ କ'ଣ ଆଣିଥିଲ ଆଉ କ'ଣ ନେଇ ଯିବ ଯେ ହଜିଗଲା ବୋଲି ଦୁଃଖ କରୁଛ! ଯାହା ଆଣିଥିଲ ଏହି ସଂସାରରେ ଏବଂ ଯାହା ଛାଡିଦେବେ ଏହି ସଂସାରରେ ତେଣୁ ହଜାଇ ଦେବାର ଦୁଃଖ ଛାଡି ନିଜେ ନିରାସକ୍ତ କର୍ମରେ ହଜିଯିବାରେ ହିଁ ଆନନ୍ଦ।

ଭଦ୍ରକ, ମୋ: ୯୭୭୮୭୬୪୩୯୪

## ଏଇ ଭାରତରେ

କୃଷକମାନେ ପରିଶ୍ରମ କରି ଚାଷ କରୁଛନ୍ତି। ଏହା ସହ ଜଳବାୟୁ ପରିବର୍ତ୍ତନ କୃଷି ଉପରେ ଦାଉ ସାଧୁଛି। ଫସଲ ଉତ୍ପାଦନ କମିବାରେ ଲାଗିଛି। ଏଭଳି ସ୍ଥିତିରେ ବହୁ ସମୟରେ ବନ୍ୟପ୍ରାଣୀ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏଣୁ ଚାଷୀମାନେ ସେମାନଙ୍କୁ ହତ୍ୟା କରୁଛନ୍ତି କିମ୍ବା ସେମାନେ ଗୁରୁତର ଆହତ ହେଉଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟା ସମାଧାନ କରିବାରେ ବେଙ୍ଗାଲୁରୁର କଟିଧନ ଷ୍ଟାର୍ଟଅପ ପଦକ୍ଷେପ ନେଉଛି। ଏସ୍‌ଆର୍ ଆୟନ ଏହି ଷ୍ଟାର୍ଟଅପ ପ୍ରତିଷ୍ଠା କରିଛନ୍ତି। ପ୍ରାଣୀଙ୍କୁ କ୍ଷେତଠାରୁ ଦୂରେଇ ରଖିବା ପାଇଁ ସେ ପ୍ରଯୁକ୍ତି ଓ ପ୍ରାଣୀ ମନସ୍ତତ୍ତ୍ୱ ବିଜ୍ଞାନର ବ୍ୟବହାର କରୁଛନ୍ତି। ଫଳରେ ପ୍ରାଣୀଙ୍କୁ ଫସଲଠାରୁ ଦୂରେଇ ରଖିବାରେ ସଫଳତା ମିଳୁଛି। ଏହି ପଦ୍ଧତିରେ ପ୍ରାଣୀଙ୍କର କୌଣସି କ୍ଷତି ଘଟୁନାହିଁ। ଆୟନ ଜଣେ ରୋବୋଟିକ ଇଞ୍ଜିନିୟର ଓ ସେ କଞ୍ଜୁମର ରୋବୋ ନିର୍ମାଣ କରୁଥିଲେ। କିନ୍ତୁ ପ୍ରାଣୀ- ମଣିଷ ସଂଘର୍ଷର କ୍ଷତି ବିଷୟରେ ଜାଣିବା ପରେ ଏହାକୁ ହ୍ରାସ କରିବା ଲାଗି ଉପାୟ ଚିନ୍ତା କରିଥିଲେ। ପରେ କେତେଜଣ ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ସହ ଏକ ଛୋଟ ଟିମ୍‌କୁ ନେଇ କାମ ଆରମ୍ଭ କରିଦେଇଥିଲେ ଓ ସଫଳତା ମଧ୍ୟ ପାଇଥିଲେ। ସୌରଶକ୍ତିଚାଳିତ ଅଟୋଲାଇଟ ଏହାର ମୁଖ୍ୟ ସାଧନ, ଯାହା ହାତୀ, ବାଘ, ବାର୍ହା ଆଦି ପ୍ରାଣୀଙ୍କୁ ସହଜରେ କ୍ଷେତ ନିକଟରୁ ତଡ଼ି ଦେଇପାରୁଛି। ଏହି ଉତ୍ପାଦ ସ୍ୱୟଂଚାଳିତ । ଏହା ରାତିସାରା ବିଭିନ୍ନ ପ୍ରକାରରେ ଫ୍ଲାଶ ଲାଇଟ ଦେଇଥାଏ ଓ ସେଠାରେ ପ୍ରାଣୀଙ୍କ ମଧ୍ୟରେ ଦିନରାତିର ଦ୍ୱନ୍ଦ୍ୱ ସୃଷ୍ଟି କରି ସେମାନଙ୍କୁ ତଡ଼ି ଦେଇଥାଏ। ଏଥିରେ ପ୍ରାଣୀମାନଙ୍କର କୌଣସି କ୍ଷତି ହୋଇ ନ ଥାଏ। ଏବେସୁଦ୍ଧା ଏହି କମ୍ପାନୀ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ ୨,୦୦୦ରୁ ଅଧିକ କୃଷକଙ୍କ ନିକଟରେ ତାହାର ଉତ୍ପାଦକୁ ପହଞ୍ଚାଇସାରିଲାଣି। ଆୟନ ଆଗକୁ ସବୁ ରାଜ୍ୟର କୃଷକଙ୍କ ନିକଟରେ ଏହାକୁ ପହଞ୍ଚାଇବାର ଯୋଜନା କରୁଛନ୍ତି।

## ସୁଡୋକୁ

su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 2 | | | 1 | | 6 | 9 | | |
| | | | | | | 4 | | |
| | | | | 9 | 5 | 1 | 8 | 3 |
| | | | 6 | | 4 | | | |
| 3 | | 6 | | 2 | | | | |
| | | 1 | 5 | | | | | |
| 7 | | | | | | | 9 | |
| | | 2 | | | 8 | 6 | 5 | |
| | 9 | | | | 1 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 7 | 5 | 9 | 3 | 8 | 6 | 4 |
| 4 | 8 | 6 | 7 | 1 | 2 | 5 | 3 | 9 |
| 3 | 9 | 5 | 6 | 4 | 8 | 7 | 1 | 2 |
| 7 | 4 | 8 | 3 | 6 | 5 | 2 | 9 | 1 |
| 9 | 3 | 2 | 1 | 8 | 7 | 6 | 4 | 5 |
| 6 | 5 | 1 | 9 | 2 | 4 | 3 | 7 | 8 |
| 8 | 1 | 3 | 4 | 5 | 6 | 9 | 2 | 7 |
| 2 | 7 | 4 | 8 | 3 | 9 | 1 | 5 | 6 |
| 5 | 6 | 9 | 2 | 7 | 1 | 4 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିଳ୍ପ ସ୍ୱପ୍ନ ବାସ୍ତବାଭିମୁଖୀ ହେଉ

ମହାଶୟ,

ମେକ୍ ଇନ୍ କନ୍‌କ୍ଲେଭ-୨୦୨୫ରେ ପ୍ରଗତି ଆଣି ଉତ୍କଳକୁ ଉତ୍କର୍ଷ କରିବାର ପ୍ରଚେଷ୍ଟାକୁ ସାଧୁବାଦ। ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ବିକଶିତ ଓଡ଼ିଶା ଗଢ଼ିବାରେ ପୂର୍ବ ସରକାର ବିଫଳତା ପ୍ରମାଣିତ କରିସାରିଛନ୍ତି। ବହୁଦେଶର ଶିଳ୍ପ ପ୍ରତିନିଧିମାନଙ୍କ କନ୍‌କ୍ଲେଭ ଓ ସେମାନଙ୍କ ସହିତ ଏମ୍‌ଓୟୁ ସ୍ୱାକ୍ଷର ଘଟଣା ଅନେକ ଆଶା ଓ ସମ୍ଭାବନା ଭରିଦେଇଥିଲା। କିନ୍ତୁ ଶିଳ୍ପ ଆସିଲା ନାହିଁ। ପୋସ୍କୋ ଭଳି ବଡ଼ ଏଫ୍‌ଡିଆଇ ଓଡ଼ିଶା ହରାଇଲା। ବେରୋଜଗାର, ଦାଦନ ଯେମିତି ଥିଲା ସେମିତି ରହିଗଲା। ଶିଳ୍ପରୁ ସମୃଦ୍ଧି ସର୍ବଜନ ଗ୍ରହଣୀୟ ସତ୍ୟ। ପୂର୍ବ ଭାରତର ବିକାଶ ଇଞ୍ଜିନ ହେବା ପାଇଁ ଓଡ଼ିଶାରେ ଅନେକ ଖଣି ଗର୍ଭ ଅଛି। କେବଳ ଶିଳ୍ପ ପ୍ରତିଷ୍ଠାକୁ ଅପେକ୍ଷା। ଆଶା କରିବି, ଏଥର ରାଜ୍ୟ ସରକାର ଶିଳ୍ପ ସ୍ୱପ୍ନକୁ ବାସ୍ତବାଭିମୁଖୀ କରିବାରେ କୃପଣତା ପ୍ରଦର୍ଶନ ନ କରନ୍ତୁ।

-ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା, ପୁରୀ

### ଚୂନରା ସେବକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିସରସ୍ଥ ମୁଖ୍ୟ ମନ୍ଦିରର ଉଚ୍ଚତା ୨୧୪.୮ ଫୁଟ। ଏହାର ଅଗ୍ରଭାଗରେ ନୀଳଚକ୍ର ରହିଛି ଓ ଏହା ଉପରେ ଫର ଫର ହୋଇ ଉଡୁଛି ପତିତପାବନ ବାନା। ପ୍ରକାଶଥାଉ କି ପ୍ରଗାଢ଼ ନିଷ୍ଠା ଓ ଭକ୍ତି ବଳରେ ଚୂନରା ସେବକମାନେ ଏହି ଅତି ଉଚ୍ଚ ମନ୍ଦିର ଉପରକୁ ଯାଇ ବାନା ବାନ୍ଧନ୍ତି ଓ ପ୍ରଭୁଙ୍କ କରୁଣାରେ ନିର୍ବିଘ୍ନରେ ତଳକୁ ଆସିପାରନ୍ତି। ତେବେ ଖୁବ୍ ନିକଟରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରର ଜନୈକ ସେବାୟତ ମନ୍ଦିର ଉପରୁ ଖସି ପଡ଼ିବା ଘଟଣା ଚିନ୍ତାର ବିଷୟ। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଶ୍ରୀମନ୍ଦିର ଦଧିନଉତିକୁ ଯାଉଥିବା ସେବାୟତଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ସତର୍କତା ଓ ପ୍ରତିଷେଧାତ୍ମକ ଉପାୟ ଅବଲମ୍ବନ କରିବା ଦରକାର।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ପୁରୀ

## ଚିରନ୍ତନୀ

ପରାଣପ୍ରିୟା, ହୃଦୟରାଣୀ
ଆସ ଗୋ ମୋର ଚଳ-ଚାହାଣି,
ଦୁଃଖ ସୁଖର ଛନ୍ଦବାଣୀ ସଙ୍ଗୀତ
ଗନ୍ଧ ମୋର, ପରଶ ମୋର ଇଙ୍ଗିତ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)




ବିହାର ବିଧାନସଭାର ବଜେଟ ଅଧିବେଶନ ଚାଲିଥିବା ବେଳେ ବିଭିନ୍ନ ପ୍ରସଙ୍ଗକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରି ଦେବୀଙ୍କ ସହ ଆର୍‌ଜେଡିର ନେତାମାନେ ସୋମବାର ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପଦବୀ ହରାଇଲେ କବିସୂର୍ଯ୍ୟନଗର ଏନ୍‌ଏସି ଅଧ୍ୟକ୍ଷା

## ଅନାସ୍ଥା ଭୋଟ ପୂର୍ବରୁ ଦେଲେ ଇସ୍ତଫା

**କବିସୂର୍ଯ୍ୟନଗର, ୧୭।୩(କୃପାସିନ୍ଧୁ ସ୍ୱାଇଁ)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଏନ୍‌ଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ ଅନାସ୍ଥା ଭୋଟରେ ହାରିଛନ୍ତି। ସୋମବାର ଅନାସ୍ଥା ଭୋଟ୍‌ର କିଛି ସମୟ ପୂର୍ବରୁ ଅଧ୍ୟକ୍ଷା ନିଜ ଇସ୍ତଫାପତ୍ର କବିସୂର୍ଯ୍ୟନଗର ଦାୟିତ୍ୱରେ ଥିବା କୋଦଳା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ପ୍ରଦାନ କରିଥିଲେ। ତେବେ ଇସ୍ତଫା ଗୃହୀତ ହୋଇ ନ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଛତ୍ରପୁର ଉପଜିଲାପାଳ ସୁବାଶିଷ ବରାଳଙ୍କ ଉପସ୍ଥିତିରେ ଅନାସ୍ଥା ଭୋଟ ଗ୍ରହଣ କରାଯାଇଥିଲା। ସକାଳେ ୧୬ ଜଣ କାଉନସିଲର ପ୍ରାକ୍ତନ ଉପାଧ୍ୟକ୍ଷ କୁମୁଦ ସାହୁଙ୍କ ଘରେ ଏକ ବୈଠକରେ ଏକତ୍ରିତ ହୋଇଥିଲେ। ସେଠାରୁ ସମସ୍ତେ ଚାଲିକରି ମା' ମହାମାୟୀଙ୍କ ପୀଠକୁ ଯାଇଥିଲେ। ମା'ଙ୍କ ନିକଟରେ ଏକ ଦୀପ ଜଳାଇ ସମସ୍ତେ ଏକତ୍ରିତ ହେବା ଓ ଏନ୍‌ଏସିର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏହାପରେ କାଉନ୍‌ସିଲରମାନେ ଏନ୍‌ଏସି କାର୍ଯ୍ୟାଳୟକୁ ଭୋଟ ଦେବାପାଇଁ ଆସିଥିଲେ। ସମସ୍ତ ୧୬ କାଉନ୍‌ସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା ଯୋଗୁ ଅଧ୍ୟକ୍ଷା ସେଠୀ ତାଙ୍କ ପଦବୀ ହରାଇଛନ୍ତି। ଉପଜିଲାପାଳ କହିଛନ୍ତି, ୧୬ ଜଣ କାଉନସିଲର ଭୋଟ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସେମାନେ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ଜଣେ ଭାଜପା କାଉନ୍‌ସିଲର ଓ ଜଣେ ବିଜେଡି କାଉନସିଲର ଅନୁପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଅଧ୍ୟକ୍ଷା ସେଠୀ ମାନସିକ ଚାପ, ହତୋତ୍ସାହିତ ଓ ବିଷାଦଗ୍ରସ୍ତ ଥିବା ହେତୁ ଇସ୍ତଫା ଦେଇଥିବା କହିଛନ୍ତି। ଅଧ୍ୟକ୍ଷା ହଟିବା ପରେ ସହରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କାଉନ୍‌ସିଲରମାନେ କହିଛନ୍ତି।

ସୂଚନାଯୋଗ୍ୟ, କବିସୂର୍ଯ୍ୟନଗର ଏନ୍‌ଏସିର ମୋଟ ୧୮ କାଉନ୍‌ସିଲରଙ୍କ ମଧ୍ୟରୁ ୧୭ ଜଣ ବିଜେଡିର। ଅଧ୍ୟକ୍ଷା ମନମୁଖୀ କାର୍ଯ୍ୟ କରୁଥିବା, ପିସି ନେଉଥିବା ଓ କାଉନ୍‌ସିଲରଙ୍କ ସହ କୌଣସି ପ୍ରସଙ୍ଗରେ ଆଲୋଚନା କରୁ ନ ଥିବା ଆଦି ଅଭିଯୋଗ ଯୋଗୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ଗତ ୨୪ ତାରିଖରେ ୧୬ ଜଣ କାଉନ୍‌ସିଲର ଜିଲାପାଳ ବିଦ୍ୟୁଜ୍ୟୋତି ପରିଡ଼ାଙ୍କ ନିକଟରେ ଅନାସ୍ଥା ପାଇଁ ଅଭିଯୋଗ କରିଥିଲେ। ମାର୍ଚ୍ଚ ୧୭ ତାରିଖରେ ଅନାସ୍ଥା ଭୋଟ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



କବିସୂର୍ଯ୍ୟନଗର ଦାୟିତ୍ୱରେ ଥିବା କୋଦଳା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ ଇସ୍ତଫାପତ୍ର ଦେଉଛନ୍ତି।

# ବଢୁଛି ଆପରାଧିକ କାର୍ଯ୍ୟକଳାପ, ବିରୋଧୀଙ୍କ ହଟ୍ଟଗୋଳ

**ଭୁବନେଶ୍ୱର, ୧୭।୩(ରବିନାରାୟଣ ଜେନା)**

- ■ଧୋଇଗଲା ବିଧାନସଭା ପ୍ରଶ୍ନକାଳ
- ■ମହିଳାଙ୍କୁ ସୁରକ୍ଷା ଦିଅ:କଂଗ୍ରେସ
- ■ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ:ବିଜେଡି
- ■ବିରୋଧୀଙ୍କ ଦୋମୁହାଁ ନୀତି:ଭାଜପା

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ହୋଲିରେ ସାରା ରାଜ୍ୟରେ ହିଂସାକାଣ୍ଡ ଦେଖାଦେଇଛି। ଖୋଦ୍ ରାଜଧାନୀରେ ଦୁଇଟି ହତ୍ୟାକାଣ୍ଡ ଘଟିଥିବାବେଳେ କଟକରେ ଗୁଳିମାଡ଼ ହୋଇଛି । ସରକାର ଅପରାଧୀଙ୍କୁ ସୁଯୋଗ ଦେଉଥିବାରୁ ପୋଲିସର ମନୋବଳ ଭାଙ୍ଗିଛି। ଗୋଟିଏ ପଟେ ମହିଳାମାନେ ଅସୁରକ୍ଷିତ ମଣୁଥିବାବେଳେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସ୍ଲୋଗାନ ଦେଇ ବିଜେଡି-କଂଗ୍ରେସ ସୋମବାର ଗୃହରେ ହଟ୍ଟଗୋଳ କରିଥିଲେ। ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀଙ୍କ ହଟ୍ଟଗୋଳ ଓ ସ୍ଲୋଗାନ ଏତେ ତୀବ୍ର ଥିଲା ଯେ, ଗୃହ ୫ମିନିଟ୍ ପାଇଁ ଚାଲିପାରି ନ ଥିଲା। ଗୃହକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବାପାଇଁ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ସଦସ୍ୟଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ଅପରାହ୍ନ ୧୨ଟା ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପ୍ରଶ୍ନକାଳରେ ବିରୋଧୀଙ୍କ ହଟ୍ଟଗୋଳକୁ ନେଇ ଭାଜପା ତୀବ୍ର ସମାଲୋଚନା କରିଛି। ବିରୋଧୀ ଦୋମୁହାଁ ନୀତି ଧରିଛନ୍ତି ବୋଲି ଭାଜପା କହିଛି।

ସୋମବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଆରମ୍ଭ କରିଥିଲେ। କେତେକ ସଦସ୍ୟ ହାତରେ 'ଧରିତ୍ରୀ' ଖବରକାଗଜ ଧରି ରାଜ୍ୟରେ କିଭଳି ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଛି ତାହାର ପ୍ରଦର୍ଶନ କରିଥିଲେ। ଗୋଟିଏ ପଟେ ବିଜେଡି ଆଇନଶୃଙ୍ଖଳା ବିଷୟ ଉଠାଇ ସରକାରଙ୍କୁ ଅଡ଼ୁଆରେ ପକାଇବାକୁ ଚେଷ୍ଟା କରିଥିବାବେଳେ କଂଗ୍ରେସ ମହିଳା ଅସୁରକ୍ଷିତ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲା। ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଥିଲେ, ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଛି। ହୋଲିରେ ରାଜ୍ୟର ବିଭିନ୍ନ ସ୍ଥାନରେ ମୁଣ୍ଡ ଗଡ଼ିଛି। ଏ ନେଇ ବିଜେଡି ମୁଲତବୀ ପ୍ରସ୍ତାବ ଦେଇଥିଲେ ମଧ୍ୟ ସରକାର ଗ୍ରହଣ କଲେନାହିଁ। ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ଗୃହରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ବ୍ୟୋମକେଶ କହିଥିଲେ।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ମହିଳା ସୁରକ୍ଷା ସମ୍ପର୍କିତ ଗୃହ କମିଟି ଗଠନ ନେଇ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କଂଗ୍ରେସ ବିଧାନସଭାରେ ପ୍ରତିବାଦ ଜାରି ରଖିବ । କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟରେ ମହିଳାବିରୋଧୀ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। କଂଗ୍ରେସ ବିଧାନସଭାରେ ଏନେଇ ପ୍ରତିବାଦ କରିଆସୁଛି, ମାତ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟରେ ମହିଳାବିରୋଧୀ ଅପରାଧ ରୋକିବା ପାଇଁ ଏକ କଠୋର ଆଇନ ଆଣିବା ଲାଗି କଂଗ୍ରେସ ବିଧାନସଭାରେ ଏକ ସର୍ବଦଳୀୟ ଗୃହ କମିଟି ଗଠନ କରିବାକୁ ଦାବି କରିଛି। ହେଲେ ସରକାର ଶୁଣୁନାହାନ୍ତି ବୋଲି ବାହିନୀପତି କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ସନାତନ ବିଜୁଳି କହିଛନ୍ତି, ବିରୋଧୀ ଦଳ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଗୃହରେ ପ୍ରଶ୍ନକାଳ ଚଳାଇ ଦେଉନାହାନ୍ତି। ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ସେ କହିଛନ୍ତି, ସରକାର ସବୁବେଳେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ବିରୋଧୀ ଗୋଟିଏ ପଟେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଦେଉଛନ୍ତି, ଅନ୍ୟପଟେ ଗୃହକୁ ଅଚଳ କରୁଛନ୍ତି। ଏହା ବିରୋଧୀଙ୍କ ଦୋମୁହାଁ ନୀତିର ପରିଚୟ ଦେଉଛି। ବିଧାନସଭାକୁ ରାଜ୍ୟବାସୀ ଅନାଇ ବସିଛନ୍ତି। ସୋମବାର ଗୃହ ଓ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ-ଉତ୍ତର ଆଲୋଚନା ଥିଲା। ବିରୋଧୀ ଚାହିଁଥିଲେ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ଆଲୋଚନା କରି ପାରିଥାନ୍ତେ। ମାତ୍ର ବିରୋଧୀଙ୍କ ପାଖରେ କୌଣସି ପ୍ରସଙ୍ଗ ନ ଥିବାରୁ ସେମାନେ ପ୍ରଶ୍ନକାଳ ଚଳାଇ ଦେଲେ ନାହିଁ ବୋଲି ବିଜୁଳି କହିଛନ୍ତି।

# ବିଜେଡି ନେତା, ତତ୍କାଳୀନ ଅଧିକାରୀଙ୍କୁ ଟାର୍ଗେଟ କଲେ ଭାଗୀରଥି

## ରାଜା ଚକ୍ର ଗିରଫ ଘଟଣା

**ହାଟଡ଼ିହୀ, ୧୭।୩(ଶୁଭକାନ୍ତ ନାୟକ)**

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ ସମବାୟ ସମିତିର ଅନେକ କୋଟି ଟଙ୍କା ଆର୍ଥିକ ଅନିୟମିତତା ଘଟଣାରେ ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜାଙ୍କ ଗିରଫ ଘଟଣାକୁ ନେଇ ଜଣକ ପରେ ଜଣେ ମୁହଁ ଖୋଲୁଛନ୍ତି। ପୂର୍ବରୁ ଘସିପୁରା ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଓ ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲିକ କେନ୍ଦୁଝରର ଜିଲାର ତତ୍କାଳୀନ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲାପାଳ ଆଶିଷ ଠାକରେ ଏବଂ କେନ୍ଦୁଝର ଡିଆରସିଏସ୍‌ଙ୍କୁ ଟାର୍ଗେଟ କରିଥିଲେ। ସୋମବାର ଆନନ୍ଦପୁର ବିଧାନସଭା କ୍ଷେତ୍ରର ପୂର୍ବତନ ବିଜେଡି ବିଧାୟକ ଭାଗୀରଥି ସେଠୀ ବିଜେଡି ନେତା ଏବଂ ଅଧିକାରୀଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ସାଧାରଣ ଲୋକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖା କରିପାରୁ ନ ଥିଲେ। ଏପରିକି ସେ ମଧ୍ୟ ବିଧାୟକ ହିସାବରେ ତାଙ୍କୁ ଦେଖା କରିପାରି ନ ଥିଲେ। ନବୀନଙ୍କୁ ଅନ୍ଧାରରେ ରଖି ବବି ଦାସ ଏବଂ ଭି. କେ. ପାଣ୍ଡିଆନ ଅନେକ କାର୍ଯ୍ୟ କରୁଥିଲେ। ଗତ ନିର୍ବାଚନରେ ସେ ଟଙ୍କା ଦେଇ ନ ପାରିବାରୁ ତାଙ୍କ ଟିକେଟ କଟାଯାଇଥିଲା। ସେ ବିଜେଡିରେ ଅଛନ୍ତି ଏବଂ ରହିବେ ବୋଲି କହିଛନ୍ତି। ଏପରିକି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତିର ଅନେକ କୋଟି ଟଙ୍କା ଆର୍ଥିକ ଅନିୟମିତତା ଘଟଣାରେ ଗିରଫ ହୋଇଥିବା ରାଜା ଚକ୍ରଙ୍କ ସମେତ ବିଜେଡି ନେତା ଓ ତତ୍କାଳୀନ ଅଧିକାରୀଙ୍କ ସମ୍ପୃକ୍ତି ରହିଛି ବୋଲି ସେ କହିଛନ୍ତି। ଘଟଣାକୁ ନେଇ ଏବେ ବିଜେଡି ଶିବିରରେ ଭୟ ସଞ୍ଚାର ହୋଇଛି। ଏଥିରେ ଡିଏସ୍ କୁଛେ, ଆଶିଷ ସିଂ, ବବି ଦାସ, ଭିକେ ପାଣ୍ଡିଆନ, ତତ୍କାଳୀନ ଏସ୍‌ପି ମିତ୍ରଭାନୁ ମହାପାତ୍ର ଏବଂ ଜିଲାପାଳ ଆଶିଷ ଠାକରେ ସ୍କାନରରେ ଆସିବେ। କୁଛେ ଏବଂ ଆଶିଷ ସିଂ ସେ ସମୟରେ ନିଜକୁ ସର୍ବେସର୍ବା ଭାବୁଥିଲେ। ଏମାନଙ୍କ ପାଳି ନିଶ୍ଚୟ ପଡ଼ିବ। ବିଜେଡି ସରକାର ସମୟରେ ବ୍ଲାକ୍ ରୋଜ ଘଟଣାକୁ ଚାପି ଦିଆଯାଇଥିଲା। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିରୋଧୀ ଦଳ ନେତା ମୋହନ ଚରଣ ମାଝୀ ଖଣି ଦୁର୍ନୀତିକୁ ନେଇ ବିଧାନସଭା ଭିତରେ ଏବଂ ବାହାରେ ଅଭିଯୋଗ ଉଠାଇଥିଲେ। ତେଣୁ ତାଙ୍କୁ ଜୀବନରୁ ମାରିଦେବାକୁ ପ୍ରୟାସ କରାଯାଇ ଗାଡ଼ିକୁ ବୋମା ମାଡ଼ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଭଲ ଲୋକ ବୋଲି ଭାଗୀରଥି କହିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

04 ବର୍ଷ ଓ 06 ମାସ, 15 ବର୍ଷ ଓ 06 ମାସ ଏବଂ 21 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ ₹3,000 କୋଟି (ଅଙ୍କିତ ମୂଲ୍ୟ) ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର)ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ 18 ମାର୍ଚ୍ଚ, 2025 (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ (https://rbiretaildirect.org.in) ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ (www.rbi.org.in) ରେ 13 ମାର୍ଚ୍ଚ, 2025 (ଗୁରୁବାର) ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସ୍‌ଏମ୍‌ଏସ୍/କଲ୍ ଦ୍ୱାରା ଠକାମୀର ଶିକାର ହୁଅନ୍ତୁ ନାହିଁ ।"

कार्यपालक अभियंता का कार्यालय
ग्रामीण विकास विशेष प्रमण्डल, जामताड़ा

शुद्धि–पत्र

एतद् द्वारा सूचित किया जाता है कि इस कार्यालय के अल्पकालीन ई0 निविदा आमंत्रण सूचना स0–RDD/SD/JMT/RE2/11/2024-25, PR-348235 (Rural Work Department) (24-25) D द्वारा निविदा आमंत्रित किया गया था। क्रमांक–02 के बेबसाईट में ई0–निविदा प्रकाशन की तिथि–12.03.2025 के स्थान पर तिथि–20.03.2025 एवं प्राप्ति की अंतिम तिथि एवं संमय दिनांक–27.03.20254 (अपराह्न 5:00 बजे) तथा क्रमांक–07 के ई0–निविदा खोलने का तिथि एवं समय दिनांक–25.03.2025 (अपराह्न 2:00 बजे) के स्थान पर ई0–निविदा खोलने का तिथि एवं समय दिनांक–29.03.2025 (अपराह्न 2:00 बजे) समझा जाए।

निविदा की अन्य शेष शर्त्तें यथावत् रहेंगे।

ह0/–
कार्यपालक अभियंता
ग्रामीण विकास विशेष प्रमण्डल,
जामताड़ा।

PR 348602 (Rural Development) 24-25 (D)




Government of Jharkhand
Urban Development & Housing Department
State Urban Development Agency
4th Floor, Project Bhawan, Dhurwa, Ranchi -834004
Phone: 0651-2446640 | email:suda.goj@gmail.com

Letter No.: 297
PR No. 345919

Corrigendum

Dated: 12/03/2025

All bidders are hereby informed that Corrigendum is being issued regarding Tender Notice No.: 02 Dated:-06/02/2025 (PR No. 345919) *"Selection of Firm/ Agencies For Survey, Assessment, Collection and Recovery of Holding Tax, Municipal Trade License Fee, Water User Charge & Advertisement Fee under Municipal Area of Ranchi & Dhanbad Municipal Corporation in Jharkhand"*, the following amendment has been made.

| Sl. No. | Schedule | Earlier Date & Time | Amended Date & Time |
|---|---|---|---|
| 1 | Last Date/Time for Bid submission | 17/03/2025 at 17:00 hours | 27/03/2025 at 17.00 hours |
| 2 | Technical Bid Opening Date | 18/03/2025 at 17:00 hours | 28/03/2025 at 17.00 hours |

Remaining terms and conditions mentioned in the RFP will remain unchanged. The bidders are advised to take the above Corrigendum into account before submission of their bids against the tender. Please visit http://udhd.jharkhand.gov.in for further updates.

S/d
(Amit Kumar)
Director, SUDA

PR 348567 (Urban Development) 24-25 (D)

GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE CHIEF ENGINEER
HASDEO BASIN, WATER RESOURCES DEPARTMENT, BILASPUR (C.G.)
e-PROCUREMENT TENDER NOTICE
eProcurement Portal: https://eproc.cgstate.gov.in
( SECOND CALL )

Online Tenders are invited for The Following Works up to 01.04.2025 at 17:30 Hour

| Sn. | System No. & NIT No. with Dated | Work Name | Probable Amount of Contract | Earnest Money Deposit (EMD) | *Time allowed for Completion | *Time allowed for Completion |
|---|---|---|---|---|---|---|
| 1 | **165884** 23 /SAC / 2024-25 Dt. 13.03.2025 | Construction of Sattibahara Stop dam Cum causeway & Intake Well Cum Pump House Including Fixing of Solar Pump Pipe Distribution Network and Operation and Maintenance of System | **286.33 Lakh** | **Rs. 1.50 Lakhs** | **06 MONTHS** (including rainy season) from the date of issue of work order | 'B' & Above Class registered under 'Unified registration system in PWD |
| 2 | **165886** 24 /SAC / 2024-25 Dt. 13.03.2025 | Construction of Sargujiyapara Anicut & Intake Well Cum Pump House Including Fixing of Solar Pump Pipe Distribution Network and Operation and Maintenance of System. | **291.21 Lakh** | **Rs. 1.50 Lakhs** | **06 MONTHS** (including rainy season) from the date of issue of work order | 'B' & Above Class registered under 'Unified registration system in PWD |

The details can be viewed and downloaded online directely from the Govt. of Chhattisgarh Integrated eprocurement portal (https://eproc.cgstate.gov.in ) from dated **20.03.2025 at 17.31 hours** (IST) onwards.

**Note :** 1. All eligible/interested contractors/ bidders are mandated to get enrolled on the integrated e- Procurement portal (https://eproc.cgstate.gov.in) and get approval on specific vendor class from PWD under centralized contractor / supplier registration in order to download the tender documents and participate in the subsequent bidding process.
2. Probable Amount of Contract (P.A.C.) is as per S.O.R. 01.08.2014. (As Amendments 01.08.2022).

**Sd./- EXECUTIVE ENGINEER**
**WATER RESOURCES DIVISION**
**PENDRAROAD (C.G.)**
For, Chief Engineer
Hasdeo Basin, Water Resources Deptt.
Bilaspur (C.G.)

G-242505979/2

# ଜଳସେଚନ ବାବଦରେ କେନ୍ଦ୍ର ପାଖରେ ୧୩୪୦ କୋଟି ବାକି

## ଫସର ଫାଟିଲା ଚାଷୀଙ୍କ ଦୋଫସଲୀ ଆଶା

**ଯାଜପୁର,୧୭।୩ (ହର୍ଷବର୍ଦ୍ଧନ ବେହେରା) :**

ରାଜ୍ୟର ୩୫ ପ୍ରତିଶତ କୃଷିକ୍ଷେତ୍ରକୁ ଜଳସେଚନ କରାଯିବ ବୋଲି ସରକାର ଘୋଷଣା କରିଥିଲେ । ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁ ଏହି ଧାର୍ଯ୍ୟ ପୂରଣ ହୋଇ ପାରିନାହିଁ। ବିଶେଷକରି ଚାଷୀଙ୍କ ରବିଧାନ ଚାଷ ଆଶା ଫସର ଫାଟିଛି। ଚଳିତ ବିଧାନସଭାରେ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟର ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଜଳସେଚନ ଓ ଅନ୍ୟାନ୍ୟ ଯୋଜନାରେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ୧୩୪୦.୨୯ କୋଟି ଟଙ୍କା ବକେୟା ରହିଛି। ଏହାବାଦ୍ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଳ ସମ୍ପଦ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଛି ବୋଲି ଦର୍ଶାଯାଇଛି।

ଜଳ ସମ୍ପଦ ବିଭାଗରୁ ମିଳିଥିବା ଉତ୍ତର ଅନୁସାରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାରେ ଏକ୍ସେଲେରେଟେଡ ଇରିଗେଶନ ବେନିଫିଟ ପ୍ରୋଗ୍ରାମରେ କେନ୍ଦ୍ର ସରକାର ୨୪୩ କୋଟି ଟଙ୍କା ଏଯାଏ ଦେଇନାହାନ୍ତି। ରାଜ୍ୟରେ ୨୦୧୯-୨୦ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ ୮ଟି ପ୍ରକଳ୍ପ ମଧ୍ୟରୁ ମାତ୍ର ୫ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏହି ଯୋଜନାରେ ୨୦୧୯-୨୦ରେ ୧୨୦.୨୨ କୋଟି ଏବଂ ୨୦୨୦-୨୧ରେ ୮୧.୨୯ କୋଟି ଟଙ୍କା କେନ୍ଦ୍ର ଅନୁଦାନ ମିଳିଥିଲା। ଏହାପରେ ୨୦୨୧-୨୨ରୁ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ କେନ୍ଦ୍ରୀୟ ଅନୁଦାନ ମିଳି ନ ଥିବା ବିଧାନସଭା ଉତ୍ତରରେ ଦର୍ଶାଯାଇଛି। ଫଳରେ କୃଷକଙ୍କ ଜଳସେଚନ ଆଶା ମଉଳିଯାଇଛି। ସେହିପରି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାର କମାଣ୍ଡ ଏରିଆ ଡେଭଲପମେଣ୍ଟ ଆଣ୍ଡ ୱାଟର ମ୍ୟାନେଜମେଣ୍ଟ(ସିଏଡିଡବ୍ଲ୍ୟୁଏମ୍) କାର୍ଯ୍ୟକ୍ରମରେ ୨୮୭.୩୪ କୋଟି ଟଙ୍କା କେନ୍ଦ୍ର ଅନୁଦାନ ବାକି ରହିଛି। ଏହାସହ ସ୍କିମ୍ ଫର ସ୍ପେଶିଆଲ ଆସିଷ୍ଟାଣ୍ଟ ଟୁ ଷ୍ଟେଟ ଫର୍ କ୍ୟାପିଟାଲ ଇନଭେଷ୍ଟମେଣ୍ଟ ଯୋଜନାରେ ୬୦୦.୫୩ କୋଟି ଟଙ୍କା କେନ୍ଦ୍ର ଅନୁଦାନ ମିଳି ପାରିନାହିଁ। ଏଥିରେ ରାସ୍ତା, ନଦୀବନ୍ଧ ଏବଂ କେନାଲ ସୁଦୃଢ଼ୀକରଣ କାର୍ଯ୍ୟ କରାଯାଉଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାର ହର କ୍ଷେତ୍ କୋ ପାନି କାର୍ଯ୍ୟକ୍ରମରେ ୨୦୮.୭୧ କୋଟି ଟଙ୍କା କେନ୍ଦ୍ର ଅନୁଦାନ ବାକି ପଡିଛି। ଏଥିରେ ମରାମତି, ପୁନରୁଦ୍ଧାର ଏବଂ ଜଳାଶୟ ପୁନଃପ୍ରତିଷ୍ଠା କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଯୋଜନାରେ ଗତ ୫ ବର୍ଷ ମଧ୍ୟରେ ୧୯୩ ଟି ପୁରାତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ଦାବି କରାଯାଇଛି। ଉପରୋକ୍ତ ତଥ୍ୟ ଉପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାର ପ୍ରଶାନ୍ତ କୁମାର ସାହୁ ୧୩।୩।୨୦୨୫ରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅର୍ଥ ବିଭାଗର ଡେପୁଟି ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ କେନ୍ଦ୍ର ସରକାର ରାଜ୍ୟର ଜଳସେଚନ ବ୍ୟବସ୍ଥା ଉପରେ ଅବହେଳା କରୁଥିବା ମତପ୍ରକାଶ ପାଉଛି।



ପାର୍ବତୀଗିରି ମେଗା ଉଠାଜଳସେଚନ ପ୍ରକଳ୍ପ ।

ରାଜ୍ୟ ସରକାର ମଧ୍ଯ ଜଳସେଚନ ପରିମାଣ ବୃଦ୍ଧି ଦିଗରେ ସେତେଟା ସଫଳତା ପାଇ ପାରିନାହିଁ। ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ପ୍ରକଳ୍ପଗୁଡିକ ଜରିଆରେ ଯାଜପୁର ଜିଲାର ରବି ଋତୁରେ ୨୪୫୬ ହେକ୍ଟର ଜମିରେ ଚାଷ କରିବାକୁ ବିଭାଗୀୟ ପ୍ରସ୍ତାବ ରହିଥିଲା। ହେଲେ ବାସ୍ତବରେ ଜିଲାରେ ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ ହେବାର ପ୍ରାୟ ୧୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଧାର୍ଯ୍ୟ ଜମିରେ ଜଳସେଚନ ହୋଇ ପାରିନାହିଁ। ଜିଲାରେ ୧୨ଟି ମେଗା ଉଠା ଜଳସେଚନ ପ୍ରକଳ୍ପ ଯେତେବେଳେ ଆରମ୍ଭ ହୋଇଥିଲା ଚାଷୀମାନେ ଦୁଇ ଫସଲି କରି ଆର୍ଥିକ କ୍ଷେତ୍ରରେ ସୁଦୃଢ ହୋଇ ପାରିବେ ବୋଲି ଆଶା ରଖିଥିଲେ। ହେଲେ ଖରିଫ ଚାଷରେ କେବଳ ଜଳସେଚନ ହୋଇ ପାରିବ ବୋଲି ଯେତେବେଳେ ଚାଷୀ ଜାଣିଲେ ସମସ୍ତ ଆଶା ଚୂରମାର ହୋଇଯାଇଥିବା ମତପ୍ରକାଶ ପାଇଛି। ଚାଷ ପାଇଁ ଆବଶ୍ୟକ ପାଣି ବ୍ୟବସ୍ଥା କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବ୍ୟାପକ ବ୍ୟବସ୍ଥା ହୋଇଛି । ଏହି କ୍ରମରେ ଜିଲାର ପ୍ରବାହିତ କେଲୁଅ, ବିରୂପା, ତଣ୍ଡିଘାଇ, ଦୁଧେଇ ଓ ଖରସ୍ରୋତା ନଦୀରେ ମେଗା ଉଠାଜଳସେଚନ ପ୍ରକଳ୍ପଗୁଡିକ ଜରିଆରେ ପ୍ରାୟ ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଥିଲା। ମାତ୍ର ମେଗା ଉଠା ଜଳସେଚନ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ କାର୍ଯ୍ୟଶୈଳୀରେ ଆନ୍ତରିକତା ଅଭାବରୁ ଏହି ବ୍ୟବସ୍ଥାର ସୁଫଳ ଚାଷୀ ପାଇ ପାରି ନ ଥିବା ମତପ୍ରକାଶ ପାଇଛି ।

# ଫାଇନାଲରେ ବ୍ରହ୍ମବରଦା ଟିମ୍



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ବ୍ରହ୍ମବରଦା,୧୭।୩(ଯଯାତି କେଶରୀ ବେହେରା):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ହାଜରହିଁମିଆ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଇଲେଭେନଷ୍ଟାର ଯାଜପୁର ଟାଉନ ଓ ବ୍ରହ୍ମବରଦା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଇଲେଭେନଷ୍ଟାର ଯାଜପୁର ଟିମ ଟସ୍ ଜିଣି ମାତ୍ର ୧୩.୩ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୪ରନ ସଂଗ୍ରହ କରିଥିଲା। ବ୍ରହ୍ମବରଦା ଟିମର ଅଧିନାୟକ ନାସିରୁଦ୍ଦିନ ଖାନ ୪ ଓଭର ବୋଲିଂ କରି ସର୍ବାଧିକ ୫ ଉଇକେଟ ନେଇଥିଲେ। ଶୁଭମ ଦାସ ୩ ଓଭର ବୋଲିଂ କରି ୪ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ବ୍ରହ୍ମବରଦା କ୍ରିକେଟ ଟିମ ମାତ୍ର ୧୧ ଓଭରରେ ୪ ୱିକେଟ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ଲାଭ କରିଥିଲା। ଏହି କ୍ରମରେ ବ୍ରହ୍ମବରଦା କ୍ରିକେଟ କ୍ଲବ ଦ୍ୱିତୀୟ ଦଳ ଭାବେ ଫାଇନାଲ ମ୍ୟାଚରେ ବିବେଚିତ ହୋଇଥିଲା। ଆଜିର ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ନାସିରୁଦ୍ଦିନ ଖାନ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଆଜିର ମ୍ୟାଚକୁ ଜ୍ୟୋତିରଞ୍ଜନ ମଲିକ ଓ ଜିତେନ୍ଦ୍ର ଜେନା ପରିଚାଳନ କରିଥିଲେ। ଭାଷ୍ୟକାର ମଣ୍ଟୁଦାସ, ସ୍କୋରର ଭାବେ ପ୍ରାଣକୃଷ୍ଣ ଗିରି ସହଯୋଗ କରିଥିଲେ।

# ମୁଖ୍ୟ ଅଭିଯୁକ୍ତ ଜେଲ ଗଲେ

## ଯାଜପୁର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜମି କିଣାବିକାରେ ଦୁର୍ନୀତି ଘଟଣା

**ଯାଜପୁର ଟାଉନ,୧୭।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଯାଜପୁର ଜିଲା ସବ୍‌ରେଜିଷ୍ଟର କାର୍ଯ୍ୟାଳୟରେ ଜମି କିଣାବିକାକୁ ନେଇ ହୋଇଥିବା ଦୁର୍ନୀତି ଘଟଣାର ମୁଖ୍ୟ ଅଭିଯୁକ୍ତ କର୍ଣ୍ଣାଟ କେଶରୀ ଦାସଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିଲେ । ଏ ସମ୍ପର୍କରେ କପାସି ଗ୍ରାମର ପ୍ରଦୀପ୍ତ କୁମାର ମହାନ୍ତି ଯାଜପୁର ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଏହି ଲିଖିତ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ୨୫।୯।୨୪ରିଖରେ କେଶନଂ .୩୮୧/୨୪, ଦଫା ୩୧୯(୨)/୩୧୮(୪)/୩୩୬(୨)/୩୩୮/୩୪୦(୨)/୩୫୧(୨) ଓ ୩ (୫) ରୁଜୁ କରି ଅଭିଯୁକ୍ତ ଦୀପକ ଓରଫ ମଣ୍ଟୁ ଜେନାକୁ କୋର୍ଟ ଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଦାସ ଫେରାର ଥିଲେ। ଏହି ଜମି ଜାଲିଆତିରେ ଅନ୍ୟୁନ ୪/୫ଜଣ ସଂପୃକ୍ତ ଥିବା ବେଳେ ମୁଖ୍ୟ କୁହାଯାଉଥିବା ଦାସ ଫେରାର ହୋଇ ହାଇକୋର୍ଟରୁ ଆଗୁଆ ଜାମିନ୍ ପାଇଁ ଆବେଦନ କରିଥିଲେ । ହାଇକୋର୍ଟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ୍ ଆବେଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଏସ୍‌ଡିଜେଏମ୍ କୋର୍ଟ ଜାମିନର ଶୁଣାଣି କରି ଜାମିନ୍‌କୁ ନାମଞ୍ଜୁର କରିଥିଲେ। ଫଳରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦାସଙ୍କୁ ଯାଜପୁର ଜିଲା ଜେଲ୍‌କୁ ପଠାଇ ଦିଆଯାଇଛି।

# ବସନ୍ତ ମିଳନ ଉତ୍ସବ, କବିତା ପାଠଚକ୍ର



ବସନ୍ତ ମିଳନ ଉତ୍ସବରେ ଯୋଗଦେଇଥିବା କବୟିତ୍ରୀ, କବି।

**ଚଣ୍ଡିଖୋଲ,୧୭।୩ (ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଧାନମଣ୍ଡଳସ୍ଥିତ ଉଦୀୟମାନ କାର୍ଯ୍ୟାଳୟଠାରେ ଉଦୀୟମାନ ମହିଳା ସଙ୍ଗଠନ ପକ୍ଷରୁ ବସନ୍ତ ମିଳନ ଉତ୍ସବ ଓ କବିତା ପାଠ ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ରାମଚନ୍ଦ୍ର ଶୁକ୍ଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କବୟିତ୍ରୀ ଲବଙ୍ଗଲତା ପରିଡ଼ା, ମୁଖ୍ୟବକ୍ତା ଶ୍ରୀମତୀ ରାଉତ, ସମ୍ମାନିତ ଅତିଥି ଆଇନଜୀବୀ ହେମନ୍ତ କୁମାର ମାହାଲା ଯୋଗ ଦେଇ କବିତା ମାଟି ଓ ଆକାଶର କଥା କହେ। ପ୍ରତ୍ୟେକ ଋତୁ ସମ୍ଭାରରୁ ହିଁ କବିତା ଜନ୍ମ ନିଏ। ବିଶେଷ କରି ବସନ୍ତ ଋତୁ କବିଙ୍କ ପ୍ରାଣକୁ ପୁଲକିତ ଓ ଆଚ୍ଛାଦିତ କରେ। ସେଥିପାଇଁ ଏହି ବସନ୍ତ ମିଳନ ପର୍ବର ଏକ ସତନ୍ତ୍ରତା ରହିଛି। ସମ୍ପାଦିକା ଅରୁଣୀ ନନ୍ଦ, ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ଉକ୍ତ କବିତା ଆସରକୁ ସଂଯୋଜନା କରିଥିବା ବେଳେ ବିନୋଦିନୀ ଦାସ ଅତିଥି ପରିଚୟ ଓ ସନ୍ଧ୍ୟାରାଣୀ ବ୍ରହ୍ମ ସ୍ୱାଗତ ଭାଷଣ ଦେଇଥିଲେ । ଉତ୍ସବରେ କବି ଅଭିରାମ ସ୍ୱାଇଁ, ରଶ୍ମି ରଞ୍ଜନ ଦାସ, କାର୍ତ୍ତିକ ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରତାପ ଚନ୍ଦ୍ର ଦାସ, ବେଣୁଧର ପ୍ରଧାନ କବୟିତ୍ରୀ ହରପ୍ରିୟା ମହାନ୍ତି, ମାନସୀ ଦାସ , ପାର୍ବତୀ ସାହୁ, ମୋନାଲିସା ପ୍ରଧାନ, ଶର୍ମିଷ୍ଠା ଜେନା , ମମତା ରାଉତ, ସୁନନ୍ଦା ରାଉତ ପ୍ରମୁଖ କବିତା ପାଠ କରିଥିଲେ। ପ୍ରାରମ୍ଭରେ ବର୍ଷୀୟାନ କବି ରମାକାନ୍ତ ରଥଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ଗାୟତ୍ରୀ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ବେଆଇନ ମାଛବନ୍ଧ ଯୋଗୁ ଜଳପଥ ଅବରୋଧ

## ଶତାଧିକ ଏକର ଜମିରେ ଫସଲ ନଷ୍ଟ ଆଶଙ୍କା

**ଦଶରଥପୁର,୧୭।୩ (ସୁଶାନ୍ତ କୁମାର ବେହୁରିଆ):**

ଯାଜପୁର ଜିଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଗରବନ୍ଧ ନାଳର ଶାଖା ଚତର ନାଳର ଗରବନ୍ଧ ଗ୍ରାମ ନିକଟରେ ମାଛ ଧରିବା ପାଇଁ ବେଆଇନ ଭାବେ ନାଳରେ ପ୍ରବାହିତ ପାଣିକୁ ବନ୍ଧ ବନ୍ଧାଇ ଅଟକ ରଖିବା ଯୋଗୁ ଖାନନଗର ଓ ଥାଲକୁଡ଼ି ପଞ୍ଚାୟତର ଶତାଧିକ ଏକର ଧାନ ଜମି ଫାଟି ଡ଼ାଲୁଅ ଧାନ ଫସଲ ନଷ୍ଟ ହେବାକୁ ବସିଛି । ସେହିପରି ନାଳରେ ଥିବା ମୋଟ ୪ ଗେଟ ମଧ୍ୟରୁ ୨ଟି କାମ କରୁ ନ ଥିବାରୁ ଜଳ ପ୍ରବାହ କମୁଛି । ଏହାକୁ ବିରୋଧ କରି ଶୁକ୍ରବାର ଚାଷୀମାନେ ମଙ୍ଗଳପୁର -କୟାଁଗୋଲା ମୁଖ୍ୟ ରାସ୍ତା ଅବରୋଧ କରିବା ସହିତ କମାରଡିହ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଧାରଣା ଦେଇଥିଲେ। ଦଶରଥପୁର ଅତିରିକ୍ତ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଖାନନଗର ରାଜସ୍ୱ ଅଧିକାରୀ ମଙ୍ଗଳପୁର ପୋଲିସ ସହାୟତାରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଇତିମଧ୍ୟରେ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ହୋଇପାରିନାହିଁ । ତୁରନ୍ତ ବେଆଇନ ମାଛ ବନ୍ଧ ଭାଙ୍ଗିବା ସହିତ, ଅଚଳ ସୁଇଚ ଗେଟ୍‌ଗୁଡିକୁ କାର୍ଯ୍ୟକ୍ଷମ କରିବା ଏବଂ ନାଳରେ ଜମି ରହିଥିବା ଦଳ ସଫା କରିବାପାଇଁ ଚାଷୀମାନଙ୍କ ପକ୍ଷରୁ ବିରଜା ମଲିକ, ପ୍ରମୋଦ ନାୟକ, ଧୀରେନ୍ଦ୍ର ବେହେରା, ବଳରାମ ବେହେରା,ପ୍ରଶାନ୍ତ ଜେନା, ସୁରେନ୍ଦ୍ର ସାହୁ,ବନ୍ଦନ ଜେନାଙ୍କ ନେତୃତ୍ୱରେ ଜିଲାପାଳଙ୍କ ନିକଟରେ ଲିଖିତ ଦାବି ରଖିଛନ୍ତି । ଏ ସମ୍ପର୍କରେ ଏସଡିଓ ପ୍ରଦୀପ କୁମାର ମହାନ୍ତି କହିଛନ୍ତି ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଜଳ ବିଭାଜିକା ପକ୍ଷରୁ ସଚେତନତା



ଯାଜପୁର ଜଳ ବିଭାଜିକା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ବୃନ୍ଦ।

**ଜେନାପୁର,୧୭।୩(ଅଶୋକ ଦାସ):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କମାଗଡ଼ ହିଙ୍ଗୁଳା ପଡ଼ିଆରେ ଜଳ ବିଭାଜିକା ଯାଜପୁର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ଯୋଗ ଦେଇ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ । ଏଥିସହିତ ଗ୍ରାମାଞ୍ଚଳର ଚାଷୀଙ୍କୁ ସଚେତନତା କରିବା ପାଇଁ ଜଳବିଭାଜିକା ପକ୍ଷରୁ ପ୍ରତି ଗାଁ ବୁଲିବା ପାଇଁ ଏକ ରଥ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ସାହୁ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡା, ଅତିରିକ୍ତ କୃଷି ଅଧିକାରୀ ଡ.ଅରୁଣ କୁମାର ପାତ୍ର, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ, କୃଷି ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ରାଧାଶ୍ୟାମ ବେହେରା, କୃଷି ବୈଜ୍ଞାନିକ ଲଳିତ କୁମାର ମହାନ୍ତି, ପଶୁ ସମ୍ପଦ ଅଧିକାରୀ ସାଇ ସ୍ୱରୂପ ନନ୍ଦ, ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସରଫରାଜ ମହମ୍ମଦ, ଜଳବିଭାଜିକା ଜିଲା ସଂଯୋଜକ ସୁନୀଲ କୁମାର ଜେନା ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳ ଚାଷୀମାନେ ଜମି ଓ ଜଳର ସୁରକ୍ଷା ସହିତ ଉନ୍ନତମାନର ଚାଷ କରିବା ପାଇଁ ଚାଷୀମାନଙ୍କୁ ସଚେତନ କରିଥିଲେ ।

# ଧର୍ମଶାଳାରେ ଫଗୁଖେଳ

**ଧର୍ମଶାଳା,୧୭।୩(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ରଙ୍ଗର ପର୍ବ ହେଲି ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି । କୁମାରୀ ପଞ୍ଚାୟତର କୁମାରୀସ୍ଥିତ ବିଧାୟକ ହିମାଂଶୁ ଶେଖର ସାହୁଙ୍କ କାର୍ଯ୍ୟାଳୟରେ କର୍ମୀମାନେ ବିଧାୟକଙ୍କ ସହ ହୋଲି ଖେଳିଥିଲେ। ସେହିପରି ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କର୍ମୀମାନଙ୍କ ଗହଣରେ ହୋଲି ଖେଳିଥିଲେ । ଜାରକାସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା କର୍ମୀଙ୍କ ଗହଣରେ ଅବିର ଲଗାଇ ହୋଲି ଉତ୍ସବ ପାଳନ କରିଥିଲେ । ଧର୍ମଶାଳା ପ୍ରେସ୍ କ୍ଲବ ପରିସରରେ ସଭ୍ୟମାନେ ପରସ୍ପରକୁ ଅବିର ମାରି ନାଚ ଗୀତ ସହ ହୋଲି ଉତ୍ସବକୁ ମହାଆଡ଼ମ୍ବର ସହ ପାଳନ କରିଥିଲେ । ସେହିପରି ଧର୍ମଶାଳାର ବିଭିନ୍ନ ସ୍ଥାନରେ ହୋଲି ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ପାଳନ କରାଯାଇଛି ।

# ମୃତ ଚାଳକ, ଆହତଙ୍କ ପରିଚୟ ମିଳିଲା

## ଅଙ୍ଗୁର ଗାଡ଼ି ଦୁର୍ଘଟଣା ଘଟଣା

**ରସୁଲପୁର,୧୭।୩(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ରବିବାର ସକାଳେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଆଇଚ୍‌ର ଗାଡିର ୨ଜଣ ଚାଳକଙ୍କ ମଧ୍ୟରୁ ଜଣଙ୍କ ଘଟଣାସ୍ଥଳରେ ମୃତ ହୋଇଥିବା ବେଳେ ଆଉଜଣେ ଚାଳକ ଗୁରୁତର ହୋଇଥିଲେ। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ମୃତ ଚାଳକ ହେଲେ ମହାରାଷ୍ଟ୍ର ରାଜ୍ୟ ଓସୋମାନ ଥାନା ଅନ୍ତର୍ଗତ ମହାଲିଙ୍ଗ ଗ୍ରାମର ଶୁଭମ୍ ସତିସ୍ ସିନ୍ଧେ ଓ ଆହତ ଚାଳକ ସେହି ଗ୍ରାମର ଦୀପକ ପୋର୍ପଟ କୋଲି । ଏ ନେଇ ଆଇଚର ଗାଡ଼ିର ମାଲିକ ସତିଶ ମହାଦେବ ସିଙ୍ଗଦେଙ୍କ ଅଭିଯୋଗ କ୍ରମେ ପୋଲିସ କୁଆଖିଆ ଥାନାରେ ଏକ ମାମଲା (ନଂ.୧୦୬/୨୫)ରୁଜୁ ହୋଇଛି ।

# ହିଙ୍ଗୁଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଜେନାପୁର,୧୭।୩(ଅଶୋକ ଦାସ):** ଧର୍ମଶାଳା ବ୍ଲକ ମର୍ଜିତାପୁର ପଞ୍ଚାୟତ ଅଧୀନ ମହାମାୟୀ ମା'ହିଙ୍ଗୁଳା ଯଜ୍ଞ ଓ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମା'ଙ୍କ ହିଙ୍ଗୁଳା ଯାତ୍ରା କିପରି ଆଡମ୍ବର ଏବଂ ଶୃଙ୍ଖଳିତ ଭାବେ ଶେଷ କରାଯିବ ସେଥିପାଇଁ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଭଗବାନ ପ୍ରଧାନ, ଶ୍ରୀଧର ପ୍ରଧାନ, ଆନନ୍ଦ ଓଝା, କୋଦଣ୍ଡ ପ୍ରଧାନ, ଭରତ ଚନ୍ଦ୍ର ପ୍ରଧାନ ଏବଂ ଗୋକୁଳ ବିଶ୍ୱାଳ, ବିଜୟ ପରିଡା, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ହିଙ୍ଗୁଳା ମା'ଙ୍କ ନୂତନ କମିଟି ଗଠନ ହୋଇଯାଇଛି । ଉକ୍ତ କମିଟିରେ ସଭାପତି ରାଜଲକ୍ଷ୍ମୀ ଛୋଟରାୟ ଭୁଇଆଁ ମହାପାତ୍ର, ଉପସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ କବିନ୍ଦ୍ର ପ୍ରଧାନ,ସହ ସମ୍ପାଦକ ଶ୍ରୀଧର ପ୍ରଧାନ,କୋଷାଧ୍ୟକ୍ଷ ନାରାୟଣ ପରିଡ଼ା, ସହକୋଷାଧ୍ୟକ୍ଷ ଘନଶ୍ୟାମ ପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଦୁର୍ଯ୍ୟୋଧନ ପ୍ରଧାନ, ବିଜୟ ଦାସ, କେଶବ ଦାସ, ବନମାଳୀ ପ୍ରଧାନ ସମେତ ୩୦ ଜଣିଆ କମିଟି ଏବଂ ପରିଚାଳନ କମିଟିରେ ସରୋଜ ବେହେର,ଆନନ୍ଦ ଚନ୍ଦ୍ର ପ୍ରଧାନ, ଗୌରାଙ୍ଗ ସାହୁ,ରଞ୍ଜନ ତରାଇ,ଗଗନ ମହାନ୍ତି,ଅମୂଲ୍ୟ ରାଉତ ସମେତ ୪୦ ଜଣ ଅଛନ୍ତି ।

# ଚଳିତ ଆର୍ଥିକ ବର୍ଷରେ ୧୨.୭୦କୋଟି ଋଣ ପ୍ରଦାନ ଲକ୍ଷ୍ୟ

## ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସମିତି ବୈଠକ

**ରସୁଲପୁର,୧୭।୩(ରଞ୍ଜିତ ରାଉତ):**

ଜିଲାର ଅଗ୍ରଣୀ ପ୍ରାଥମିକ କୃଷି ସମବାୟ ସମିତି ଭାବେ ପୁରସ୍କୃତ ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସମିତିର ୬୫ତମ ସାଧାରଣ ପରିଷଦ ବୈଠକ ସଭାପତି ନରେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଡ.ରୁଦ୍ର ନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ରସୁଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ଦାଶ, କଟକ ସମବାୟ ବ୍ୟାଙ୍କ ଶାଖା ପରିଚାଳିକା ସୁଚିତ୍ରା ସାହୁ, ପୂର୍ବତନ ସରପଞ୍ଚ ନାରାୟଣ ପତି ପ୍ରମୁଖ ଯୋଗଦେଇ ସମବାୟ ସମିତିର ଉଦ୍ଦେଶ୍ୟ ଓ କାର୍ଯ୍ୟବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଚଳିତ ଆର୍ଥିକ ବର୍ଷ-୨୦୨୫-୨୬ରେ ସମିତି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଚାଷୀମାନଙ୍କର ଅଗ୍ରଗତି ପାଇଁ ୧୨.୭୦କୋଟି ଟଙ୍କା ଋଣ ପ୍ରଦାନ କରାଯିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି ସମ୍ପାଦକ ପ୍ରଶାନ୍ତ କୁମାର ସାହାଣୀ ସୂଚନା ପ୍ରଦାନ କରିଥିଲେ । କୃଷି ଆର୍ଥିକ ବର୍ଷକୁ ଖରିଫ ଓ ରବି ଋତୁରେ ବିଭକ୍ତ କରାଯାଇଛି । ଉଭୟ ଋତୁରେ ଚାଷୀମାନଙ୍କୁ ୫କୋଟି ଲେଖାଏଁ ମୋଟ ୧୦କୋଟି ଟଙ୍କା ଋଣ ପ୍ରଦାନ କରାଯିବା ସହ ସ୍ୱୟଂସହାୟିକା ଗୋଷ୍ଠିକୁ ଋଣ ଲଗାଣ ପାଇଁ ୨କୋଟି, ବଳରାମ ଯୋଜନା ପାଇଁ ୨୦ଲକ୍ଷ, ଦୀର୍ଘ ମିଆଦି ଋଣ ପାଇଁ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯିବା ନେଇ ଆନୁମାନିକ ବ୍ୟୟ ଅଟକଳ କରାଯାଇଛି ବୋଲି ବୈଠକ ଜରିଆରେ ସୂଚନା ପ୍ରଦାନ କରାଯାଇଥିଲା। ଏଥିନେଇ ପ୍ରସ୍ତୁତ ଖସଡା ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା । ଏହାଛଡା ବୈଠକ ପୂର୍ବ ସାଧାରଣ ପରିଷଦ ବୈଠକର ବିବରଣୀ ପାଠ କରାଯିବା ସହ ୨୦୨୪-୨୫ କୃଷି ଆର୍ଥିକ ବର୍ଷରେ ସମିତି ପକ୍ଷରୁ ହୋଇଥିବା ଆୟବ୍ୟୟର ସମୀକ୍ଷା କରାଯାଇଥିଲା । ଏତଦ୍‌ଭିନ୍ନ ୨୦୨୩-୨୪ ବର୍ଷରେ ହୋଇଥିବା ଖର୍ଚ୍ଚକୁ ନେଇ ହୋଇଥିବା ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଚଳିତବର୍ଷରେ ଚାଷୀମାନଙ୍କୁ ଋଣ ଲଗାଣ ଓ ଆଦାୟକୁ ନେଇ ପ୍ରସ୍ତୁତ ବାର୍ଷିକ ଯୋଜନା ସମ୍ପର୍କରେ ଉପସ୍ଥିତ ସଭ୍ୟାସଭ୍ୟମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ଏଥିସହ ଦୀର୍ଘଦିନ ଧରି ସମିତିରୁ ଋଣ ନେଇ ପୈଠ କରୁ ନ ଥିବା ଋଣ ଖିଲାପକାରୀମାନଙ୍କ ତାଲିକା ବୈଠକରେ ଉପସ୍ଥାପନ କରାଯାଇଥିଲା । ଚଳିବର୍ଷ ଖରିଫ ଋତୁରେ ଧାନ ଚାଷ ସମୟରେ ସାଟେଲାଇଟ୍ ଓ ଡ୍ରୋନ କ୍ୟାମେରା ମାଧ୍ୟମରେ ହେଉଥିବା କ୍ଷେତର ବାସ୍ତବ ସ୍ଥିତି ସର୍ଭେ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବା ନେଇ ସୂଚନା ପ୍ରଦାନ କରାଯାଇଥିଲା । ପରିଚାଳନା ପରିଷଦ ସଭ୍ୟ ହେମନ୍ତ ଦାଶ, ରବିନ୍ଦ୍ର ଭୋଇ, ମୁକୁନ୍ଦଦେବ ମହାନ୍ତି, ବିଦ୍ୟାଧର ସ୍ୱାଇଁ, ରାମ ଆରଣ, ସଞ୍ଜୟ ମିଶ୍ର, ଗୌରାଙ୍ଗ ନାୟକ, ଗୌରାଙ୍ଗ ଭଦ୍ର, ଶତ୍ରୁଘନ ଜେନା, ରାଜକିଶୋର ସେଠୀ, ଶରତ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ । ସସ୍ମିତା ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସମିତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ଯାଜପୁର ଟାଉନ,୧୭।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତ):**



ସୋମବାର ଶିବାନନ୍ଦ ସ୍ୱାଇଁ ଯାଜପୁରର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ଢେଙ୍କାନାଳ ଜିଲା ହିନ୍ଦୋଳ ଉପଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ପୂର୍ବତନ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରି ନୂତନ ଭାବେ ଭଦ୍ରକ ଜିଲାର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛନ୍ତି। ସାମଲ ଗତ ୧୦ତାରିଖରେ ଏଠାକୁ ରିଲିଭ ହୋଇଥିଲେ।

# ଦୋକାନ ଭାଙ୍ଗିଲେ, ଆସବାବପତ୍ର ପୋଡ଼ିଲେ

ଡେରାବିଶ, ୧୭।୩ (ବେବର୍ତ୍ତା ଅଜୟ ଦାସ)

■ ମଦ ଦୋକାନ, ମଦ୍ୟପଙ୍କ ବିରୋଧରେ ତାତିଲେ ମହିଳା
■ ଦୋକାନରେ ତାଲା ପକାଇ ମଦ ବ୍ୟବସାୟୀ ଫେରାର ହେଲେ
■ ପୋଲିସ ପହଂଚି ପରିସ୍ଥିତିକୁ ଆୟତ୍ତ କଲା



ମହିଳାମାନେ ମଦ ଦୋକାନ ନିକଟରେ ଥିବା ଖାଦ୍ୟ ଦୋକାନର ଆସବାବପତ୍ର ପୋଡ଼ି ଦେଉଛନ୍ତି।

ଡେରାବିଶ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ଓଲଡ଼ି ଛକ ନିକଟସ୍ଥ ବିଦେଶୀ ମଦ ଦୋକାନରେ ମଦ୍ୟପାନ କରି ଗ୍ରାମର ସାମାଜିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି ହେଉଥିବା ନେଇ ସୋମବାର ସ୍ଥାନୀୟ ମହିଳାମାନେ ଏହାର ପ୍ରତିବାଦ କରିଛନ୍ତି।

ଏଠାରେ ଦୀର୍ଘଦିନ ହେବ ଖୋଲା ଯାଇଥିବା ମଦ ଦୋକାନ ପାଇଁ ପାରିବାରିକ ଅଶାନ୍ତି ଓ ଗ୍ରାମରେ କଳହ ସୃଷ୍ଟି ହେଉଥିବା ନେଇ କିଛିଦିନ ହେବ ସ୍ଥାନୀୟ ଚାଟରାଚକଡା ପଞ୍ଚାୟତ ଓଲଡ଼ି (ହୁରାସାହି) ଗ୍ରାମର ମହିଳାମାନେ ସମ୍ମିଳିତ ହୋଇ ବୈଠକ କରିଥିଲେ। ଶନିବାର ଅନୁଷ୍ଠିତ ହୋଲି ଅବସରରେ କିଛି ମଦ୍ୟପ ଯୁବକ ନିଶାସକ୍ତ ଅବସ୍ଥାରେ ମଦ ଦୋକାନ ନିକଟରେ ଥିବା ବିଲରେ ହୋଇଥିବା ଫସଲକୁ ନଷ୍ଟ କରିଥିଲେ। ଏଥିସହ ନିଶାସକ୍ତ ଅବସ୍ଥାରେ ମଦ୍ୟପମାନେ ଗ୍ରାମ ଭିତରେ ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା, ଖରାପ ଭାଷାରେ ଗାଳିଗୁଲଜ କରିବା ନେଇ ଗ୍ରାମବାସୀ ଅତିଷ୍ଠ ହୋଇ ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ଏ ଦିଗରେ ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାର ଗାଁର ମହିଳାମାନେ ଏକଜୁଟ ହୋଇ ମଦ ଦୋକାନ ଆଗରେ ଗଢ଼ି ଉଠିଥିବା ଚାଖଣା ଦୋକାନରେ ଭଙ୍ଗାରୁଜା କରିଥିଲେ। ଏପରିକି ଦୋକାନର ସମସ୍ତ ଆସବାବପତ୍ରକୁ ମଦ ଦୋକାନ ସମ୍ମୁଖରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ମଦ୍ୟପ ଯୁବକ ଏହାର ବିରୋଧ କରିବାରୁ ମହିଳାମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ଯୁବକମାନେ ଉତ୍ତମ ମଧ ଖାଇ ନିଜ ଜୀବନ ବଞ୍ଚାଇବା ପାଇଁ ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲେ। ମହିଳାମାନଙ୍କ ଏଭଳି କାର୍ଯ୍ୟ ଦେଖି ମଦ ବ୍ୟବସାୟୀ ଓ ତାଙ୍କ କର୍ମଚାରୀମାନେ ଦୋକାନରେ ତାଲା ପକାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହା ଦେଖି ସମ୍ପୃକ୍ତ ମହିଳାମାନେ ମଦ ଦୋକାନ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଖବରପାଇ ଡେରାବିଶ ଥାନା ଏଏସ୍‌ଆଇ ମେନକା ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ସମ୍ପୃକ୍ତ ମଦ ବ୍ୟବସାୟୀ ବେଆଇନ ଭାବେ ମଦ ଦୋକାନ ଆଗରେ ଚାଖଣା ଦୋକାନ କରାଇ ସେଠାରେ ମଦ୍ୟପମାନଙ୍କ ପାଇଁ ମଦ ପିଇବା ବ୍ୟବସ୍ଥା କରିଥିବାରୁ ବିଭିନ୍ନ ସମୟରେ ଉକ୍ତ ସ୍ଥାନରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇ ଚାଲିଥିଲା। ଏ ସମସ୍ତ ଘଟଣା ଜିଲା ଅବକାରୀ ବିଭାଗ ଅବଗତ ଥିଲେ ସୁଦ୍ଧା ସମ୍ପୂର୍ଣ୍ଣ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଏପରିକି ବିଦ୍ୟାଳୟ ଓ କଲେଜ ଛାତ୍ରମାନେ ମଧ ନିଶାର ପ୍ରଭାବରେ ନିଜ ଭବିଷ୍ୟତ ଅନ୍ଧକାର ଆଡ଼କୁ ନେଇ ଯାଉଥିବା ଦେଖାଯାଇଛି। ମଦ ଦୋକାନ ଅନତି ଦୂରରେ ଜିଲା ପଲିଟେକ୍‌ନିକ, ମହିଳା ମହାବିଦ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିବାରୁ ମଦ୍ୟପଙ୍କ ଉତ୍ପାତ ସାଧାରଣ ଜନଜୀବନକୁ ଦୈନିକ ପ୍ରଭାବିତ କରୁଥିବା ନେଇ ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି। ଏହି ମଦ ଦୋକାନକୁ ତୁରନ୍ତ ବନ୍ଦ କରିବା ସହ ସ୍ଥାନୀୟ ବଜାରରେ ଚୋରାରେ ଚାଲିଥିବା ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଣ୍ଡିତ ମିଶ୍ର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଭିଜିଲାନ୍ସ ହାତରେ ବିଇଓ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ

ରାଜକନିକା, ୧୭।୩(ସଞ୍ଜୟ କୁମାର ଦାଶ)

ସ୍କୁଲ ପିଲାଙ୍କ ଡ୍ରେସ୍ ବିଲ୍ କରାଇବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ


ଗିରଫ ହୋଇଥିବା ଏମଡି. ଫିରୋଜ ଖାଁ।

ରାଜକନିକା ବ୍ଲକ କାଳିକାପୁରଠାରେ ଥିବା ବିଇଓଙ୍କ କାର୍ଯ୍ୟାଳୟର ଜଣେ ଆକାଉଣ୍ଟାଣ୍ଟ ଏମଡି. ଫିରୋଜ ଖାଁ ଭିଜିଲାନ୍ସ ହାତରେ ଲାଞ୍ଚ ନେବା ବେଳେ ସୋମବାର ଧରାପଡିଛନ୍ତି। ବିଦ୍ୟାଳୟର ଡ୍ରେସ୍ ବାବଦ ୧ଲକ୍ଷ ୩୩ ହଜାର ଟଙ୍କାର ବିଲ୍ ପାସ୍ କରାଇ ଦେବାକୁ ୨୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବାବା ଦଧିବାମନ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନେ ୨୦ ହଜାର ଟଙ୍କା ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା କଟକ ଭିଜିଲାନ୍ସ ଟିମ୍ ଚଢ଼ଉକରି ଟଙ୍କା ସହ ଫିରୋଜଙ୍କୁ ମାଡି ବସିଥିଲା। ନଗ୍ନି ଗାଁର ବାବା ଦଧିବାବନ ଏସ୍‌ଏଚ୍‌ଜିର ମହିଳାମାନେ ଗୁବର କଲିଭଣ୍ଡା, ମାନପୁର, ବାଲିସାହି ଭଳି ୫ଟି ବିଦ୍ୟାଳୟରେ ଏଲିମେଣ୍ଟାରୀ ଡ୍ରେସ୍ ବଣ୍ଟନ କରିବାକୁ ଟେଣ୍ଡର ନେଇଥିଲେ। ଏହି ଡ୍ରେସ୍ ବାବଦ ବିଲ୍ କରିବାକୁ ଆକାଉଣ୍ଟାଣ୍ଟ ଆଗରୁ ୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଆଉ ୨ଟି ସ୍କୁଲର ବିଲ୍ କରିବାକୁ ୨୭ ହଜାର ଲାଞ୍ଚ ମାଗିଥିଲେ। ସୋମବାର ବିଲ୍ କରାଇ ଦେବାକୁ ବିଇଓ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଫିରୋଜ ରାଜକନିକା ଅଶୋକ ବଜାରଠାରେ ଏସ୍‌ଏଚ୍‌ଜିର ସମ୍ପାଦିକା କବିତା ସାହୁଙ୍କ ସ୍ୱାମୀ ବାସୁଦେବ ସାହୁଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ପୂର୍ବରୁ ପ୍ରସ୍ତୁତ ଥିବା କଟକ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ତେବେ କଟକ ଭିଜିଲାନ୍ସ ପୋଲିସ ନଂ. ୫/୨୫ରେ ମାମଲା ରୁଜୁ କରି ଗିରଫ କରି ଫିରୋଜଙ୍କୁ କଟକ ନେଇଥିବା ଜଣାପଡିଛି।

## ଦୁବାଇରେ ପଡ଼ିରହିଛି ଦାଦନ ଶ୍ରମିକଙ୍କ ମୃତଦେହ

ରାଜନଗର, ୧୭।୩(ଭାସ୍କର ରାଉତରାୟ)

ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କାନଫୁଲିଆ ଗ୍ରାମର ଦିବାକର ପରିଡାଙ୍କ ସାନପୁଅ ରାଜେଶ କୁମାର ପରିଡା (୩୩) ଦୁବାଇରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ଫେବୃଆରୀ ୨୦ରେ ଘରୁ ଦୁବାଇକୁ ଯାଇଥିଲେ। ମାର୍ଚ୍ଚ ମାସ ୫ ତାରିଖଠାରୁ ସେଠାରେ ନିଖୋଜ ହୋଇଯାଇଥିଲେ। ସେ ରହୁଥିବା କ୍ୟାମ୍ପସ ମଧ୍ୟରେ ସ୍ଥାନୀୟ ପ୍ରବାସୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ସେମାନେ ଖବର ପାଇଥିଲେ ଦୁବାଇର ଦେଇରା ଥାନାରେ ତାଙ୍କ ମୃତଦେହ ରହିଛି। ଏହି ଘଟଣା ଜାଣିବା ପରେ ଓଡ଼ିଆ ଯୁବକମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ରାଜେଶଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାରରେ କାନ୍ଦ ବୋବାଳି ଲାଗି ରହିଛି। ମୃତ ରାଜେଶ ୨୦୨୩ରେ ଦୁବାଇର ଆଲମଣ୍ଡ ମେକାନିକ କମ୍ପାନୀରେ କାମ କରୁଥିଲେ। ଏହି କମ୍ପାନୀରୁ କାମ ଛାଡି ଫେବୃଆରୀରୁ ଦୁବାଇର ୟୁନାଇଟେଡ ମାଷ୍ଟର୍ସ ଇଲୋକ୍ଟ୍ରି ମେକାନିକାଲ ଏଲଏଲସିରେ କାମ କରୁଥିଲେ। ରାଜେଶଙ୍କ ମୃତ୍ୟୁ କିପରି ହେଲା, କିଏ ହତ୍ୟା କରିଛି, ନା ଆଉ କିଛି କାରଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ପୁଅର ମୃତଦେହ ଦୁବାଇରେ ଥିବା ବେଳେ ପରିବାର ଓ ଗାଁରେ କାନ୍ଦ ବୋବାଳି ପଡ଼ିଛି। ରାଜେଶଙ୍କ ମୃତଦେହ କିପରି ଗାଁକୁ ଆସିବ ସେ ନେଇ ବାପା ଦିବାକର ପରିଡା ଓ ମା' ସଞ୍ଜୁକ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି।

## ବାଲ୍ୟବିବାହ ନିଷେଧ ଅଧିନିୟମ ସଚେତନତା ଶିବିର

ଡେରାବିଶ, ୧୭।୩ (ବେବର୍ତ୍ତା ଅଜୟ ଦାସ)

ଥାନାସ୍ତରୀୟ ବାଲ୍ୟ ବିବାହ ନିଷେଧ ଅଧିନିୟମ ସଚେତନତା ଶିବିର ଡେରାବିଶ ଥାନା ପରିସରରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଶାଖା ଓ ଡେରାବିଶ ଥାନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଶିବିରରେ ଶିଶୁ ସୁରକ୍ଷା ୟୁନିଟର ଏଲପିଓ ବିବେକାନନ୍ଦ ଅଟାବୁଦ୍ଧି ପୌରୋହିତ୍ୟ କରିଥିଲେ। ଏଥିରେ ଡେରାବିଶ ସରୋଜ କୁମାର ଦାସ ମୁଖ୍ୟ ଅତିଥି ଏବଂ ଡେରାବିଶ ବ୍ଲକ ସିଡିପିଓ ହରପ୍ରିୟା ଦେବୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମାଜର ବ୍ୟାଧି ଭାବେ ପରିଗଣିତ ଥିବା ବାଲ୍ୟ ବିବାହ ପ୍ରଥାର ମୁଳୋତ୍ପାଟନ ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ପାଇଁ ଆହ୍ୱାନ କରିବା ସହ ବାଲ୍ୟ ବିବାହ କରିବାରେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ସହାୟତା କରୁଥିବା ବ୍ୟକ୍ତି ବା ସଙ୍ଗଠନମାନଙ୍କ ପାଇଁ ଆଇନତଃ ୨ବର୍ଷ କାରାଦଣ୍ଡ ସହ ୨ଲକ୍ଷ ଟଙ୍କାର ଜରିମାନ ବ୍ୟବସ୍ଥା ରହିଥିବା ନେଇ ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ପ୍ରଦୋଷ ପଟ୍ଟନାୟକ, ବିଜୟ କୁମାର ଦାସ ଓ ଏଏସ୍‌ଆଇ ମେନକା ତ୍ରିପାଠୀଙ୍କ ସମେତ ଜିଲା ଶିଶୁ ସୁରକ୍ଷା ଶାଖାର ସିଏଚଏଲ ମୋନାଲିସା ଦଣ୍ଡପାଟ ଓ ସିଡବ୍ଲ୍ୟୁସି ସଦସ୍ୟ ଲଳିତ କୁମାର ସାହୁ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ ଅଧିନିୟମ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିବିରରେ ଅଞ୍ଚଳର ବହୁ ସଂଖ୍ୟାରେ ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତା, ବ୍ରାହ୍ମଣ, ପୂଜକ, ବାରିକ, ଟେଣ୍ଟ ହାଉସ ମାଲିକ, ଆଙ୍ଗନୱାଡି କର୍ମୀ, ମହିଳାପୁରୁଷମାନେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସିଏଚଏଲ ରବୀନ୍ଦ୍ର କୁମାର ମାହାନ୍ତି ଧନ୍ୟବାଦ ଦେଇଥିଲେ। ଏହାକୁ ଥାନା ଓ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ମିଳିତ ଜନଶୁଣାଣି ଶିବିର: ୧୩୪ ଅଭିଯୋଗ


ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ମାର୍ଶାଘାଇ, ୧୭।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ସିଲିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତିରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ବିଡିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୩୪ଟି ଅଭିଯୋଗ ଶୁଣାଣି ହୋଇଥିଲା। ସେଥିରୁ ୧୩ଟି ସାମୂହିକ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ଜାତୀୟ ରାଜପଥର କାନପୁର ଗୋଜବାୟାଣୀ ଛକଠାରେ ଏକ ପିୟୁପି ନିର୍ମାଣ ଓ କାନପୁର ଛକଠାରୁ ସିଲିପୁର ଛକ ପର୍ଯ୍ୟନ୍ତ ଏକ ସର୍ଭିସ ରୋଡ ନିର୍ମାଣ ପାଇଁ ଡୁମୁକା ଓ ଦଶିପୁର ପଞ୍ଚାୟତର ଜନସାଧାରଣ ଦାବି କରିଥିଲେ। ଲକ୍ଷ୍ମୀ ବସ୍ ଚଳାଚଳ, ପାନୀୟ ଜଳ ତଥା ସରକାରୀ ଜାଗା ଅବରୋଧ ମୁକ୍ତ ପାଇଁ ସିଲିପୁର ପଞ୍ଚାୟତ, ବଡ଼ପାଳ, ଡଅଁରମୁଣ୍ଡ ଗ୍ରାମରେ ପାନୀୟଜଳ ଯୋଗାଣ ପାଇଁ ଦାବି କରାଯାଇଥିଲା। ଡୁମୁକା ଓ ଗୋସେଇଁବନ୍ଧ ଗ୍ରାମରେ ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ସାମାଜିକ କର୍ମୀ ତ୍ରୈଲୋକ୍ୟନାଥ ବେଉରା ଦାବି କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନାରେ ଘର, ରାଶନ କାର୍ଡ, ଭତ୍ତା ଆଦି ରହିଥିଲା। ଖବରଦାତା ବେବର୍ତ୍ତା ଅଜୟ ଦାସ ନିଜ ଚିକିତ୍ସା ପାଇଁ ସରକାରୀ ସହାୟତା ଲାଗି ଦରଖାସ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନ, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବସନ୍ତ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୋପାଳ ପ୍ରହରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲୀ ପ୍ରିୟଦର୍ଶିନୀ, ବ୍ଲକ ସିଡିପିଓ ଶୈଳବାଳା ଚାଷୀ, ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରିଣୀ ସୋନାଲି ବେଉରା ଉପସ୍ଥିତ ଥିଲେ।

## ସରିଲା ଭରତପୁର ମକଦ୍ଦମ ମେଳଣ



କେନ୍ଦ୍ରାପଡ଼ା, ୧୭।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଭରତପୁର ପଞ୍ଚାୟତର ମକଦ୍ଦମ ମେଳଣ ସୋମବାର ଶେଷ ହୋଇଛି। ସୀତାରାମପୁର ମଠ ପଡିଆସ୍ଥ ଶ୍ରୀଦଧିବାମନଜୀଉ ମନ୍ଦିର ସମ୍ମୁଖରେ ଏହି ମେଳଣ ରବିବାର ଆରମ୍ଭ ହୋଇଥିଲା। ମେଳଣ ଉତ୍ସବରେ ଆଖପାଖର ମୋଟ ୧୮ ବିମାନ ସାମିଲ ହୋଇଥିଲେ। ଏ ସମ୍ପର୍କରେ କର୍ମକର୍ତ୍ତା ପ୍ରବୋଧ ଦାସ କହିଛନ୍ତି, ଶ୍ରୀଗୋପାଳଜୀଉଙ୍କ ମକଦ୍ଦମ ମେଳଣ ଦୀର୍ଘ ୨୫୭ବର୍ଷ ଧରି ପାଳନ ହୋଇଆସୁଛି। ରାମଲୀଳା, ଘୋଡା ନାଚ ଆଦି ସହ ବିମାନଗୁଡ଼ିକ ବାଜା ରୋଷଣିରେ ଆସିଥାନ୍ତି। ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାଙ୍କୁ ଏଠାରେ ସମ୍ମାନିତ କରାଯାଇଥାଏ। ଚଳିତବର୍ଷ ତପନ ମହାରଣାଙ୍କୁ ସମ୍ମାନିତ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ମେଳଣକୁ ଅଧିକାରୀ ରାଜେନ୍ଦ୍ର ଦାଶ, ଅଧିକାରୀ ରସାନନ୍ଦ ଦାସ, ସରାଜକାନ୍ତ ପତିଙ୍କ ସହ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ପୁନର୍ବାସ ପକ୍ଷରୁ ଦନ୍ତ ଚିକିତ୍ସା ଶିବିର

କେନ୍ଦ୍ରାପଡ଼ା, ୧୭।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ନିଶୁଳ୍କ ଦନ୍ତ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ମସ୍ତିଷ୍କ ପକ୍ଷାଘାତ, ଅଟିଜିମ, ଓ ବୌଦ୍ଧିକ ଅନଗ୍ରସର ଶିଶୁଙ୍କ ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ଡ. ବିରଜା କୁମାର ରାଉତରାୟ କହିଛନ୍ତ, ରାଜ୍ୟ ସାମାଜିକ ସୁରକ୍ଷା ବିଭାଗ, ବରିଷ୍ଠ ଦନ୍ତ ଚିକିତ୍ସକ ଡା. ମିଳନ କୁମାର ଓ ଟିମ୍ ସହ ପୁର୍ନବାସ ଅନୁଷ୍ଠାନର ମିଳିତ ପ୍ରୟାସରେ ଶିବିର ପୁନର୍ବାସ ପରିସରରେ ଅନୁଷ୍ଠିତ ହୋଇଥିଲା। ସାଧରଣତଃ ଏପରି ଭିନ୍ନକ୍ଷମ ଶିଶୁଙ୍କ ଯତ୍ନ ନେବା ଜରୁରୀ ହୋଇପଡିଛି। ମୁଖ ଜନିତ ରୋଗ ହେଉଥିଲେ ମଧ ଶିଶୁଙ୍କ ଉପଯୁକ୍ତ ଚିକିତ୍ସା ହୋଇପାରୁନାହିଁ। ଡା. ମିଳନ କୁମାର ଚିକିତ୍ସା ସହ ପରାମର୍ଶ ପ୍ରଦାନ କରିଥିଲେ। ଏହିଶିବିରକୁ ଅନୁଷ୍ଠାନର କର୍ମକର୍ତ୍ତା ସଞ୍ଜୀବ ଜେନା, ମନୋଜ ବିଶ୍ୱାଳ, ଗାୟତ୍ରୀ ପୃଷ୍ଟି, ରଚିତା ଜେନା, ଗୁଞ୍ଜନସ୍ମିତା ବେହେରା, ବଂଶୀଧର ମହାନ୍ତି, ମହମ୍ମଦ ଜାହିଦ ଖାନ ପ୍ରମୁଖ ପରିଚାଳନା କରିଥିଲେ।

## ସମସ୍ତଙ୍କ ପାଇଁ ଫାଟକ ଖୋଲିବାକୁ ସ୍ୱାଭିମାନ ମଞ୍ଚର ବୈଠକ

ରାଜନଗର, ୧୭।୩(ଭାସ୍କର ରାଉତରାୟ)

କେରେଡ଼ାଗଡ଼ ଶ୍ରୀଜଗନ୍ନାଥ ମନ୍ଦିର

ଉପକୂଳ ଓଡ଼ିଶାର ଚର୍ଚ୍ଚିତ ଜଗନ୍ନାଥଧାମ ରାଜନଗର ବ୍ଲକର କେରେଡ଼ାଗଡ଼ ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରଭୁ ଜଗନ୍ନାଥ ଭକ୍ତଙ୍କ ପାଇଁ ଅଛୁଆଁ। ଏଠି ଦିନରାତି ୨୪ ଘଣ୍ଟା ମନ୍ଦିର ଗେଟ୍‌ରେ ତାଲା ଝୁଲୁଛି। ମନ୍ଦିର ମଧ୍ୟକୁ, ଏପରିକି ବେଢ଼ା ମଧ୍ୟକୁ ଭକ୍ତଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି। ତେଣୁ ଏହି ଗେଟ୍ ସମସ୍ତଙ୍କ ପାଇଁ ଖୋଲିବାକୁ ରାଜନଗର ସ୍ୱାଭିମାନ ମଞ୍ଚ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଯାଇଛି।

ମନ୍ଦିରକୁ ଭକ୍ତଟିଏ ଦର୍ଶନ କରିବାକୁ ଆସିଲେ, ୫୦ ଫୁଟ ଦୂରରୁ ରାସ୍ତା ଉପରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ହେବ। ପୂର୍ବରୁ ଦଳିତମାନେ ଦର୍ଶନ କରୁଥିବା ୯ କଣା ଭଙ୍ଗାଯାଇ ୧୩୨କଣା ଥିବା ଲୁହାଗେଟ୍ ଲଗାଯାଇଛି। ଏହି ୧୩୨ କଣା ମଧ ଦେଇ ଉଭୟ ସବର୍ଣ୍ଣ ଅସବର୍ଣ୍ଣ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି। ଏହି ମନ୍ଦିରରେ ପିଠାପଣା, ଫଳମୂଳ ଯଥା ଅଙ୍ଗୁର, କଦଳୀ, ସେଓ ଏପରିକି ଛଡ଼ା ନଡ଼ିଆକୁ ଭୋଗ କରିବା ପାଇଁ ବାରଣ କରାଯାଇଛି। କେବଳ ଅଛଡ଼ା ନଡ଼ିଆ ଭୋଗ ହେବାର ବିଧି ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ଅଜବ ନିଷ୍ପତ୍ତି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରି ଛିଡା କରିଛି। ଦୀର୍ଘ ୧୯ବର୍ଷ ହେଲା ମହାପ୍ରଭୁ ଜଗନ୍ନାଥ ଏଠି ଅଛୁଆଁ ହୋଇ ରହିଥିବା ଯୋଗୁ ମହାପ୍ରଭୁଙ୍କୁ ଭକ୍ତ ବର୍ଷତମାମ ପାଖରୁ ଦେଖିବାରୁ ବଞ୍ଚିତ ହୋଇଆସୁଛନ୍ତି। ନୂଆ ସରକାର ଆସିବା ପରେ ଶ୍ରୀମନ୍ଦିରରେ ୪ ଦ୍ୱାର ଖୋଲାଯାଇ ଭକ୍ତଙ୍କୁ ଦର୍ଶନର ବ୍ୟବସ୍ଥା କରାଯାଇଛି। କେରେଡ଼ାଗଡ଼ରେ ମନ୍ଦିର ମଧ୍ୟକୁ ଭକ୍ତଙ୍କୁ ପ୍ରବେଶ ଉପରେ ବାରଣ କେବେ ହଟିବ, ସେ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ଏହି ଘଟଣା ପରଠାରୁ ସବୁବେଳେ ଗହଳି ଚହଳି ଲାଗି ରହୁଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଏବେ ଭକ୍ତଙ୍କୁ ଦେଖିବାକୁ ମିଳୁନି। କେରେଡ଼ାଗଡ଼ ଶ୍ରୀଜଗନ୍ନାଥ ମନ୍ଦିରକୁ ସମସ୍ତେ ଯାଇ ଯେପରି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ରାଜନଗର ସ୍ୱାଭିମାନୀ ମଞ୍ଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରାଜନଗର ପୁରୁଣା ଘାଟ ରାସ୍ତାରେ ଅନୁଷ୍ଠିତ ହୋଇଥିଲା। ସ୍ୱାଭିମାନୀ ମଞ୍ଚର ସଭାପତି ସଂଗ୍ରାମ କେଶରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଯୁବନେତା ସହଦେବ ସାହୁ, ବିଚିତ୍ର କୁମାର ରାଉତ, ମନୋରଞ୍ଜନ ସ୍ୱାଇଁ, ଅଲେଖ ଚନ୍ଦ୍ର ପାତ୍ର, ବିଜୟ କୁମାର ବଳ, ପ୍ରମୋଦ କୁମାର ରାଉତ, ପ୍ରଶାନ୍ତ ଖଣ୍ଡୁଆଳ, ସୁକାନ୍ତ କୁମାର ବେହେରା, ଶୂନ୍ୟବାସୀ ରଣା, ବିନତି ସେଠୀ, ବର୍ଷାରାଣୀ ମଲିକ ପ୍ରମୁଖ ଯୋଗଦେଇ ସବୁବର୍ଗର ନେତାମାନଙ୍କୁ ଭେଟି ଏହି ଘଟଣାର ଆଶୁ ସମାଧାନ କରାଯିବାକୁ ନିଷ୍ପତ୍ତି ହୋଇଛି।

## ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର, ରେକର୍ଡ ଫୋପାଡ଼ିବା ଅଭିଯୋଗ

ରାଜନଗର, ୧୭।୩(ଭାସ୍କର ରାଉତରାୟ)

■ ନାଗା ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଭାବନୀୟ ପରିସ୍ଥିତି
■ ଜାତି ନେଇ ଗାଳି ଗୁଲଜ ସହ ମହିଳା ଖବରଦାତାଙ୍କୁ ଅସଦାଚରଣ


ଗଣମାଧମ ପ୍ରତିନିଧି ଓ ପୋଲିସ ଅଧିକାରୀ।

ରାଜନଗର ବ୍ଲକ ଖମାରସାହିସ୍ଥିତ ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟ ମଧ୍ୟକୁ ପଶି ୱେବ୍ ଖବରଦାତା ଜୋରଜବରଦସ୍ତ ଆଲମିରା ଖୋଲି ବିଦ୍ୟାଳୟର ରେକର୍ଡପତ୍ର କାଢ଼ି ଫିଙ୍ଗିବା ସହ ଶିକ୍ଷକଙ୍କୁ ମାଡ଼ ମାରିବା, ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଓ ୫୦୦ ପରୀକ୍ଷାର୍ଥୀଙ୍କ ପରୀକ୍ଷାରେ ବାଧା ସୃଷ୍ଟି କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ବିଦ୍ୟାଳୟ ପକ୍ଷରୁ ୪ ଜଣଙ୍କୁ ଅଟକ ରଖି ପୋଲିସ ଜିମା ଦିଆଯାଇଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ମହିଳା ଖବରଦାତାଙ୍କୁ ଅସଦାଚରଣ ଓ ଅନ୍ୟ ଜଣେ ଖବରଦାତାଙ୍କୁ ଜାତି ନେଇ ଗାଳିଗୁଲଜ ସହ ମାଡ଼ ମରାଯାଇଥିବା ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟର ପାଚିକା ତାଙ୍କୁ ଖବରଦାତା ମାଡ଼ ମାରିବା ସହ ଶାଢ଼ି ଟଣାଓଟରା କରିଥିବା ନେଇ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଥାନାରେ ୪ଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପ୍ଳବ କେଶରୀ ନାୟକଙ୍କ ଅଭିଯୋଗ ମୁତାବକ, ସୋମବାର ପୂର୍ବାହ୍ନ ୧୦ଟାରେ ୱେବ୍ ଖବରଦାତା ଅନିରୁଦ୍ଧ ସେଠୀ, ବିନୋଦ କୁମାର ସାହୁଙ୍କ ସମେତ ୪ ଜଣ ବିଦ୍ୟାଳୟରେ ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ୪ ମାସ ହେଲା କାହିଁକି ବିଦ୍ୟାଳୟକୁ ଆସୁ ନ ଥିଲ ରେକର୍ଡ ଦେଖାଅ କହି କାର୍ଯ୍ୟାଳୟକୁ ଜବରଦସ୍ତ ପଶି ନିଜେ ନିଜେ ଆଲମିରା ଖୋଲି ରେକର୍ଡପତ୍ର ଫୋପାଡ଼ି ଥିଲେ। ପ୍ରତିବାଦ କରିବାରୁ ୫୦ ହଜାର ଦିଅ ନ ହେଲେ ରେକର୍ଡ ଦେଖାଅ କହି ଏକ ଶକ୍ତ ଧକ୍କା ମାରିଥିଲେ। ଖବରଦାତାଙ୍କ ଧକ୍କାରେ ଶିକ୍ଷୟିତ୍ରୀ କାନ୍ଥରେ ବାଡ଼େଇ ହୋଇ ତଳେ ପଡ଼ିଯିବା ସହ ଚେତା ହରାଇଥିଲେ। ୱେବ୍ ଖବରଦାତାଙ୍କ ଏପରି କାର୍ଯ୍ୟକୁ ମୋବାଇଲରେ ରେକର୍ଡ କରୁଥିବା ଶିକ୍ଷୟିତ୍ରୀଙ୍କୁ ମୋବାଇଲ ଛଡ଼ାଇ ନେଇ ଫୋପାଡ଼ି ଦେବା ସହ ତାଙ୍କୁ ଧକ୍କା ମାରି ଟଣାଓଟରା କରିଥିଲେ। ତାଙ୍କ ଚିତ୍କାର ଶୁଣି ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଆସି ସେମାନଙ୍କ କବଳରୁ ଶିକ୍ଷୟିତ୍ରୀଙ୍କୁ ରକ୍ଷା କରିବା ସହ ଚେତାଶୂନ୍ୟ ଅବସ୍ଥାରେ ମୋତେ ଉଦ୍ଧାର କରି ନିକଟସ୍ଥ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରଥମରୁ ନବମ ଶ୍ରେଣୀ ମଧ୍ୟରେ ପରୀକ୍ଷା ଦେଉଥିବା ୫୦୦ ଛାତ୍ରୀଛାତ୍ର ୱେବ୍ ଖବରଦାତାଙ୍କ ଏପରି କାର୍ଯ୍ୟ ଯୋଗୁ ପରୀକ୍ଷାରେ ବାଧା ସୃଷ୍ଟି କରିଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଖବର ଶୁଣି ପରିଚାଳନା କମିଟି ଓ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ୪ ଜଣଙ୍କୁ ଅଟକ ରଖି ତାଳଚୁଆ ପୋଲିସକୁ ଡକାଇ ଜିମା ଦେଇଥିଲେ। ପୋଲିସ ବିଦ୍ୟାଳୟରେ ପହଞ୍ଚି ୪ ଜଣଙ୍କୁ ଥାନାକୁ ନେଇଛି। ଏଥିସହ ବିଦ୍ୟାଳୟର ପାଚିକାଙ୍କ ଅଭିଯୋଗ ମୁତାବକ, ୨ ଜଣ ଖବରଦାତା ଓ ଅନ୍ୟ ଜଣେ ରୋଷେଇ ଘରକୁ ପଶି କେତେ ମିଲ୍ ଖାଇଛ ବୋଲି ଅଶ୍ଳୀଳ ଭାଷାରେ କହିଥିଲେ। ପ୍ରତିବାଦ କରିବାରୁ ଖବରଦାତା ଗାଲକୁ ଚାପୁଡ଼ା ମାରିବା ସହିତ ଗାଳି ଗୁଲଜ କରି ପିନ୍ଧିଥିବା ଶାଢ଼ିକୁ ଟଣାଓଟରା କରିଥିବା ନେଇ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ଅନିରୁଦ୍ଧ ସେଠୀଙ୍କ ଅଭିଯୋଗ ମୁତାବକ, ଗଣମାଧମ ପ୍ରତିନିଧି ଭାବେ ବିଦ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇଥିଲୁ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଆମକୁ ଜାତି ନେଇ ଗାଳିଗୁଲଜ କରିବା ସହ ଫୋନ କରି ଅଭିଭାବକଙ୍କୁ ଡକାଇ ମାଡ଼ ମାରିଛନ୍ତି। ମହିଳା ଖବରଦାତାଙ୍କ ଅଭିଯୋଗ ମୁତାବକ, ଖବର ସଂଗ୍ରହ ପାଇଁ ଟିମ ସହିତ ଯାଇଥିବା ବେଳେ ଶିକ୍ଷୟିତ୍ରୀ ଓ ପାଚିକା ସହାୟିକା ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଏହି ସମୟରେ ୩ରୁ ୪ ଜଣ ଯୁବକ ମୋତେ ମାଡ଼ ମାରିବା ସହ ଚୁଟିକୁ ଘୋଷାଡ଼ି ତଳେ ପକାଇ ଅସଦାଚରଣ କରିଥିବା ଅଭିଯୋଗ କରିଛନ୍ତି।

## ପଟ୍ଟାମୁଣ୍ଡାଇରେ ଶ୍ରୀରାମଚରିତ ମାନସ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୧୭।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇରେ ଶ୍ରୀରାମ ଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ଆସନ୍ତା ୨୯ ତାରିଖରୁ ଏପ୍ରିଲ ୬ ପର୍ଯ୍ୟନ୍ତ ୯ ଦିନ ବ୍ୟାପି ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବଣିକ ସଂଘ ଓ ମାନସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଚରିତ ମାନସ କମିଟି ସଭାପତି କିରଣ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଚତୁର୍ଭୁଜ ରାଉଳ, ସୁଦର୍ଶନ ଦାସ, କିଶୋର ଜେନା, ପତିତପାବନ ଭଦ୍ର, ଅଚ୍ୟୁତାନନ୍ଦ ଜେନା, ହରେକୃଷ୍ଣ ସାହୁ, ସମ୍ବିତ ଦାଶ, ଅଜୟ ପାଢ଼ୀ, ଅରୁଣା ପାତ୍ର, ବାଇଧର ବାରିକ, ସଂଗ୍ରାମ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶ୍ରୀରାମ ଚରିତ ମାନସ ଓ ପ୍ରବଚନ ଜ୍ଞାନଯଜ୍ଞକୁ ଓଡ଼ିଶାର ପ୍ରସିଦ୍ଧ ପ୍ରବଚକମାନେ ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି।

# ସାଧାରଣ ସଭା ବୈଠକ ବାତିଲ ପାଇଁ ଦାବି

## ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

- ଜିଲାପାଳଙ୍କୁ ଫେରାଦ୍ ହେଲେ ପାକ୍ସ ସମ୍ପାଦକ
- ସମ୍ପାଦକ ସାଧାରଣ ସଭା ବୈଠକ ଡାକିବାକୁ ପ୍ରତିବାଦ

ନୟାଗଡ଼,୧୭।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ପରିଚାଳନା ପରିଷଦର ସଭାପତି ଥିବାବେଳେ ସମ୍ପାଦକ ସାଧାରଣ ସଭା ବୈଠକ ଡାକିବାକୁ ନେଇ ପ୍ରତିବାଦ ଉଠିଛି। ଶତାଧିକ ପାକ୍ସ ସଭାପତି ବ୍ୟାଙ୍କ ସମ୍ପାଦକଙ୍କ ସାଧରଣ ସଭା ଡାକିବାକୁ କରିଥିବା ନୋଟିସ୍‌କୁ ବିରୋଧ କରି ଜିଲାପାଳଙ୍କୁ ଫେରଦ୍ ହୋଇଛନ୍ତି। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ନାଥ ସାହୁ, ଶିଖରପୁର ପାକ୍ସ ସଭାପତି ସନ୍ନ୍ୟାସି ପ୍ରଧାନ, ସୋଲପଟା ରଘୁନାଥପୁର ପାକ୍ସ ସଭାପତି ସୁଶାନ୍ତ କୁମାର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ବେଆଇନ ଭାବେ ସାଧାରଣ ସଭା ବୈଠକ ଡାକିଥିବା ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବୈଠକ ବାତିଲ କରିବାକୁ ଦାବି କରିଛନ୍ତି।

ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ କୁହାଯାଇଛି, ବ୍ୟାଙ୍କ ରୁଲ ୨୬(୪)ରେ ସଭାପତିଙ୍କ ବ୍ୟତିତ ଅନ୍ୟ କେହି ସାଧାରଣ ସଭାର ବୈଠକ ଡାକି ପାରିବେ ନାହିଁ। ସେହିପରି ରୁଲ୍ ୨୬(୫) ଅନୁସାରେ ୯ ଦିନ ପୂର୍ବରୁ ନୋଟିସ୍ ଦିଆଯାଇପାରିବ। ତେବେ ମାର୍ଚ୍ଚ ୧୯ରେ ଜିଲା ପରିଷଦ ସୃଜନ ସଭାକକ୍ଷରେ ସାଧାରଣ ସଭା କରିବାକୁ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମ୍ପାଦକ ନୋଟିସ୍ କରିଛନ୍ତି। ୧୯ ତାରିଖରେ ସାଧାରଣ ସଭା ଡକାଯାଇଥିବାବେଳେ ମାର୍ଚ୍ଚ ୧୨ରେ ନୋଟିସ୍ ପଠାଯାଇଛି। ସମ୍ପାଦକ ରୁଲ ୨୬(୫), ବାଇଲ ୨୩(୫)କୁ ବିରୋଧ କରି ସାଧାରଣ ସଭାର ବୈଠକ ଡାକିଥିବାରୁ ବୈଠକର ନୋଟିସ୍ ଅବୈଧ ବୋଲି ଧରାଯିବ। ଅପରପକ୍ଷେ ନୋଟିସ୍‌ର ଏଜେଣ୍ଡା ବିସ୍ତୃତ ବିବରଣୀ କାହାରିକୁ ଦିଆଯାଇନି। ଯାହାକି ରୁଲ ୨୯(ବି)କୁ ବିରୋଧ କରୁଛି। ପୁଣି ଜିଲାର ୧୪୨ ପାକ୍ସର ୭ ହଜାର ସଭ୍ୟ ଥିବାବେଳେ ସାଧାରଣ ସଭାର ବୈଠକ ଅଧା ସଭ୍ୟ ବି ଜାଣିନାହାନ୍ତି। ଜିଲାପାଳ ଆର୍ଥିକ କ୍ଷମତା ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟକ୍ରମ ବ୍ୟାଙ୍କରେ କରିପାରିବେ ନାହିଁ। ସାଧାରଣ ସଭାରେ ସଭାପତିତ୍ୱ ବି କରିପାରିବେ ନାହିଁ। ବ୍ୟାଙ୍କ ସଭାପତିଙ୍କ ବ୍ୟତିତ ଅନ୍ୟ କେହି ସାଧାରଣ ସଭାରେ ସଭାପତିତ୍ୱ କରିବାର ନିୟମ ନାହିଁ। ରାଜନୈତିକ ଚାପରେ ଯଦି ସାଧାରଣ ବୈଠକରେ କାହାରିକୁ ସଭାପତି କରିବାକୁ ସୁଯୋଗ ଦିଆଯାଏ ତେବେ ହାଇକୋର୍ଟର ୨୦୨୫ ମାର୍ଚ୍ଚ ୭ ନିର୍ଦ୍ଦେଶକୁ ଅବମାନନା ହେବ। ମନଇଚ୍ଛା ସାଧାରଣ ବୈଠକ କରାଗଲେ ହାଇକୋର୍ଟର ଅବମାନନା ମାମଲାରେ ଫସିବେ ବୋଲି ପାକ୍ସ ସମ୍ପାଦକମାନେ ଜିଲାପାଳଙ୍କୁ ସ୍ମାରକପତ୍ରରେ ଅବଗତ କରାଇଛନ୍ତି।

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ପରିଚାଳନା ପରିଷଦକୁ ଦୁର୍ନୀତି ଅଭିଯୋଗରେ ସରକାର ଫେବୃଆରୀ ୬ରେ ନିଲମ୍ବନ କରିଥିଲେ। ପରିଚାଳନା ପରିଷଦକୁ ନିଲମ୍ବନ ପରେ ନୟାଗଡ଼ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କୁ ପରିଚାଳନା କ୍ଷମତା ସରକାର ପ୍ରଦାନ କରିଥିଲେ। ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ପକ୍ଷରୁ ଚିଠି ନଂ. ୨୩୪୯/୬।୨।୨୦୨୫ରେ ନିଲମ୍ବନ ଆଦେଶ ପ୍ରଦାନ କରାଯାଇଥିଲା। ପରିଚାଳନା ପରିଷଦର ସଭାପତିଙ୍କ ସମେତ ପରିଚାଳନା ପରିଷଦ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଥିଲା। ବ୍ୟାଙ୍କର ଆୟକର ବାବଦ ୩୬୨ କୋଟି ୫୬ ଲକ୍ଷ ଟଙ୍କାର ଜରିମାନା ମାମଲାର ସମାଧାନ ପାଇଁ ନୟାଗଡ଼ର ଏସ.ଏସ.ଦାସ ଆସୋସିଏଟସ କନସିଷ୍ଟାର୍ଣ୍ଣିସ୍କୁ ଦାୟିତ୍ୱ ଦିଆଯାଇଥିଲା। ବ୍ୟାଙ୍କର ସାଧାରଣ ସଭା ନିଷ୍ପତ୍ତି ପ୍ରକାରେ ଘରୋଇ ସଂସ୍ଥା କନସିଷ୍ଟାର୍ଣ୍ଣିସ୍କୁ ଏକ ପ୍ରତିଶତ ହିସାବରେ ୩ କୋଟି ୬୩ ଲକ୍ଷ ଟଙ୍କା ଦେବାକୁ ସ୍ଥିରିକୃତ ହୋଇଥିଲା। ଏଥିରୁ ୨କୋଟି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଆଇନକାନୁନ ବାହାରେ ଅନ୍ୟ କୌଣସି ସଂସ୍ଥାକୁ ବିଚାରକୁ ନ ନେଇ ଏକ ଘରୋଇ କନସିଷ୍ଟାର୍ଣ୍ଣିସ୍କୁ ଏକତରଫା ଦାୟିତ୍ୱ ଦିଆଯିବା ପରେ ଦୁର୍ନୀତି ନେଇ ପ୍ରଶ୍ନ ଉଠିଥିଲା। ସେହିଭଳି ପବିତ୍ର ମୋହନ ପ୍ରଧାନ ନାମକ ଜଣେ ପୂର୍ବତନ ମ୍ୟାନେଜରଙ୍କୁ ମାସିକ ୧୦ ହଜାର ଟଙ୍କା ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଖର୍ଚ୍ଚରେ ସଭାପତିଙ୍କ ବିଶେଷ କର୍ତ୍ତବ୍ୟରତ ଅଧିକାରୀ ହିସାବରେ ବେଆଇନ ନିଯୁକ୍ତି କରାଯାଇଥିଲା। ପୁଣି ସଭାପତି ଓ ସଭ୍ୟମାନେ ବୈଠକ ଭତ୍ତା ନେଇଥିଲେ। ଏଭଳିସ୍ଥଳେ ୨କୋଟି ୧୦ ଲକ୍ଷ ଟଙ୍କାର ଅର୍ଥ ପ୍ରଦାନକୁ ସରକାର ବେଆଇନ ଓ ମନ୍ଦ ଉଦ୍ଦେଶ୍ୟ ଅନୁଭବ କରି ଉକ୍ତ ଦେଣନେଣ ଟଙ୍କାର ରାଜ୍ୟ ଅର୍ଥନୈତିକ ଅପରାଧ ଅନୁଷ୍ଠାନ ସଂସ୍ଥା(ଇଓଡବ୍ଲ୍ୟୁ)କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି କିଛି ଦୁର୍ନୀତିକୁ ନେଇ ସରକାର ପରିଚାଳନା ପରିଷଦକୁ ନିଲମ୍ବନ କରିଥିଲେ। ତେବେ ନିଲମ୍ବନ ଆଦେଶକୁ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ୭ ତାରିଖରେ ଜାରିକରିଥିଲେ। କୋର୍ଟ ପରିଚାଳନା ପରିଷଦ ପାଖରୁ ଆର୍ଥିକ କ୍ଷମତା ହଟାଇ ଜିଲାପାଳଙ୍କୁ ଦେଇଛନ୍ତି। ଅନ୍ୟପକ୍ଷେ ମେ ୫ରୁ ପରବର୍ତ୍ତୀ ଶୁଣାଣି ହାଇକୋର୍ଟରେ ହେବ ବୋଲି ନିର୍ଦ୍ଦେଶ ରହିଛି। ପରିଚାଳନା ପରିଷଦ ବିରୋଧରେ ହେଉଥିବା ତଦନ୍ତ ଚାଲୁ ରହିବ ବୋଲି ନିର୍ଦ୍ଦେଶ ରହିଛି। ଏଭଳି ସମୟରେ ସମ୍ପାଦକ ସାଧାରଣ ବୈଠକ ଡାକିବା ଝଡ଼ ସୃଷ୍ଟି କରିଛି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପାକ୍ସର ସମ୍ପାଦକମାନେ।

# ଶାନ୍ତନୁ ସମ୍ମାନରେ ସମ୍ମାନିତ ହେଲେ ଡ. ଭାରତ ଭୂଷଣ



ଡ. ଭାରତ ଭୂଷଣ ରଥଙ୍କୁ ସମ୍ମାନିତ କରାଯାଉଛି।

ଖଣ୍ଡପଡା,୧୭।୩ (ଅଜୟ କୁମାର ମହାରଣା)

ଭୁବନେଶ୍ୱରସ୍ଥିତ ରୋଟାରୀ ଭବନରେ ରବିବାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ଶ୍ରୀଜଗନ୍ନାଥ ଚେତନାର ଉତ୍ପତ୍ତି ଓ ବିସ୍ତାର ସମ୍ମିଳିତ ୮ମ ଅଧିବେଶନ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗର ପ୍ରଫେସର ତଥା ଦୂର ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥ ଯୋଗଦେଇଥିଲେ। ସେ ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତିର ଶାସ୍ତ୍ରୀୟ ମତ ଉପସ୍ଥାପନ କରି ଶାନ୍ତନୁ ସମ୍ମାନରେ ସମ୍ମାନିତ ହୋଇଥିବା ଜଣାଯାଇଛି। ଏହି ଅଧିବେଶନରେ ଟ୍ରଷ୍ଟର ପ୍ରତିଷ୍ଠାତା ବରିଷ୍ଠ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ପୌରୋହିତ୍ୟ କରି ଜଗନ୍ନଥଙ୍କ ତତ୍ତ୍ୱ ବିଶ୍ୱପଟଳରେ ବିସ୍ତାର ହେବାର ରହସ୍ୟ ଉନ୍ମୋଚନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଡ. ରଥ ଯୋଗଦେଇ ଶ୍ରୀଜଗନ୍ନାଥଙ୍କର ଉତ୍ପତ୍ତିର ଶାସ୍ତ୍ରୀୟ ମତ ଏବଂ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଓ ମାଧବଙ୍କ ଆଦ୍ୟ ସେବକ ବିଶ୍ୱାବସୁଙ୍କ ତଥ୍ୟ ଉପସ୍ଥାପନ କରିବା ସହ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ, ବିଶିଷ୍ଟ ସାଧୁସନ୍ଥଙ୍କ ଜଗନ୍ନାଥ ଦର୍ଶନ, ଜଗନ୍ନାଥଙ୍କୁ ଭିତ୍ତିକରି ଅନେକ ସାହିତ୍ୟ, ଶ୍ରୀମନ୍ଦିରର ଚିତ୍ରକଳା ଏବଂ ଓଡ଼ିଶାର ପ୍ରାକୃତିକ ପରିବେଶ କିଭଳି ଜଗନ୍ନାଥଙ୍କର ପ୍ରଚାର ପ୍ରସାର କରାଇଛି ସେ ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ଓଡ଼ିଶା ସରକାରଙ୍କର ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବ ପ୍ରସାଦ ଦାଶ ଓ ଗୌରୀ ପ୍ରସାଦ ମହାପାତ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କର ମହତ୍ତ୍ୱ ପ୍ରତିପାଦନ କରିଥିଲେ। କାଦମ୍ବିନୀ ପତ୍ରିକାର ସମ୍ପାଦିକା ଇତି ସାମନ୍ତ ନିଜର ପ୍ରାରମ୍ଭିକ ଭାଷଣରେ ମା’ ସୁଭଦ୍ରାଙ୍କର ତତ୍ତ୍ୱ ଆଲୋଚନା କରିଥିଲେ। ବିଶିଷ୍ଟ ନୃତ୍ୟଗୁରୁ ପ୍ରତିଭା ପଣ୍ଡା ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପକ୍ଷୀଘର ପ୍ରକାଶନୀର ଅଧକ୍ଷ ବନୋଜ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଡ. ରଥ ନୟାଗଡ଼ ଜିଲା ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ଗ୍ରାମରେ ଜନ୍ମଗ୍ରହଣ କରି ସାରସ୍ୱତ ସେବାରେ ବ୍ରତୀ ଥିବା ଜଣାଯାଇଛି।

# ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ବଢ଼ାଇବାକୁ ୯ ଦଫା ଦାବିପତ୍ର



ଓଡ଼ିଶା ଲୋକ ଦଳର ପଦଯାତ୍ରା ପକ୍ଷରୁ ଏଡିଏମ୍‌ଙ୍କୁ ସ୍ମାରକପତ୍ର ଦିଆଯାଉଛି।

## ଓଡ଼ିଶା ଲୋକ ଦଳର ପଦଯାତ୍ରା

ନୟାଗଡ଼,୧୭।୩ (ଲୋକନାଥ ମିଶ୍ର)

ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ବଢ଼ାଇବା ପରି ୯ ଦଫା ଦାବି ନେଇ ଓଡ଼ିଶା ଲୋକ ଦଳର ପଦଯାତ୍ରା ପକ୍ଷରୁ ସୋମବାର ନୟାଗଡ଼ ଅତିରିକ୍ତ ଜିଲାପାଳ (ଏଡିଏମ)ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ନୟାଗଡ଼ ଟାଉନ ଥାନାଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଓଡ଼ିଶା ଲୋକ ଦଳର ଜିଲା ସଭାପତି ଶାନ୍ତନୁ ବିଶୋଇଙ୍କ ନେତୃତ୍ୱରେ ସାମାଜିକ କର୍ମୀ ଶ୍ରୀଧର ପ୍ରଧାନ, ରାଜ୍ୟ ସଭାପତି ତଥା ଓଡ଼ିଶା ଲୋକ ଦଳର ପ୍ରତିଷ୍ଠାତା ସନ୍ତୋଷ ନାରାୟଣ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଶିକ୍ଷାର ବିକାଶ ପାଇଁ ନୟାଗଡ଼ ଜିଲାରେ ଏକ ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଭାବେ ପରିଣତ କରିବା ପରି ଦାବି ରହିଛି। ସେହିପରି ନୟାଗଡ଼ ଜିଲାରେ ମେଡିକାଲ କଲେଜ ସ୍ଥାପନା, ସ୍କିଲ ଇଣ୍ଡିଆ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଲ୍ଟି ସ୍ପେସିଆଲିଟି ଚିକିତ୍ସାଳୟରେ ପରିଣତ, ଜିଲାର ସମସ୍ତ ଚିକିତ୍ସାଳୟରେ ଖାଲି ପଡ଼ିଥିବା ସମସ୍ତ ଡାକ୍ତର ଓ ସହକର୍ମୀଙ୍କ ନିଯୁକ୍ତି, ଜିଲାରେ କିଡନୀ ଓ କ୍ୟାନସର ଚିକିତ୍ସାଳୟ ଖୋଲିବା ପରି ଅନୁରୂପ ଦାବି ରହିଛି। ଅନ୍ୟପକ୍ଷେ ବିଭିନ୍ନ ପ୍ରକାରର କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା, କ୍ଷୁଦ୍ର ଓ କୁଟୀର ଶିଳ୍ପକୁ ପ୍ରାଥମିକତା ଦେବା, ଛେନାପୋଡ଼ର ପ୍ରକ୍ରିୟା କରଣ, ମାନ ନିର୍ଦ୍ଧାରଣ ସହ ବ୍ୟବସାୟୀ କରଣ କରିବାର ଦାବି ରହିଛି।

# ପ୍ରତ୍ୟେକଙ୍କ ଦ୍ୱାରରେ ପୂର୍ଣ୍ଣକୁମ୍ଭ ରଖିବାକୁ ନିବେଦନ

## ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବିଧାୟକଙ୍କ ଖବରଦାତା ସମ୍ମିଳନୀ

ଖଣ୍ଡପଡ଼ା,୧୭।୩ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା କଣ୍ଟିଲୋ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବଜୀଉଙ୍କୁ ଦର୍ଶନ, ଜୀଉଙ୍କ ଆଦ୍ୟ ସେବକ ବିଶ୍ୱାବସୁ ଶବରରାଜାଙ୍କ ଜନ୍ମପୀଠ ନିକଟସ୍ଥ କାଳିଆପଲ୍ଲୀକୁ ଗାଁକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୪ ତାରିଖରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଉପଲକ୍ଷେ ନୀଳମାଧବ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଜିଲା ପ୍ରଶାସନ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ତତ୍ପର ହୋଇଉଠିଛନ୍ତି।

ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ଅଞ୍ଚଳବାସୀ ତଥା ସବୁସ୍ତରରେ ରାଷ୍ଟ୍ରପତିଙ୍କ ଆଗମନକୁ ସ୍ୱାଗତ କରାଯାଉଥିବା ରବିବାର କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କହିଛନ୍ତି। ଏହି ଉପଲକ୍ଷେ ଜିଲାର ପ୍ରତ୍ୟେକ ସରକାରୀ ବିଭାଗ ଓ ଜନସାଧାରଣ ରାଷ୍ଟ୍ରପତିଙ୍କ ସମ୍ମାନ ପାଇଁ କିପରି ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ଗସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ କରି ପ୍ରତ୍ୟାବର୍ତ୍ତନ କରିବେ ସେ ନେଇ ପ୍ରୟାସ ଜାରି ରଖିଥିବାରୁ ବିଧାୟକ ସ୍ୱାଇଁ ପ୍ରଶାସନିକ ଅଧିକାରୀଙ୍କୁ ସାଧୁବାଦ ଜଣାଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମୟରେ ତାଙ୍କୁ ସ୍ୱାଗତ ଲକ୍ଷ୍ୟରେ ପ୍ରତ୍ୟେକଙ୍କ ଦ୍ୱାରରେ ପୂର୍ଣ୍ଣକୁମ୍ଭ ଓ ଦୀପ ପ୍ରଜ୍ୱଳନ କରିବାକୁ ବିଧାୟକ ସ୍ୱାଇଁ ନିବେଦନ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଥମେ ରାଷ୍ଟ୍ରପତି ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ କରି ପରେ ଜୀଉଙ୍କ ଆଦ୍ୟ ସେବକ ବିଶ୍ୱାବସୁ ଶବରରାଜାଙ୍କ ଜନ୍ମ ପୀଠ ନିକଟସ୍ଥ କାଳିଆପଲ୍ଲୀ ପରିଦର୍ଶନରେ ଯିବେ। ରାଷ୍ଟ୍ରପତିଙ୍କ ସାମୟିକ ରହଣୀ ଲାଗି କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଓ ଜଳ ସମ୍ପଦ ବିଭାଗ ବଙ୍ଗଳାକୁ ନବୀକରଣ କରାଯାଇଉଛି। ରାଷ୍ଟ୍ରପତି କଣ୍ଟିଲୋ ବଜାରଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ଦେଇ ଶ୍ରୀଜୀଉଙ୍କ ଦର୍ଶନରେ ଯିବାର ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି। ଏହି ମାର୍ଗ ସହ ମନ୍ଦିର ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଅପରପକ୍ଷରେ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ସାମିଲ ହେବା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ସମସ୍ତ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଖଣ୍ଡପଡା, ଭାପୁର ଓ କଣ୍ଟିଲୋ ଅଞ୍ଚଳର ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

# ବସନ୍ତପୁରରେ ୩ ଦୋଳ ଆରମ୍ଭ

ଖଣ୍ଡପଡା,୧୭।୩ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତସ୍ଥିତ ବସନ୍ତପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ୩ ଦୋଳ ଉତ୍ସବ ଆରମ୍ଭ ହୋଇଛି। ରାତିରେ ଗ୍ରାମବାସୀ ଏକ ବିରାଟ ପାଟପଟୁଆରରେ ଧଳାବନ୍ଧ ଗ୍ରାମର ତାରେଶ୍ୱର ମହାଦେବ, ବସନ୍ତପୁର ଗ୍ରାମର ଚନ୍ଦ୍ରଶେଖରଙ୍କ ସହ ହନୁମାନ, ରଘୁନାଥ ଏବଂ ନିମପାଟଣା ଗ୍ରାମର ବାବା ଠାକୁରଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରିବା ସହିତ ଯାତ୍ରା ପଡିଆରେ ପହଞ୍ଚି ଥିଲେ। ମଙ୍ଗଳବାର ଏହି ଉତ୍ସବ ସମାପ୍ତ ହେବାକୁ ଥିବା ବେଳେ ସୋମବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତିରେ ପୌରାଣିକ ନାଟକ ମଞ୍ଚସ୍ଥ ହେବ ବୋଲି ଆୟୋଜକ ଗ୍ରାମବାସୀଙ୍କ ସୁତ୍ରରୁ ସୂଚନା ମିଳିଛି।

# ଅଧାରେ ଅଟକିଛି ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ

ଖଣ୍ଡପଡ଼ା,୧୭।୩ (ଅଜୟ କୁମାର ମହାରଣା)

ଅନୁଦାନ ଅର୍ଥ ଅଭାବରୁ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଏକ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି। ଉକ୍ତ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଜଣାପଡ଼ିଛି। ଅପରପକ୍ଷେ ଆବଶ୍ୟକୀୟ ଶ୍ରେଣୀଗୃହ ଅଭାବରୁ ଛାତ୍ରୀମାନେ ପାଠ ପଢ଼ିବା ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ବର୍ଷ ତଳେ ଏହି ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧାରେ ଅଟକି ଥିବା ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଶେଷ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।



ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ଶ୍ରେଣୀ ଗୃହ।

# ରାସ୍ତାରେ ପଥର ରଖି ପରିବା ବ୍ୟବସାୟ

## ରଣପୁର ଥାନା ସମ୍ମୁଖରେ ବଢ଼ୁଛି ଦୁର୍ଘଟଣା

ନୟାଗଡ଼/ରଣପୁର,୧୭।୩ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ସହରରେ ରାସ୍ତା ଉପରେ ପଥର ରଖି ପରିବା ବ୍ୟବସାୟ କରାଯାଉଥିବା ଅଭିଯୋଗ ହୋଇଆସୁଛି। ରଣପୁର ଥାନା ସମ୍ମୁଖରେ ପନିପରିବା ବ୍ୟବସାୟୀମାନେ ପଥର ରଖି ଅବାଧରେ ବ୍ୟବସାୟ କରୁଥିବାବେଳେ ସେପଟେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ପ୍ରଶ୍ନ ଉଠୁଛି ଥାନା ସମ୍ମୁଖରେ ନୂଆ ଜଗନ୍ନାଥ ସଡ଼କ ଉପରେ ପଥର ରଖି ପନିପରିବା ବ୍ୟବସାୟ କରିବାକୁ ଅନୁମତି ଦେଲା କିଏ। ଚାନ୍ଦପୁର, ଗୋଡିପଡା, ଖୋର୍ଦ୍ଧା, ପୁରୀ ଓ ରାଜସୁନାଖଳାକୁ ପଡ଼ିଥିବା ସଡକ ଉପରେ ଗହଳି ସବୁବେଳେ ଲାଗି ରହୁଛି। ତେବେ ରାସ୍ତା ଉପରେ ପନିପରିବା ବ୍ୟବସାୟ କରିବା ଦ୍ୱାରା ଦୁର୍ଘଟଣାକୁ ଆମନ୍ତ୍ରଣ କରାଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଥିରେ ପୋଲିସ ପ୍ରଶାସନ ଅଥବା ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରି ରାସ୍ତାରୁ ପଥର ହଟାଇବାର ବ୍ୟବସ୍ଥା କରାଇଲେ ଦୁର୍ଘଟଣା ହ୍ରାସ ପାଇବା ସହ ସାଧାରଣରେ ଦାବି ହେଉଛି।

# ଜୀବନ ଛକରେ ମଣିଷ ହାଟ ମଞ୍ଚସ୍ଥ

ଖଣ୍ଡପଡ଼ା,୧୭।୩
(ଅଜୟ କୁମାର ମହାରଣା)

ଦୋଳ ଉତ୍ସବ ଉପଲକ୍ଷେ ଭାପୁର ବ୍ଲକ ଅଧୀନ ପଥରଚକଡ଼ା ପଞ୍ଚାୟତସ୍ଥିତ ତଳସାହି ଓ ଚଷାସାହି ଗୋପାଳ ସମାଜ ଗୋପୀନାଥ ନାଟ୍ୟ ସମିତି ପକ୍ଷରୁ ପ୍ରଥମ ବାର୍ଷିକ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁବାସ ଜେନାଙ୍କ ନାଟ୍ୟ ନିର୍ଦ୍ଦେଶନାରେ ସାମାଜିକ ନାଟକ ‘ଜୀବନ ଛକରେ ମଣିଷ ହାଟ’ ପରିବେଷଣ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଗୟାଧର ପରିଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋପୀନାଥ ନାଟ୍ୟ ସମିତିର ସଭାପତି ଦେବାର୍ଚ୍ଚନ ଡାଲୁଆଙ୍କ ନେତୃତ୍ୱରେ ଅନୁଷ୍ଠାନର ରବୀନ୍ଦ୍ର ଡ଼ାଲୁଆ, ପ୍ରଶାନ୍ତ କୁମାର ବେହେରା, ସନ୍ତୋଷ କୁମାର ଡାଲୁଆ ଓ ପବିତ୍ର ଡାଲୁଅଙ୍କ ସମେତ ଅନ୍ୟାନ୍ୟ ସକ୍ରୀୟ ସହଯୋଗରେ ସାଂସ୍କୃତି କାର୍ଯ୍ୟକ୍ରମଟି ଶୃଙ୍ଖଳିତ ଭାବରେ ସମ୍ପନ୍ନ ହୋଇଥିଲା। ବିଭିନ୍ନ ଭୂମିକାରେ ରାଜୀବ, ଚିତ୍ତ ରଞ୍ଜନ ଓ ଅନ୍ତର୍ଯ୍ୟାମୀ ପ୍ରମୁଖ ଅଭିନୟ ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିଥିଲା।

# ଜୀବନରେଖା ପାଲଟିଛି ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ

## ସ୍ୱାବଲମ୍ବୀ ହେଉଛନ୍ତି ମୁଦୁଲିଗାଡ଼ିଆ ଗ୍ରାମବାସୀ

ଗଣିଆ, ୧୭।୩ (ସନ୍ତୋଷ କୁମାର ପ୍ରଧାନ)

ଗାଁର ଯେତେ ବିକାଶ ହେବ ରାଜ୍ୟ ତଥା ଦେଶ ସେତେ ସମୃଦ୍ଧି ହୋଇ ପାରିବ ବୋଲି ସରକାର କହୁଛନ୍ତି। ଏ ନେଇ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଆଦି ଅନେକ ଯୋଜନା କରି ଚାଲିଛନ୍ତି। ହେଲେ ଗଣିଆ ବ୍ଲକରେ ଅନେକ ଗାଁ ବିଭିନ୍ନ ମୌଳିକ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ମଧ୍ୟରେ ପାନୀୟ ଜଳ ପ୍ରମୁଖ ସମସ୍ୟା ପାଲଟିଛି। ଗଣିଆ ବ୍ଲକ ଦେଇ ମହାନଦୀ ଓ ବୃତଙ୍ଗ ନଦୀ ବହି ଯାଇଛି। ହେଲେ ପିଇବା ପାଣି ସମସ୍ୟା ପିଛା ଛାଡୁନି। ଏପରିସ୍ଥଳେ ଛାମୁଣ୍ଡିଆ ପଞ୍ଚାୟତ ମୁଦୁଲିଗାଡ଼ିଆ ଗାଁର ଲୋକମାନେ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ନିଜସ୍ୱ ପାଣ୍ଠିରେ ସ୍ୱାବଲମ୍ବୀ ହୋଇ ପାରିଥିବା ଦେଖିବାକୁ ମିଳିଛି। ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଠାକୁରାଣୀ ମନ୍ଦିର, କୋଠଘର, ଗାଁ ଦାଣ୍ଡ ଆଲୋକୀକରଣ କରିବା ଓ ଅନେକ ବ୍ୟବହାରିକ ସାମଗ୍ରୀ ମଧ୍ୟ କିଣି ପାରିଛନ୍ତି। ଏଥିସହ ଗ୍ରାମରେ ସମାନତା ଓ ଭାଇଚାରା ଭାବ ସୃଷ୍ଟି କରିବାକୁ ପ୍ରତି ଘରକୁ ଗୋଟିଏ ରଙ୍ଗରେ ସୁନ୍ଦର ଝୋଟି ଚିତା ପକାଇ ସଜାଡ଼ିବା ଦେଖିବାକୁ ମିଳିଛି। ଏହା ଓଡ଼ିଶାର ପ୍ରଥମ ଇକୋଭିଲେଜ୍‌ର ମାନ୍ୟତା ପାଇଥିଲା।

ଗ୍ରାମବାସୀ ତଥା ସାତକୋଶିଆ ପରିବେଶ ପର୍ଯ୍ୟଟନସ୍ଥଳର ସହପରିଚାଳକ ପ୍ରକାଶ ଚନ୍ଦ୍ର ବେହେରାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସାଉଥ୍ ବଡ଼ମୂଳ ମଙ୍ଗାନାଶିଠାରେ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ୨୦୧୪-୧୫ ମସିହାରୁ ଏକ ପରିବେଶ ପର୍ଯ୍ୟଟନସ୍ଥଳ ଗଢ଼ି ଉଠିଛି। ଯାହାକି ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳ ମାନଚିତ୍ରରେ ସ୍ଥାନ ପାଇପାରିଛି। ଏହି ପର୍ଯ୍ୟଟନସ୍ଥଳକୁ ପରିଚାଳନା କରିବାକୁ ଏକ ଇକୋଟୁରିଜିମ ଗ୍ରୁପ୍ (ଇଟିଜି) ଗଠନ ହୋଇଛି। ଯେଉଁଥିରେ ୨୬ଟି ପରିବାର ନିୟୋଜିତ ହୋଇଛନ୍ତି। ପ୍ରତିବର୍ଷ ଏହି ପର୍ଯ୍ୟଟନସ୍ଥଳୀରୁ ଯେତିକି ରାଜସ୍ୱ ଆଦାୟ ହୁଏ, ସେଥିରୁ ୩୫ ପ୍ରତିଶତ ପରିଚାଳନା କମିଟିର ଦରମା, ୨୫ ପ୍ରତିଶତ ପର୍ଯ୍ୟଟକମାନଙ୍କ ଖାଦ୍ୟ ସାମଗ୍ରୀ ଓ ମରାମତି, ୨୦ ପ୍ରତିଶତ ସରକାରୀ ରାଜସ୍ୱ, ୧୦ ପ୍ରତିଶତ ଭିତ୍ତିଭୂମିର ବିକାଶ ଓ ୧୦ ପ୍ରତିଶତ ଅର୍ଥ ଗ୍ରାମର ପରିବେଶ ବିକାଶ ସମିତି (ଇଡିସି)କୁ ଯାଏ। ତେବେ ଇଡିସି କମିଟିକୁ ଯାଉଥିବା ୧୦ ପ୍ରତିଶତ ଗ୍ରାମ୍ୟ ଗୋଷ୍ଠୀ ପାଣ୍ଠିରେ ଗାଁ ଲୋକେ ନିଜର ମୌଳିକ ସମସ୍ୟା ଦୂର କରିବା ସହ ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଗାଁର ବିକାଶ ପାଇଁ ଲୋକମାନେ ସବୁବେଳେ ସରକାରଙ୍କ ଉପରେ ନିର୍ଭର କରୁଥିବା ବେଳେ ମୁଦୁଲିଗାଡ଼ିଆ ଗାଁର ଲୋକେ ନିଜେ ଆତ୍ମ ନିଭରଶୀଳ ହୋଇପାରିଛନ୍ତି। ଯାହାକି ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ଗ୍ରାମବାସୀ ମା’ ସାତଭଉଣୀ ମନ୍ଦିର ନିର୍ମାଣ ପାଇଁ ୧୮ରୁ ୧୯ ଲକ୍ଷ, କୋଠଘର ନିର୍ମାଣ ପାଇଁ ୭ରୁ ୮ଲକ୍ଷ, ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ୧୮ରୁ ୧୯ଲକ୍ଷ, ଇକୋ ଭିଲେଜ୍ ପାଇଁ ୮ଲକ୍ଷ ଓ ଗ୍ରାମ ଦାଣ୍ଡ ଆଲୋକ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବ୍ୟବହାରିକ ସାମଗ୍ରୀ ପାଇଁ ୨ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ଦେଇଛନ୍ତି। ସେହିପରି ସାତକୋଶିଆ ପରିବେଶ ପର୍ଯ୍ୟଟନ କେନ୍ଦ୍ରଟି ଗ୍ରାମବାସୀଙ୍କ ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ପର୍ଯ୍ୟଟନ କେନ୍ଦ୍ରରେ କାମ କରି ଗାଁର ୨୬ ପରିବାର ବେଶ୍ ଦୁଇ ପଇସା ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି। ଅନ୍ୟପକ୍ଷେ ଏହି ପର୍ଯ୍ୟଟନ କେନ୍ଦ୍ର ଲାଗି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କିଛି ସ୍ଥାନୀୟ ବ୍ୟବସାୟୀ ଓ କଳାକାର ଲାଭବାନ ହେଉଛନ୍ତି। ଗାଁର ମୁଖ୍ୟ ସମସ୍ୟା ପିଇବା ପାଣି ପାଇଁ ପ୍ରଶାସନ ନିକଟରେ ଆମେ ବାରମ୍ବାର ଗୁହାରି କରିବା ପରେ ମଧ କୌଣସି ସୁଫଳ ନ ପାଇବାରୁ ଆମେ ଗ୍ରାମବାସୀ ନିଜସ୍ୱ ପାଣ୍ଠି ଏସବୁ କରି ପାରିଛୁ ବୋଲି ପରିବେଶ ବିକାଶ ସମିତିର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି। ତେବେ ଆସନ୍ତାବର୍ଷ ପ୍ରତି ଘରେ ପାଇଖାନା ନିର୍ମାଣ, ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଓ ଏକ ଶନି ମନ୍ଦିର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ପରିବେଶ ବିକାଶ ସମିତି ପକ୍ଷରୁ ସୂଚନା ମିଳିଛି।



ଗ୍ରାମବାସୀ ନିର୍ମାଣ କରିଥିବା ପାନୀୟ ଜଳ ପ୍ରକଳ୍ପ। ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେବା ପରେ ବ୍ୟବହାର କରାଯାଉଛି।

# ବେଆଇନ ମାଟି ଚାଲାଣ ଧରାପଡ଼ିଲା

■ ୫ ହାଇୱା, ୧ ପୋକ୍‌ଲିନ ମେଶିନ ଜବତ
■ ବଡ଼ଚଣା ଥାନା ଆଗରେ ହୋହଲ୍ଲା

**ଚଣ୍ଡିଖୋଲ, ୧୭।୩(ପ୍ରଦୀପ୍ତ କୁମାର ପୃଷ୍ଟି):** ସରକାରଙ୍କ ନିୟମକୁ ଫୁଁ କରି ଦେଇଛନ୍ତି ବଡ଼ଚଣା ମାଟି ବ୍ୟବସାୟୀ । ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ଖଇରା ରାଜସ୍ୱ ନିରୀକ୍ଷକ ସର୍କଲ ଅନ୍ତର୍ଗତ ବାଘୁଆ ମୌଜାରୁ ରବିବାର ବିଳମ୍ବିତ ରାତିରେ ସେମାନେ ବେଆଇନ ଭାବେ ମାଟି ଚୋରା ଚାଲାଣ କରୁଥିଲେ । ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ବିରୋଧ କରି ପ୍ରଥମେ ଦର୍ପଣ ଅତିରିକ୍ତ ତହସିଲଦାର ଓ ବଡ଼ଚଣା ଥାନାକୁ ଖବର ଦେଇଥିଲେ। ପୋଲିସ ଓ ତହସିଲଦାର ପହଞ୍ଚିବା ବିଳମ୍ବ ହେବାରୁ ଶତାଧିକ ଗ୍ରାମବାସୀ ବଡ଼ଚଣା ଥାନାରେ ପହଞ୍ଚି ହୋହଲା କରିଥିଲେ । ଗ୍ରାମବାସୀଙ୍କ ଉତ୍ତେଜନାକୁ ଦେଖି ପୋଲିସ ଓ ଅତିରିକ୍ତ ତହସିଲଦାର ବିରଜା ରାୟ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଜବତ କରି ଥାନାକୁ ଆଣିଛନ୍ତି । ଜବତ ଗାଡି ମଧ୍ୟରେ ୫ଟି ହାଇୱା ଓ ଗୋଟିଏ ପୋକଲିନ ମେଶିନ ରହିଛି । ସୋମବାର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥାର କେତେଜଣ କର୍ମଚାରୀ ଥାନାରେ ପହଞ୍ଚି ଆମର ମାଟି ଚାଲାଣ ପାଇଁ ଅନୁମତି ଥିବା ଦର୍ଶାଇବା ସହିତ ଗାଡ଼ିଗୁଡିକୁ ଛାଡିବା ପାଇଁ ଚାପ ପ୍ରୟୋଗ କରିଥିଲେ । ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଥାନା ପରିସରରୁ ଚମ୍ପଟ ମାରିଥିଲେ । ଖବର ନେବାରୁ ଜଣାପଡିଛି ଉକ୍ତ ମାଟି ବେଆଇନ ଭାବେ ଚୋରା ଚାଲାଣ ହେଉଥିବା ଜଣାପଡିଛି ।



ମାଟି ଚୋରା ଚାଲାଣ ବେଳେ ଧରାପଡିଥିବା ଗାଡ଼ି ।

ସୂଚନାନୁଯାୟୀ ବାଘୁଆ ମୌଜାର ୨୯୩ନଂ.ପ୍ଲଟରେ ପୋଖରୀ ଖନନ ପାଇଁ ଅନୁମତି ଦିଆଯାଇଛି । ଖନନ ବେଳେ ଯେଉଁ ମାଟି ବାହାରିବ ଉକ୍ତ ମାଟିକୁ ସେହି ପୋଖରୀର ବନ୍ଧ ଭାବେ ବ୍ୟବହାର କରିବାକୁ ସରକାରୀସ୍ତରରେ ସ୍ପଷ୍ଟ ଉଲ୍ଲେଖ ରହିଛି । ହେଲେ ସେଠାରେ କିନ୍ତୁ ସ୍ଥିତି ଭିନ୍ନଥିବା ଦେଖିବାକୁ ମିଳିଛି । ଯେଉଁ ସ୍ଥାନରେ ପୋଖରୀ ପାଇଁ ଅନୁମତି ପ୍ରଦାନ କରାଯାଇଛି ଉକ୍ତ ସ୍ଥାନରେ ଖନନ ନ କରି ନିକଟରେ ଥିବା ୨୩୮ନଂ.ପ୍ଲଟ ଯାହାକି ବୃନ୍ଦାବନ ରାଉତଙ୍କ ନାମରେ ଅଛି ଓ ଏହାର ପାର୍ଶ୍ୱକୁ ଲାଗି ଏକ ପତିତ ଜମିରୁ ଏହି ଖନନ କରାଯାଇଥିବା ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି । ଜବତ ଗାଡ଼ିଗୁଡିକୁ ଖସାଇବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଛନ୍ତି । ଜବତ ଗାଡ଼ି ଗୁଡିକ ହେଲା(ନଂ.ଓ ୧୯ ଭି ୭୩୩୦), (ନଂ.ଓ ୧୯ଭି ୭୩୭୩),(ନଂ.ଓ ୧୯ଭି ୬୮୦୨), (ନଂ.ଓ ୧୯ଭି ୬୮୯୯),(ନଂ.ଓ ୦୪ ଇଉ ୫୭୮୬) । ଏହି ବେଆଇନ ମାଟି ଚୋରା ଚାଲାଣ ର ଉଚ୍ଚସ୍ତରୀୟ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

# ବାରୁଣାବନ୍ତ ଜଙ୍ଗଲରେ ନିଆଁ


ବାରୁଣାବନ୍ତ ଜଙ୍ଗଲରେ ଲାଗିଥିବା ନିଆଁ।

## ବହୁ ଗଛ ପୋଡ଼ି ଛାରଖାର

**ଚଣ୍ଡିଖୋଲ, ୧୭।୩(ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲା ବୈରୀ ରେଞ୍ଜ ଅଧୀନ ଚଣ୍ଡିଖୋଲ ନିକଟସ୍ଥ ବାରୁଣା ବନ୍ତ ପାହାଡ଼ରେ ସୋମବାର ସକାଳେ ନିଆଁ ଲାଗିଛି। ଏହି ନିଆଁ ଯୋଗୁ ପାହାଡ଼ ଉପରେ ଥିବା ଜଙ୍ଗଲର ବହୁ ଗଛ ଜଳି ଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସୂଚନା ଅନୁଯାୟୀ, ରାଜ୍ୟ ସରକାର ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଙ୍ଗଲରେ କିପରି ନିଆଁ ନ ଲାଗିବ ସେଥି ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈରୀ ଡାଳିଯୋଡା ରେଞ୍ଜ ଅଧୀନରେ ଥିବା ଅଞ୍ଚଳରେ ସେଭଳି ସଚେତନତା ସୃଷ୍ଟି କରାଯାଇନାହିଁ। କାରଣ ଗ୍ରୀଷ୍ମ ପ୍ରବାହ ଆରମ୍ଭରେ ଉପରୋକ୍ତ ସ୍ଥାନରେ ୨ ଥର ନିଆଁ ଲାଗି ସାରିଲାଣି। କେବଳ ସେତିକି ନୁହେଁ ଯେଉଁ ସ୍ଥାନରେ ନିଆଁ ଲାଗୁଛି ତା'ର ୫ ଶହ ମିଟର ଦୂରରେ ଚଣ୍ଡିଖୋଲ ବନାଞ୍ଚଳ କାର୍ଯ୍ୟାଳୟ ରହିଛି । ସେଠାରେ ଜଣେ ଫରେଷ୍ଟରଙ୍କ ସମେତ ୫ ଜଣ ଗାର୍ଡ ରହୁଛନ୍ତି। ତଥାପି ବାରମ୍ବାର ନିଆଁ ଲାଗୁଛି। ଏ ନେଇ ପରିବେଶ କର୍ମୀ ଅନିଲ କୁମାର ଦାସ କ୍ଷୋଭ ପ୍ରକାଶ କରିଛନ୍ତି। ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ରୋକିବା ପାଇଁ ଯେପରି ସଚେତନତା ସୃଷ୍ଟି କରିବା କଥା ତାହା ହେଉ ନାହିଁ କିମ୍ବା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନାହିଁ। ବନ ବିଭାଗ ଚାହିଁଲେ ଜଙ୍ଗଲରେ କଦାପି ନିଆଁ ଲାଗିବ ନାହିଁ କିମ୍ବା ପରିବେଶ ନଷ୍ଟ ହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏ ନେଇ ରେଞ୍ଜର ଅଦୈତ୍ୟ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ଆମର ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। କୌଣସି କାରଣରୁ ନିଆଁ ଲାଗି ଯାଇଛି। ଆମେ ଉଦ୍ୟମ କରି ଆୟତ୍ତ କରିଛୁ।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

**ବରୀ, ୧୭।୩(ମହେନ୍ଦ୍ର ସ୍ୱାଇଁ) :**

ସୋମବାର ବରୀ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନ ଶୁଣାଣି ଶିବିରରେ ବ୍ୟକ୍ତିଗତ ୭୮, ସାମୁହିକ ୧୦, ଅନ୍ୟାନ୍ୟ ୪୫ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୬୫ ଆବେଦନର ତୁରନ୍ତ ସମାଧାନ କରାଯାଇଥିବାର ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଜନ ଶୁଣାଣି ଶିବିରରେ ଯାଜପୁର ଜିଲାପାଳ ପି ଅନ୍ୱେଷା ରେଡ୍ଡୀ, ଉପ ଜିଲାପାଳ ଦାମୋଦର ଖୁଣ୍ଟିଆ, ଜିଲା ଆରକ୍ଷୀ ଅଧୀକ୍ଷକ ଯଶ ପ୍ରାସଦ ଶ୍ରୀମଲ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ୍ କୁମାର ମହାନ୍ତି, ଅତିରିକ୍ତ ବିଡ଼ିଓ ମହେଶ୍ୱର ସେଠୀ, ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ଭିକାରୀ ଚରଣ କବି, ଜିପିଓ ଲକ୍ଷ୍ମୀକାନ୍ତ ମହାରଣା, ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ଭବାନୀ ଶଙ୍କର ରାଏ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଯୁମର ମଲିକ, ବରୀ ବ୍ଲକ ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା କନିଷ୍ଠ ଯନ୍ତ୍ରୀ ସରୋଜ କାନ୍ତ ପଣ୍ଡା, ରାକେଶ ମଲିକ, ଦୁର୍ଗା ପ୍ରସାଦ ସାହୁ, ଜଗନ୍ନାଥ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବରୀ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ ଜନଶୁଣାଣୀ ଶିବିରରେ ମୋଟ ୧୩୩ ଅଭିଯୋଗ ଥିବା ବେଳେ ସେଥିରୁ ୬୫ ଅଭିଯୋଗର ସମାଧାନ ହୋଇଥିଲା।

# ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି


ଜନଅଭିଯୋଗ ଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

**ରସୁଲପୁର, ୧୭।୩(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୧୦୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଅଭିଯୋଗଗୁଡିକୁ ବିଭାଗୀୟ ଅଧିକାରୀମାନଙ୍କ ପ୍ରଦାନ କରାଯାଇଛି । ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ସତ୍ୟାନନ୍ଦ ଦାଶ ସୂଚନା ଦେଇଛନ୍ତି। ପଞ୍ଚାୟତ ଲୋକମାନଙ୍କ ପକ୍ଷରୁ ୮ ବିଭାଗ ସମ୍ପର୍କରେ ଅଭିଯୋଗ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ଜରିଆରେ ବ୍ୟକ୍ତିଗତ ଘରୋଇ ପାଇଖାନା ସମ୍ପର୍କରେ ସର୍ବାଧିକ ୩୩ଟି ଅଭିଯୋଗ ଆସିଥିବା ବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ୨୩, ସାମାଜିକ ସୁରକ୍ଷା ଯୋଜନା ଓ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ହେବା ପାଇଁ ୧୭ଟି ଲେଖାଏଁ ଅଭିଯୋଗ ଆସିଥିଲା । ଉନ୍ନୟନ କାର୍ଯ୍ୟକୁ ନେଇ ୧୦, ତହସିଲ ସମ୍ପର୍କିତ ୦୪, ବ୍ଲକ ଶିକ୍ଷାଧିକାରୀ ଓ ମହିଳା ଓ ଶିଶୁ ବିଭାଗକୁ ଗୋଟିଏ ଲେଖାଏଁ ଅଭିଯୋଗକୁ ମିଶାଇ ମୋଟ ୧୦୬ଗୋଟି ଅଭିଯୋଗ ହସ୍ତଗତ ହୋଇଥିଲା । ଶିବିରରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅରୁଣ ସେଠୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୌରଭ ପଲ, ବ୍ଲକ ଯୋଗାଣ ଅଧିକାରିଣୀ ମଧୁସ୍ମିତା ଜେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟଜିତ୍ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଠାକୁରାଣୀଙ୍କ ଜମିରୁ ୪୦ରୁ ଊର୍ଦ୍ଧ୍ୱ ଗଛ କାଟି ଜବରଦଖଲ ଉଦ୍ୟମ

**କଳିଙ୍ଗନଗର, ୧୭।୩(ଶୁଭାଶିଷ ରାଉତ):** ଯାଜପୁର ଜିଲା ଦାନଗଦୀ ତହସିଲ ମଙ୍ଗଳପୁର ପଞ୍ଚାୟତ ନୂଆଗାଁ ଗ୍ରାମର ଗ୍ରାମଦେବତୀ ମା'ଖଣ୍ଡୁରାଇଙ୍କ ଜମି ଜବରଦଖଲ ଉଦ୍ୟମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗ୍ରାମ ଦେବତୀଙ୍କ ୫ ଏକର ଜାଗାରେ ହନୁମାନ ଓ ଶନିଙ୍କ ପୀଠ ଅଛି । ଖାଲି ଥିବା ଜାଗାର ୪୦ରୁ ଉର୍ଦ୍ଧ୍ୱ ଗଛ ଥିଲା। କଳିଙ୍ଗନଗର ଶିଳ୍ପ ନଗରୀ ହେବା ପରେ କେତେଜଣ ଜମି ବ୍ୟବସାୟୀ ଶିଳ୍ପାଞ୍ଚଳ ଚାରିପାଖରେ ଥିବା ସବୁ ପଞ୍ଚାୟତର ଅଳ୍ପ କିଛି ସ୍ଥିତିବାନ ଜାଗା କିଣି ତାକୁ ଲାଗିକି ରହିଥିବା ବହୁ ଏକର ଗୋଚର, ଅନାବାଦୀ ଜମିକୁ ଜୋରଜବରଦସ୍ତ ଦଖଲ କରିଥିଲେ । ସେହିପରି ନୂଆଗାଁର ଅଳ୍ପ କିଛି ସ୍ଥିତିବାନ ଜାଗା କିଣି ତା'ପାଖକୁ ଲାଗିଥିବା ଗୋଚର ଠାକୁରାଣୀଙ୍କ ୧ ଏକରରୁ ଉର୍ଦ୍ଧ୍ୱ ଜାଗାକୁ ଜଣେ ଜମି ବ୍ୟବସାୟୀ ମାଡିବସି ସେ ଜମିରେ ଥିବା ଗଛଗୁଡ଼ିକୁ କାଟିବା ସହ ସେ ସ୍ଥାନର କାରଖାନାର ବର୍ଜ୍ୟ ପାଉଁଶ ଗଦା କରିଛନ୍ତି। ବେଆଇନ ଭାବେ କିପରି ସେ ଏତେ ବୃକ୍ଷ କାଟିଲେ , ଗାଁ ଭିତରେ କିପରି ବର୍ଜ୍ୟ ପାଉଁଶ ପକାଇଲା ତାକୁ ବିରୋଧ କରି ଗ୍ରାମବାସୀ ବନ ବିଭାଗ ଓ ତହସିଲ ଅଫିସରେ ଅଭିଯୋଗ କରିବା ସହ କାମ ବନ୍ଦ କରିଛନ୍ତି । ଯଦି ଜୋରଜବରଦସ୍ତ ଜମି ବ୍ୟବସାୟୀ ଏପରି ବେଆଇନ କାମ କରନ୍ତି, ପ୍ରଶାସନ କୌଣସି ପଦକ୍ଷେପ ନ ନିଅନ୍ତି ତା'ହେଲେ ଆଗକୁ ତହସିଲ ଅଫିସ ସମ୍ମୁଖରେ ନୂଆଗାଁ ଗ୍ରାମବାସୀ ବିଷ୍ଣୁ ନାଟିଆ, ରବୀନ୍ଦ୍ର ବେହେରା, ତ୍ରିଲୋଚନ ବେହେରା, କୃପାସିନ୍ଧୁ ସେଠୀ, ମେଙ୍କ ମଲିକ, ବଂଶୀଧର ସେଠୀ, ଚେମା ମଲିକ, କାଠିଆ ସେଠୀ ପ୍ରମୁଖ ଧାରଣାର ବସିବେ ବୋଲି ଚେତାବନୀ ଦେଇଛନ୍ତି ।



# ଥାନା ଆଗରେ ପରିବାର ସଦସ୍ୟଙ୍କ ଧାରଣା

## ନାବାଳିକା ନିଖୋଜ ଘଟଣା

**ସିଂହପୁର, ୧୭।୩ (ଅନଙ୍ଗ ଉଦୟ ବେଉରିଆ):** ଜଣେ ନାବାଳିକା ଝିଅ ଅପହରଣ ଘଟଣାକୁ ବହୁ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଠାବ କରିପାରୁନାହିଁ । ସୋମବାର ନାବାଳିକାଙ୍କ ପରିବାର ସଦସ୍ୟମାନେ ନ୍ୟାୟ ପାଇଁ ଓ ନିଖୋଜ ନାବାଳିକାଙ୍କୁ ଖୋଜି ଆଣିବା ଦାବିରେ ଅଳକୁଣ୍ଡ ଥାନା ସମ୍ମୁଖରେ ଧାରଣରେ ବସିଛନ୍ତି।

ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା ଅଳକୁଣ୍ଡ ଥାନା ଅନ୍ତର୍ଗତ ବାଗସାହି ଗ୍ରାମର ଗଦାଧର ମଲିକଙ୍କ ନାବାଳିକା ଝିଅ ସୁଭଦ୍ରା ଗତ ଫେବୃଆରୀ ୭ରୁ ନିଖୋଜ ଥିବା ନେଇ ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏଥିପାଇଁ ପରିବାର ଲୋକେ ବାରମ୍ବାର ଥାନାକୁ ଆସି ନିରାଶ ହୋଇ ଫେରିଛନ୍ତି । ଏହାପରେ ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନ୍ୟାୟ ପାଇଁ ଏକାଧିକ ଥର ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ । ପୋଲିସ କେବଳ ମାମଲା ରୁଜୁ କରି ନୀରବ ବସିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ଝିଅକୁ ତୁରନ୍ତ ଖୋଜିଆଣିବାକୁ ଦାବି କରି ସୋମବାର ପୂର୍ବାହ୍ନରେ ଏହି ପରିବାର ଆଲକୁଣ୍ଡ ଥାନା ସମ୍ମୁଖରେ ଧାରଣା ରେ ବସିଥିଲେ । ଘଟଣାସ୍ଥଳରେ ଆଇଆଇସି ଦେବାଶିଷ ଶତପଥୀ, ଏସ୍‌ଡିପିଓ ପି. କେ. ମାଝୀ ପ୍ରମୁଖ ପହଞ୍ଚି ଧାରଣାରତ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରି ସପ୍ତାହ ମଧ୍ୟରେ ନାବାଳିକାକୁ ଖୋଜିଆଣିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୫/୨୫) ରୁଜୁ ହୋଇଛି । ଅଧିକ ତଦନ୍ତ କରାଯାଉଥିବା ଏସ୍‌ଡିପିଓ ମାଝୀ ପ୍ରକାଶ କରିଛନ୍ତି। ନିଖୋଜ ନାବାଳିକା ଜଣଙ୍କ ହୃଦରୋଗ ପୀଡ଼ିତା । ତାଙ୍କୁ ପୋଲିସ ତୁରନ୍ତ ଠାବ କରିବା ସହ ଅପହର୍ତ୍ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାବାଳିକାର ପରିବାର ସଦସ୍ୟମାନେ ଦାବି କରିଛନ୍ତି।



ଥାନା ସମ୍ମୁଖରେ ଧାରଣାରେ ବସିଥିବା ନାବାଳିକାଙ୍କ ପରିବାର ସଦସ୍ୟ ।

# ଧୁମଧାମରେ ସରିଲା କାଏମା ମେଳଣ

**ଧର୍ମଶାଳା/କାଏମା, ୧୭।୩ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି) :**

ଧର୍ମଶାଳା ବ୍ଲକ ଅଧୀନ କାଏମା ଅଞ୍ଚଳର ବହୁ ପୁରାତନ ଗୋପୀନାଥ ଜୀଉଙ୍କ ୧୩୩ତମ ମେଳଣ ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହୋଇଛି। ରବିବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ପରେ କଟକରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମିଥିଲା । ରାତ୍ର ପ୍ରାୟ ୨ଟାରେ ପ୍ରଥମେ ଥାନପତି ଗୋପୀନାଥ ଜୀଉ ବିମାନ ବିରାଜମାନ କରିଥିଲେ। ସକାଳେ ଚହଟା, ବାଜବାଟୀ, ପ୍ରଥମାଖଣ୍ଡି, ଚକଗୋପାଳପୁର, ଉତ୍ତର ଶାସନ, ଦକ୍ଷିଣ ଶାସନ, ନୀଳଦେଇପୁର, ଚୋରମୁହାଁ ନରସିଂହପୁର, ବାଲିଗରୀ, ସ୍ୱାଇଁସାହି, ଉତ୍ତରପ୍ରତାପ ଓ କୋଲା ଆଦି ସ୍ଥାନରୁ ଛୋଟ ବଡ଼ ୩୦ରୁ ଉର୍ଦ୍ଧ୍ୱ ବିମାନ ବିଜେ କରିଥିଲେ। ପ୍ରତି ବିମାନ ପାଖେ ଦେଖିବାକୁ ମିଳିଥିଲା ନୃତ୍ୟ, ଭଜନ କୀର୍ତ୍ତନ ଏବଂ ପାରମ୍ପରିକ ଘୋଡ଼ା ନାଚ । ପ୍ରବଳ ଗରମରେ ବି ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ମେଳଣ କମିଟି ପକ୍ଷରୁ ନାନା ବ୍ୟବସ୍ଥା କରାଯାଇଥିଲା । ମେଳଣ କମିଟି ସଭାପତି ମଧୁସୂଦନ ସାହୁ, ଉପସଭାପତି ମାୟାଧର ସେନାପତି ଓ ତପନ କିଶୋର ଷଡ଼ଙ୍ଗୀ, ଉପଦେଷ୍ଟା ପଦ୍ମନାଭ ସାହୁ, ସମ୍ପାଦକ କୁଳମଣି ସ୍ୱାଇଁ, ସହସମ୍ପାଦକ ଧ୍ରୁବଚରଣ ପୃଷ୍ଟି, କୋଷାଧ୍ୟକ୍ଷ ପ୍ରଦୀପ୍ତ କିଶୋର ମହଲା, ସଭ୍ୟ ମନୋଜ ମହାରଣା, ସନ୍ତୋଷ ସେଠୀ, ନରେନ୍ଦ୍ର ସାହୁ, ରବୀନ୍ଦ୍ର ଦାସ, ପ୍ରଦୀପ ବେହେରା ଏବଂ ସମେତ କାର୍ଯ୍ୟକାରୀ ସଦସ୍ୟ ଓ ସାହି ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।


ମେଳଣ ଉତ୍ସବରେ ମଞ୍ଚାସୀନ ଅତିଥି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିଲୀପ


@ ପବିତ୍ର


@ ଶକ୍ତି


@ ଶିବୁ


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ପୂର୍ବ ଶତ୍ରୁତାରୁ ହତ୍ୟା ଧମକ**

କୁଜଙ୍ଗ,(ମନୋଜ ପ୍ରଧାନ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି କୁଜଙ୍ଗ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ପ୍ରଭାସ ପଞ୍ଚନାୟକଙ୍କୁ ସେହି ଗ୍ରାମର ବିଭୂତି ଭୂଷଣ ନାୟକ ଓ ଧୁନ ଚନ୍ଦ୍ର ନାୟକ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ଦେଖାଇ ହତ୍ୟା ଧମକ ଦେଇଛନ୍ତି। ଏନେଇ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ପ୍ରଭାସଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସହ ବିଭୂତି ଓ ଧୁନଙ୍କ ପୂର୍ବଶତ୍ରୁତା ଥିଲା। ଶନିବାର ପୂର୍ବାହ୍ନରେ ପ୍ରଭାସ ନିଜ ବଡ଼ ଭାଇ ଘରେ ଥିଲାବେଳେ ହଠାତ୍ ବିଭୂତି ଓ ଧୁନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ହତ୍ୟାଧମକ ଦେଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ମହିଳା ସରପଞ୍ଚ ଏହାର ପ୍ରତିବାଦ କରିବାରୁ ବିଭୂତି ଓ ଧୁନ ସେଠାରୁ ଖସି ପଳାଇଥିଲେ।



## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

ବାଲିକୁଦା୧୭।୩(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ଅନନ୍ତପୁର ପଞ୍ଚାୟତ ଭୁଆସୁଣୀ ଗାଁରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଅକ୍ଷୟ ସେନାପତିଙ୍କ ଏକମାତ୍ର ପୁଅ ଜ୍ଞାନରଞ୍ଜନ ସେନାପତି(୧୩)। ସେ ଗୁରୁବାରଠାରୁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ଗାଁର ଗୋପାଳମାନଙ୍କ ସହ ଜ୍ଞାନରଞ୍ଜନ ସଜବୁଡ଼ା ଶୋଭାଯାତ୍ରାରେ ଗାଁରୁ ନୂଆଗାଁ ନଦୀକୁ ଯାଉଥିଲେ। ବାଟରେ କୌଣସି ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସେ ଏହା ଜାଣି ପାରି ନଥିଲେ। ଘରେ ପହଞ୍ଚି ପରିବାର ଲୋକଙ୍କୁ ଜଣାଇବା ପରେ ସାପ କାମୁଡ଼ାର ଶିକାର ହୋଇଥିବା ଜାଣି ତୁରନ୍ତ ଜ୍ଞାନରଞ୍ଜନଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ବାଲିକୁଦା ଡାକ୍ତରଖାନାରେ ସାପକାମୁଡ଼ା ଇଞ୍ଜେକଶନ ଦିଆଯାଇ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା । ସେଠାରେ ଜ୍ଞାନରଞ୍ଜନଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୃତ୍ୟୁପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁ ଶ୍ମଶାନରେ ଜ୍ଞାନରଞ୍ଜନଙ୍କ ଶେଷକୃତ୍ୟ ସମ୍ପନ୍ନ ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ପ୍ରୋକ୍ଲିନ ମେଶିନ୍, ଆସବାବପତ୍ର ଭଙ୍ଗାରୁଜା

ନାଉଗାଁ,୧୭।୩(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଏରେଡା ପଞ୍ଚାୟତ ଅନ୍ତର୍ଗତ ଗଳଦାରୀ ବାଲିଘାଟରେ ୫ ଲକ୍ଷ ଟଙ୍କା ବଟି ନ ଦେବାରୁ ଘାଟରେ ଥିବା ପ୍ରୋକଲିନ ମେଶିନ ସମେତ ଆସବାବପତ୍ର ଭଙ୍ଗାରୁଜା କରାଯାଇଛି ବୋଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ହରିହରପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗ ମୁତାବକ, ୧୫ ମାର୍ଚ୍ଚ ୨୦୨୫ ଅପରାହ୍ନରେ ସେ ବାଲିଘାଟରେ ଅନୁପସ୍ଥିତ ଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଓ କେତେଜଣ ବ୍ୟକ୍ତି ଘାଟରେ ଥିବା ଅଫିସ ଗୃହର କବାଟ୍ ବାଡ଼େଇଥିଲେ। ସେତେବେଳେ କୃଷ୍ଣଚନ୍ଦ୍ରଙ୍କ ପିଲାମାନେ ସେଠାରେ ମଧ୍ୟାହ୍ନଭୋଜନ କରୁଥିଲେ। ପିଲାମାନେ କବାଟ ଖୋଲିଲାବେଳକୁ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ଧରି ଭୟଭୀତ କରିବା ସହ ୫ ଲକ୍ଷ ଟଙ୍କା ବଟି ମାଗିଥିଲେ। ଟଙ୍କା ନ ଦେଲେ ଘାଟ ଚଲାଇ ଦେବୁ ନାହିଁ ବୋଲି ଧମକ ଦେଇଥିଲେ। ଏଥିସହ ଅଭିଯୁକ୍ତମାନେ ମାରଣାସ୍ତ୍ରରେ କାର୍ଯ୍ୟାଳୟର କବାଟ ଭାଙ୍ଗିବା ସହ ସେଠାରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର,ହାର୍ଡଡିସ୍କ, ଇନ୍‌ଭର୍ଟର ଆଦି ନେଇଯାଇଥିଲେ। ଏଥିସହ ସିସିଟିଭି କ୍ୟାମେରା ଓ ଘାଟରେ ଥିବା ପ୍ରୋକଲିନ୍ ମେଶିନକୁ ଭାଙ୍ଗି ଦେଇଛନ୍ତି। ଘଟଣା ସମ୍ପର୍କରେ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦିଆଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତିକରି ଥାନା ପକ୍ଷରୁ ମାମଲା (ନଂ.୬୫/୨୫)ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ କହିଛନ୍ତି।

### ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ରଘୁନାଥପୁର,୧୭।୩(ରାଜେନ୍ଦ୍ରନାରାୟଣସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ବାଳିକା ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ପୌରୋହିତ୍ୟ କରି ଯୋଜନାର ସଫଳ ରୂପାୟନ ଛାତ୍ରୀମାନଙ୍କର ଦୃଢ ଇଚ୍ଛାଶକ୍ତି ଉପରେ ନିର୍ଭର କରେ ବୋଲି କହିଥିଲେ। ସଂଯମତା ଓ ସାହିସିକତା ଆତ୍ମରକ୍ଷାର ପ୍ରମୁଖ ଅସ୍ତ୍ର ବୋଲି ପ୍ରଫେସର ପଣ୍ଡା କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗଦାଧର ପାଣି, ସରୋଜ ମିଶ୍ର ଓ ଅଧ୍ୟାପିକା ସ୍ୱାଗତିକା ଦାସ ଓ ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନେ ମାଷ୍ଟର ଟ୍ରେନର ପ୍ରିୟଙ୍କା ନାୟକଙ୍କ ଉପସ୍ଥିତିରେ ଶିଖିଥିବା କୌଶଳକୁ ଅତିଥିଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ। ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ କେଦାର ମୁଦୁଲି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ତଥା ଦାୟିତ୍ୱରେ ଥିବା ପ୍ରୋଗ୍ରାମ ଅଫିସର ସୌମ୍ୟାଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ କାର୍ଯ୍ୟକୁ ନେଇ ଖଣ୍ଡଯୁଦ୍ଧ

## ୮ ଆହତ, ୨ ଗୁରୁତର

ଏରସମା,୧୭।୩ (ଦୀପ୍ତି ଖଣ୍ଡୁଆଳ)


ବାବାଜୀ ସେନାପତି


ରମେଶ ସ୍ୱାଇଁ

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ବୀରକିଶୋରପୁର ଗ୍ରାମରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକୁ ନେଇ ରବିବାର ୨ ଗ୍ରାମ ମଧ୍ୟରେ ବିବାଦ ହୋଇ ରାତିରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ବୀରକିଶୋରପୁର ଗ୍ରାମର ୨ ଜଣ ଗୁରୁତର ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଏରସମା ଥାନାରେ ଅଭିଯୋଗ କରାଯାଇଛି। ଘଟଣାରୁ ପ୍ରକାଶ, ବୀରକିଶୋରପୁର ଓ ଆଉଁରୀ ଗ୍ରାମର ଏକ ଗୋଚର ଜମିରେ ଗୋରୁ ଚରାଉଥିଲେ। ସେଠାରେ ଆଉଁରୀ ଗ୍ରାମର କେତେଜଣ ବ୍ୟକ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଏକ ଅମୃତ ସରୋବର ଖନନ ପାଇଁ ଉଦ୍ୟମ କରୁଥିଲେ। ମାତ୍ର ବୀରକିଶୋରପୁର ଗ୍ରାମବାସୀ ଗୋଚର ଜମିରେ ପୋଖରୀ ଖନନ ଓ ସରକାରୀ କାର୍ଯ୍ୟରେ ମେଶିନ ବ୍ୟବହାରକୁ ବିରୋଧ କରିଥିଲେ। ଏନେଇ ଉଭୟ ଗାଁର କେତେଜଣ ଗ୍ରାମବାସୀଙ୍କ ମଧ୍ୟରେ ବଚସା ହୋଇଥିଲା। ପୁନର୍ବାର ରାତିରେ ଆଉଁରୀ ଗ୍ରାମର କେତେଜଣ ଲୋକ ଉକ୍ତ କାର୍ଯ୍ୟ ଆରମ୍ଭ କରିବାରୁ ବୀରକିଶୋରପୁର ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଏରସମା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଆଉଁରୀ ଦୋଳ ମେଳଣରେ ଉଭୟ ଗାଁର ଲୋକେ ମୁହାଁମୁହିଁ ହୋଇଥିଲେ। ଏପରିକି ଉଭୟ ପକ୍ଷରୁ ଢେଲାମାଡ଼ କରାଯାଇଥିଲା। ଏଥିରେ ବୀରକିଶୋରପୁର ଗ୍ରାମର ଅଭୟ ସ୍ୱାଇଁ, ହାପି ସେନାପତି, ରାକେଶ ସ୍ୱାଇଁ, ନିରୁ ଜେନା ପ୍ରମୁଖ ୮ ଜଣ ଆହତ ହୋଇ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ବାବାଜୀ ସେନାପତି ଓ ହାପିନା ସେନାପତିଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ବୀରକିଶୋରପୁର ଗ୍ରାମର ୨୦ରୁ ୩୦ ଜଣ ବ୍ୟକ୍ତି ଆଉଁରୀ ଗ୍ରାମର କମଳାବାଗଙ୍କ ଘରେ ପଶି ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଯୁବ ଛାତ୍ର କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

## ବିଧାନସଭାରେ ବାହିନୀପତିଙ୍କୁ ନିଲମ୍ବନ ପ୍ରସଙ୍ଗ

ବାଲିକୁଦା,୧୭।୩ (ତାପସ ସ୍ୱାଇଁ)

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀ ପତିଙ୍କୁ ବିଧାନସଭାରେ ଭାଜପା ମନ୍ତ୍ରୀ ଓ ବିଧାୟକ କରିଥିବା ଆକ୍ରମଣ କରିବା ପ୍ରସଙ୍ଗରେ ବାଲିକୁଦା- ଏରସମା ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏନେଇ ବାଲିକୁଦା ବସ୍‌ଷ୍ଟାଣ୍ଡ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜୟନାରାୟଣ ମିଶ୍ର ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ନିଜ ଦୋଷ ଲୁଚାଇବାକୁ ଯାଇ ସରକାରୀ ଦଳ ତାରାପ୍ରସାଦଙ୍କୁ ବିଧାନସଭାରୁ ନିଲମ୍ବନ କରିଛି ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣାରେ ସାମିଲ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଓ ବିଧାୟକ ମିଶ୍ରଙ୍କୁ କାହିଁକି ନିଲମ୍ବନ କରା ନ ଯିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଯୁବ କଂଗ୍ରେସ ନେତା ଅଜୟ ସାହୁଙ୍କ ଡାକରାରେ କେଦାର ଦଳାଇ, ସୌଭାଗ୍ୟ ରଞ୍ଜନ ଦାସ, ଚିନ୍ମୟ ବିଶ୍ୱାଳ, ପ୍ରବୀଣ ମହାନ୍ତି, ସୁଶାନ୍ତ ଦାସ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱଜିତ ଦାସ, ଆକାଶ ସ୍ୱାଇଁ, ତ୍ରିନାଥ ମହାନ୍ତି, ସୌମାର୍ଥପ୍ରକାଶ ପରିଡ଼ା ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ଶୋଭାଯାତ୍ରାରେ ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡ଼ା, ସରପଞ୍ଚ ରାଜକିଶୋର ସାହୁ, ସୁବ୍ରତ ମହାନ୍ତି, ମୋନାଲିସା ତରାଇ, ଲକ୍ଷ୍ମୀଧର ମଲ୍ଲିକ, ବିଭୂତି ଭୂଷଣ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ଯାଜ୍ଞସେନୀ ରାଉତ, ଗଙ୍ଗାଧର ଖଟୁଆ, ଦିଲୀପ କାନୁନ୍‌ଗୋ, ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ଦ୍ୱନ୍ଦ୍ୱରେ ପାରାଦୀପ ବାର ଆସୋସିଏଶନ କର୍ମକର୍ତ୍ତା ନିର୍ବାଚିତ

ପାରାଦୀପ,୧୭।୩(ଶରତ ରାଉତ)

ପାରାଦୀପ ବାର ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଇତିମଧ୍ୟରେ ଶେଷ ହୋଇଛି। ଏଥିରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାମାନେ ହେଲେ ସଭାପତି ତପନ କୁମାର ଦାଶ, ଉପସଭାପତି ବସନ୍ତ କୁମାର ବିଶ୍ୱାଳ ଓ କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଓ ରବୀନ୍ଦ୍ର କୁମାର ଜେନା, କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ସୂତାର। ଏଥିସହ ୭ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ରହିଛନ୍ତି।

### ଯୁଗ୍ମ ଜନ ଶୁଣାଣିରେ ୯୩ ଅଭିଯୋଗ

ଜଗତସିଂହପୁର, ୧୭।୩ (ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୯୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୮ ଏବଂ ଗୋଷ୍ଠୀଗତ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୫ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ୮, ଆବାସ ଯୋଜନା ୩ , ଜମିଜମା ସଂକ୍ରାନ୍ତୀୟ ୩୦ ଭତ୍ତା ପାଇଁ ୭, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ୪ ପୋଲିସ ସହାୟତା ପାଇଁ ୨ ଏବଂ ଅନ୍ୟାନ୍ୟ ୨୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଅବସରରେ ୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଶୁଣାଣି ଶିବିରରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ, ରବିନାରାୟଣ ଜେଠୀ,ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଜିଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ, ବିଡିଓ ଆଶୁତୋଷ ମିଶ୍ର, ତହସିଲଦାର ତୃପ୍ତିମୟୀ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

# ଘୂର୍ଣ୍ଣିଝଡ଼ ପରବର୍ତ୍ତୀ ମୁକାବିଲା ପାଇଁ ମିଳିତ ମକ୍‌ଡ୍ରିଲ

ପାରାଦୀପ,୧୭।୩(ଶରତ ରାଉତ)


ସୁରକ୍ଷା ଅଧିକାରୀମାନେ ସୁରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

ପାରାଦୀପ ବନ୍ଦର ୪ ନଂ. ଗେଟ୍ ପାଖରେ ଥିବା ସିଆଇଏସ୍‌ଏଫ ଅଗ୍ନିଶମ କାର୍ଯ୍ୟାଳୟରେ ସୋମବାର ମିଳିତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘୂର୍ଣ୍ଣିଝଡ଼ ପରବର୍ତ୍ତୀ ସମୟରେ କିପରି ମୁକାବିଲା କରାଯିବ ସେସମ୍ପର୍କିତ କଳା କୌଶଳ ସୁରକ୍ଷା ଅଧିକାରୀମାନେ ମକ୍‌ଡ୍ରିଲ ଜରିଆରେ ଦେଖାଇଥିଲେ। ଏନ୍‌ଡିଆର୍‌ଏଫ୍ କଟକ ମୁଣ୍ଡୁଳି ଅଧ୍ୟକ୍ଷତାରେ ଆୟୋଜିତ ଏହି ମକ୍‌ଡ୍ରିଲରେ ପାରାଦୀପ ବନ୍ଦର ସିଆଇଏସ୍‌ଏଫ, ଇଫ୍‌କୋ, ପିପିଏଲ, ଏଏମ୍‌ଏନ୍‌ଏସ, ଆଦାନୀ ୱିଲମାର, ଆଇଓସିଏଲ ରିଫାଇନାରୀ, ଟର୍ମିନାଲ, ବିପିସିଏଲ, ଏଚ୍‌ପିସିଏଲ ଆଦି କମ୍ପାନୀ ସହ ଓଡିଶା ପୋଲିସ, ଗୋଇନ୍ଦା ବିଭାଗ, ଡକସେଫ୍ଟି, ଆଦି ବିଭାଗ ସାମିଲ ହୋଇଥିଲେ। ଘୂର୍ଣ୍ଣିଝଡ଼ ପରେ ସମ୍ଭାବ୍ୟ ବିପଦ ଯଥା କୋଠା ଭୁଶୁଡିବା, ରାସ୍ତା ଅବରୋଧ, ଦୁର୍ଘଟଣା, ଅଗ୍ନିକାଣ୍ଡ ପ୍ରଭାବିତ ପୀଡ଼ିତ ଦଉଡି ଦ୍ୱାରା ଉଦ୍ଧାର ଆଦି କୌଶଳ ପ୍ରଦର୍ଶିତ କରାଯାଇଥିଲା। ଏହାକୁ ଏନ୍‌ଡିଆର୍‌ଏଫ କମାଣ୍ଡାଣ୍ଟ ପ୍ରବୀଣ ଚୌହାନ ଓ ସିଆଇଏସ୍‌ଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ସମୀକ୍ଷା କରିଥିଲେ।

# ଗାଁ ବିବାଦ, ପୂର୍ବ ଶତ୍ରୁତାରୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

## ବର୍ତ୍ତିଗଲେ ବାଇକ ଆରୋହୀ

କୁଜଙ୍ଗ,୧୭।୩(ମନୋଜ ପ୍ରଧାନ)


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ଗାଁ ବିବାଦ ଓ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସୋମବାର ଜଣେ ବାଇକ ଚାଳକଙ୍କୁ କାର୍ ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ମାତ୍ର ସୌଭାଗ୍ୟବଶତଃ ସେ ରକ୍ଷା ପାଇଯାଇଛନ୍ତି। ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ନବାଡ଼ିଆ ଗ୍ରାମର ମନୋରଞ୍ଜନ ସ୍ୱାଇଁ। ଏନେଇ ଗ୍ରାମର ମହିଳାମାନଙ୍କ ସହ ମନୋରଞ୍ଜନ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନବାଡ଼ିଆ ଗ୍ରାମର ବାବନ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ , ସୁଶାନ୍ତ ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ସହ ଗାଁ ବିବାଦକୁ ନେଇ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଗତ ୧୪ ତାରିଖ ସନ୍ଧ୍ୟାରେ ମନୋରଞ୍ଜନ ଗ୍ରାମ ମନ୍ଦିର ବେଢ଼ାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଉପରୋକ୍ତ ଚାରିଜଣ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଧରି ଆକ୍ରମଣ ଉଦ୍ୟମ କରିଥିଲେ । ମନୋରଞ୍ଜନ ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କ ପକେଟରୁ ୭ ହଜାର ୫ ଶହ ଟଙ୍କା ଓ ହାତରେ ପିନ୍ଧିଥିବା ସୁନା ମୁଦି ଛଡ଼ାଇ ନେଇଥିଲେ। ପୁନର୍ବାର ୧୬ ତାରିଖ ଅପରାହ୍ନରେ ଉପରୋକ୍ତ ଚାରିଜଣ ମନୋରଞ୍ଜନଙ୍କ ଘର ନିକଟରେ ପହଞ୍ଚି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । ମନୋରଞ୍ଜନ ଏହିଘଟଣାରେ ଭୟଭୀତ ହୋଇଯାଇଥିଲେ ମଧ୍ୟ ଗାଁରେ ବିବାଦର ସମାଧାନ ହୋଇଯିବ ବୋଲି ଆଶାବାନ୍ଧି ବସିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ବାବନ ପେସାରେ ଜଣେ ଗାଡ଼ି ଚାଳକ । ସୋମବାର ପୂର୍ବାହ୍ନରେ ମନୋରଞ୍ଜନ ବାଇକ୍ ଯୋଗେ କୁଜଙ୍ଗ ଆସୁଥିବାବେଳେ ଅଭିଯୁକ୍ତ ବାବନ ଏକ ୪ ଚକିଆ ଗାଡ଼ିରେ ତାଙ୍କୁ ସମ୍ମୁଖ ପଟରୁ ଦ୍ରୁତ ଗତିରେ ଧକ୍କା ଦେବାକୁ ଉଦ୍ୟମ କରିଥିଲେ।

ଏହିସମୟରେ ମନୋରଞ୍ଜନ ବାଇକକୁ ରାସ୍ତା କଡରେ ଥିବା ଏକ ଗଛ କନ୍ଦିକୁ ପୂରାଇଦେବାରୁ ସାମାନ୍ୟ ଆଘାତରେ ରକ୍ଷା ପାଇଯାଇଥିଲେ। ପୁନର୍ବାର ବାବନ ଗାଡି ବୁଲାଇ ଆଣି ତାଙ୍କୁ ହତ୍ୟାଧମକ ଦେଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୧୬/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସୁଶାନ୍ତଙ୍କୁ ଗିରଫ କରାଯାଇଥିବାବେଳେ ବାବନ ଫେରାର ହୋଇଯାଇଛନ୍ତି। ଅପରପକ୍ଷେ ଧକ୍କା ଦେବାକୁ ଉଦ୍ୟମ କରିଥିବା କାର୍‌କୁ ପୋଲିସ ଜବତ କରିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦିଲ୍ଲୀପ


@ ପବିତ୍ର


@ ଶକ୍ତି


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚଉଁରପୁରକୁ ହରାଇ ସଂଗ୍ରାମପୁର ଚାମ୍ପିୟନ

## ଏକ ଦିବସୀୟ ଭଲିବଲ ପ୍ରତିଯୋଗିତା

ଜଗତ୍‌ସିଂହପୁର ୧୭।୩ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟରେ ଚଉଁରପୁରକୁ ହରାଇ ସଂଗ୍ରାମପୁର ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ଉଭୟ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କ୍ରିଡାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ସଂସଦକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଶେଷକରି ଷ୍ଟାଡିୟମର ଉନ୍ନତିକରଣ ପାଇଁ ସେ ଉଦ୍ୟମ କରୁଥିବା କହିଛନ୍ତି। ସଂସଦ ଉପସଭାପତି ଶ୍ରୀକାନ୍ତ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରିଣୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ମୋଟ ୯ଟି ଦଳ ଭାଗ ନେଇଥିଲେ। ସେଗୁଡିକ ହେଲେ ତିର୍ତ୍ତୋଲ, ନାଳିବର, ରଘୁନାଥପୁର (ଥୋରିଆପଡ଼ା), ଜଗତ୍‌ସିଂହପୁର ପୋଲିସ, ଜଗତ୍‌ସିଂହପୁର, ସଂଗ୍ରାମପୁର, ବାପୁଜୀ ଭଲିବଲ ଦଳ, ଆଶ୍ରମପାଟଣା ଓ ଚଉଁରପୁର। ପ୍ରତିଯୋଗିତା ବେଶ୍ ଆକର୍ଷଣୀୟ ହୋଇଥିଲା। ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାସ ବିବରଣୀ ପାଠ ଓ ଯୁଗ୍ମ ସମ୍ପାଦକ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଉଚ୍ଚସ୍ତରୀୟ କମିଟି ନିଷ୍ପତ୍ତି ନେବ

## ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ଖୋଲିବା ପ୍ରସଙ୍ଗ

ଜଗତ୍‌ସିଂହପୁର ୧୭।୩ (ପ୍ରମୋଦ ନାୟକ)

ଦୀର୍ଘ ବର୍ଷ ହେଲା ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ଖୋଲିବା ପ୍ରସଙ୍ଗକୁ ନେଇ ଆଲେଚନା ଚାଲିଛି। ଏପରି କି ରାଜନୀତି ମଧ୍ୟ ଜୋର ଧରିଛି। କେତେବେଳେ ମେଡିକାଲ କଲେଜ ହେବାର ପ୍ରତିଶ୍ରୁତି ମିଳିଥିବା ବେଳେ ଅନେକ ସମୟରେ କିନ୍ତୁ ଏନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସାମ୍ପ୍ରତିକ ସ୍ଥିତିରେ ରାଜ୍ୟ ସରକାର ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ହେବ କି ନାହିଁ ତାହା ସ୍ପଷ୍ଟ କରି ନ ଥିଲେ ସୁଦ୍ଧା ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ କମିଟି ନିଷ୍ପତ୍ତି ନେବ ବୋଲି ଦର୍ଶାଇଛନ୍ତି। ସରକାରଙ୍କ ଏହି ଉତ୍ତରକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ଖୋଲିବା ସଂକ୍ରାନ୍ତରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ସୋମବାର ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ଜାଣିବାକୁ ଚାହିଁଥିଲେ, ୨୦୨୫-୨୬ ଆର୍ଥିକ ବର୍ଷ ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ଖୋଲାଯିବାର ପ୍ରସ୍ତାବ ଅଛି କି ନାହିଁ ତାହା ସ୍ପଷ୍ଟ କରନ୍ତୁ। ଏଥିସହ ରାଜ୍ୟରେ କେତୋଟି ମେଡିକାଲ କଲେଜ ଖୋଲାଯିବାର ଯୋଜନା ଅଛି ଜଣାଯାଉ। ଏହାର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଦର୍ଶାଇଛନ୍ତି, କନ୍ଧମାଳ ଜିଲା ମୁଖ୍ୟାଳୟ ଫୁଲବାଣୀ ଓ ଅନୁଗୋଳ ଜିଲାର ତାଳଚେରଠାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ରହିଛି। ୨୦୨୫-୨୬ ଶିକ୍ଷାବର୍ଷରୁ ଉଭୟ କଲେଜରେ ୧୦୦ଟି ଲେଖାଏଁ ଏମ୍‌ବିବିଏସ୍ ସିଟ୍‌ରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଲେଟର ଅଫ ପର୍ମିଶନ୍ (ଏଲ୍‌ଓପି) ଦରକାର। ଏଥିପାଇଁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି)ଙ୍କ ନିକଟରେ ଆବେଦନ କରାଯାଇଛି। ଏନ୍‌ଏମ୍‌ସିଙ୍କଠାରୁ ଏଲ୍‌ଓପି ପ୍ରାପ୍ତ ହେବା ପରେ ସେଠାରେ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ କରାଯିବ। କିନ୍ତୁ ଜଗତ୍‌ସିଂହପୁର ସମେତ ଯେଉଁସବୁ ଜିଲାରେ ମେଡିକାଲ କଲେଜ ନାହିଁ ସେଠାରେ ଏହା ଖୋଲିବା ପାଇଁ ଉଚ୍ଚସ୍ତରୀୟ କମିଟି ନିଷ୍ପତ୍ତି ନେବ।

# ପ୍ରବେଶ ପଥରେ ନାହିଁ ସ୍କୁଲ ନାମଫଳକ

## ନୟାଗଡ଼ ଏନ୍‌ଏସି ହାଇସ୍କୁଲ

- ୬ମାସ ତଳୁ ଖସି ପଡିଲାଣି ଧାତବ ନାମ ଫଳକ
- ଫାଟକରେ ଝୁଲୁଛି ଫ୍ଲେକ୍ସରେ ସ୍କୁଲ୍ ନାମ
- ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫାଟକରେ ଅପବ୍ୟୟ

**ନୟାଗଡ଼, ୧୭।୩ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ୧୦୦ ମିଟର ଦୂର ନୟାଗଡ଼ ସହରର ଦଶପଲ୍ଲା ରୋଡରେ ଥିବା ନୟାଗଡ଼ ଏନ୍‌ଏସି ହାଇସ୍କୁଲର ସ୍କୁଲ ନାମ ଫଳକ ଦେଖିବାକୁ ମିଳୁନି। ଧାତବ ଅକ୍ଷରରେ ଲେଖାଥିବା ସ୍କୁଲର ନାମ ଫଳକ ପ୍ରାୟ ୬ ମାସ ତଳେ ଖସି ପଡିଥିଲେ ହେଁ ଏହାକୁ ମରାମତି ଅଥବା ନୂଆ କରି ଲଗାଯାଉନି। ତେବେ ସ୍କୁଲର ନାମକୁ ଫ୍ଲେକ୍ସରେ ଲେଖି ଫାଟକ ଦ୍ୱୟରେ ଝୁଲାଇ କାମ ଚଳାଇ ନିଆଯାଇଛି। ହାଇସ୍କୁଲର ମୁଖ୍ୟଫାଟକରେ ଲାଗିଥିବା ଧାତବ ଅକ୍ଷରଗୁଡିକ ଶୀଘ୍ର ଖସି ପଡ଼ିବାର ସ୍ଥିତିକୁ ଅନୁଧ୍ୟାନ କଲେ କାମର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ସରକାରଙ୍କ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅପବ୍ୟୟ କରାଗଲା ବୋଲି ସାଧାରଣରେ ପ୍ରଶ୍ନ କରାଯାଇ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ଉଠିଛି।

ଅଭିଯୋଗ ଅନୁସାରେ, ଗତ ସରକାର ସମୟରେ ଜିଲା ସଦର ମହକୁମାର ପ୍ରତି ସରକାରୀ କାର୍ଯ୍ୟାଳୟଗୁଡିକର ପ୍ରବେଶ ପଥରେ ଥିବା ମୁଖ୍ୟ ଫାଟକଗୁଡିକୁ ଭାଙ୍ଗି ନବକଳେବର କରାଯାଇଥିଲା। ପ୍ରାୟ ମୁଖ୍ୟ ଫାଟକଗୁଡିକରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ୫-ଟି ଯୋଜନାରେ ରୂପାନ୍ତରିତ ହୋଇଥିଲା। ମୁଖ୍ୟ ଫାଟକ ଉପରେ ଧାତବ ଅକ୍ଷରରେ ସ୍କୁଲର ନାମ ଓ ସରକାରୀ କାର୍ଯ୍ୟାଳୟଗୁଡିକର ନାମ ଉଲ୍ଲେଖ ରହିଥିଲା। ରାତିରେ ସମ୍ପୃକ୍ତ ଫାଟକ



ବିଦ୍ୟାଳୟ ନାମଫଳକର ଧାତବ ଅକ୍ଷର ଖସି ଯାଇଛି।

ବିଦ୍ୟୁତ୍ ଆଲୋକରେ ଝଲସି ଉଠୁଥିଲା। କିଛିଦିନ ଫାଟକରେ ଲାଇଟ ଜଳିବା ପରେ ଧୀରେ ଧୀରେ ସ୍କୁଲ ଓ ସରକାରୀ କାର୍ଯ୍ୟାଳୟଗୁଡିକର ନାମ ଫଳକରେ ଥିବା ଅକ୍ଷରଗୁଡିକ ଖସି ପଡ଼ିଥିଲା। ଯାହାର ଉଦାହରଣ ଭାବେ ନୟାଗଡ଼ ଏନ୍‌ଏସି ହାଇସ୍କୁଲକୁ ନିଆ ଯାଇପାରେ। ଏନ୍‌ଏସି ହାଇସ୍କୁଲରେ ମାଟ୍ରିକ ପରୀକ୍ଷାଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷା, ରାଜ୍ୟ ଓ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଅନୁଷ୍ଠିତ ହେଉଛି। ତେବେ ସ୍କୁଲର ନାମ ଫଳକ ମୁଖ୍ୟ ଫାଟକରୁ ଖସି ପଡ଼ିବା ପରେ ନୂଆ ଲାଗି ନ ଥିଲା। ସ୍କୁଲର ନାମ ଫଳକ ନ ଥିବାରୁ ଅନେକ ପରୀକ୍ଷାର୍ଥୀ, ପ୍ରଶିକ୍ଷାର୍ଥୀ ସ୍କୁଲ ଖୋଜି ହଇରାଣ ହୋଇଥିଲେ। ନାମ ଫଳକ ଲଗାଇବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ବାରମ୍ବାର ନୟାଗଡ଼ ବ୍ଲକରେ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିଲାନି। ଶେଷରେ ଫାଟକରେ ସ୍କୁଲର ନାଁକୁ ଫ୍ଲେକ୍ସରେ ଲେଖି ଝୁଲାଇ ଦେଲେ। ସ୍କୁଲର ଗୋଟିଏ ପଟ ଫାଟକ ଖୋଲି ଦେଲେ ସ୍କୁଲର ନାଁ ଜଣା ପଡୁନାହିଁ। ଫ୍ଲେକ୍ସରେ ସ୍କୁଲ ନାଁ ଲେଖିବା ପରେ ବି ସମସ୍ୟା ସମାଧାନ ହୋଇନି। ସେପଟେ ସ୍କୁଲର ନାମ ଫଳକ ନ ଥିବାରୁ ଅଭିଭାବକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ଓ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ପବନରେ ଖସି ପଡ଼ିଲା ସ୍କୁଲ ନାଁର ଅକ୍ଷର

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବ୍ଲକ ସମ୍ମୁଖସ୍ଥ ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଲେଖାଥିବା ମୁଖ୍ୟ ଫାଟକ ଉପରେ 'ର' ଅକ୍ଷର ଖସି ପଡିଛି। ପବନ ହେବାରୁ 'ର' ଅକ୍ଷର ଖସି ପଡ଼ିବା ଘଟଣା ନିମ୍ନମାନର କାମକୁ ପ୍ରମାଣିତ କରୁଛି। ହେଲେ ଏହାର ମରାମତି କରାଯାଉନି। ରାତି ହେଲେ ସ୍କୁଲର 'ର' ଅକ୍ଷର ଦେଖିବାକୁ ମିଳୁନି। ଅନ୍ୟପକ୍ଷେ ୫-ଟି ରୂପାନ୍ତରିତ ବନ୍ଦ ହୋଇ ଯାଇଥିବାବେଳେ ସ୍କୁଲ ଫାଟକ ସମ୍ମୁଖରେ ଏଯାବତ କାଓ କ୍ୟାଚର ହୋଇ ପାରିନି। ପୁଣି ସ୍କୁଲରେ ୨ୟ ପାଣି ଟାଙ୍କି ହୋଇନାହିଁ। କଳାପଟା ପାଖରେ ସ୍ମାର୍ଟ ବୋର୍ଡରେ ଷ୍ଟିକର ଲଗା ଯାଇନି। ସେହିଭଳି ସାଇନ୍ସ ପରୀକ୍ଷଣ ପାଇଁ ଅନେକ ଚାମ୍ବର ଜାଣଶୁଣି କରାଯାଇନି। ଜିଲା ସଦର ମହକୁମାର ବ୍ରଜେନ୍ଦ୍ର ହାଇସ୍କୁଲ ପରି ଏକ ପୁରାତନ ସ୍କୁଲକୁ ଅବହେଳା କରାଯିବା ପରେ ଅନୁରୂପ ଭାବେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଆଇନଜୀବୀ ରଣଜିତ୍ ଦାଶଙ୍କୁ ପଚାରିବାରେ ଗତ ସରକାରଙ୍କ ୫-ଟି ଯୋଜନା ହରିଲୁଟ୍ ହୋଇଯାଇଥିଲା। ବିଧାନସଭାରେ ଏ ନେଇ ମଧ୍ୟ ପ୍ରସଙ୍ଗ ଉଠି ସାରିଛି। ତେବେ ଜିଲା ସଦର ମହକୁମାର ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ନୟାଗଡ଼ ଏନ୍‌ଏସି ହାଇସ୍କୁଲର ମୁଖ୍ୟଫାଟକର ସ୍ଥିତିକୁ ଦେଖିଲେ ଦୁଃଖ ଲାଗୁଛି। ବ୍ଲକ ପ୍ରଶାସନ ତୁରନ୍ତ ଏହାର ପ୍ରତିକାର କରନ୍ତୁ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିଲ୍ଲିପ


@ ପବିତ୍ର


@ ଶକ୍ତି


@ ଶିବୁ


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦଶପଲ୍ଲାରୁ ପୁରୀ ଗଲା ୫୮ ଖଣ୍ଡ ରଥକାଠ

**ଦଶପଲ୍ଲା, ୧୭।୩ (ପ୍ରକାଶ କୁମାର ପାଣି)**

ପୁରୀର ପ୍ରସିଦ୍ଧ ରଥଯାତ୍ରାର ରଥ ନିର୍ମାଣ ପାଇଁ ସୋମବାର ଦଶପଲ୍ଲା ବନାଞ୍ଚଳରୁ ୫୮ଖଣ୍ଡ କାଠ ଖପୁରିଆସ୍ଥିତ ମିଲକୁ ଯାଇଥିବା ଜଣାଯାଇଛି। ଟାକେରାସ୍ଥିତ ସେଣ୍ଟ୍ରାଲ ରିଜର୍ଭ ଫରେଷ୍ଟ ଜଙ୍ଗଲରୁ କାଠଗୁଡିକ ସଂଗ୍ରହ କରାଯାଇ ୨ଟି ଟ୍ରକ୍‌ରେ ପଠାଯାଇଛି। କାଠଗୁଡିକୁ ମିଟୁକୁଳି ଏବଂ ତିଳାବାରୀ ଗ୍ରାମର ବହୁ ଲୋକଙ୍କ ଉପସ୍ଥିତିରେ ପୂଜା କରାଯାଇ ପରେ ପଠାଯାଇଥିଲା। ଯାଇଥିବା କାଠଗୁଡିକ ମଧ୍ୟରେ ଅସନ ୨୦ ଫୁଟିଆ ୧୬ଟି କାଠ, ଧଉରା ୨୦ ଫୁଟିବା ୧୦ ଟି କାଠ, ଧଉରା ୧୨ ଫୁଟିବା ୯ଟି, ଅସନ ୧୨ ଫୁଟିବା ୨୨ଟି ଏବଂ ସିମିଳି ୧ଟି କାଠ, ସହକାରୀ ବନ ସଂରକ୍ଷକ ସୁମନ ମାଝୀଙ୍କ ତତ୍ତ୍ୱାବଧାନରେ ଟାକେରା ବନପାଳ ରାକେଶ କୁମାର ସାହୁ, ବନରକ୍ଷୀ ଦୀପ୍ତିମୟୀ ଦାଶ ନେତୃତ୍ୱରେ କାଠଗୁଡିକ ସଂଗ୍ରହ କରାଯାଇଥିଲା। ଦଶପଲ୍ଲା ବନାଞ୍ଚଳରୁ ଏହା ଦ୍ୱିତୀୟ ପର୍ଯ୍ୟାୟରେ ରଥକାଠ ଯାଇଥିବା ଜଣାଯାଇଛି।



ଲୋକଙ୍କ ଦ୍ୱାରା ରଥ କାଠ ସହ ଗାଡ଼ିକୁ ପୂଜାର୍ଚ୍ଚନା କରାଯାଉଛି।

# ୭୪ ଅଭିଯୋଗ ପଞ୍ଜୀକୃତ, ୨୧ ତତ୍କାଳ ସମାଧାନ

## ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର


ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଓଡ଼ଗାଁ, ୧୭।୩ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପରିସରରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନୟାଗଡ଼ ଲସ୍ମଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏସ୍‌ପି ଏସ୍ ସୁଶ୍ରୀ ଏବଂ ସମସ୍ତ ବିଭାଗୀୟ ଜିଲା ଅଧିକାରୀଙ୍କ ଉପସ୍ଥିତ ରହିଥିଲେ। ଅଧିକାରୀମାନେ ୭୪ ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୬୭ଟି ବ୍ୟକ୍ତିଗତ ରହିଥିବାବେଳେ ୫ଟି ଗ୍ରାମ ସମୂହ ସମସ୍ୟା ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ, ଅନ୍ୟ ଗୋଟିଏ ରେଡ଼କ୍ରସ ସମ୍ବନ୍ଧୀୟ ସମସ୍ୟା ରହିଥିଲା। ଶିବିରରେ ୨୧ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗଗୁଡିକ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ରାଶନ୍ କାର୍ଡ, କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ଯୋଜନା, ପାନୀୟଜଳ ଯୋଗାଣ, କୃଷି ସହିତ ଅନ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା। ଓଡ଼ଗାଁ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି ନ କରିବା, ଅତିରିକ୍ତ ବିଶେଷଜ୍ଞ ନିଯୁକ୍ତି ଦେବା ସହ ଏକ୍ସରେ ମେଶିନ୍ ସହିତ ଅଲଟ୍ରାସାଉଣ୍ଡ ମେଶିନ ଯୋଗାଇ ଦେବାକୁ ଶତାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ଗ୍ରାମବାସୀ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲାପାଳ ଅତରିକ୍ତ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁରାଳ ସେବା ସମବାୟ ସମିତିରେ ହେରଫେର ହୋଇଥିବା ଜମାକର୍ତ୍ତାଙ୍କ ଜମା ଅର୍ଥ ଜମାକାରୀଙ୍କୁ ପ୍ରଦାନ ନିମନ୍ତେ ସେମାନେ ଜିଲାପାଳଙ୍କୁ ଭେଟିଥିଲେ। କୁରାଳ ସରପଞ୍ଚ ବିଜନ ପାଇକରାୟ କୁରାଳ ଗ୍ରାମରେ ଖୁଲମଖୁଲା ବେଆଇନ ଭାବେ ମଦ ବିକ୍ରିକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଜିଲା ଶିକ୍ଷାଧିକାରୀ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ସହିତ ଜିଲାର ବିଭାଗୀୟ ପଦସ୍ଥ ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ।

# ଭେନୋମ୍ ଟିମ୍ ଚାମ୍ପିୟନ

## କ୍ରିକେଟ୍ ଟୁର୍ନାମେଣ୍ଟ

**ଖଣ୍ଡପଡ଼ା, ୧୭।୩ (ଅଜୟ କୁମାର ମହାରଣା)**

କଣ୍ଟିଲୋ ପଞ୍ଚାୟତ ଅଧୀନ ମଝିସାହିପାଟଣା କ୍ରିକେଟ କ୍ଲବ ଆନୁକୂଲ୍ୟରେ ରବିବାର ଆୟୋଜିତ ୭ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଭେନୋମ କ୍ରିକେଟ ଟିମ୍ ସହ ୱିଲିୟମ ସୁପର ଷ୍ଟ୍ରାଇକର କ୍ରିକେଟ ଟିମକୁ ୩୨ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ୩ଟି ଦଳକୁ ନେଇ ରାଉଣ୍ଡଅପରେ ଭେନୋମ ଓ ୱିଲିୟମ ଦଳଙ୍କ ସହ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୮ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ଟସ୍ ଜିଣି ଭେନୋମ ଟିମ୍ ବ୍ୟାଟିଂ ଆରମ୍ଭ କରି ୮ ଓଭରରେ ୩ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା। ଜବାବରେ ୱିଲିୟମ ଟିମ ୮ ଓଭରରେ ୫ ଉଇକେଟ ହରାଇ ମାତ୍ର ୭୨ ରନ ସଂଗ୍ରହ କରି ପରାଜିତ ହେବା ସହ ଟୁର୍ନାମେଣ୍ଟର ରନର୍ସ ଅପ ଭାବେ ବିବେଚିତ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଅଙ୍କିତ ସାହୁ ଓ ସତ୍ୟଜିତ ବେହେରା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ହରିହର ସାହୁ ଓ ମୁନା ବେହେରା ଖେଳକୁ ପରିଚାଳନା କରିଥିଲେ। ତାପସ ମହାପାତ୍ର ଓ ଅନିଲ ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ଅଞ୍ଜନ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଉଜଳ ମହାରଣା, ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ଓ ବିକାଶ ପରିଷଦ ସଭାପତି ଯୁଗଳ କିଶୋର ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳଙ୍କୁ ନଗଦ ଅର୍ଥରାଶି ଏବଂ ଟ୍ରଫି ପ୍ରଦାନ କରିଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଢିପାମାଳ ଅଙ୍ଗନୱାଡି କେନ୍ଦ୍ର ପ୍ରତି ଅଧିକାରୀଙ୍କ ଦୃଷ୍ଟି ନାହିଁ

- କର୍ମୀ ନିଜ ଇଚ୍ଛାରେ ଚଳାଉଛନ୍ତି କେନ୍ଦ୍ର
- ଅଧାପନ୍ତରିଆ ଭାବେ ପଡ଼ି ରହିଛି ନିଜସ୍ୱ ଗୃହ କାମ

**ନୂଆଗାଁ, ୧୭।୩ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଢିପାମାଳ ଅଙ୍ଗନୱାଡି କେନ୍ଦ୍ର ପ୍ରତି କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ସେଠାରେ ନିୟୋଜିତ ଥିବା କର୍ମୀ ନିଜ ଇଚ୍ଛା ଅନୁସାରେ କେନ୍ଦ୍ର ଚଳାଉଛନ୍ତି। କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି।

ମାଳିସାହି ପଞ୍ଚାୟତ ଚକାପଥର, ଢିପାମାଳ, ରାଜନପଲି ଗ୍ରାମର ମହିଳା, କିଶୋରୀ ବାଳିକା ଓ ସର୍ବୋପରି ଶିଶୁମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଢିପାମାଳଠାରେ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କେନ୍ଦ୍ରର ନିଜସ୍ୱ ଗୃହ ପାଇଁ ସରକାର ଅନୁଦାନ ଦେଇଥିଲେ ମଧ୍ୟ ଅଧିକାରୀମାନଙ୍କ ଅପାରଗତା କାରଣରୁ ନିର୍ମାଣ କାର୍ଯ୍ୟ ଦୀର୍ଘବର୍ଷ ହେଲା ଅଧପନ୍ତରିଆ ଭାବେ ପଡ଼ି ରହିଛି। ତେବେ ସମ୍ପୃକ୍ତ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଢିପାମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଚାଲିଛି।



ଅଧାପନ୍ତରିଆ ଭାବେ ପଡ଼ିଥିବା ଅଙ୍ଗନୱାଡି ଗୃହ। ସକାଳୁଆ ସ୍କୁଲ ହୋଇଥିଲେ ମଧ୍ୟ ୧୦ଟା ସୁଦ୍ଧା ଜଣେ ଶିଶୁ ଓ ସହାୟିକା ଆସିଛନ୍ତି।

ପୂର୍ବାହ୍ନ ୧୦ଟାଠାରୁ ସ୍କୁଲରେ ପାଠପଢା ଚାଲୁଥିବାରୁ ଅଙ୍ଗନୱାଡି କାର୍ଯ୍ୟକ୍ରମ ସକାଳୁଆ ହେବାର ନିୟମ ରହିଛି। କିନ୍ତୁ ଢିପାମାଳ କେନ୍ଦ୍ରଟି କେତେବେଳେ ଚାଲିବ ସେଥିପାଇଁ କୌଣସି ସମୟ ନାହିଁ। ଅଙ୍ଗନୱାଡି କର୍ମୀଙ୍କ ସୁବିଧାକୁ ନେଇ ପିଲାମାନେ ଆସିବାକୁ କୁହାଯାଉଥିବା ଅଭିଯୋଗ ହେଉଛି। ଅଭିଯୋଗର ସତ୍ୟାସତ୍ୟ ଜାଣିବାକୁ ଗୁରୁବାର କେନ୍ଦ୍ରକୁ ଯିବାରେ ୧୦ଟା ସୁଦ୍ଧା ଜଣେ ଶିଶୁ ଶିବ ପ୍ରଧାନ ଆସିଥିବା ବେଳେ ଅଙ୍ଗନୱାଡି ସହାୟିକା ମଞ୍ଜୁଳା ପ୍ରଧାନ ଆସି ରୋଷେଇ କରିବାକୁ ଚୁଲି ଲଗାଉଥିଲେ। କେନ୍ଦ୍ର କେଉଁ ସମୟରେ ପିଲାମାନେ ଆସନ୍ତି ବୋଲି ସହାୟିକାଙ୍କୁ ପଚାରିବାରେ କେତେବେଳେ ସକାଳୁ ଆସନ୍ତି ଆଉ କେତେଳେ ୧୦ଟା ବେଳେ ଆସନ୍ତି। ଆଗରେ ଆସି ଚୁଲି ଲଗାଇ ପିଲାମାନଙ୍କୁ ଆଣିବାକୁ ଯାଏ, ପରେ ଦିଦି ଆସନ୍ତି ବୋଲି ସେ କହିଥିଲେ। କେତେ ପିଲା ଆସୁଛନ୍ତି ସେ ବାବଦରେ ସହାୟିକା କହି ପାରି ନ ଥିବା ବେଳେ ଚକାପଥର, ରାଜନପଲି ଦୂରବାଟ ହେଉଥିବାରୁ ଅନେକ ପିଲା ଆସୁ ନାହାନ୍ତି। ଢିପାମାଳ ଅଙ୍ଗନୱାଡି କେନ୍ଦ୍ରରେ ଅବ୍ୟବସ୍ଥା ଓ କର୍ମୀଙ୍କ ମନମୁଖୀ କାର୍ଯ୍ୟ ବାବଦରେ ଅନେକ ଥର ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସବୁ ଅଭିଯୋଗକୁ ଏଡାଇ ଦେଉଛନ୍ତି। ଢିପାମାଳ କେନ୍ଦ୍ରର ଅଧପନ୍ତରିଆ ନିଜସ୍ୱ ଗୃହ କିଭଳି ଶୀଘ୍ର ନିର୍ମାଣ କରାଯିବ, ସବୁ ଶିଶୁ ଅଙ୍ଗନୱାଡି କେନ୍ଦ୍ରରୁ ସମସ୍ତ ସୁବିଧା ପାଇ ପାରିବେ, ଠିକ୍ ସମୟରେ କେନ୍ଦ୍ର ଚାଲିବ ସେ ନେଇ କୌଣସି ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସିଡିପିଓ ମଲିକଙ୍କୁ ପଚାରିବାରେ ସମ୍ପୃକ୍ତ କେନ୍ଦ୍ରର କର୍ମୀ ସମସ୍ତ କାର୍ଯ୍ୟ ଠିକ୍ ଭାବେ କରୁଛନ୍ତି। କିନ୍ତୁ ସକାଳୁଆ ସ୍କୁଲ ହୋଇଥିଲେ ମଧ୍ୟ ଅଙ୍ଗନୱାଡି କର୍ମୀ କେନ୍ଦ୍ରକୁ ଠିକ୍ ସମୟରେ ଯାଉ ନାହାନ୍ତି। ଅଭିଯୋଗ ପରେ ତାଙ୍କ ଦରମା ବନ୍ଦ କରି ଦିଆଯାଇଥିଲା। ନିଜସ୍ୱ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ୨ ଲକ୍ଷ ଟଙ୍କା ଥିଲେ ମଧ୍ୟ କାମ କରାଯାଉନାହିଁ ବୋଲି ସିଡିପିଓ ମଲିକ କହିଛନ୍ତି। ଏ ନେଇ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ପଚାରିବାରେ ଅନୁଦାନ ଅଛି ତାହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

# ପାଇଖାନା ଟାଙ୍କିରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

## ହତ୍ୟା ସନ୍ଦେହ, ସନ୍ଦିଗ୍ଧ ଅଟକ

**ସମ୍ବଲପୁର,୧୭।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ଗେଙ୍ଗୁଟିପାଲିରେ ଏକ ପରିତ୍ୟକ୍ତ ପାଇଖାନା ଟାଙ୍କିରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ମୋତିଝରଣ ଅଞ୍ଚଳର ଶେଖ୍ ହୁସେନ(୫୫)। ସେ ପ୍ରତିଦିନ ଏକ ତିନିଚକିଆ ଠେଲାରେ ସହର ସାରା ବୁଲି ସଂଗ୍ରହ କରୁଥିବା ଭଙ୍ଗାଦଦରା ଲୁହା, ଟିଣ ଓ ପ୍ଲାଷ୍ଟିକ ଆଦି ସ୍କ୍ରାପ୍ ସାମଗ୍ରୀକୁ ମୋତିଝରଣରେ ଥିବା ଏକ କବାଡ଼ିଆ ଦୋକାନରେ ବିକ୍ରି କରି ଗୁଜରାଣ ମେଣ୍ଟାଉଥିଲେ। ତାଙ୍କର ସ୍ତ୍ରୀ ଓ ୩ ପିଲା ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ହୁସେନ୍ ରବିବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ସଂଗୃହୀତ ସ୍କ୍ରାପ୍ ସାମଗ୍ରୀକୁ ମୋତିଝରଣସ୍ଥିତ ସନ୍ତୋଷ କବାଡ଼ିଆ ଦୋକାନରେ ବିକ୍ରି କରିଥିଲେ। ଏହା ପରଠାରୁ ସେ ନିଖୋଜ ହୋଇ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ନ ପାଇବାରୁ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଧନୁପାଲି ଥାନା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଖୋଳତାଡ ଆରମ୍ଭ କରିଥିଲା। ସୋମବାର ସକାଳେ ପରିବାର ବର୍ଗଙ୍କ ସହ ସ୍ଥାନୀୟ ଲୋକେ ପୁଣି ଖୋଜାଖୋଜି କରିବା ପରେ ଗେଙ୍ଗୁଟିପାଲିରେ ଏକ ପରିତ୍ୟକ୍ତ ଘର ପଛପଟେ ଥିବା ପାଇଖାନା ଟାଙ୍କିରେ ହୁସେନ୍ଙ୍କ ମୃତଦେହ ଠାବ କରି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଟାଙ୍କିରୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହୁସେନଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ରବିବାର ଅପରାହ୍ନରେ ଶେଷଥର ପାଇଁ ହୁସେନ୍ଙ୍କୁ ଶୁଭମ୍ ଦୁସର ନାମକ ଜଣେ ଯୁବକଙ୍କ ସହିତ ବୁଲୁଥିବା ଦେଖିବାକୁ ମିଳିଥିଲା ବୋଲି କେତେକ ସ୍ଥାନୀୟ ଲୋକ କହିଛନ୍ତି। ମୃତ ହୁସେନ୍ଙ୍କ ପୁତୁରା ଶେଖ ଆସପାକ୍ଙ୍କ ଏତଲାକ୍ରମେ ଧନୁପାଲି ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୩(୧), ୨୩୮(ବି)ରେ ଏକ ମାମଲା(ନଂ.୭୩/୨୫)ରୁଜୁ କରିଛି। ଘଟଣାର ଅନୁସନ୍ଧାନ ପୂର୍ବକ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

# ଭିଜିଲାନ୍ସ ଜାଲରେ ପ୍ୟାକ୍ସ ହିସାବ ରକ୍ଷକ

## ୩୧.୪୭ଲକ୍ଷ ଟଙ୍କା ଅନିୟମିତତା ମାମଲା

**ବରଗଡ଼,୧୭।୩(ପ୍ରେମାନନ୍ଦ ଖମାରୀ)**



ଗିରଫ ଧ୍ରୁବଚରଣ ସାହୁ।

୩୧.୪୭ଲକ୍ଷ ଟଙ୍କା ଅନିୟମିତତା ଅଭିଯୋଗରେ ବରଗଡ଼ ଜିଲା ଲଖନପୁର ପ୍ରାଥମିକ କୃଷି ସମବାୟ ସମିତିର ହିସାବ ରକ୍ଷକ ତଥା କିରାଣିଙ୍କୁ ସୋମବାର ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ ବରଗଡ଼ ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଧ୍ରୁବଚରଣ ସାହୁ। ୨୦୧୯-୨୦ ଆର୍ଥିକ ବର୍ଷରେ ଲଖନପୁର ପ୍ରାଥମିକ କୃଷି ସମବାୟ ସମିତିର ଋଣ ଗ୍ରହୀତାଙ୍କଠାରୁ ୩୧ଲକ୍ଷ ୪୭ହଜାର ୬୮୫ ଟଙ୍କା ଆଦାୟ କରି ହିସାବ ରକ୍ଷକ ସାହୁ ସମିତିରେ ଜମା କରି ନ ଥିଲେ। ଏଥିସହ ସମିତି କାଗଜାତରେ ମଧ୍ୟ ସେ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ସମ୍ବଲପୁର ଭିଜିଲାନ୍ସ ପ୍ୟାକ୍ସ ହିସାବ ରକ୍ଷକଙ୍କ ବିରୋଧରେ ଏକ ମାମଲା (ନଂ-୨/୨୫) ରୁଜୁ କରି ଏହାର ତଦନ୍ତ କରିଥିଲା। ତାଙ୍କୁ ଗିରଫ ପରେ ଘଟଣାଟି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

# ବାକି ଟଙ୍କା ମାଗିବାରୁ ଦୋକାନ ଜାଳିଦେଲେ

## ମା' ଗୁରୁତର, ପୁଅ ଆହତ



ଗୁରୁତର ସରୋଜିନୀ ପ୍ରଧାନ।

**ଭୁବନେଶ୍ୱର,୧୭।୩(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପଛପାର୍ଶ୍ୱରେ ଏକ ଅଭାବନୀୟ ଘଟଣା ଘଟିଛି। ବାକି ଟଙ୍କା ମାଗିବାରୁ ଜଣେ ବ୍ୟକ୍ତି ଏକ ଚା' ଦୋକାନକୁ ପେଟ୍ରୋଲ ଢାଳି ଜାଳି ଦେଇଛନ୍ତି। ଏହି ଘଟଣାରେ ଦୋକାନରେ ଶୋଇଥିବା ମା' ସରୋଜିନୀ ପ୍ରଧାନ ପୋଡ଼ି ହୋଇ ଗୁରୁତର ହୋଇଥିବାବେଳେ ତାଙ୍କ ପୁଅ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ଆହତ ହୋଇଛନ୍ତି। ରବିବାର ରାତି ପ୍ରାୟ ୩ଟାବେଳେ ଅଭିଯୁକ୍ତ ଏହି କାଣ୍ଡ ଘଟାଇଛନ୍ତି। ଏନେଇ ସରୋଜିନୀଙ୍କ ସ୍ୱାମୀ ପଞ୍ଚାନନ ପ୍ରଧାନ ସୋମବାର କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ତଦନ୍ତ ଜାରି ରଖିଛି। ଗୁରୁତର ଅବସ୍ଥାରେ ସରୋଜିନୀ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଲକ୍ଷ୍ମୀକାନ୍ତ ନାମକ ଜଣେ ବ୍ୟକ୍ତି ଏହି କାଣ୍ଡ ଘଟାଇଥିବା ଅଭିଯୋଗକାରୀ ପଞ୍ଚାନନ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସରୋଜିନୀଙ୍କ ପରିବାର ଲୋକ ଏୟାରପୋର୍ଟ ଥାନା ଅଞ୍ଚଳରେ ରୁହନ୍ତି। ୧୦ବର୍ଷ ହେବ ସେମାନେ କ୍ୟାପିଟାଲ ହସ୍ପିଟାଲ ପଛପାର୍ଶ୍ୱ ରାସ୍ତା କଡ଼ରେ ପାଲ ଟାଙ୍ଗି ଏକ କୁଡ଼ିଆ କରିବା ସହ ଚା' ଦୋକାନ କରି ଚଳନ୍ତି। ଦୋକାନରେ ପଞ୍ଚାନନ ତାଙ୍କ ସ୍ତ୍ରୀ ଓ ପୁଅ ବିକ୍ରି କରନ୍ତି। ତେବେ ୧୫ଦିନ ତଳେ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ୧୫୦ଟଙ୍କା ବାକି କରି ଚା' ଆଦି ନେଇଥିଲେ। ସୋମବାର ଦୋକାନ ନିକଟରେ ତାଙ୍କୁ ଦେଖି ସୂର୍ଯ୍ୟକାନ୍ତ ବାକି ଟଙ୍କା ମାଗିଥିଲେ। ଏହି ସମୟରେ ଲକ୍ଷ୍ମୀକାନ୍ତ ରାଗି ଯାଇ ଧମକ ଦେଇଥିଲେ। ଉକ୍ତ ଦୋକାନ ଆଉ ସେଠାରେ କରାଇଦେବେ ନାହିଁ ବୋଲି ଧମକ ଦେଇ ସେଠାରୁ ଚାଲି ଯାଇଥିଲେ। ତେବେ ରାତିରେ ସରୋଜିନୀ ଓ ସୂର୍ଯ୍ୟକାନ୍ତ ଉକ୍ତ ଦୋକାନରେ ଶୋଇଥିଲେ। ରାତି ୩ଟା ବେଳେ ଲକ୍ଷ୍ମୀକାନ୍ତ ସେଠାକୁ ଆସି ପେଟ୍ରୋଲ ଢାଳିବା ସହ ନିଆଁ ଲଗାଇ ଦେଇଥିଲେ। ସରୋଜିନୀ ଏହା ଦେଖିଥିଲେ ମଧ୍ୟ ନିଆଁ କବଳରୁ ବର୍ତ୍ତି ପାରି ନ ଥିଲେ। ଖବରପାଇ ସ୍ଥାନୀୟ ଲୋକ ଓ ପରିବାର ଲୋକମାନେ ସରୋଜିନୀ ଓ ସୂର୍ଯ୍ୟକାନ୍ତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ।

# ମହିଳାଙ୍କଠାରୁ ଛିନ୍‌ତାଇ, ୨ ଲୁଟେରା ଗିରଫ

**ଭୁବନେଶ୍ୱର,୧୭।୩ (ସୂର୍ଯ୍ୟକାନ୍ତ ବେହେରା)**



ଗିରଫ ୨ ଲୁଟେରା।

ରାସ୍ତାରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ କରି ସେମାନଙ୍କୁ ପିଛା କରୁଥିଲେ। ସୁଯୋଗ ଦେଖି ସେମାନଙ୍କଠାରୁ କେତେବେଳେ ପିନ୍ଧିଥିବା ସୁନା ଅଳଙ୍କାର ଛଡ଼ାଇ ନେଉଥିଲେ ତ ପୁଣି କେତେବେଳେ ମୋବାଇଲ ନେଇ ଆଖିପିଛୁଳାକେ ବାଇକ୍‌ରେ ଫେରାର ହୋଇଯାଉଥିଲେ। ରାଜଧାନୀରେ ଛିନ୍‌ତାଇ କରୁଥିବା ଦୁଇ ଲୁଟେରାଙ୍କୁ ଲକ୍ଷ୍ମୀସାଗର ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର କିଶାନ ପ୍ରଧାନ ଓ କଟକର ଭୂପତି ଭୋଇ ଓରଫ ବାପି। ସେମାନଙ୍କଠାରୁ ଗୋଟିଏ ସୁନା କାନ ଫୁଲ, ମୋବାଇଲ ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୧୩ ତାରିଖ ଅପରାହ୍ନ ପ୍ରାୟ ୪ ଟାରେ ଜଣେ ମହିଳା ତାରିଣୀ ବସ୍ତି ନିକଟରେ ଥିବା ବମିଖାଲ କେନାଲ ରାସ୍ତା ଦେଇ ଯାଉଥିବା ସମୟରେ ଅଭିଯୁକ୍ତ ଦୁହେଁ ସେଠାକୁ ଏକ ମୋଟରସାଇକେଲରେ ଆସି ହଠାତ ତାଙ୍କ କାନରୁ ସୁନା କାନଫୁଲ ଛଡ଼ାଇ ନେଇ ଯାଇଥିଲେ। ସେହିପରି ଖାରବେଳ ନଗର ଥାନା ଅନ୍ତର୍ଗତ ୟୁନିଟ-୯ ସ୍ଥିତ ଏକ ହୋଟେଲ ନିକଟରୁ ଅନ୍ୟ ଜଣେ ମହିଳାଙ୍କଠାରୁ ଏକ ପର୍ସ ଛିନ୍‌ତାଇ କରିବା ପରେ ସେଥିରେ ଥିବା ମୋବାଇଲ ନେଇ ପର୍ସକୁ ଫୋପାଡି ଦେଇ ଫେରାର ହୋଇଯାଇଥିଲେ। ଏନେଇ ପୀଡ଼ିତା ମହିଳାଦ୍ୱୟ ଥାନାରେ ଅଭିଯୋଗ କରିବାରୁ ଲକ୍ଷ୍ମୀସାଗର ପୋଲିସ ଉଭୟଙ୍କୁ ବୋମିଖାଲ ଓଭରବ୍ରିଜ ତଳୁ ରବିବାର ସନ୍ଧ୍ୟାରେ ଗିରଫ କରିଥିଲା।

# ଦାଦାଙ୍କୁ ହତ୍ୟା ଘଟଣା, ୩ ପୁତୁରା ଗିରଫ

## ୨ ଖଣ୍ଡା, ଲୁଟ କରିଥିବା ବୁଲେଟ ଜବତ

**ଖଲ୍ଲିକୋଟ,୧୭।୩(ପ୍ରଶାନ୍ତ କୁମାର ମିଶ୍ର)**



ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିପୁର ନାଏବ ସରପଞ୍ଚ ମିନତୀ କୁମାରୀ ଦାସଙ୍କ ସ୍ୱାମୀ ରବି ଦାସଙ୍କୁ ହତ୍ୟା ଘଟଣାରେ ୩ ପୁତୁରା ଗିରଫ ହୋଇଛନ୍ତି। ସେମାନେ ହେଲେ ନୀଳାଞ୍ଚଳ ଦାସ (୨୯), କାଳିଆ ଦାସ (୩୦) ଏବଂ ଶ୍ରୀନିବାସ ଦାସ (୨୬)। ଅନ୍ୟ ଜଣେ ଅଭିଯୁକ୍ତ ଭାକୁଟିଡିହ ଗ୍ରାମର ନାରାୟଣ ପରିଡ଼ା ଫେରାର ଥିବା ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ୨ଟି ଖଣ୍ଡାକୁ ପୋଲିସ ଜବତ କରିଛି। ଦାଦାଙ୍କୁ ହତ୍ୟା ପରେ ତାଙ୍କର ବୁଲେଟ ଓ ମୋବାଇଲ ଫୋନକୁ ପୁତୁରାମାନେ ନେଇଯାଇଥିଲେ। ପୋଲିସ ଉକ୍ତ ବୁଲେଟକୁ ଜବତ କରିଛି। ବୁଲେଟର ନମ୍ବର ପ୍ଲେଟକୁ ଅଭିଯୁକ୍ତମାନେ ବାହାର କରି ଫୋପାଡ଼ି ଦେଇଛନ୍ତି। ରବିଙ୍କ ମୋବାଇଲ ଫୋନକୁ ମଧ୍ୟ ନଦୀରେ ଫିଙ୍ଗି ଦେଇଥିବା ଖଲ୍ଲିକୋଟ ଥାନାଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଗାଁରେ ଚାଲିଥିବା ମଦ ବ୍ୟବସାୟକୁ ନେଇ ହୋଇଥିବା ଶତ୍ରୁତାରୁ ଦାଦାଙ୍କୁ ପୁତୁରାମାନେ ହତ୍ୟା କରିଥିବା ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ କହିଛନ୍ତି। ଅନ୍ୟପଟେ ରବିଙ୍କ ନାମରେ ପୂର୍ବରୁ ୧୮ଟି ଆପରାଧିକ ମାମଲା ରହିଛି। ଗତ କିଛିମାସ ତଳେ ସେ ଜେଲରୁ ଜାମିନରେ ଆସିଥିଲେ। ଜେଲରୁ ଆସିବା ପରେ ନିଜ ଜୀବନ ପ୍ରତି ବିପଦ ଥିବା ମନେ କରି ସେ ଗାଁରେ ନ ରହି କଞ୍ଚଣାରେ ରହୁଥିଲେ। ପୁତୁରାମାନେ ସେହିଦିନଠାରୁ ପ୍ରତିଶୋଧ ନେବା ପାଇଁ ସୁଯୋଗକୁ ଅପେକ୍ଷା କରି ଗତ ୪ ତାରିଖରେ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଏ ନେଇ ରବିଙ୍କ ସ୍ତ୍ରୀ ମିନତୀଙ୍କ ଏତଲା ଅନୁଯାୟୀ ପୋଲିସ ନଂ. ୧୮୧/୨୦୨୫ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଛତ୍ରପୁରଠାରେ ଅଭିଯୁକ୍ତମାନେ ବୁଲୁଥିବା ଖବରପାଇ ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଧରିଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ସୋମବାର ଖଲ୍ଲିକୋଟ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଘଡେଇ ଏହି ସୂଚନା ଦେଇଛନ୍ତି।

# ହାଇକୋର୍ଟରେ ହଂସିତା, ଅନିଲଙ୍କୁ ଜାମିନ

## ବହୁଚର୍ଚ୍ଚିତ ଠକେଇ ମାମଲା





**କଟକ,୧୭।୩(କାର୍ତ୍ତିକ ସାହୁ)**

ବହୁଚର୍ଚ୍ଚିତ ହାଇପ୍ରୋଫାଇଲ୍ ଠକେଇରେ ସମ୍ପୃକ୍ତ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ହଂସିତା ଅଭୀଲିପ୍ସା ଓ ତାଙ୍କ ସହଯୋଗୀ ଅନିଲ କୁମାର ମହାନ୍ତିଙ୍କ ଜାମିନ ଆବେଦନକୁ ହାଇକୋର୍ଟ ସୋମବାର ମଞ୍ଜୁର କରିଛନ୍ତି। ହାଇକୋର୍ଟ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ଉଭୟଙ୍କ ଆବେଦନର ଏକତ୍ର ଶୁଣାଣି କରି ସେମାନେ ନିମ୍ନକୋର୍ଟରେ ଆବେଦନ କରି କେତେକ ସର୍ତ୍ତରେ ଜାମିନରେ ଯାଇପାରିବେ ବୋଲି ଆଦେଶ ଦେଇଛନ୍ତି।

ଭୁବନେଶ୍ୱରର ଇନ୍‌ଫୋସିଟି ଥାନା ମାମଲା (ନଂ. ୬୧୧/୨୦୨୪) ସହ ଜଡ଼ିତ ଭୁବନେଶ୍ୱର ଜେଏମ୍ଏଫ୍‌ସି-୨ ଅଦାଲତର ଏକ ମାମଲା (ନଂ.୨୨୪୦/୨୦୨୪)ରେ ଉଭୟଙ୍କୁ ହାଇକୋର୍ଟ ଜାମିନରେ ଯିବା ଲାଗି ଅନୁମତି ପ୍ରଦାନ କରିଛନ୍ତି। ପ୍ରତ୍ୟେକ ୫୦ ହଜାର ଟଙ୍କାର ବେଲ୍ ବଣ୍ଡ ଦାଖଲ କରିବା ସହ ଭୁବନେଶ୍ୱର ଜେଏମ୍ଏଫ୍‌ସି-୨ ଅଦାଲତ ତାଙ୍କ ସନ୍ତୁଷ୍ଟି ଅନୁଯାୟୀ ଅନ୍ୟାନ୍ୟ ସର୍ତ୍ତ ମଧ୍ୟ ଲଗାଇ ପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଦୁହେଁ ଅଦାଲତଙ୍କ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ। ସେମାନେ ପାସ୍‌ପୋର୍ଟ ଅଦାଲତରେ ଦାଖଲ କରିବେ। ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ। ଜାମିନରେ ଯିବା ପରେ ପୂର୍ବ ଭଳି କୌଣସି ସମାନ କାର୍ଯ୍ୟରେ ଜଡ଼ିତ ହେବେ ନାହିଁ। ଉପରୋକ୍ତ କୌଣସି ସର୍ତ୍ତ ଖିଲାପ କଲେ ଆବେଦନକାରୀଙ୍କ ଜାମିନକୁ ଖାରଜ କରିଦେବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ହଂସିତା ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ୩ଟି ଠକେଇ ମାମଲା ରୁଜୁ ହୋଇଥିଲା। ସେ ତାଙ୍କ ସ୍ୱାମୀ ଓ ସହଯୋଗୀ ପୋଲିସ ଦ୍ୱାରା ଗିରଫ ହୋଇ ୨୦୨୪ ଡିସେମ୍ବରରୁ ଜେଲ ହାଜତରେ ରହିଆସୁଛନ୍ତି। ବହୁ ବ୍ୟବସାୟୀ ଓ କର୍ପୋରେଟ୍ ସଂସ୍ଥାଠାରୁ ଆର୍ଥିକ ଠକେଇ କରିଥିବା ନେଇ ସଙ୍ଗିନ ଅଭିଯୋଗ ସେମାନଙ୍କ ନାମରେ ରହିଛି।

# ନାତିଙ୍କ ଟାଙ୍ଗିଆ ଚୋଟରେ ଅଜା ମୃତ

**ଜୟପୁର,୧୭।୩(ପବନ ପାଣିଗ୍ରାହୀ)**

ନାତିଙ୍କ ଟାଙ୍ଗିଆ ଚୋଟରେ ଅଜାଙ୍କ ମୃତ୍ୟୁ ହୋଇଥିବା ନେଇ ସୋମବାର ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଘନପତି ସୌରା। ଏ ନେଇ ମୃତକଙ୍କ ବୋହୂ ରତ୍ନା ନାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ଅଭିଯୁକ୍ତ ନାତି ବିଶ୍ୱନାଥ ସୌରା ଏକ ଟାଙ୍ଗିଆରେ ଅଜା ଘନଙ୍କୁ ଆକ୍ରମଣ କରିଥିଲେ। ବିଶ୍ୱନାଥଙ୍କ ସ୍ତ୍ରୀ ସୁଭଦ୍ରା ତାଙ୍କୁ ଅଟକାଇ ଥିଲେ ସୁଦ୍ଧା ସେ ଶୁଣି ନ ଥିଲେ। ଘନପତିଙ୍କୁ ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୮୪/୨୫ରେ ହତ୍ୟା ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତ ବିଶ୍ୱନାଥଙ୍କୁ ଅଟକ ରଖି ପଚରାଉଚରା କରୁଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ତଦନ୍ତ କରି ଫେରିଥିବା ସଦର ଥାନା ଅଧିକାରୀ ଶଚୀନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଟିକି ମାଟି**
**କୁମ୍ଭାରୁଣୀ କି ଦି' ପାଇଟି।**

କୁମ୍ଭାରୁଣୀ ମାଟି ହାଣ୍ଡି ଗଢ଼ିଥାଏ। ଏ କାମ ନ ଥିଲାବେଳେ ସେ ଝାଟିମାଟି କାମରେ ବ୍ୟସ୍ତ ରୁହେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝିଅ ଦେଖିବ ଗୋଡ଼େଇ ଗୋଡ଼େଇ**
**ବୋହୂ ଦେଖିବ ଆଡ଼େଇ ଆଡ଼େଇ।**

ଝିଅ ପାଇଁ ଭଲ ଜୋଇଁର ଆବଶ୍ୟକତା ଯେମିତି, ପୁଅ ପାଇଁ ଭଲ ବୋହୂର ଆବଶ୍ୟକତା ମଧ୍ୟ ସେମିତି ହୋଇଥାଏ। ଏପରିସ୍ଥଳେ ଝିଅ ବା ବୋହୂ ବିଭିନ୍ନ ପର୍ଯ୍ୟାୟରୁ ସମୀକ୍ଷା କରିବା ପରେ ପାତ୍ରପାତ୍ରୀ ନିର୍ବାଚନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଶ୍ରୀକାନ୍ତ ରାଉତ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

- ଥାନା ଭିତରକୁ ଧସେଇ ପଶିଲେ ଗାଁ ଲୋକେ
- ଥାନା ପରିସରରେ ୬ଘଣ୍ଟା ଧାରଣାରେ ବସିଲେ
- ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କ ବୁଝାଶୁଝା ପରେ ଧାରଣା ହଟିଲା

**ରାଜକନିକା,୧୭।୩(ସଞ୍ଜୟ କୁମାର ଦାଶ)**



ଗାଁ ଲୋକେ ଥାନା ଘେରାଉ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଖଣ୍ଡୟିତା ଗାଁର ରବିନାରାୟଣ ରାଉତଙ୍କ ପୁଅ ଶ୍ରୀକାନ୍ତ(୨୫)ଙ୍କ ହତ୍ୟା ଘଟଣାକୁ ୭ ଦିନ ବିତିଯାଇଛି। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଏବଂ ଜଳ ଯୋଗାଣ ସଂସ୍ଥାର ମାଲିକ ୨ ଭାଇଙ୍କୁ ଗିରଫ ନ କରିବା ପ୍ରତିବାଦରେ ସୋମବାର ଥାନା ପରିସରକୁ ଗାଁ ଲୋକେ ଘେରାଉ କରି ଧସେଇ ପଶିଥିଲେ। ଥାନା ପରିସରରେ ଉତ୍ତେଜନା ଲାଗିରହିଥିଲା। ଗାଁ ଲୋକେ ୬ ଘଣ୍ଟା ଥାନା ପରିସରରେ ଧାରଣାରେ ବସିରହିଥିଲେ। ତୁରନ୍ତ ଜଳ ଯୋଗାଣ ସଂସ୍ଥାର ମାଲିକଙ୍କ ୨ ଭାଇଙ୍କୁ ଗିରଫ କରା ନ ଗଲେ ଧାରଣାରୁ ଉଠିବୁ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ୨ ଦିନ ମଧ୍ୟରେ ସମସ୍ତ ଦିଗକୁ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଗ୍ରାମବାସୀ ଓହରି ଥିଲେ।

ଖଣ୍ଡୟିତା ଗାଁର ଶ୍ରୀକାନ୍ତ ପାଣ୍ଡରକୋଇଲି ଗାଁର ପ୍ରଦୀପ କୁମାର ନାୟକ ଓ ପ୍ରଭାତ କୁମାର ନାୟକଙ୍କ ଗୋବିନ୍ଦପୁରଠାରେ ଥିବା ଜଳ ଯୋଗାଣ ସଂସ୍ଥାରେ ୨ବର୍ଷ ହେବ କାର୍ଯ୍ୟ କରିଆସୁଥିଲେ। ପ୍ରତିଦିନ ଶ୍ରୀକାନ୍ତଙ୍କୁ ଘରେ ନେଇ ଛାଡିଥାନ୍ତି ଜଳ ଯୋଗାଣ ସଂସ୍ଥାର ମାଲିକ। ହେଲେ ୧୦ ତାରିଖରେ ରାତି ୮ଟାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରୀକାନ୍ତ ରାଜକନିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଦେଖି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ୨ ଘଣ୍ଟା ପରେ ଶ୍ରୀକାନ୍ତଙ୍କ ଘରକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଖବରପାଇ ଘର ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ବେଳକୁ ଶ୍ରୀକାନ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇ ସାରିଥିଲା। ୧୧ତାରିଖରେ ଶ୍ରୀକାନ୍ତଙ୍କ କଟକରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ମୃତ୍ୟୁ ଘଟିଥିଲା। ୧୨ ତାରିଖରେ ମୃତ ଶ୍ରୀକାନ୍ତଙ୍କ ବାପା ରବିନାରାୟଣ ଜଳ ଯୋଗାଣ ମାଲିକଙ୍କ ୨ ଭାଇ ପ୍ରଭାତ ଓ ପ୍ରଦୀପ ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଜଳ ଯୋଗାଣ ନାମରେ ଅନୈତିକ କାର୍ଯ୍ୟ ହେଉଥିବା ନେଇ ଶ୍ରୀକାନ୍ତ ମୋବାଇଲରେ ଫଟୋ ଉଠାଇଥିଲା। ଫଳରେ ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ କରିଥିଲେ। ୧୨ତାରିଖ ରାତିରେ ପରିବାର ଓ ଗ୍ରାମବାସୀ ଖଣ୍ଡୟିତା-ପାଣ୍ଡରକୋଲି ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ପୋଲିସ ୩ ଦିନ ମଧ୍ୟରେ ଜଳ ଯୋଗାଣ ସଂସ୍ଥାର ମାଲିକଙ୍କୁ ଗିରଫ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ଓହରିଥିଲେ। ହେଲେ ୭ଦିନ ବିତି ଯାଇଥିଲେ ମଧ୍ୟ ଜଳଯୋଗାଣ ସଂସ୍ଥାର ମାଲିକଙ୍କ ୨ ଭାଇଙ୍କୁ ପୋଲିସ ଗିରଫ କରିନାହିଁ। ସେମାନେ ଗାଁରେ ଖୁଲମଖୁଲା ବୁଲିବା ସହ ଧମକ ଚମକ ଦେଉଛନ୍ତି। ପୋଲିସ ଗିରଫ ନ କରି ସେମାନଙ୍କୁ ସୁରକ୍ଷା ଦେଉଛି। ଏହାର ପ୍ରତିବାଦରେ ଗ୍ରାମବାସୀ ସୋମବାର ଚନ୍ଦନ ପୋଖରୀ ଛକରୁ ଖଣ୍ଡେଇତା ଗାଁର ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାହାରି ନ୍ୟାୟ ଦାବି କରି ଥାନା ପରିସରକୁ ଘେରାଉ କରିଥିଲେ। କିଛି ସମୟ ପାଇଁ ଥାନା ପରିସରରେ ଚାପା ଉତ୍ତେଜନା ଲାଗିରହିଥିଲା। ମଧ୍ୟାହ୍ନ ୧୨ଟାଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଧାରଣା ବଳବତ୍ତର ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ପଣ୍ଡା ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବାରୁ ଧାରଣା ହଟିଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ସର୍ବୋଚ୍ଚ ସ୍ତରରେ ସୁନା ଦର

■ସୁନା ଦର ୯୧୦୦୦ ନିକଟବର୍ତ୍ତୀ
■ଲକ୍ଷେ ଟପିଲା ରୁପା ଦର



ନୂଆଦିଲ୍ଲୀ,୧୭।୩ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ବଜାରରେ ଉଭୟ ସୁନା ଓ ରୁପା ଦର ବୃଦ୍ଧି ପାଇଚାଲିଛି। ଏପରିକି ସୋମବାର ଉଭୟ ସୁନା ଓ ରୁପା ଦରରେ ୧୩୦୦ ଟଙ୍କା ବୃଦ୍ଧି ଘଟି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଫଳରେ ନୂଆଦିଲ୍ଲୀରେ ସୋମବାର ଶୁଦ୍ଧ ସୁନା ୯୯.୯% (୨୪କ୍ୟାରେଟ୍)ର ଦାମ ପ୍ରତି ୧୦ଗ୍ରାମ ପିଛା ପ୍ରାୟ ୯୧,୦୦୦ (୯୦,୭୫୦ ଟଙ୍କା) ଟଙ୍କାର ନିକଟବର୍ତ୍ତୀ ହୋଇଛି। ପୂର୍ବ ଦିବସରେ ଏହାର ମୂଲ୍ୟ ୮୯,୪୫୦ ଟଙ୍କା ଥିଲା। ସେହିଭଳି ୯୯.୫% (୨୨କ୍ୟାରେଟ୍) ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୦,୩୫୦ ଟଙ୍କାରେ କାରବାର ହେଉଛି। ଏହା ପୂର୍ବରୁ ଏହି ସୁନାର ମୂଲ୍ୟ ୮୯,୦୫୦ ଟଙ୍କା ଥିଲା।

ଅପରପକ୍ଷରେ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଫେଡେରାଲ ରିଜର୍ଭର ମନିଟାରି ପଲିସି ସହିତ ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନିୟମାବଳୀ (ନିଷ୍ପତ୍ତି) ଏବଂ ବାଣିଜ୍ୟ ନୀତି ଯୋଗୁ ବିଶ୍ୱ ବଜାରରେ ଦରବୃଦ୍ଧି ଓ ଆଶଙ୍କା ସୃଷ୍ଟି ହୋଇଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ନୂଆଦିଲ୍ଲୀରେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧୩୦୦ ଟଙ୍କା ବଢ଼ି ଲକ୍ଷେ (୧,୦୨,୫୦୦ ଟଙ୍କା) ଟଙ୍କା ଟପିଛି। ଏହା ପୂର୍ବରୁ ରୁପା ଦର ୧,୦୧,୨୦୦ ଟଙ୍କା ଥିଲା। ଓଡ଼ିଶା ବଜାରରେ ମଧ ସୁନା ଓ ରୁପା ଦର ଉଚ୍ଚା ରହିଛି। ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୮୯,୪୭୦ ଟଙ୍କାରେ କାରବାର ହେଉଥିଲାବେଳେ ୨୨କ୍ୟାରେଟ ସୁନା ୧୦ ଗ୍ରାମ ୮୨,୧୦୦ ଟଙ୍କାରେ ପହଞ୍ଚିଛି। ଏପରିକି ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୧୩,୦୦୦ ଟଙ୍କାରେ କାରବାର ହେଉଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଜାନୁଆରୀ ୧ରୁ ମାର୍ଚ୍ଚ ୧୭ ମଧ୍ୟରେ ଘରୋଇ ବଜାରର ସୁନା ଦର ୧୧,୩୬୦ ଟଙ୍କା ବଢ଼ିଥିଲାବେଳେ ରୁପା ଦର ପ୍ରାୟ ୨୦,୦୦୦ ଟଙ୍କା ବଢ଼ିଛି। ୨୦୨୫ ଜାନୁଆରୀ ୧ରେ ସୁନା ଦା ପ୍ରତି ୧୦ଗ୍ରାମ ପିଛା ୭୯,୩୯୦ ଟଙ୍କା ଥିଲାବେଳେ ରୁପା ଦର ପ୍ରାୟ ୮୮,୦୦୦ ଟଙ୍କା ଥିଲା।

# ବ୍ୟବସାୟକୁ ସେବା ଭାବୁଥିବାରୁ ସବୁ ସୁରୁଖୁରୁରେ ଚାଲେ

**ଜଳବାୟୁ ପରିବର୍ତ୍ତନ ସହ ଅସନ୍ତୁଳିତ ଜୀବନଶୈଳୀ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସମସ୍ୟା ଦିନକୁ ଦିନ ବଢ଼ିଚାଲିଥିବାବେଳେ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଅନେକ ଭିତ୍ତିଭୂମି ସୁଦୃଢ଼ ହେବା ସହ ବ୍ୟାପକ ହେବାରେ ଲାଗିଛି। ଏଭଳି ସ୍ଥଳେ ରାଜଧାନୀ ଭୁବନେଶ୍ୱରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ରବୀନ୍ଦ୍ର ଲାଇଫ୍ ଲାଇନ୍'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାବେଳେ ଏ ସମ୍ପର୍କରେ ଅନୁଷ୍ଠାନର ଏମ୍‌ଡି ଶୈଳେନ୍ଦ୍ର ନାରାୟଣ ସେନାପତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ...**


ଶୈଳେନ୍ଦ୍ର ନାରାୟଣ ସେନାପତି

**ପ୍ର– ପ୍ରାରମ୍ଭିକ ଜୀବନ କିପରି ଥିଲା?**

ଉ– ଖୋର୍ଦ୍ଧା ଜିଲାର ପଦ୍ମପୁରରେ ଆମ ଗାଁ। ୧୯୬୨ରେ ଆମ ପରିବାର ଭୁବନେଶ୍ୱର ଆସିଥିଲା। ବାପୁଜୀନଗର ୟୁପି ସ୍କୁଲ ଓ ୟୁନିଟ୍–୧ ହାଇସ୍କୁଲରେ ସ୍କୁଲ ପାଠପଢ଼ା ସରିଥିଲା। ବିଜେବି କଲେଜରୁ ବିଏସ୍‌ସି ପାସ୍ କରିଥିଲି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାପା ଜଡ଼ିତ ରହୁଥିବାରୁ ତାଙ୍କୁ ସବୁବେଳେ ଅନୁସରଣ କରୁଥିଲି। ୫ ଭାଇ ଭଉଣୀଙ୍କ ଦାୟିତ୍ୱ ମୋ ଉପରେ ରହିଥିଲା। ଫଳରେ ଅଧିକ ପାଠପଢ଼ାର ସୁଯୋଗ ମିଳି ନଥିଲା। ଏବେ ମୁଁ ଯେଉଁଠି ଅଛି ଅନେକ ସଂଘର୍ଷ ମଧ୍ୟରେ ଈଶ୍ୱରଙ୍କ କୃପା ଯୋଗୁ ସମ୍ଭବ ହୋଇଛି।

**ପ୍ର– ବ୍ୟବସାୟିକ କ୍ଷେତ୍ରରେ ଆପଣଙ୍କ ଯାତ୍ରା ଆରମ୍ଭରୁ ଏ ପର୍ଯ୍ୟନ୍ତ କିପରି ରହିଛି?**

ଉ– ବାପା ଜଣେ ବୈଦ୍ୟ(କ୍ୱାକ୍) ଭାବେ ପରିଚିତ ଥିଲେ। ଅଞ୍ଚଳରୁ ଅଞ୍ଚଳ ବୁଲି ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିଲେ। ସେସବୁ ମୋ ଉପରେ ପ୍ରଭାବ ପକାଉଥିଲା। ୧୯୬୨ରୁ ବାପା ଔଷଧ ଦୋକାନ ଆରମ୍ଭ କରିଥିଲେ। ରାଜମହଲ ଛକରେ ପ୍ରଥମ ଔଷଧ ଦୋକାନ ଖୋଲିଥିଲା। ପାଠପଢ଼ା ସହ ଦୋକାନକୁ ମଧ ସମୟ ଦେବାକୁ ପଡୁଥିଲା। ୧୯୯୧ରେ ବାପାଙ୍କ ଦେହାନ୍ତ ପରେ ପରିବାର ଓ ବ୍ୟବସାୟର ସମ୍ପୂର୍ଣ୍ଣ ଦାୟିତ୍ୱ ମୋ ଉପରକୁ ଆସିଯାଇଥିଲା। ବର୍ତ୍ତମାନ ରବୀନ୍ଦ୍ର ଲାଇଫ୍ ଲାଇନ୍, ରବୀନ୍ଦ୍ର ଏଜେନ୍ସି, ରବିନ୍ଦ୍ର ସର୍ଜିକାଲ ଓ ରବୀନ୍ଦ୍ର ହେଲଥ୍ କେୟାର ଭାବେ ବ୍ୟବସାୟ ତଥା ସ୍ୱାସ୍ଥ୍ୟସେବାକୁ ବର୍ଦ୍ଧିତ କରିପାରିଛି। ଝାରସୁଗୁଡ଼ାରେ ମଧ ଏକ ଶାଖା ରହିଛି। ୨୦୨୧ରେ ଧଉଳି ପାହାଡ ତଳେ ୧୦ ଗିରି ଗାଈଙ୍କୁ ନେଇ ଗୋଶାଳା ଆରମ୍ଭ କରିଥିଲି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଫିନାଇଲର ବିକଳ୍ପ ଭାବେ ଗୋମୂତ୍ରରେ ପ୍ରସ୍ତୁତ ସୁଗନ୍ଧଯୁକ୍ତ ଉତ୍ତମମାନର ଉତ୍ପାଦ ପ୍ରସ୍ତୁତ କରାଯାଉଛି। ପୂଜ୍ୟ ଗୁରୁଜୀଙ୍କ ଆଶୀର୍ବାଦ ସବୁବେଳେ ମୋ ଉପରେ ରହିଆଉ।

**ପ୍ର– ସ୍ୱାସ୍ଥ୍ୟସେବା ଓ ବ୍ୟବସାୟ ମଧ୍ୟରେ ସମନ୍ୱୟ ରଖିବା ପାଇଁ କେଉଁ ସବୁ ଆହ୍ୱାନ ଦେଇ ଗତି କରିଥା'ନ୍ତି?**

ଉ– ସ୍ୱାସ୍ଥ୍ୟଭିତ୍ତିକ ବ୍ୟବସାୟ କ୍ଷେତ୍ରରେ ଅନେକ ଉତ୍ଥାନ ପତନ ଦେଇ ଗତି କରିବାକୁ ପଡ଼ିଥାଏ। କିନ୍ତୁ ସମସ୍ୟା ଘେରରେ ଥିଲେ ମଧ ଆମେ କେବେ ଭାଙ୍ଗିପଡୁନା। ସବୁବେଳେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ତତ୍ପର ଥାଉ। ବଜାରରେ ସମାନ କମ୍ପୋଜିଶନର ହଜାର ହଜାର ବ୍ରାଣ୍ଡର ଔଷଧ ମିଳୁଛି। ତେଣୁ ଗ୍ରାହକ ଖୋଜୁଥିବା ବ୍ରାଣ୍ଡର ଔଷଧ ଉପଲବ୍ଧ କରାଇବା ସହଜ ନୁହେଁ। ତଥାପି ଯଥାସମ୍ଭବ ଚେଷ୍ଟାକରୁ ଗ୍ରାହକ ଯେମିତି ଫେରି ନ ଯିବେ। ବ୍ୟବସାୟକୁ ସବୁବେଳେ ସେବା ବୋଲି ଭାବୁ। ତେଣୁ ଈଶ୍ୱରଙ୍କ କୃପାରୁ ସବୁ ସୁରୁଖୁରୁରେ ଚାଲିଛି।

**ପ୍ର– ଭାରତୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ର ସଙ୍କଟ ଦେଇ ଗତି କରୁଥିବା ମନେ ହେଉଛି କି?**

ଉ– ବଜାରରେ ୩୦ ହଜାରରୁ ୫୦ ହଜାର ସଂଖ୍ୟାରେ ଔଷଧ ବ୍ରାଣ୍ଡ୍ ରହିଛି। ତେଣୁ ନକଲି ଔଷଧ କାରବାର ଭୟ ମଧ ରହିଛି। ନକଲି ଔଷଧ ଦ୍ୱାରା ଲୋକଙ୍କ ପ୍ରତି ବିପଦ ରହୁଛି। ତେଣୁ ସେସବୁର ତଦାରଖ କରିବାକୁ ପଡ଼ିଥାଏ। ଯଦି ବ୍ରାଣ୍ଡ୍ ନାମ ପରିବର୍ତ୍ତେ ଔଷଧର କମ୍ପୋଜିଶନ ପ୍ରତି ଆମେ ଗୁରୁତ୍ୱ ଦେବା। ତେବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ସୁଧାର ଆସିପାରିବ।

**ପ୍ର– ଯୁବ ଉଦ୍ୟୋଗୀମାନେ କିପରି ସଫଳତା ପାଇପାରିବେ?**

ଉ– ଯୁବୋଦ୍ୟୋଗୀମାନେ ବହୁ ପରିଶ୍ରମ କରିବାର ଆବଶ୍ୟକତା ରହିଛି। ସେବା ମନୋଭାବ ରଖି କାର୍ଯ୍ୟ କରିବା ଦରକାର। ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ସବୁବେଳେ ପ୍ରାଥମିକତା ଦେଇ ବିଭିନ୍ନ ପଦକ୍ଷେପ ନେବା। ଜନସଚେତନା ସୃଷ୍ଟି ପାଇଁ କର୍ମଶାଳା, ସ୍ୱାସ୍ଥ୍ୟ ଶିବିର ଆଦିର ଆୟୋଜନ ବର୍ତ୍ତମାନ ସମୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏଦିଗରେ ଧ୍ୟାନଦେବା ଉଚିତ୍।

–ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୭।୩

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪୧ (୩୪୧.୦୪) ପଏଣ୍ଟ ବୃଦ୍ଧି ଘଟି ୭୪,୧୭୦ (୭୪,୧୬୯.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି–୫୦ରେ ମଧ ୧୧୧ (୧୧୧.୫୫) ପଏଣ୍ଟ ବଢ଼ି ୨୨,୫୦୯ (୨୨,୫୦୮.୭୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଜିଓର ସ୍ୱତନ୍ତ୍ର ଅଫର

ମୁମ୍ବାଇ,୧୭।୩

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଜିଓର ବର୍ତ୍ତମାନ ଏବଂ ନୂତନ ଗ୍ରାହକଙ୍କ ପାଇଁ ଏହି ସ୍ୱତନ୍ତ୍ର ଅଫର ଆରମ୍ଭ ହୋଇଛି। ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ରିଚାର୍ଜ ପ୍ଲାନ୍ ସହ ନୂତନ ଜିଓ ସିମ୍ ସଂଯୋଗ ନେଇ କିମ୍ବା ଅତି କମ୍‌ରେ ୨୯୯ ଟଙ୍କା ମୂଲ୍ୟର ପ୍ଲାନ୍ ରିଚାର୍ଜକରି ଜିଓ ଗ୍ରାହକମାନେ ଜିଓ ହଟ୍‌ଷ୍ଟାରରେ ଆଇପିଏଲ୍ କ୍ରିକେଟ ସିଜିନ୍ ମାଗଣାରେ ଉପଭୋଗ କରିପାରିବେ। ସେହିଭଳି ଏହି ଅସୀମିତ କ୍ରିକେଟ ଅଫରରେ ଗ୍ରାହକମାନେ ଟିଭି କିମ୍ବା ମୋବାଇଲରେ ୯୦ଦିନର ମାଗଣା ଜିଓ ହଟଷ୍ଟାର ସବ୍‌ସ୍କ୍ରିପ୍‌ସନ ପାଇବେ ଏବଂ ତାହା ମଧ ୪କେ ଗୁଣବତ୍ତାରେ ବୋଲି କୁହାଯାଇଛି। ଏହାର ଅର୍ଥ ହେଉଛି ଗ୍ରାହକମାନେ ମାର୍ଚ୍ଚ ୨୨ରୁ ଆରମ୍ଭ ହେଉଥିବା ଆଇପିଏଲ୍ କ୍ରିକେଟ ସିଜିନକୁ ମାଗଣାରେ ଉପଭୋଗ କରିପାରିବେ। ଜିଓ ହଟ୍‌ଷ୍ଟାର ପ୍ୟାକ୍ ୨୦୨୫ ମାର୍ଚ୍ଚ ୨୨ଠାରୁ ଅର୍ଥାତ୍ ଆଇପିଏଲ୍ କ୍ରିକେଟ ସିଜନର ଉଦ୍‌ଘାଟନୀ ମ୍ୟାଚ୍ ଦିନରୁ ୯୦ ଦିନ ପାଇଁ ବୈଧ ରହିବ। ଏହା ସହ ଜିଓ ଘର ପାଇଁ ଜିଓ ଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ମଧ ପ୍ରଦାନ କରିବ। ଅଲ୍ଟ୍ରା–ଫାଷ୍ଟ ଇଣ୍ଟରନେଟ୍‌ର ମାଗଣା ଟ୍ରାଏଲ୍ ସଂଯୋଗ ୫୦ଦିନ ପାଇଁ ମାଗଣା ରହିବ। ଗ୍ରାହକମାନେ ୪କେ ଗୁଣବତ୍ତାରେ ଇମର୍ସିଭ୍ କ୍ରିକେଟ ଦେଖିବାର ଅନୁଭୂତି ସହ ଶ୍ରେଷ୍ଠ ହୋମ ଏଣ୍ଟରଟେନ୍‌ମେଣ୍ଟ ବା ଘରୋଇ ମନୋରଞ୍ଜନର ମଧ ମଜା ନେଇପାରିବେ। ଜିଓ ଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ସହିତ ୮୦୦+ ଟିଭି ଚ୍ୟାନେଲ, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ମଧ ମିଳିବ।

# ବଜାରରେ ସାଓମି ୧୫ ସିରିଜ

ନୂଆଦିଲ୍ଲୀ,୧୭।୩

ସାଓମି ଇଣ୍ଡିଆର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ୍ ତଥା ନୂତନ ମଡେଲ 'ସାଓମି ୧୫ ସିରିଜ'କୁ ସର୍ବଭାରତୀୟସ୍ତରରେ ଅନାବରଣ କରାଯାଇଛି। ଏପରିକି ଲେଇକା ସହ ସହନିର୍ମିତ ଫ୍ଲାଗସିପ ସାଓମି ୧୫ ଅଲ୍‌ଟ୍ରା ୟର୍ଲି ଆକ୍‌ସେସ୍ ମାର୍ଚ୍ଚ ୧୮ରୁ ଉପଲବ୍ଧ ହେବ। ସେହିଭଳି ଲେଇକା ସମିଲକ୍ସ ଅପ୍ଟିକାଲ ଲେନ୍ସ ଓ ଶକ୍ତିଶାଳୀ ସ୍ନାପଡ୍ରାଗନ ୮ ଏଲିଟ ମୋବାଇଲ ପ୍ଲାଟ୍‌ଫର୍ମ ସହିତ ସାଓମି ହାଇମରଓଏସ୍ ୨ ଦ୍ୱାରା ପରିଚାଳିତ ସାଓମି ୧୫ ସିରିଜ ନେକ୍ସଟ–ଜେନେରେଶନ ଏଆଇ କ୍ଷମତା, ଉନ୍ନତ ସିଷ୍ଟମ ଅପ୍ଟିମାଇଜେଶନ ଓ ଉତ୍କୃଷ୍ଟ ସଂଯୋଗ ପ୍ରଦାନ କରୁଛି। ଏର୍ଗୋନୋମିକ ଡିଜାଇନରେ ଫ୍ଲାଗସିପ ପ୍ରଦର୍ଶନ ଚାହୁଁଥିବା ଉପଭୋକ୍ତାଙ୍କ ପାଇଁ ଡିଜାଇନ ହୋଇଥିବା ସାଓମି ୧୫ରେ ଏକ ୬.୩୬ ଇଞ୍ଚ କ୍ରିଷ୍ଟାଲରେସ୍‌ଡାଇନାମିକ ୧–୧୨୦ ଏଚ୍‌ଜେଡ୍ ଆମୋଲେଡ୍ ଡିସ୍‌ପ୍ଲେ ସହ ୯୪%ର ସ୍କ୍ରିନ୍–ଟୁ–ବଡି ରେସିଓ ରହିଛି। ସେହିପରି ୧୪ ଏମ୍‌ଏମ୍‌ରୁ ୧୨୦ଏମ୍‌ଏମ୍ ପର୍ଯ୍ୟନ୍ତ ଫୋକାଲ ଲେନ୍ଥରେ ପରିବ୍ୟାପ୍ତ ଏହାର ବିବିଧ ଟ୍ରିପଲ–କ୍ୟାମେରା ସିଷ୍ଟମ, ଏଫ୍/୧.୬୨ ଆପେରଚର ସହ ଏକ ୫୦ଏମ୍‌ପି ଲେଇକା ସମିଲକ୍ସ ମେନ୍ କ୍ୟାମେରା ଓ ଲାଇଟ ହଣ୍ଟର ଫ୍ୟୁଜନ ୯୦୦ ସେନ୍ସର ଦ୍ୱାରା ପରିଚାଳିତ ହେଉଛି। ୬୦ଏମ୍‌ଏମ ଲେଇକା ଫ୍ଲୋଟିଂ ଟେଲିଫଟୋ କ୍ୟାମେରା କ୍ଲୋଜ–ଅପ୍ ଫଟୋଗ୍ରାଫିରେ ଉତ୍କର୍ଷ ଫଳାଫଳ ଦେଉଥିବା ବେଳେ ଫାଷ୍ଟସଟ୍ ମୋଟ ଉପଭୋକ୍ତାଙ୍କୁ କେବଳ ୦.୬ ସେକେଣ୍ଡରେ ଫଟୋ କ୍ୟାପ୍‌ଚର କରିବା ପାଇଁ ସକ୍ଷମ କରିଥାଏ। ୩୦ଏଫ୍‌ପିଏସ୍‌ରେ ୮କେ ଭିଡିଓ ରେକର୍ଡିଂ ଓ ଡଲ୍‌ବି ଭିଜନ ୪କେ ୬୦ଏଫ୍‌ପିଏସ୍ ସହିତ ସାଓମି ୧୫ ପ୍ରତ୍ୟେକ ଫ୍ରେମ୍ ଯେପରି ସିନେମାଟିକ୍ ହେବ ତାହା ନିଶ୍ଚିତ କରିଥାଏ।

# କେନ୍‌ଷ୍ଟାର ବିଏଲ୍‌ଡିସି ମାକ୍ସର ଶୁଭାରମ୍ଭ

ନୂଆଦିଲ୍ଲୀ,୧୭।୩




କେନ୍‌ଷ୍ଟାର ବହୁ ପ୍ରତୀକ୍ଷିତ ନୂତନ ଉତ୍ପାଦ 'କେନ୍‌ଷ୍ଟାର ବିଏଲ୍‌ଡିସି ମାକ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନବୀକରଣୀୟ ତଥା ନୂତନ ଜ୍ଞାନକୌଶଳଯୁକ୍ତ ସମନ୍ୱିତକାରୀ ଶୁଭାରମ୍ଭ ସମ୍ଭାରର ଏୟାର କୁଲର, ଉନ୍ନତମାନର ଦକ୍ଷତା, ଲମ୍ବା ଜୀବନକାଳ ତଥା ଭାରତୀୟ ପରିବାରରେ ବର୍ଦ୍ଧିତ ବିଶ୍ୱସନୀୟତା ପ୍ରଦାନ କରିବ। ସେହିଭଳି ଏହି ଶୁଭାରମ୍ଭର ଅଂଶବିଶେଷ ଭାବେ କେନ୍‌ଷ୍ଟାରର ପ୍ରଭାବଶାଳୀ ଅଭିଯାନକୁ ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ପାତ୍ରଲେଖାଙ୍କ ନେତୃତ୍ୱରେ ଆଗକୁ ବଢ଼ାଇଛି। ଯେଉଁଥିରେ ସାଙ୍ଗରେ 'ଟେକି ବୟ'ଏକ ଆନିମେଟେଡ୍ ବା କାଳ୍ପନିକ–ଅନୁପ୍ରେରିତ ଚରିତ୍ରକୁ ନେଇ ଆଗାମୀ ଭବିଷ୍ୟତର ନିକଟତର ହେବା ପାଇଁ ଦକ୍ଷତାର ପ୍ରତିନିଧିତ୍ୱ କରୁଛି। ଏହି ଅଭିଯାନ ବ୍ରାଣ୍ଡର ବଚନବଦ୍ଧତା ଉପରେ ଆଲୋକପାତ କରିଛି,ଯାହା ମଧ୍ୟରେ ଉତ୍ସାହପ୍ରଦ, ଗ୍ରୀଷ୍ମର ଶୀତଳତା ସହିତ ଇକୋ–ଫ୍ରେଣ୍ଡଲି ଏବଂ ଖର୍ଚ୍ଚ–ସଞ୍ଚିତ ଜ୍ଞାନକୌଶଳ ସର୍ବୋପରି ଭାରତୀୟ ଦର୍ଶକମାନଙ୍କୁ ଏକ ଗଭୀର ସମ୍ପର୍କର ସୂତ୍ରରେ ଏହାର ବ୍ରାଣ୍ଡକୁ ବାନ୍ଧି ରଖିବାକୁ ଆହୁରି ଅଧିକ ଦୃଢ଼ୀଭୂତ କରିବା।

ଆଜିର ଗ୍ରାହକମାନଙ୍କର ଅତି ଦ୍ରୁତ ଭାବେ ବୃଦ୍ଧି ପାଉଥିବା ଆକାଂକ୍ଷା ପୂରଣ କରିବା ପାଇଁ କେନ୍‌ଷ୍ଟାର ପାଖରେ ସବୁ କିଛି ରହିଛି ବୋଲି କେନ୍‌ଷ୍ଟାର ସିଇଓ ସୁନୀଲ ଜୈନ କହିଛନ୍ତି। ଆମର ଏହି ନୂତନ ବିଏଲଡ଼ିସି ମାକ୍ସ କ୍ଷମତାଶାଳୀ ଏଆର କୁଲରଗୁଡ଼ିକରେ ରହିଛି ବିଶାଳ ଲମ୍ଫ ପ୍ରଦାନକାରିତା ଯାହା ଉଭୟ ଶିଳ୍ପ ଏବଂ ଆମର ପ୍ରିୟ ଗ୍ରାହକମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। କେନ୍‌ଷ୍ଟାରର ହେଡ୍ ମାର୍କେଟିଂ ନେହା ଖୁଲ୍ଲାର କହିଛନ୍ତି, ଟେକି ବୟ, ଏହା ସହିତ ଆମର ବ୍ରାଣ୍ଡ ଆମ୍ବାସାଡାର ରାଜକୁମାର ରାଓ ଏବଂ ପାତ୍ରଲେଖା, ଏହି ଶୀତଳ ପ୍ରଦାନକାରୀ ସମ୍ଭାରକୁ ଆକର୍ଷଣୀୟ ଆଶାବାଦୀ ତଥା ଆମର ବ୍ରାଣ୍ଡର ନବୀକରଣୀୟ ଦୃଷ୍ଟିକୋଣକୁ ଅଧିକ ଦୃଢ଼ିଭୂତ କରିବା ଦିଗରେ ଯଥେଷ୍ଟ ସହାୟକ ହୋଇପାରିବ।

# ୧୦୦ ସହରକୁ କୁଇକ୍ କମର୍ସର ବିସ୍ତାର

ନୂଆଦିଲ୍ଲୀ,୧୭।୩

ଭାରତର ପ୍ରଥମ କୁଇକ୍ କମର୍ସ ପ୍ଲାଟ୍‌ଫର୍ମ ସ୍ୱିଗି ଇନ୍‌ଷ୍ଟାମାର୍ଟ ତା'ର ସେବାକୁ ଦେଶବ୍ୟାପୀ ୧୦୦ ସହରକୁ ବିସ୍ତାର କରିଛି। ବିଶେଷକରି ଟିୟର ୨ ଓ ୩ ସହରଗୁଡ଼ିକରେ ୧୦ମିନିଟ୍ ଡେଲିଭରି ପାଇଁ ବଢୁଥିବା ଚାହିଦା ଯୋଗୁ କମ୍ପାନୀକୁ ଏହି ସଫଳତା ମିଳିଛି। କେବଳ ଗତ ମାସରେ ସ୍ୱିଗି ଇନ୍‌ଷ୍ଟାମାର୍ଟ ରାୟପୁର, ସିଲିଗୁଡି, ଯୋଧପୁର ଓ ଆବୁର ଭଳି ସହରରେ ଏହି ସେବା ଆରମ୍ଭ ହୋଇଛି, ଯାହା ପ୍ରଥମ ଥର ପାଇଁ ଅନେକ ଲୋକଙ୍କ ନିକଟରେ କୁଇକ୍ କମର୍ସ ବା ଦ୍ରୁତ ବାଣିଜ୍ୟର ସୁବିଧା ପହଞ୍ଚାଇଛି। ଏହି ସମ୍ପ୍ରସାରଣ ସହିତ ଲକ୍ଷ ଲକ୍ଷ ନୂଆ ଗ୍ରାହକ ବର୍ତ୍ତମାନ ଗ୍ରୋସରିଠାରୁ ଆରମ୍ଭକରି ଦୈନନ୍ଦିନ ସାମଗ୍ରୀ, ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ, ସ୍ମାର୍ଟଫୋନ, ଫ୍ୟାଶନ, ମେକ୍‌ଅପ୍, ଖେଳନା ଭଳି ୩୦,୦୦୦ରୁ ଅଧିକ ଉତ୍ପାଦ ପାଇପାରିବେ ଏବଂ ଏହି ସମସ୍ତ ଉତ୍ପାଦ କେବଳ ୧୦ ମିନିଟ୍‌ରେ ଡେଲିଭର ହେବ। ଏ ସମ୍ପର୍କରେ ସ୍ୱିଗି ଇନ୍‌ଷ୍ଟାମାର୍ଟର ସିଇଓ ଅମିତେଶ ଝା କହିଛନ୍ତି, ଗତ ୧ ବର୍ଷ ମଧ୍ୟରେ ଲକ୍ଷ ଲକ୍ଷ ଭାରତୀୟ ପାର୍ବଣ ଓ ଦୈନନ୍ଦିନ ଆବଶ୍ୟକତା ପାଇଁ ଗ୍ରୋସରିଠାରୁ ଆରମ୍ଭକରି ଜରୁରୀ ସାମଗ୍ରୀ ପର୍ଯ୍ୟନ୍ତ ସବୁ କିଛି ପାଇଁ ସ୍ୱିଗି ଇନ୍‌ଷ୍ଟାମାର୍ଟକୁ ଚୟନ କରିଛନ୍ତି। ଆମେ ଲକ୍ଷ୍ୟ କରିଛୁ, ଭାରତୀୟ ମେଟ୍ରୋ ସହରଗୁଡ଼ିକ ବାହାରେ ସୁବିଧାଭିତ୍ତିକ ରିଟେଲ ବ୍ୟବସାୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଚାହିଦା ରହିଛି। କାରଣ ଉଭୟ ଉପଭୋକ୍ତା ଆଚରଣ ଓ ଦ୍ରୁତ ବାଣିଜ୍ୟର ମୂଲ୍ୟ ପ୍ରସ୍ତାବ ସମାନ ବେଗରେ ବିକଶିତ ହେଉଛି। ୧୦୦ଟି ସହରକୁ ଆମର ସମ୍ପ୍ରସାରଣ ଆମର ପହଞ୍ଚକୁ ସୁଦୃଢ଼ କରିଛି ଏବଂ ଆମକୁ ଅଣସେବାପ୍ରାପ୍ତ ଭୌଗୋଳିକ ସ୍ଥାନଗୁଡିକରେ ବଢୁଥିବା ଉପଭୋକ୍ତା ଆବଶ୍ୟକତାକୁ ଉତ୍ତମ ଭାବେ ପୂରଣ କରିବା ପାଇଁ ଅନୁମତି ଦେଉଛି। ୨୦୨୫ରେ ପ୍ରତି ୪ ଜଣ ନୂଆ ଉପଭୋକ୍ତାଙ୍କ ମଧ୍ୟରୁ ଜଣେ ଟିୟର ୨ ଓ ଟିୟର ୩ ସହରଗୁଡିକରୁ ଆସିଛନ୍ତି, ଯାହା ଦ୍ରୁତ ବାଣିଜ୍ୟ ପାଇଁ ବଢୁଥିବା ଚହିଦାକୁ ସୂଚିତ କରୁଛି।

# ବିଶ୍ୱର ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ଭିଆଇଟି




ନୂଆଦିଲ୍ଲୀ,୧୭।୩: (ସୁଚିସ୍ମିତା ସାହୁ)

ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଭିଆଇଟି)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରି କି ବିଶ୍ୱର ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ଭିଆଇଟି ସ୍ଥାନ ପାଇଛି।

ଉଲ୍ଲେଖଯୋଗ୍ୟ, କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ ବାଇ ସବ୍‌ଜେକ୍ଟ–୨୦୨୫ ସଂସ୍କରଣରେ ୧୪ଟି ପାଠ୍ୟକ୍ରମ ଅଧ୍ୟୟନ ପାଇଁ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଙ୍କ ମଧ୍ୟରୁ ଭିଆଇଟିର ଡାଟା ସାଇନ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପାଠ୍ୟକ୍ରମ ସ୍ଥାନ ପାଇଛି।

ସେହିଭଳି ପ୍ରଥମ ଥର ପାଇଁ ବିଶ୍ୱର ଶହେ ତାଲିକା ମଧ୍ୟରେ ଭିଆଇଟିର ଡାଟା ସାଇନ୍ସ ଆଣ୍ଡ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପାଠ୍ୟକ୍ରମ ସ୍ଥାନିତ ହୋଇଛି। ଏପରି କି ଭିଆଇଟିର ପ୍ରମୁଖ ପାଠ୍ୟକ୍ରମଗୁଡ଼ିକ ମଧ୍ୟରୁ ୪ଟି ବିଷୟ ଉଚ୍ଚସ୍ତରୀୟ ମାନ୍ୟତା ହାସଲ କରିଥିଲା ବେଳେ ୮ଟି ବିଷୟ ସମାନ ସ୍ଥାନରେ ରହିଛି। ଅପରପକ୍ଷରେ ୨ଟି ପାଠ୍ୟକ୍ରମ ପ୍ରଥମ ଥର ପାଇଁ ର୍‍ୟାଙ୍କିଙ୍ଗରେ ସାମିଲ ହୋଇଛି। ସେହିପରି ଭିଆଇଟିର ଏହି ସଫଳତା ଶିକ୍ଷାନୁଷ୍ଠାନର ଏକାଡେମିକ ଉତ୍କର୍ଷତା ଏବଂ ଗବେଷଣା ଦକ୍ଷତାକୁ ପ୍ରତିପାଦିତ କରିଛି। ବିଶେଷକରି ଶିକ୍ଷାନୁଷ୍ଠାନର ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ବିଷୟରେ ୨୧୨ତମ ସ୍ଥାନ ରହିଥିବା ବେଳେ ବର୍ତ୍ତମାନ ଏହା ୧୪୨ତମ ସ୍ଥାନକୁ ବୃଦ୍ଧି ପାଇଛି। ପ୍ରାକୃତିକ ବିଜ୍ଞାନ ୪୦୧–୪୫୦ ବ୍ୟାଣ୍ଡରୁ ୩୬୨କୁ ବୃଦ୍ଧି ପାଇଛି। ଜୈବିକ ବିଜ୍ଞାନ ପାଇଁ ଭିଆଇଟି ୩୫୧–୪୦୦ ବ୍ୟାଣ୍ଡ ଏବଂ ବ୍ୟବସାୟ ଓ ପରିଚାଳନା ଅଧ୍ୟୟନ ପାଇଁ ୫୫୧–୬୦୦ ବ୍ୟାଣ୍ଡରେ ନିଜର ସ୍ଥାନ ବଜାୟ ରଖିଛି। କୃଷି ଓ ବନୀକରଣ ବର୍ଗରେ ଭିଆଇଟି ୩୫୧–୪୦୦ ବ୍ୟାଣ୍ଡରେ ରହିଛି। କମ୍ପ୍ୟୁଟର ବିଜ୍ଞାନ ଓ ସୂଚନା ପ୍ରଣାଳୀ କ୍ଷେତ୍ରରେ ୨୦୨୪ରେ ୧୩୬ତମ ସ୍ଥାନରେ ଥିବାବେଳେ ୨୦୨୫ରେ ଏହା ୧୧୦ତମ ସ୍ଥାନରେ ପହଞ୍ଚିଛି। ଏହାବ୍ୟତୀତ ଡାଟା ସାଇନ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୫୧ରୁ ୧୦୦ ବ୍ୟାଣ୍ଡ ମଧ୍ୟରେ ସ୍ଥାନ ହାସଲ କରିଛି। କମ୍ପ୍ୟୁଟର ସାଇନ୍ସେସ ଓ ସୂଚନା ପ୍ରଣାଳୀ କ୍ଷେତ୍ରରେ ୨୦୨୪ରେ ୧୩୬ତମ ସ୍ଥାନରେ ଥିବାବେଳେ ୨୦୨୫ରେ ଏହା ୧୧୦ତମ ସ୍ଥାନରେ ପହଞ୍ଚିଛି। ଏହାବ୍ୟତୀତ ଡାଟା ସାଇନ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୫୧ରୁ ୧୦୦ ବ୍ୟାଣ୍ଡ ମଧ୍ୟରେ ସ୍ଥାନ ହାସଲ କରିଛି।

# ଜେଏସ୍‌ଏଲ୍‌ରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ

ଭୁବନେଶ୍ୱର, ୧୭।୩



ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର କଳିଙ୍ଗନଗର କାରଖାନାରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କଳିଙ୍ଗନଗର ସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ କାରଖାନା ପକ୍ଷରୁ ଆୟୋଜିତ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କାରଖାନା ଓ ବାଷ୍ପିତ୍ର ବିଭାଗ, ଯାଜପୁର ରୋଡ୍ ଡିଭିଜନର ସହାୟକ ନିର୍ଦ୍ଦେଶକ ଗଣେଶ୍ୱର ମାର୍ଦି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ୍ କାରଖାନାର ମୁଖ୍ୟ ଦୀପକ ଅଗ୍ରୱାଲ, ମାନବ ସମ୍ବଳ ମୁଖ୍ୟ ରାକେଶ ପାଠକ, ଅଗ୍ନି ଓ ନିରାପତ୍ତା ବିଭାଗର ମୁଖ୍ୟ ମନୋଜ କୁମାର ବଳ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସମେତ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକଙ୍କ ସମାବେଶ ହୋଇଥିଲା। ଚଳିତ ବର୍ଷ ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଆକର୍ଷଣ ବିଭିନ୍ନ ବିଭାଗର ମନମୁଗ୍ଧକର ସୁରକ୍ଷା ରାଲିଗୁଡ଼ିକ ଥିଲା। କାରଖାନାର ଶ୍ରମିକ ଓ କର୍ମଚାରୀମାନେ ଶୂନ୍ୟ ଦୁର୍ଘଟଣା ଶୀର୍ଷକ ଏକ ନାଟକ ପରିବେଷଣ କରିଥିଲେ। ଏଥିସହ ଏହି ବର୍ଷର ବାର୍ତ୍ତା 'ସୁରକ୍ଷା ଏବଂ ସ୍ୱାସ୍ଥ୍ୟ – ବିକଶିତ ଭାରତ ପାଇଁ ଅତ୍ୟାବଶ୍ୟକ' ଉପରେ ନାଟକ ପରିବେଷିତ ହୋଇଥିଲା। ନାଟକ ମାଧ୍ୟମରେ କାରଖାନାକୁ କିପରି ଦୁର୍ଘଟଣା ଶୂନ୍ୟ କରାଯିବ ଓ ସୁରକ୍ଷା ପ୍ରତି ପ୍ରତ୍ୟେକ ମୁହୂର୍ତ୍ତରେ ସଚେତନ ରହିବାର ବାର୍ତ୍ତା ଦିଆଯାଇଥିଲା।

ମୁଖ୍ୟ ଅତିଥି ଗଣେଶ୍ୱର ମାର୍ଦି ବିଭିନ୍ନ ବିଭାଗ ଦ୍ୱାରା ପରିବେଷଣ କରାଯାଇଥିବା ସୁନ୍ଦର ସୁରକ୍ଷା ରାଲିରେ ବିଭାଗର ମୁଖ୍ୟମାନଙ୍କ ସହ କର୍ମଚାରୀମାନଙ୍କ ଉପସ୍ଥିତି ସହ ସମ୍ମେଳନ ଦେଖି ବହୁ ଆନନ୍ଦିତ ହେବା ସହ ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ଗତ ବର୍ଷ ପାଇଁ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାରଗୁଡ଼ିକ ମିଳିଥିବାରୁ ଏବଂ ଗତ ବର୍ଷ ଶୂନ୍ୟ ଦୁର୍ଘଟଣା ପାଇଁ ପ୍ରଶଂସା କରିଥିଲେ। ଏଥିସହ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରିବାକୁ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ପରାମର୍ଶ ଦେଇଥିଲେ। ସପ୍ତାହେବ୍ୟାପୀ ଚାଲିଥିବା ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସୁରକ୍ଷା ସ୍ଲୋଗାନ, ସୁରକ୍ଷା ପୋଷ୍ଟର, ସୁରକ୍ଷା ସମ୍ପର୍କିତ ସାଧାରଣ ଜ୍ଞାନ, ସୁରକ୍ଷା ବକ୍ତୃତା ପ୍ରତିଯୋଗିତା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଦୌଡ଼ ପ୍ରତିଯୋଗିତା, ସୁରକ୍ଷା ରାଲି ଏବଂ ଶିଶୁମାନଙ୍କୁ ନେଇ ସେମାନଙ୍କ ମଧ୍ୟରେ ସୁରକ୍ଷାର ବାର୍ତ୍ତା ଓ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନେକ କର୍ମଚାରୀ ଏବଂ ବିଭିନ୍ନ ବିଭାଗକୁ ସୁରକ୍ଷା କ୍ଷେତ୍ରରେ ତାଙ୍କର ଅଗ୍ରଗତି ଓ ସଂକଳ୍ପ ପାଇଁ ଏବଂ ପ୍ରତିଯୋଗିତାରେ ଭାଗ ନେଇଥିବା ଶ୍ରମିକ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। କାରଖାନାର ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ପ୍ରତି ପ୍ରେରିତ କରିବା ସହ ଆଗାମୀ ସମୟରେ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।

## ନିରୁଦ୍ଦିଷ୍ଟ



ନାମ: ପ୍ରେମାନନ୍ଦ ଦିଗାଲ (୬୦), ସ୍ତ୍ରୀ: ଅଞ୍ଜଳି ଦିଗାଲ, ବିର୍‌ସାମୁଣ୍ଡା ବସ୍ତି, ସହୀଦନଗର, ଭୁବନେଶ୍ୱର ଗତ ୨୭।୦୨।୨୦୨୫, ୫ ଘଟିକା ସମୟରେ ଘରୁ ବାହାରି ଚାଲିଯାଇଥିଲେ। ସେ ଜଣେ ପାରାଲିସିସ୍ ରୋଗୀ ଅଟନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ।7681059171.
D-3314

# ଦୁର୍ଘଟଣାରେ ବାପ ପୁଅଙ୍କ ଜୀବନଗଲା

**ବାଙ୍ଗିରିପୋଷି, ୧୭।୩(ସଞ୍ଜୟ କୁମାର ଅଗ୍ରୱାଲା)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ସୋମବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ବାପ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବହଳଦା ଥାନା ଅଧୀନ ଖେଜୁରତାଣ୍ଡୀ ଗ୍ରାମର ସେକ ଲୁକମାନ(୫୦) ଓ ତାଙ୍କ ପୁଅ ସେକ ସାହିଲ (୧୨)। ଉଭୟ ଏକ ବୁଲେଟ୍ (ନଂ. ଓଡ଼ି୧୧ପି– ୬୨୩୨) ଯୋଗେ ବାରିପଦାର ତେନ୍ତୁଳିଡିଙ୍ଗା ଯାଉଥିବା ବେଳେ ପଛ ପଟୁ କୌଣସି ଏକ ଗାଡ଼ି ଆସି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ବାପ ପୁଅଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବାଙ୍ଗିରିପୋଷି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଇଛି। ଉଲ୍ଲେଖଯୋଗ୍ୟ, ମୃତ ସେକ୍ ଲୁକମାନ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସେ ଗତ ମାସରେ ଚାକିରିରୁ ଅବସର ଗ୍ରହଣ କରିଥିଲେ।

# ମାମଲା ବିଚାରାଧୀନ ଥିଲେ ବି ମିଳିବ ବକେୟା ଛୁଟି ଦେୟ

**କଟକ,୧୭।୩(କାର୍ତ୍ତିକ ସାହୁ)**

ସରକାରୀଙ୍କ କର୍ମଚାରୀ ବିରୋଧରେ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲେ ବା କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ବି ତାଙ୍କୁ ଅବସର ପରେ ବକେୟା ଛୁଟିର ଦରମା ମିଳିବ। ବକେୟା ଛୁଟିର ଦରମା ପାଇବା ପାଇଁ ତାଙ୍କ ଆବେଦନକୁ ମାମଲା ଆଳରେ ଅଗ୍ରାହ୍ୟ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ବିଚାର କରି କୋର୍ଟ ରାୟ ପାଇବାର ୨ ମାସ ମଧ୍ୟରେ ଆବେଦନକାରୀଙ୍କୁ ତାଙ୍କ ବକେୟା ୩୦୦ ଦିନର ଦରମା ପ୍ରଦାନ ନିମନ୍ତେ ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ଓଡ଼ିଶା ଟ୍ରାନ୍ସପୋର୍ଟ ଇଞ୍ଜିନିୟରିଂ ସର୍ଭିସରୁ ମୋଟର ଯାନ ଇନ୍ସପେକ୍ଟର ଭାବେ ୨୦୨୪ ଏପ୍ରିଲ ୩୦ରେ ଅବସର ନେଇଥିବା ଚିତ୍ତରଞ୍ଜନ ସେନାପତି ହାଇକୋର୍ଟରେ ଏହି ଆବେଦନ କରିଥିଲେ। ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି, ଅବସର ପରେ ସେ ତାଙ୍କ ବକେୟା ଛୁଟି ନିମନ୍ତେ ଦରମା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ମାତ୍ର ତାଙ୍କ ବିରୋଧରେ ଭିଜିଲାନ୍ସ ମାମଲା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଥିବା ଦର୍ଶାଇ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦିଆଯାଇଥିଲା। ଫଳରେ ସେ ତାଙ୍କର ସେହି ବକେୟା ଛୁଟିର ଦରମା ପାଇବା ନିମନ୍ତେ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ୭ କୁଇଣ୍ଟାଲ ଗଞ୍ଜେଇ ଜବତ

**ପଟ୍ଟାଙ୍ଗି, ୧୭।୩(ଶରତ କୁମାର ଧଳ)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ସାଡାମ୍ ପଞ୍ଚାୟତ ପଟ୍ଟାଙ୍ଗି ଥାନା ଅଧୀନ ଯୁବରାଜପେଟା ଗ୍ରାମର ଘଞ୍ଚ ଜଙ୍ଗଲରୁ ୭କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ପୋଲିସ ଜବତ କରିଛି। ମାଫିଆମାନେ ଗଞ୍ଜେଇ ଗଚ୍ଛିତକରି ଚାଲାଣ ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ଥାନା ଅଧିକାରୀ ସୁସୁମା କଅଁର ସେମିଳିଗୁଡା ଓ ପଟ୍ଟାଙ୍ଗି ପୋଲିସର ଏକ ଟିମ୍ ରବିବାର ରାତିରେ ଅତର୍କିତ ଭାବେ ଜଙ୍ଗଲରେ ଚଢାଉ କରିଥିଲେ। ମାଜିଷ୍ଟ୍ରେଟ୍ ତଥା ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକଙ୍କ ଉପସ୍ଥିତିରେ ୭୭ ବସ୍ତାରେ ଥିବା ଗଞ୍ଜେଇ ଓଜନ ହୋଇଥିଲା। ୭ କୁଇଣ୍ଟାଲ ୯୭କେଜି ଗଞ୍ଜେଇ ଥିବା ଏସ୍‌ଡିପିଓ ଜେନା ସୂଚନା ଦେଇଛନ୍ତି। ଏ ନେଇ ପଟ୍ଟାଙ୍ଗି ଥାନାରେ ନଂ. ୨୩/୨୫ରେ ମାମଲା ରୁଜୁ ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଚିଠି, ଇମେଲ୍ କଲେ ନବଙ୍କ ସ୍ତ୍ରୀ

**ଝାରସୁଗୁଡ଼ା, ୧୭।୩**
**(ଆଶିଷ ରଞ୍ଜନ ଦାଶ)**

**ନବ ଦାସ ହତ୍ୟା ଘଟଣା**

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ନେଇ ପୁଣି ଚର୍ଚ୍ଚା ହୋଇଛି। ବାରମ୍ବାର ବିଭିନ୍ନ ରାଜନୈତିକ ବ୍ୟକ୍ତି ତଥା ଦଳ ପକ୍ଷରୁ ନବଙ୍କ ପରିବାରକୁ ସିବିଆଇ ତଦନ୍ତ କାହିଁକି କରୁନାହାନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ। ଏହା ପରେ ନବଙ୍କ ଝିଅ ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଆମେ ପରିବାର ମଧ୍ୟରେ ଆଲୋଚନା କରୁଛୁ ଏବଂ ଆଗାମୀ ଦିନରେ ସିବିଆଇ ତଦନ୍ତ କରାଇବୁ ବୋଲି କହିଥିଲେ। ଏହାପରେ ଗତ ୧୧ ତାରିଖରେ ନବ ଦାସଙ୍କ ସ୍ତ୍ରୀ ମିନତି ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଏବଂ ଇମେଲ୍ ମାଧ୍ୟମରେ ପତ୍ର ଲେଖି ସିବିଆଇ ତଦନ୍ତ ବିଷୟରେ ଆଲୋଚନା କରିବା ପାଇଁ ସମୟ ମାଗିଥିବା ଜଣାପଡ଼ିଛି। ନବଙ୍କ ପୁଅ ବିଶାଳ ଦାସ ମଧ୍ୟ ଇମେଲ ଓ ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଚିଠି ପଠାଇଥିବା କହିଛନ୍ତି।

ସୂଚନାଯୋଗ୍ୟ ଯେ, ନବ ଦାସଙ୍କ ହତ୍ୟା ଘଟଣାକୁ ଇତିମଧ୍ୟରେ ୨ବର୍ଷ ପୂରଣ ହୋଇଛି। ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଉପରେ ସନ୍ଦେହ ଉପୁଜୁଛି। ତଦନ୍ତ ନେଇ କୌଣସି ଅଭିଯୋଗ ଥିଲେ, କ୍ରାଇମ୍‌ବ୍ରାଞ୍ଚ ନିକଟରେ ହାଜର ହୋଇ ଜଣାଇବାକୁ ନିକଟରେ ପୁଅ ବିଶାଳ ଓ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳିଙ୍କୁ ନୋଟିସ ହୋଇଥିଲା।

# Classified Everyday
**0674-2580101, 9692975378**



**REAL ESTATE**
**SALE**

Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226. D-3125

Duplex sale with gated society near AIIMS Hospital, Bhubaneswar. 9777433701. D-76248

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି– 7978676652, 9439087845. D-76249

**GENERAL**
**SALE**

UCALY PATAS PLANT for sale Rs. 300000 against purchase cost Rs. 650000. 7809525452. D-76430




Newly open Jyoti spa positively health benefits (Expert therapist). 8458067955. D-76200

Positively health benifited spa by expert therapist. 8658088274. D-76903

Relax, Refresh your body, mind at Saikrupa Spa with best therapies. 8984068077. D-3288

Full body massage by odia therapist in homely atmosphere. 9556498382. D-75365

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**AFFIDAVIT**

I, Aparna, W/o- Ashutosh Shukla, resident of C2-502, IIT Bhubaneswar, Dist.-Khordha, PIN-752050, Odisha declare by this affidavit No.-2, dtd.03.12.2024 that now onwards I shall be known as Aparna Pandey for all future purposes. D-3320

By virtue of an affidavit sworn before Executive Magistrate, Cuttack, dated 17.03.2025 I, KHALIDA ALAM, Address: Flat No.- 103, R.G. Palace, Injna, Plot No.- 139/1659, Kalarahanga, Dist.-Khorda-751024 declare that I have changed my name from Khalida Begum to Khalida Alam. Henceforth, I shall be known as Khalida Alam for all purpose.
Mrs. Khalida Alam
D-3292

By virtue of an affidavit sworn to change my address dated 13.03.2025 before plot No.-28, Amman Koil Street, Aayappa Nagar, Sembakkam, Chennai, Tamilnadu-600073, declare that I have changed my address to House No.-515, Telisundi Street, Paralakhemundi, Gajapati, Odisha-761200. Henceforth, I shall be known for my present address as to House No.-515, Telisundi Street, Paralakhemundi, Gajapati, Odisha-761200 for all purposes.
Raja Kishore Sahukar
D-3321

By virtue of an affidavit sworn before the Notary Public, Paralakhemundi, Gajapati, Odisha, dated 12 March 2025, I, Gulibindala Ranjit Kumar, S/o- Gulibindala Chiranjeebulu, Village-Radhu, P.O.-Derigam, District.- Rayagada, Odisha, PIN-765024 declare that for all purpose I am known as Gulibindala Ranjit Kumar as recorded in my Board Certificates, in my Aadhaar and Pan Card my surname has been recorded as Gulibindal instead of Gulibindala. Both Gulibindala Ranjit Kumar and Gulibindal Ranjit Kumar is one and the same indicate to me only. D-3318

I, Basanta Chandra Sahoo, S/o- Late Mr. Sarat Chandra Sahoo resident of Village Jaraka, Jajpur, At/Post- Jaraka, P.S.-Dharmasala, Dist.-Jajpur, PIN- 755050 declare by the affidavit Number 73AA091705, dated 11.03.2025 that now onwards I shall be known as Basanta Kumar Sahoo for all future purposes. D-3317

I, Subham Dey, S/o- Ram Krishna Dey, resident of Manikhamb, Balasore, Odisha and applicant Nutan Kuldeep, D/o- Late Jagat Ram Kuldeep, resident of Mitthumda, Raigarh, Chattisgarh have given Notice of our intended marriage by submitting an application in this Court under Section 5 of the Special Marriage Act, 1954. D-3316

By virtue of an affidavit sworn before Jagatsinghpur, dated 17.3.25, I, Sandhyarani Pattanaik, Address: At-Kathiapada, P.O./P.S./Dist.-Jagatsinghpur declare that I have changed my Son's name from Rudraprasad Pattnayak (old name) to Rudra Prasad Pattnayak (new name). Henceforth, he shall be known as Rudra Prasad Pattnayak (new name) for all purposes.
Sandhyarani Pattanaik
D-3315

Virtue of an affidavit sworn before Executive Magistrate, Jagatsinghpur, dated 13.03.2025, I, Pravati Barik, D/o- Abhimanyu Barik, Vill: Sankarsahi, P.O.- Sarana, P.S.-Balikuda, Dist.-Jagatsinghpur, Odisha, Pin- 754106 declar that I have changed my name from Sarita Barik to Pravati Barik. Henceforth, I shall be known as Pravati Barik for all purposes. D-3328

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Sadar, Cuttack, dated 04.01.2025, I, Sabita Ojha, At- Sudukhanda, P.O.- Totapada, P.S.- Kisannagar, Dist.- Cuttack, PIN-754131, Odisha declare that I have changed my name Gouri Ojha to Sabita Ojha, Date of Birth from 01.01.1984 to 17.07.1982. Henceforth, I shall be known as Sabita Ojha and Date of Birth 17.07.1982 for all purposes.
Sabita Ojha
D-3313

I, Radharani Behera (53 yrs), W/o- Shyamsundar Behera, Vill/P.O.- Andhaipally, P.S.- Bhadrak(R), Dist.- Bhadrak declare that an affidavit dated 11.02. 2025, I have changed my name in my LIC Policy bearing No.- 588440644 from Kanchanlata Behera to Radharani Behera. Henceforth, Radharani Behera and Kanchanlata Behera same and one person. D-3329

By virtue of an affidavit No.-19, dt. 12.03.2025 sworn before Executive Magistrate, Gaisilet, I, Guddi Dumal, D/o- Gokula Dumal, W/o- Jayanta Bariha, Village- Jamutpali, P.S.- Melchhamunda, Dist.- Bargarh, Odisha declare that wrongly my name is mentioned as Kumodini Bariha in my Aadhaar Card bearing xxxx xxxx 2948. The above two name is same and same person. Henceforth, I shall be known as Guddi Dumal for all purposes. D-3327

I, Sukanta Mohapatra, S/o- Late Surendra Mohan Mohapatra, resident of Plot No.-L3-127, Acharya Vihar, Bhubaneswar, P.S.- Saheed Nagar, Dist.- Khorda, PIN-751013, Odisha declare by this affidavit SL. No.- 14051 dtd. 05.03.2025 before the Notary Public, Jharsuguda that now onwards I shall be known as SUKANTA KUMAR MOHAPATRA for all future purposes. D-3319

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ଽଲାଲବାହାଦୁର ସାହୁ**
(ପୂର୍ବତନ ନଗରପାଳ, କୋଣାର୍କ ଏନ୍‌ଏସି)
ଆବିର୍ଭାବ: ୧୧।୦୧।୧୯୬୬
ତିରୋଧାନ: ୧୮।୦୩।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ ।
ଧ–୩୩୨୫

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ (ରୋଜି)**
ପିତା– ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ
ପ୍ଲଟ୍ ନଂ.–୨୯୦୧, ଶୁଭମ୍, ନାଗେଶ୍ୱର ଟାଙ୍ଗି, ଭୁବନେଶ୍ୱର
ତିରୋଧାନ: ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ (ତା୧୦।୦୩।୨୦୧୫)
ମାଟି ଦେହ ସିନା ଶ୍ମଶାନ ଗ୍ରାସିଛି
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ବାପା, ବୋଉ, ଭଉଣୀ, ଭଉଣୀଜ୍ୱାଇଁ, ଭାଇ, ଭାଉଜ, ଝିଆରୀ, ପୁତୁରା ଓ ବନ୍ଧୁବର୍ଗ ।
ଧ–୭୬୦୪୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଽଶରତ ଚନ୍ଦ୍ର ପଟ୍ଟନାୟକ**
ଆବିର୍ଭାବ: ୧୯୪୫
ତିରୋଧାନ: ୦୯।୦୩।୨୦୨୫
ଆପଣଙ୍କ ବିୟୋଗରେ ପରିବାରବର୍ଗ ଓ ଜ୍ଞାତି କୁଟୁମ୍ବ ମର୍ମାହତ ।
ଶୋକସନ୍ତପ୍ତ: ପୁଅ: ପପୁନ, ପୁତ୍ରବଧୂ, ପୁତୁରା: ଜିତୁ, ସିତୁ, ଭଣଜା: ବାପୁ, ସୁଧା, ବାବୁଲି, ବୁଲୁ ଏବଂ ପରିବାରବର୍ଗ ।
ଧ–୭୩୫୭୭

# ତତ୍କାଳୀନ ଅଧିକାରୀ, ଡିଆର୍‌ସିଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦୁଝର, ୧୭।୩**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

**ରାଜା ଚକ୍ର ଗିରଫ ପରେ ବିବାଦ ଥମୁନି**

କେନ୍ଦୁଝର ଜିଲା ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ ଅପରେଟିଭ ସୋସାଇଟିରେ ୩୫ କୋଟି ଟଙ୍କାର ଆର୍ଥିକ ଅନିୟମତତା ଅଭିଯୋଗରେ ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜାଙ୍କ ଗିରଫ ପରେ ବିବାଦ ଥମୁନାହିଁ। ରାଜାଙ୍କୁ ମୋହରା କରି ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବହୁ ନେତାଙ୍କ ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଆସୁଥିଲା। ଘଟଣାରେ ଜଡ଼ିତ ଥିବା ଜିଲା ରେଜିଷ୍ଟ୍ରାର ଅଫ କୋ ଅପରେଟିଭ ସୋସାଇଟି(ଡିଆରସିଏସ), ତତ୍କାଳୀନ ଜିଲାପାଳ, ଏସ୍‌ପିଙ୍କ ସମେତ ରାଜ୍ୟ ରେଜିଷ୍ଟ୍ରାର ଅଫ କୋ ଅପରେଟିଭ ସୋସାଇଟି (ଆରସିଏସ୍), ଏଆରସିଏସ୍‌ଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏ ନେଇ ସୋମବାର କେତେଜଣ ସାମାଜିକକର୍ମୀ ଅତିରିକ୍ତ ଡିଜି ସିଆଇଡି (କ୍ରାଇମ ବ୍ରାଞ୍ଚ ଅଫେନ୍ସ ୱିଙ୍ଗ) କଟକଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବା ସହ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ସୋସାଇଟିରେ ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ସହିତ କୋ ଅପରେଟିଭ ଆଇନର ଉଲ୍ଲଂଘନ କରାଯାଇଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ୨୦୨୧ରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ତତ୍କାଳୀନ ବିରୋଧୀ ଦଳ ନେତା ମୋହନ ଚରଣ ମାଝୀଙ୍କ ସମେତ ୭ ଅଭିଯୋଗ ହୋଇଥିଲା। ଏ ନେଇ ପରବର୍ତ୍ତୀ ସମୟରେ ଅଡିଟ୍ ମଧ୍ୟ କରାଯାଇଥିଲା। ଅଡିଟ ରିପୋର୍ଟରେ ଆର୍ଥିକ ଅନିୟମତତା ହୋଇଥିବା ଜଣାପଡିଥିଲା। ସେତେବେଳେ ଏ ନେଇ ଉକ୍ତ ଅର୍ଥ ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ତେବେ ସେ ସମୟରେ କେନ୍ଦୁଝର ଡିଆରସିଏସ୍, ଜିଲାପାଳ ତଥା ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋଡିଂ ଏଜେନ୍ସି ଉପରେ ରୋକ ଲଗାଯାଇଥିଲେ ଆଜି ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା। ସେହିପରି ସେ ସମୟରେ ସମବାୟ ବିଭାଗର ଜଣେ ଅଧିକାରୀଙ୍କ ବଦଳି ନ କରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇ ପୁନଃ ଅବସ୍ଥାପିତ କରାଯାଇଥିଲା। ଏହା ପଛରେ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି ସମେତ ବଡ଼ ନେତାଙ୍କ ସମ୍ପୃକ୍ତି ରହିଥିଲା ବୋଲି ସାମାଜିକକର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି, ସୁଧିର ମହାନ୍ତି, ଶଶୀଭୂଷଣ ପଟ୍ଟନାୟକ, ମନରଞ୍ଜନ ସାହୁ, ଶ୍ରୀକାନ୍ତ ପାକଳ ଏହି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହି ଏଜେନ୍ସିରୁ ବହୁ ନେତା ଓ ମନ୍ତ୍ରୀଙ୍କ ପକେଟ ଗରମ ହେଉଥିଲା। ଏଣୁ ଲୋଡିଂ ଏଜେନ୍ସି କାର୍ଯ୍ୟକ୍ଷମ ହେବା ଆରମ୍ଭରୁ ତଦନ୍ତ କରାଗଲେ ବହୁ ବଡ଼ ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କ ମୁଖା ଖୋଲିଯିବ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଅଭିଯୋଗ ଆଣି ତଦନ୍ତ ଦାବି କରିଛନ୍ତି।

# ୨୩ ମଧ୍ୟରାତ୍ରିରୁ ୨ଦିନିଆ ବ୍ୟାଙ୍କ ଧର୍ମଘଟ

**୪ଦିନ ବ୍ୟାଙ୍କ ସେବାରୁ ବଞ୍ଚିତ ହେବେ ଲୋକେ**

**ଭୁବନେଶ୍ୱର, ୧୭।୩**
**(ଅନୁରାଧା ମହାରଣା)**

୯ଦଫା ଦାବି ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ୨ଦିନିଆ ବ୍ୟାଙ୍କ୍ ଧର୍ମଘଟ ଡାକରା ଦିଆଯାଇଛି। ଆସନ୍ତା ୨୩ ତାରିଖ ମଧ୍ୟରାତ୍ରିରୁ ୨୫ ମଧ୍ୟରାତ୍ରି ପର୍ଯ୍ୟନ୍ତ ୪୮ ଘଣ୍ଟା ଧରି ଏହି ଧର୍ମଘଟ ଚାଲିବ। ଏଥିରେ ୬ହଜାର ବ୍ୟାଙ୍କ ଶାଖାର ୩୭ ହଜାର କର୍ମଚାରୀ ଏଥିରେ ସାମିଲ ହେଉଥିବାରୁ ୨୪ ତାରିଖ ସୋମବାର ଓ ୨୫ ତାରିଖ ମଙ୍ଗଳବାର ବ୍ୟାଙ୍କ୍ କାର୍ଯ୍ୟ ଅଚଳ ହୋଇପଡିବ। ସେହିପରି ୨୨ ତାରିଖ ଚତୁର୍ଥ ଶନିବାର ଓ ୨୩ ତାରିଖ ରବିବାର ଛୁଟିଦିନ ହୋଇଥିବାରୁ ଲୋକେ ୪ଦିନ ବ୍ୟାଙ୍କ୍ ସେବା ପାଇବାରୁ ବଞ୍ଚିତ ହେବେ।

ସୋମବାର ଫୋରମ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ଅରୁଣ କୁମାର ବିଶୋଇ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଆନ୍ଦୋଳନକୁ ଦେଶର ବହୁ ବ୍ୟାଙ୍କ କର୍ମଚାରୀ ସଂଘ ଏଆଇବିଇଏ, ଏଆଇବିଓସି,ଏନ୍‌ସିବିଇ, ବିଇଏଫ୍‌ଆଇ,ଏଆଇବିଓଏ,ଆଇଏନ୍‌ବିଓସି, ଆଇଏନ୍‌ବିଇଏଫ୍,ଏନ୍‌ଓବିଡବ୍ଲ୍ୟୁ, ଏନ୍‌ଓବିଓ ଆଦି ସମର୍ଥନ କରିଛନ୍ତି। ଗତ ଦଶନ୍ଧି ମଧ୍ୟରେ ଅବସର ଗ୍ରହଣ, ସ୍ୱେଚ୍ଛାକୃତ ଇସ୍ତଫା ଏବଂ ଅପର୍ଯ୍ୟାପ୍ତ ନିଯୁକ୍ତି ପଦକ୍ଷେପ ଯୋଗୁ ରାଷ୍ଟ୍ରାୟତ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କରେ କାର୍ଯ୍ୟବଳ କ୍ରମାଗତ ହ୍ରାସ ପାଇଛି। କିନ୍ତୁ ଘରୋଇ ବ୍ୟାଙ୍କଗୁଡ଼ିକ ସେମାନଙ୍କ କାର୍ଯ୍ୟବଳକୁ ଆକ୍ରମଣାତ୍ମକ ଭାବେ ବୃଦ୍ଧି କରିବା ସହ ପରିଚାଳନା ଦକ୍ଷତା ଏବଂ ଗ୍ରାହକ ସେବାରେ ଉନ୍ନତି ଆଣୁଛନ୍ତି। ଫଳରେ ଘରୋଇ ବ୍ୟାଙ୍କରେ ଗ୍ରାହକ ଓ କର୍ମଚାରୀଙ୍କ ହାରାହାରି ଅନୁପାତ ୩୦୦:୧ ଥିବାବେଳେ ଏବେ ଏହା ରାଷ୍ଟ୍ରାୟତ ବ୍ୟାଙ୍କ୍(ପିଏସ୍‌ବି)ରେ ୨୦୦୦:୧କୁ ବୃଦ୍ଧି ପାଇଛି। ଏହି ଅସନ୍ତୁଳନତା ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାର ସୃଷ୍ଟି କରୁଛି। ସେମାନଙ୍କ ମାନସିକ ତଥା ଶାରୀରିକ ସୁସ୍ଥତା ଉପରେ ପ୍ରଭାବ ପକାଇଥାଏ। ସୀମିତ କାର୍ଯ୍ୟବଳ ଯୋଗୁ ପିଏମ୍‌ଜେଡିୱାଇ, ମୁଦ୍ରାରଣ ଏବଂ ପିଏମ୍‌କିଷାନ ସମ୍ମାନ ନିଧି ସମେତ ୮୦%ରୁ ଅଧିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଅନେକ ବ୍ୟାଙ୍କ ଶାଖା ଅସ୍ଥାୟୀ କର୍ମଚାରୀଙ୍କ ଉପରେ ନିର୍ଭର କରନ୍ତି। ସ୍ଥିରତା ଏବଂ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ଏହି ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରାଯିବା ଆବଶ୍ୟକ। ସେହିପରି ବ୍ୟାଙ୍କିଂ ଶିଳ୍ପରେ ୫ ଦିନର କାର୍ଯ୍ୟ ସପ୍ତାହ ପ୍ରବର୍ତ୍ତନ, ପ୍ରଦର୍ଶନ ସମୀକ୍ଷା ଏବଂ ପିଏଲ୍‌ଆଇ ଉପରେ ସାମ୍ପ୍ରତିକ ଡିଏଫ୍‌ଏସ ନିର୍ଦ୍ଦେଶାବଳୀ ତୁରନ୍ତ ପ୍ରତ୍ୟାହାର, ଜନସାଧାରଣଙ୍କ ଦ୍ୱାରା ଆକ୍ରମଣ/ଦୁର୍ବ୍ୟବହାର ବିରୋଧରେ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ରାଷ୍ଟ୍ରାୟତ ବ୍ୟାଙ୍କରେ କର୍ମଚାରୀ/ଅଧିକାରୀ ନିର୍ଦ୍ଦେଶକ ପଦବୀ ପୂରଣ ସହ ଆଇବିଏ ନିକଟରେ ବିଚାରାଧୀନ ପ୍ରସଙ୍ଗର ସମାଧାନ ପାଇଁ ଦାବି କରାଯାଇଛି। ଗ୍ରାଚ୍ୟୁଇଟି ଆଇନରେ ସଂଶୋଧନ ତଥା ସର୍ବାଧିକସୀମା ୨୫ ଲକ୍ଷଟଙ୍କା ବୃଦ୍ଧି ଓ କର୍ମଚାରୀ କଲ୍ୟାଣ ସୁବିଧା ଉପରେ ଆୟକର ଛାଡ଼ ପ୍ରସଙ୍ଗ ମଧ୍ୟ ଦାବିରେ ଅନ୍ତର୍ଭୁକ୍ତ ରହିଛି। ଏହି ଖବରଦାତା ସମ୍ମିଳନୀରେ କମୋରେଡ୍ ସଞ୍ଜୀବ ପତି, ଅମିତାଭ ଦାସ, ତୁଷାରକାନ୍ତ ଦାସ, ପ୍ରକାଶ ରାୟ ଏବଂ ଆର୍. ଏନ୍. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରେକ୍‌ଫାଷ୍ଟ୍‌ରେ ସାମିଲ କରନ୍ତୁ ଏହି ଖାଦ୍ୟ

ଅଧିକାଂଶ ମହିଳା ସକାଳ ଜଳଖିଆ ସ୍କିପ୍ କରୁଥିବା ଦେଖିବାକୁ ମିଳେ। ଅପରପକ୍ଷେ କାର୍ଯ୍ୟବ୍ୟସ୍ତତା ହେଉ ଅବା ଅନ୍ୟ କାରଣ ପାଇଁ ଏପରି ବଦଭ୍ୟାସ ଗ୍ୟାସ୍, ଏସିଡିଟିଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଦିନସାରା ଶରୀରକୁ ଏନର୍ଜେଟିକ୍ ରଖିବା ଲାଗି ସକାଳ ଜଳଖିଆ ଖାଇବା ନିହାତି ଆବଶ୍ୟକ। ତେବେ ସକାଳ ଜଳଖିଆରେ କେତୋଟି ଖାଦ୍ୟକୁ ସାମିଲ କଲେ ବେଶ୍ ଉପକୃତ ହୋଇପାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...



**ଓଟ୍ସ:** ଓଟ୍ସ ସକାଳ ଜଳଖିଆ ପାଇଁ ଏକ ଭଲ ଅପ୍ସନ। ଏଥିରେ ପନିପରିବା ପକାଇ ଉପମା କିମ୍ବା କ୍ଷୀର, ଗୁଡ ଆଦି ପକାଇ ଖାଇପାରିବେ। ଏଥିରେ ପ୍ରଚୁର ପରିମାଣରେ ଫାଇବର୍ ଥିବାରୁ ପେଟ ଅଧିକ ସମୟ ଭର୍ତ୍ତି ରହିବା ଭଳି ଲାଗିଥାଏ। ତା'ଛଡା ଏହା ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖିବା ସହିତ ମେଦବହୁଳତା ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

**ଫଳ:** ପୁଷ୍ଟିବିଜ୍ଞାନୀଙ୍କ ମତରେ ଫଳରେ ଫାଇବର୍, ଭିଟାମିନ୍, ମିନେରାଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ସକାଳ ଜଳଖିଆରେ ଏହାକୁ ସାମିଲକଲେ ଶରୀରକୁ ଉର୍ଜା ପ୍ରଦାନ କରିଥାଏ ଏବଂ ଇମ୍ୟୁନିଟି ପାୱାର ବୃଦ୍ଧି କରିଥାଏ।

**ଦହି:** ଜଳଖିଆ ସହିତ ପ୍ରତିଦିନ ଦହି ଖାଇବା ବେଶ୍ ଲାଭଦାୟକ। କାରଣ ଏହା ପ୍ରୋବାୟୋଟିକ୍ ହୋଇଥିବାରୁ ପାଚନତନ୍ତ୍ରକୁ ମଜଭୁତ କରିଥାଏ। ତା'ଛଡା ଏହାକୁ ଖାଇଲେ କ୍ୟାଲ୍‌ସିଅମ୍, ପ୍ରୋଟିନ୍, ଭିଟାମିନ୍ ବି-୧୨ ମିଳିଥାଏ।

**ମଞ୍ଜି:** ପ୍ରତିଦିନ ସକାଳ ଜଳଖିଆରେ ବାଦାମ, ଅଖରୋଟ, ପିସ୍ତା, ଆଲମଣ୍ଡ, ଚିଆ ସିଡ୍, ଫ୍ଲାକ୍‌ସିଡ୍ ଭଳି ମଞ୍ଜି ଜାତୀୟ ଖାଦ୍ୟ ଅଳ୍ପ ଅଳ୍ପ ଖାଇବା ବି ଖୁବ୍ ଲାଭଦାୟକ। କାରଣ ଏଥିରେ ଭଲ ଫ୍ୟାଟ୍, ପ୍ରୋଟିନ୍, ଫାଇବର୍, ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ଯାହାକି ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।

# ଆର୍ଟିଫିସିଆଲ୍ ଜୁଏଲେରି ପିନ୍ଧୁଥିଲେ

ଦିନକୁ ଦିନ ବଢୁଥିବା ସୁନା ଦରକୁ ଅଖିଆଗରେ ରଖି ବର୍ତ୍ତମାନ ଆର୍ଟିଫିସିଆଲ୍ ଜୁଏଲେରିର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ବଜେଟକୁ ସୁହାଇଲା ଭଳି ଦାମ୍‌ରେ ଭଳିକି ଭଳି ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ ହେଉଥିବାରୁ ଏହା ଏବେ ଟ୍ରେଣ୍ଡ୍‌ରେ ରହିଛି । ହେଲେ ଏସବୁ ଗରମରେ ଝାଳ କିମ୍ବା ପାଣି ସଂସ୍ପର୍ଶରେ ଆସି ଶୀଘ୍ର ଖରାପ ହୋଇଯିବାର ଆଶଙ୍କା ରହିଛି । ତେଣୁ ଏଭଳି ଜୁଏଲେରିର କିପରି ଯତ୍ନ ନେବେ ଜାଣି ରଖନ୍ତୁ ଟିପ୍ସ...

- ଯଦିଓ ଆର୍ଟିଫିସିଆଲ୍ ଜୁଏଲେରି ଦେଖିବାକୁ ଖୁବ୍ ଆକର୍ଷଣୀୟ। ହେଲେ ଏହା ୱାଟରପ୍ରୁଫ୍ ହୋଇ ନ ଥିବାରୁ ପାଣି ସଂସ୍ପର୍ଶରେ ଆସିଲେ ଜଙ୍କ ହେବା କିମ୍ବା ରଙ୍ଗ ଛାଡିଯିବାର ଆଶଙ୍କା ରହିଛି। ତେଣୁ ଖରାରେ କେଉଁଆଡେ ଯାଉଥିଲେ ଏହାକୁ ନ ପିନ୍ଧିବା ଭଲ। ତଥାପି ଯଦି ଖରାରେ କୌଣସି ଫଙ୍କ୍ସନରେ ଏହାକୁ ବ୍ୟବହାର କରୁଛନ୍ତି ତେବେ ଝାଳ ଲାଗିଥିଲେ ଭଲ ଭାବେ ପୋଛି ଜିପ୍ ଲକ୍ ପ୍ଲାଷ୍ଟିକ୍ ପାଉଚ୍‌ରେ ରଖନ୍ତୁ। ଧ୍ୟାନ ରଖନ୍ତୁ ପାଉଚ୍‌ରେ କୌଣସି ଜାଗା ଯେମିତି ଖୋଲା ନ ରହେ।
- ପିନ୍ଧିବା ବେଳେ ଓଦା ହୋଇଗଲେ ତୁରନ୍ତ ଏହାକୁ ଶୁଖିଲା କଟନ୍ କପଡାରେ ପୋଛି ଦିଅନ୍ତୁ।
- ଏଭଳି ଜୁଏଲେରି ପରଫ୍ୟୁମ ସଂସ୍ପର୍ଶରେ ଆସି ଖରାପ ହୋଇଯାଏ। ତେଣୁ ଆପଣ ଯେତେବେଳେ ମେଟାଲିକ୍ ଅର୍ନାମେଣ୍ଟ ପିନ୍ଧୁଛନ୍ତି ଏହାକୁ ଯଥା ସମ୍ଭବ ପରଫ୍ୟୁମ୍‌ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ଏଭଳି ଜୁଏଲେରିକୁ ସଫା କରିବା ଲାଗି ଟୁଥ୍ ପାଉଡର ବ୍ୟବହାର କରନ୍ତୁ। ଏହାକୁ ଲଗାଇ ଧୀରେ ଧୀରେ ବ୍ରଶ୍ ସାହାଯ୍ୟରେ ଘଷି ସଫା କରି ନରମ କପଡାରେ ପୋଛି ଦିଅନ୍ତୁ।
- ଅଧିକ ମେଟାଲିକ୍ ଜୁଏଲେରିକୁ ଏକାଠି ରଖିବା ଦ୍ୱାରା ତାହା ପରସ୍ପର ସହ ଘଷି ହୋଇ ରଙ୍ଗ ଛାଡିଯାଏ। ତେଣୁ ଏହାକୁ ଅଲଗା କରି ରଖନ୍ତୁ।

# ପିଲା ରହିବେ ଫିଟ୍





କିଏ ଅଧିକ ମୋଟା ତ କିଏ ଆବଶ୍ୟକରୁ ଅଧିକ ପତଳା, ଆଉ ପୁଣି କାହାଠାରେ ଆଖିଠାରୁ ଆରମ୍ଭ କରି ଦେଖାଯାଉଛି ଅନେକ ସ୍ୱାସ୍ଥ୍ୟ ସମସ୍ୟା। ଅଧିକାଂଶ ପିଲାଙ୍କଠାରେ ଏଭଳି ଲକ୍ଷଣ ବର୍ତ୍ତମାନ ଅଭିଭାବକଙ୍କ ପାଇଁ ପାଲଟିଛି ଚିନ୍ତାର କାରଣ। ଏମିତିରେ କେତେକ ଦିଗ ପ୍ରତି ବିଶେଷ ସଜାଗ ରହିଲେ ପିଲାମାନେ ଫିଟ୍ ରହିପାରିବେ...

ଆପଣଙ୍କ ପିଲା ଗୁଲୁଗୁଲିଆ ମୋଟା ହୋଇଛି କହିଲେ ଅନେକ ଅଭିଭାବକ ଭାରି ଖୁସି ହୋଇଯାଆନ୍ତି। ଆଉ କାହାର ପିଲା ସାମାନ୍ୟ ପତଳା ଦେଖାଯାଉଛି କହିଲେ ଅନେକଙ୍କର ଚିନ୍ତା ବଢ଼ିଯାଏ ଏବଂ କ'ଣ ଖୁଆଇଲେ ପିଲା ମୋଟା ହେବେ ସେଥିପାଇଁ ଲାଗିପଡ଼ନ୍ତି। ହେଲେ ଆପଣ ଜାଣନ୍ତି କି, ମେଦବହୁଳତା ପିଲାଙ୍କଠାରେ ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। କେବଳ ଏତିକି ନୁହେଁ ପିଲାଙ୍କ ଜୀବନଶୈଳୀରେ କେତେକ ପରିବର୍ତ୍ତନ ମଧ୍ୟ ସେମାନଙ୍କ ପାଇଁ ଅନେକ ବିପଦ ଡାକି ଆଣୁଛି। ତେଣୁ ପିଲାଙ୍କୁ ଫିଟ୍ ରଖିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

**ଖାଦ୍ୟପେୟ ପ୍ରତି ରୁହନ୍ତୁ ସଜାଗ:** ବର୍ତ୍ତମାନ ଘରୋଇ ଖାଦ୍ୟ ବଦଳରେ ମାର୍କେଟ୍‌ରେ ମିଳୁଥିବା ଫାଷ୍ଟଫୁଡ୍, ଫ୍ରୋଜେନ୍ ଫୁଡ୍, ରେଡି ଟୁ ଇଟ୍ ଜାତୀୟ ଖାଦ୍ୟ ପ୍ରତି ଅଧିକାଂଶ ପିଲା ଆଗ୍ରହୀ ହେଉଛନ୍ତି। ତା'ଛଡା ଅନେକ ଅଭିଭାବକ ପିଲା ଖୁସି ହେଉଥିବାରୁ ହେଉ ଅବା ସହଜରେ ଉପଲବ୍ଧ ହେଉଥିବାରୁ ଏଭଳି ଖାଦ୍ୟ ପିଲାଙ୍କୁ ସବୁବେଳେ ଦେଉଛନ୍ତି। ହେଲେ ଏଥିରେ ଥିବା ତେଲ, ମସଲା, ରଙ୍ଗ, ମଇଦା ଇତ୍ୟାଦି ଯୋଗୁ ସେମାନଙ୍କ ଶରୀରରେ ଚର୍ବି ପରିମାଣ ବଢୁଛି। ଫଳରେ ଅଳ୍ପ ବୟସରୁ ମେଦବହୁଳତା ପାଇଁ କେତେକଙ୍କଠାରେ ଡାଇବେଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରୁଛି। ତେଣୁ ପିଲାଙ୍କୁ ଏଭଳି ଖାଦ୍ୟ ଯଥା ସମ୍ଭବ କମ୍ ଦିଅନ୍ତୁ। ପିଲାଙ୍କୁ ଫିଟ୍ ରଖିବା ଲାଗି ସେମାନଙ୍କୁ ସନ୍ତୁଳିତ ଖାଦ୍ୟାଭ୍ୟାସ କରାନ୍ତୁ। ସବୁବେଳେ ଅଧିକ ପନିପରିବାଯୁକ୍ତ ଘରେ ରନ୍ଧା ଖାଦ୍ୟ ଦିଅନ୍ତୁ ଏବଂ ଠିକ୍ ସମୟରେ ଖାଇବାର ଅଭ୍ୟାସ କରାନ୍ତୁ।

**ମିଠା ଅଧିକ ନ ଖାଇବା ଭଲ:** ଚକୋଲେଟ୍, ଆଇସ୍‌କ୍ରିମ୍, କେକ୍ ଏବଂ ବିଭିନ୍ନ ମିଠା ଜାତୀୟ ଖାଦ୍ୟ ଅଧିକାଂଶ ପିଲାଙ୍କୁ ପସନ୍ଦ। ଏମିତିକି ଜଳିଖିଆରେ ସୁଜି, ସିମେଇ ଏବଂ ଗାଜର ହାଲୁଆ ଭଳି ମିଠା ଖାଦ୍ୟ ପିଲା ଖୁସିରେ ଖାଉଥିବାରୁ ଅଧିକାଂଶ ଅଭିଭାବକ ପିଲାଙ୍କୁ ଏଭଳି ଖାଦ୍ୟ ଦେଇଥାନ୍ତି। ହେଲେ ଆପଣ ଜାଣନ୍ତିକି, ପ୍ରତିଦିନ ଏଭଳି ଖାଦ୍ୟ ଖାଇଲେ ଏହା ଧୀରେ ଧୀରେ ପିଲାଙ୍କଠାରେ ମେଦବହୁଳତାର କାରଣ ସାଜିଥାଏ। ବିଶେଷ କରି ମୋଟା ବା ଅଧିକ ଓଜନ ଥିବା ପିଲାଙ୍କୁ ଏଭଳି ଖାଦ୍ୟ କମ୍ ଦେବା ଭଲ। ତେଣୁ ପିଲାଙ୍କୁ ସବୁପ୍ରକାରର ପୁଷ୍ଟିକର ଖାଦ୍ୟ ଖୁଆଇବାର ଅଭ୍ୟାସ କରାନ୍ତୁ ଦେଖିବେ ପିଲା ଫିଟ୍ ଏବଂ ଏନର୍ଜେଟିକ୍ ରହିବେ।

**ସକାଳ ରୁଟିନ୍ ରଖନ୍ତୁ ଠିକ୍:** ସ୍କୁଲ ଦିନଗୁଡ଼ିକରେ ଶୀଘ୍ର ଏବଂ ସ୍କୁଲ ଛୁଟି ଥିଲେ ଅଧିକାଂଶ ମା' ପିଲାଙ୍କୁ ସକାଳୁ ବିଳମ୍ବରେ ଉଠାଇ ଥାଆନ୍ତି। ଫଳରେ ପିଲାଙ୍କ ଉଠିବା ଅଭ୍ୟାସ ବିଗିଡ଼ି ଯାଇଥାଏ, ତା'ଛଡା ଅଧିକ ସମୟ ଶୋଇବା ଏବଂ ଜଳଖିଆ ଠିକ୍ ସମୟରେ ନ ଖାଇବା ଯୋଗୁ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ପିଲାଙ୍କର ସକାଳ ରୁଟିନ୍ ଠିକ୍ ରଖନ୍ତୁ। ନିତ୍ୟକର୍ମ ଯଥା ସମୟରେ ସାରି ଖାଇବାର ଅଭ୍ୟାସ କରାନ୍ତୁ।

**ଜୀବନଶୈଳୀ ଠିକ୍ ରଖନ୍ତୁ:** ପିଲାଙ୍କ ଉଠିବା ଏବଂ ରାତିରେ ଶୋଇବା ସମୟ ଠିକ୍ ରଖନ୍ତୁ। ପିଲା ଯେପରି ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ନେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଏହା ସେମାନଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବା ଲାଗି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କୁ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରାନ୍ତୁ। କେବଳ ଏତିକି ନୁହେଁ ପ୍ରତିଦିନ କିଛି ସମୟ ଆଉଟ୍‌ଡୋର୍ ଗେମ୍ ଖେଳିବା, ସାଇକେଲ୍ ଚଲାଇବାର ଅଭ୍ୟାସ କରାଇ ପାରିଲେ ପିଲାଙ୍କ ପାଇଁ ଏହା ଖୁବ୍ ଉପକାରୀ ହୋଇପାରିବ।

**କମାନ୍ତୁ ଡିଜିଟାଲ୍ ଗ୍ୟାଜେଟ୍ ଟାଇମ୍:** ବର୍ତ୍ତମାନ ମୋବାଇଲ୍ ଦେଖିବା ଅଧିକାଂଶ ପିଲାଙ୍କର ଏକ ନିଶା ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ । କେହି କେହି ଖାଇବା ସମୟରେ ଟିଭି, ମୋବାଇଲ୍ ଆଦି ନ ଦେଖିଲେ ଖାଉ ନାହାନ୍ତି। ତେବେ ଅଧିକ ସମୟ ଏଭଳି ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାର କରିବା ଦ୍ୱାରା ଆଖି ଖରାପ ହେବା ସହ ପିଠି, ବେକ, ଅଣ୍ଟା ଯନ୍ତ୍ରଣା ଭଳି ସମସ୍ୟା ଅଳ୍ପ ବୟସରୁ ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ଏହାକୁ ଅଧିକ ବ୍ୟବହାର କରିବା ଯୋଗୁ ଫିଜିକାଲ୍ ଏକ୍ସରସାଇଜ୍ ନ ହେବା ଦ୍ୱାରା ମେଦବହୁଳତା ବି ଉପୁଜୁଛି। ଏମିତିକି କେତେକଙ୍କଠାରେ ଏହି ଆଡିକ୍ସନ ଧୀରେ ଧୀରେ ଏତେ ବଢିଯାଉଛି ଯେ, କିଛି ସମୟ ଏଥିରେ ପିଲାଙ୍କୁ ନିବୃତ୍ତ ରଖିଲେ କ୍ରୋଧ, ରାଗ, ଡିପ୍ରେଶନ୍ ଭଳି ଲକ୍ଷଣ ବି ଦେଖିବାକୁ ମିଳୁଛି। ତେଣୁ ପିଲାଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରଖିବାକୁ ହେଲେ ଆରମ୍ଭରୁ ହିଁ ଡିଜିଟାଲ୍ ଗ୍ୟାଜେଟ୍ ଟାଇମ୍ କମ୍ ରଖନ୍ତୁ।

ଦିଅନ୍ତୁନି ଅଧିକ ଚାପ: ନିଜ ପିଲା ଭଲ ପାଠ ପଢୁ ଏକଥା କିଏ ବା ନ ଚାହେଁ। ହେଲେ ଅଧିକାଂଶ ଅଭିଭାବକ ପିଲା ଭଲ ପଢିବେ ବୋଲି ସ୍କୁଲ ପରେ ଅନେକ ସ୍ଥାନରେ ଟ୍ୟୁଶନ୍ କରାଇବା ସହ ଡ୍ୟାନ୍ସ, ମ୍ୟୁଜିକ୍, ଆର୍ଟ, ସ୍ପୋର୍ଟ୍ସ ଭଳି ବିଭିନ୍ନ କ୍ଲାସ୍ କରାଇଥାନ୍ତି। ହେଲେ କେବେ କେବେ ପିଲାଙ୍କ ଉପରେ ଅଧିକ ଚାପ ପକାଇଥାଏ ଏବଂ ସେମାନଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ପିଲାର କ୍ଷମତା ଅନୁଯାୟୀ ଏସବୁ କରାନ୍ତୁ, ଆଦୌ ଅଧିକ ଚାପ ପକାନ୍ତୁ ନାହିଁ। କାରଣ ମଝିରେ ମଝିରେ କିଛି ସମୟ ରେଷ୍ଟ କରିବା ଦ୍ୱାରା ପିଲା ଅଧିକ ଫିଟ୍ ରହିଥାନ୍ତି।







ସୌନ୍ଦର୍ଯ୍ୟ

# ପୁରାତନ ପଦ୍ଧତିରେ ରୂପଚର୍ଯ୍ୟା

ଗ୍ରୀକ୍, ଇଜିପ୍ଟରେ ବହୁ ବର୍ଷ ପୂର୍ବେ ସୌନ୍ଦର୍ଯ୍ୟକୁ ନେଇ ମଧ୍ୟ ଲୋକେ ବେଶ୍ ସଜାଗ ରହୁଥିଲେ ବୋଲି ଇତିହାସରେ ବର୍ଣ୍ଣନା କରା ଯାଇଛି । ଜାଣନ୍ତୁ କେଉଁସବୁ ଘରୋଇ ଉପଚାର ଦ୍ୱାରା ସେମାନେ ରୂପଚର୍ଯ୍ୟା କରୁଥିଲେ...



**ସି-ୱିଡ୍:** ସମୁଦ୍ରରେ ମିଳୁଥିବା ଗୁଳ୍ମ ବା ସି-ୱିଡ୍‌ରେ ରହିଛି ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ତତ୍ତ୍ୱ। ବିଶେଷ କରି ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରି ଏବଂ ଆଣ୍ଟି-ମାଇକ୍ରୋବାୟାଲ୍ ଗୁଣ ମୁହଁ ଏବଂ ତ୍ୱଚାରେ ଫୁଲିବା, ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ ଆଦି ହେବାକୁ ଦିଏ ନାହିଁ। ତା'ଛଡା ଏହା ତ୍ୱଚାର ଉଜ୍ଜ୍ୱଳତା ଦୂରକରିଥାଏ। ତେଣୁ ଏହାକୁ ତ୍ୱଚାର ସୁରକ୍ଷା ତଥା ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ବ୍ୟବହାର କରାଯାଏ। ଆପଣ ବି ଚାହିଁଲେ ଏହାକୁ ବ୍ୟବହାର କରି ତ୍ୱଚାର ଯତ୍ନ ନେଇପାରିବେ।

**କେଶର:** ଇତିହାସରେ ବର୍ଣ୍ଣନା ଅଛି ଯେ, ଇଜିପ୍ଟର ରାଣୀ କ୍ଲିଓପାଟ୍ରା ତାଙ୍କ ଆକର୍ଷଣୀୟ ରୂପ ପାଇଁ ବେଶ୍ ଚର୍ଚ୍ଚାରେ ଥିଲେ। ନିଜ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ଲାଗି ସେ ଗଧ କ୍ଷୀରରେ କେଶର ଏବଂ ଗୋଲାପ ପାଖୁଡା ପକାଇ ଗାଧୋଉଥିଲେ। ତେଣୁ ସେବେଠୁ କେଶରକୁ ତ୍ୱଚାର ସୁନ୍ଦରତା ବଢ଼ାଇବା ପାଇଁ ବ୍ୟବହାର କରାଯାଉଛି। ଏମିତିକି ପରଫ୍ୟୁମ୍, ଲିପ୍‌ଷ୍ଟିକ୍, କ୍ରିମ୍, ଏସେନ୍ସିଆଲ୍ ଅଏଲ୍ ଆଦି ପ୍ରସ୍ତୁତ କରିବା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ।

**ଗଛ ଛାଲି:** ୧୧ ଶତାବ୍ଦୀ ବେଳକୁ ମିଆଁମାର୍‌ର ଲୋକମାନେ ଥାନାକା ନାମକ ଏକ ଗଛର ଛାଲିକୁ ପାଣି ପକାଇ ପେଡିରେ ଘୋରି ମୁହଁ ଦେହ ଆଦିରେ ଲଗାଉଥିଲେ। ଯାହାକି ତାଙ୍କୁ ଖରାରେ ଆସୁଥିବା ୟୁଭି ଲାଇଟ୍‌ରୁ ସୁରକ୍ଷା ଦେଉଥିଲା। ସେହିପରି ଚନ୍ଦନ କାଠକୁ ମଧ୍ୟ ବ୍ୟବହାର କରୁଥିଲେ। ଏବେବି ଚନ୍ଦନ କାଠର ଡିମାଣ୍ଡ ରହିଛି। ଏହାକୁ ବ୍ୟବହାର କରି ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

**ଗୋଲପ ପାଖୁଡା:** ଏହାକୁ ନା କେବଳ ବର୍ତ୍ତମାନ ପରଫ୍ୟୁମ୍, ଲିପ୍‌ଷ୍ଟିକ୍, କ୍ରିମ୍, ଏସେନ୍ସିଆଲ୍ ଅଏଲ୍, ମଶ୍ଚରାଇଜର୍ ଆଦିରେ ବ୍ୟବହାର କରାଯାଉଛି, ବରଂ ପୁରାତନ କାଳରେ ମଧ୍ୟ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏହାକୁ ବ୍ୟବହାର କରାଯାଉଥିଲା। ରାଣୀ, ରାଜକୁମାରୀମାନେ ଗୋଲାପ ପାଖୁଡାକୁ କ୍ଷୀର, ଦହି, ହଳଦୀ ଆଦି ସହିତ ମିଶାଇ ମୁହଁ ଏବଂ ଶରୀରରେ ମାସ୍କ ଭଳି ଲଗାଉଥିଲେ। ଏମିତିକି ଗାଧୁଆ ପାଣିରେ ଗୋଲାପ ପାଖୁଡା ପକାଇ ଗାଧୋଉଥିଲେ। ଏଭଳି ଆପଣ ବି କରି ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।



## ଖାଦ୍ୟରୁଚି // ସେଓ ଖିରି



**ଆବଶ୍ୟକ ସାମଗ୍ରୀ:** ସେଓ ୫୦୦ଗ୍ରାମ୍, ୧ ଲିଟର କ୍ଷୀର, ଚିନି ୧୦୦ ଗ୍ରାମ୍, ଛୋଟ ଛୋଟ କଟା ହୋଇଥିବା କାଜୁ ୨ ବଡ଼ ଚାମଚ, ୨ ଚାମଚ କିସ୍‌ମିସ୍, ପେସ୍ତା ଅଧା ଚାମଚ, ୪ଟି ଗୁଜୁରାତି ଗୁଣ୍ଡ, ବେକିଂ ସୋଡ଼ା ୧/୪ ଛୋଟ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ସେଓରୁ ଚୋପା ଛଡ଼ାଇ ଫାଳ କରି କାଟି ଦିଅନ୍ତୁ । ଏଥିରୁ ମଞ୍ଜି ବାହାର କରିଦିଅନ୍ତୁ। ସେଲକୁ ଗ୍ରେଟର ସାହାଯ୍ୟରେ ଭଲ ଭାବେ କୋରି ଦିଅନ୍ତୁ। ଚୁଲାରେ ଏକ ପାତ୍ରରେ କ୍ଷୀର ଗରମ କରନ୍ତୁ। କ୍ଷୀର ଫୁଟି ଫୁଟି ଅଧା ହେଇଯିବା ପରେ ସେଥିରେ ଅଳ୍ପ ବେକିଂ ସୋଡ଼ା ପକାଇ ଭଲ ଭାବେ ଗୋଳାନ୍ତୁ। ବର୍ତ୍ତମାନ କୋରାଯାଇଥିବା ସେଓକୁ ସେଥିରେ ପକାଇ ଭଲ ଭାବେ ମିଶାନ୍ତୁ। ଧୀରେ ଧୀରେ ଏହା ଗାଢ଼ ହୋଇଗଲେ ସେଥିରେ ଚିନି ଏବଂ କାଜୁ, କିସ୍‌ମିସ୍, ପେସ୍ତା ଆଦି ପକାଇ ଗୋଳାଇ ଦିଅନ୍ତୁ। ଶେଷରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ବର୍ତ୍ତମାନ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସେଓ ଖିରି, ଏହାକୁ ଖାଇବାର ମଜା ନିଅନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୮/୨୦୨୫ Bhubaneswar, Tuesday, March 18/ 2025

# ଦୀପ୍ ରଞ୍ଜନଙ୍କୁ ବ୍ରୋଞ୍ଜ


ମନୋଜ ସରକାର ଓ ଦୀପ୍ ରଞ୍ଜନ।

**ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ):** ସ୍ପେନ୍‌ର ଟୋଲେଡୋରେ ଅନୁଷ୍ଠିତ ସ୍ପାନିସ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ଡବଲ୍ସ ଏସଏଲ୍‌୩-ଏସଏଲ୍‌୪ ବର୍ଗରେ ଭାରତର ମନୋଜ ସରକାରଙ୍କୁ ପାର୍ଟନର କରି ଦୀପ୍ ରଞ୍ଜନ ଏହି ସଫଳତା ପାଇଛନ୍ତି। କ୍ୱାର୍ଟର ଫାଇନାଲରେ ଏହି ଯୋଡ଼ି ଅନ୍ୟତମ ଭାରତୀୟ ଖେଳାଳି ନବୀନ ଶିବକୁମାର ଓ ଜଗଦୀଶ ଡିଲିଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ ସହ ବ୍ରୋଞ୍ଜ ପକ୍କା କରିଥିଲେ। ମନୋଜ ସରକାର ଆହତ ହେବାରୁ ସେମି ଫାଇନାଲରେ ୱାକଓଭର ଦେଇଥିଲେ।

# କୋର୍ ଦଳରେ ଓଡ଼ିଶାର ୫ ଖେଳାଳି

**ନୂଆଦିଲ୍ଲୀ, ୧୭।୩**

ଭାରତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପରିସରରେ ସୋମବାର ଆରମ୍ଭ ହୋଇଛି। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ୩୬ ଜଣିଆ କୋର୍ ଗ୍ରୁପ୍ ଖେଳାଳି ତାଲିକା ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ୫ ଖେଳାଳି ସାମିଲ ହୋଇଛନ୍ତି। ଏହି ଖେଳାଳିମାନେ ହେଲେ ଶୀଳାନନ୍ଦ ଲାକ୍ରା, ସୁଦୀପ ଚିରମାକୋ, ନୀଳମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା

**ଜାତୀୟ ପୁରୁଷ ହକି କୋଚିଂ କ୍ୟାମ୍ପ ଆରମ୍ଭ**

ଓ ଅମିତ ରୋହିଦାସ। କିଛିଦିନ ତଳେ ଭାରତୀୟ ଦଳ ୨୦୨୪-୨୫ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ସିଜନ ଘରୋଇ ପରିବେଶରେ ଆରମ୍ଭ କରିଥିଲା। ଏଥିରେ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରି ୮ ମ୍ୟାଚରୁ ୫ଟିରେ ବିଜୟ ହାସଲ କରିଥିଲା। ଏବେ ଭାରତୀୟ ଦଳ ୧୫ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନରେ ରହିଛି। ୧୬ ପଏଣ୍ଟ ଲେଖାଏ ପାଇ ଇଂଲଣ୍ଡ ଓ ବେଲ୍‌ଜିୟମ ଦଳ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛି।

"କ୍ରମାଗତ ଇଭେଣ୍ଟ ଓ ହାଇ-କ୍ୱାଲିଟି ମ୍ୟାଚ ଯୋଗୁ ଭାରତୀୟ ଖେଳାଳିଙ୍କ ପାଇଁ ଏହା ଏକ ବ୍ୟସ୍ତ ସିଜନ। ବେଙ୍ଗାଲୁରୁ କ୍ୟାମ୍ପରେ ଆମେ ଫିଟ୍‌ନେସକୁ ଗୁରୁତ୍ୱ ଦେବା ସହ ପ୍ରୋ-ଲିଗ୍‌ର ପ୍ରଦର୍ଶନକୁ ତର୍ଜମା କରିବୁ। କେଉଁ ବିଭାଗ ପାଇଁ ଅଧିକ କାମ କରିବାକୁ ହେବ ତାହା ଉପରେ ଫୋକସ ରଖିବୁ। ୟୁରୋପରେ ହେବାକୁଥିବା ପ୍ରୋ-ଲିଗ୍‌ର ପରବର୍ତ୍ତୀ ଭାଗକୁ ଲକ୍ଷ୍ୟରେ ରଖି ଆମେ ଅଭ୍ୟାସ କରିବୁ। କ୍ୟାମ୍ପରେ ଯୋଗ ଦେଇଥିବା ଯୁବ ଖେଳାଳିମାନେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ମଧ୍ୟ ଆଗ୍ରହ ରହିଛି" ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି।


ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ।

## ସମ୍ଭାବ୍ୟ କୋର୍ ଗ୍ରୁପ୍

ଗୋଲକିପର୍ସ: କ୍ରିଶନ ବାହାଦୁର ପାଠକ, ପଓ୍ୱନ, ସୂରଜ କରକେରା, ମୋହିତ ହୋନେନହାଲି ଶଶିକୁମାର। ଡିଫେଣ୍ଡର୍ସ: ଜରମନପ୍ରୀତ ସିଂ, ଅମିତ ରୋହିଦାସ, ସୁମିତ, ସଞ୍ଜୟ, ଯୁଗରାଜ ସିଂ, ଅମନଦୀପ ଲାକ୍ରା, ନୀଳମ ସଞ୍ଜୀପ ଖେସ୍, ବରୁଣ କୁମାର, ଯଶଦୀପ ସିୱାଚ। ମିଡ୍‌ଫିଲ୍ଡର୍ସ: ରାଜକୁମାର ପାଲ୍, ଶମଶେର ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ମୋଇରାଙ୍ଗଥେମ୍ ରବୀଚନ୍ଦ୍ର ସିଂ, ମହମ୍ମଦ ରାହିଲ ମୌସିନ, ବିଷ୍ଣୁକାନ୍ତ ସିଂ, ରାଜିନ୍ଦର ସିଂ, ପୁଭାନ୍ନା ସି.ବି.। ଫରୱାର୍ଡ୍ସ: ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ଗୁରଜାନ୍ତ ସିଂ, ଅଙ୍ଗଦ ବୀର ସିଂ, ଆଦିତ୍ୟ ଅର୍ଜୁନ ଲାଲାଗେ, ବବି ସିଂ ଧାମି, ସୁଦୀପ ଚିରମାକୋ, ସେଲଭାମ କାର୍ଥି, ଶୀଳାନନ୍ଦ ଲାକ୍ରା, ଦିଲପ୍ରୀତ ସିଂ, ଉତ୍ତମ ସିଂ।

# ଆଜିଠୁ କଳାହାଣ୍ଡି କପ୍ କ୍ରିକେଟ

**ପ୍ରଥମ ପର୍ଯ୍ୟାୟରେ ଏ, ବି, ସି ଗ୍ରୁପ୍ ମ୍ୟାଚ ଖେଳାଯିବ**

**ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା ସମ୍ମାନଜନକ ସିନିୟର ପୁରୁଷ ଆନ୍ତଃ ଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇଛି। ପ୍ରତିଯୋଗିତାରେ ମୋଟ ୩୮ଟି ଦଳ ଅଂଶଗ୍ରହଣ କରିଥିଲେ ହେଁ ପ୍ରଥମ ପର୍ଯ୍ୟାୟରେ ଗ୍ରୁପ୍-ଏ, ବି, ଓ ସି ଦଳଗୁଡ଼ିକୁ ନେଇ ପ୍ରତିଯୋଗିତା ହେବ। ମ୍ୟାଚଗୁଡ଼ିକ ୫୦ ଓଭର ଦିନିକିଆ ଫର୍ମାଟରେ ଅନୁଷ୍ଠିତ ହେବ। ପ୍ରତିଦିନ ମୋଟ ୯ଟି ଲେଖାଏ ମ୍ୟାଚ ଖେଳାଯିବ। ଏଗୁଡ଼ିକ ରେଭେନ୍‌ଶା ଗ୍ରାଉଣ୍ଡ-୧ ଓ ୨, ସନ୍‌ସାଇନ୍ ଗ୍ରାଉଣ୍ଡ, ବାରବାଟୀ ଷ୍ଟାଡିୟମ, ଅଡଶପୁର, ଏମ୍‌ଜିଏମ୍ ଗ୍ରାଉଣ୍ଡ, କିଟ୍ କ୍ରିକେଟ ଷ୍ଟାଡିୟମ, ଖୋର୍ଦ୍ଧା ଗ୍ରାଉଣ୍ଡ ଓ ଜଟଣୀ ରେଲୱେ ଗ୍ରାଉଣ୍ଡରେ ଆୟୋଜନ କରାଯିବ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଇକୋର୍ସା ଓ କୋରାପୁଟ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ୧୮, ୧୯ ଓ ୨୦ ତାରିଖରେ ମ୍ୟାଚ ଖେଳାଯିବା ପରେ ୨୧ ତାରିଖକୁ ବିଶ୍ରାମ ଦିବସ ରଖାଯାଇଛି। ଏହାପରେ ୨୨ ଓ ୨୩ ତାରିଖରେ ମ୍ୟାଚ ହୋଇ ଲିଗ୍ ପର୍ଯ୍ୟାୟ ଶେଷ ହେବ। ଗ୍ରୁପ୍-ଡି, ଇ ଓ ଏଫ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ପରେ ଅନୁଷ୍ଠିତ ହେବ।



## କେଉଁ ଗ୍ରୁପ୍‌ରେ କିଏ

ଗ୍ରୁପ୍ 'ଏ': ଇକୋର୍ସା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, କନ୍ଧମାଳ, ଯାଜପୁର
ଗ୍ରୁପ୍ 'ବି': କଟକ-ଏ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା
ଗ୍ରୁପ୍ 'ସି': ନୟାଗଡ଼, ଭୁବନେଶ୍ୱର-ବି, ପାରାଦୀପ, ଗଜପତି, କଳାହାଣ୍ଡି, ସୁନ୍ଦରଗଡ଼।
ଗ୍ରୁପ୍ 'ଡି': ଭୁବନେଶ୍ୱର-ଏ, ଅନୁଗୋଳ, ପୁରୀ, ବଲାଙ୍ଗୀ, ଦେବଗଡ଼, ରାଉରକେଲା।
ଗ୍ରୁପ୍ 'ଇ': ବାଲେଶ୍ୱର, ବରଗଡ଼, କେନ୍ଦ୍ରାପଡ଼ା, ସୋନପୁର, ମାଲକାନଗିରି, ସମ୍ବଲପୁର-ଏ, ଝାରସୁଗୁଡ଼ା।
ଗ୍ରୁପ୍ 'ଏଫ୍': ଭଦ୍ରକ, କିଟ୍, ସମ୍ବଲପୁର-ବି, ଗଞ୍ଜାମ, ରାୟଗଡ଼ା, କଟକ-ବି, ଢେଙ୍କାନାଳ।

# ୨୦ରେ ଆଇପିଏଲ୍ କ୍ୟାପ୍ଟେନ୍ସ ମିଟ୍

**ନୂଆଦିଲ୍ଲୀ, ୧୭।୩:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ତମ ସିଜନ ଆରମ୍ଭ ହେବା ପୂର୍ବରୁ ସମସ୍ତ ୧୦ ଫ୍ରାଞ୍ଚାଇଜର ଅଧିନାୟକ ଆସନ୍ତା ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ। ଏହି ବୈଠକ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମୁଖ୍ୟ କାର୍ଯ୍ୟାଳୟରେ ହେବ। ଏହି ବୈଠକ ଲାଗି ସମସ୍ତ ଦଳର ଅଧିନାୟକଙ୍କ ସହିତ ସମସ୍ତ ମ୍ୟାନେଜରଙ୍କୁ ମଧ୍ୟ ଆମନ୍ତ୍ରିତ କରାଯାଇଛି। ବିସିସିଆଇ ତଥା ଆଇପିଏଲ ମ୍ୟାନେଜମେଣ୍ଟ ପକ୍ଷରୁ ପଠାଯାଇଥିବା ଇମେଲ ଅନୁଯାୟୀ, ଏହି ବୈଠକ କ୍ରିକେଟ ସେଣ୍ଟରଠାରେ ଏକ ଘଣ୍ଟା ଧରି ଚାଲିବ। ଏଥିରେ ସମସ୍ତ ଦଳକୁ ଆଇପିଏଲ୍‌ରେ କରାଯାଇଥିବା ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଯିବ। ବୈଠକ ପରେ ତାଜ ହୋଟେଲରେ ପ୍ରାୟୋଜକଙ୍କର କାର୍ଯ୍ୟକ୍ରମ ହେବ, ଯେଉଁଥିରେ କ୍ୟାପ୍ଟେନ୍ସଙ୍କ ଫଟୋଶୁଟ୍ ସାମିଲ ରହିଛି। ସାଧାରଣତଃ, ଏହି ଫଟୋଶୁଟ୍ ସେଶନ ଉଦ୍‌ଘାଟନୀ ମ୍ୟାଚ ଖେଳାଯାଉଥିବା ସହରରେ ଅନୁଷ୍ଠିତ ହୁଏ। କିନ୍ତୁ ଏଥର ଏହି କାର୍ଯ୍ୟକ୍ରମ ବିସିସିଆଇ କାର୍ଯ୍ୟାଳୟରେ ହେବାକୁ ଯାଉଛି। ସମସ୍ତ ଦଳର ଅଧିନାୟକ ସ୍ପଷ୍ଟ ହୋଇସାରିଛନ୍ତି ଏବଂ ସେମାନେ ନିଜ ନିଜ ଦଳରେ ପହଞ୍ଚିସାରିଛନ୍ତି। ଆସନ୍ତା ୨୨ ତାରିଖରୁ ଆଇପିଏଲ୍ ଆରମ୍ଭ ହେବ।

# ଚାମ୍ପିୟନ୍ସ ଟ୍ରଫି ଲାଗି ପିସିବି ୮୬୯ କୋଟି କ୍ଷତି ସହିଛି

**ଇସଲାମାବାଦ, ୧୭।୩**

ପାକିସ୍ତାନରେ କ୍ରିକେଟର ସ୍ତର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଆୟୋଜନ ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ୮୬୯ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିବା ଜଣାପଡ଼ିଛି। ଏକ ରିପୋର୍ଟ ମୁତାବକ, ଆଇସିସି ଟୁର୍ନାମେଣ୍ଟ ଆୟୋଜନ ଲାଗି ପିସିବି ୮୬୯ କୋଟି ଟଙ୍କା କ୍ଷତି ସହିଛି। ଏହି ଟୁର୍ନାମେଣ୍ଟରେ ଘରୋଇ ଦଳ ପାକିସ୍ତାନରେ ମାତ୍ର ଗୋଟିଏ ମ୍ୟାଚ ଖେଳିଥିଲା। ପାକିସ୍ତାନ ଦଳ ତା'ର ପ୍ରଥମ ଗ୍ରୁପ ମ୍ୟାଚରେ ନ୍ୟୁଜିଲାଣ୍ଡ ଓ ଦ୍ୱିତୀୟ ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ପରାଜିତ ହୋଇଥିବା ବେଳେ ବାଂଲାଦେଶ ବିପକ୍ଷ ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା। ଏହି ରିପୋର୍ଟରେ ଦାବି କରାଯାଇଛି ଯେ, ପାକିସ୍ତାନ ଟୁର୍ନାମେଣ୍ଟ ଆୟୋଜନ ପାଇଁ ରାୱଲପିଣ୍ଡି, ଲାହୋର ଓ କରାଚୀ ଷ୍ଟାଡିୟମର ନବନିର୍ମାଣ କରିଥିଲା। ଏଥିଲାଗି ବୋର୍ଡ ପକ୍ଷରୁ ୫୮ ମିଲିଅନ ଡଲାର ଖର୍ଚ୍ଚ କରାଯାଇଥିଲା, ଯାହାକି ପୂର୍ବ ନିର୍ଦ୍ଧାରିତ ବଜେଟଠାରୁ ୫୦ ପ୍ରତିଶତ ଅଧିକ ଥିଲା। ପରେ ଇଭେଣ୍ଟ ପ୍ରସ୍ତୁତିରେ ପିସିବି ଆହୁରି ୪୦ ମିଲିଅନ ଡଲାର ଖର୍ଚ୍ଚ କରିଥିଲା। ଏହାର ପ୍ରତି ବଦଳରେ ପିସିବିକୁ ଟୁର୍ନାମେଣ୍ଟ ଆୟୋଜନ ବାବଦକୁ ୬ ମିଲିଅନ ଡଲାର ମିଳିଥିଲା। ଟିକେଟ ବିକ୍ରି ଓ ସ୍ପନସରଶିପ ବାବଦକୁ ଆଖିଦୃଶିଆ ରୋଜଗାର ହୋଇନଥିଲା। ଫଳରେ ପିସିବିକୁ ୮୫ ମିଲିଅନ ଡଲାର କ୍ଷତି ସହିବାକୁ ପଡ଼ିଛି। ଏହାର ପ୍ରଭାବ ବର୍ତ୍ତମାନ ବୋର୍ଡର ଯୋଜନାରେ ଦେଖିବାକୁ ମିଳୁଛି। ବୋର୍ଡ ମ୍ୟାନେଜମେଣ୍ଟ ଜାତୀୟ ଟି୨୦ ଚାମ୍ପିୟନଶିପ ମ୍ୟାଚ ଫି'କୁ ୯୦ ପ୍ରତିଶତ ଓ ରିଜର୍ଭ ଖେଳାଳିଙ୍କ ଦରମାରେ ୮୭.୫ % ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି।

# ସମ୍ବର୍ଦ୍ଧିତ ହେବେ ୮ ପର୍ବତାରୋହୀ

**ଭୁବନେଶ୍ୱର, ୧୭।୩ (ବିଜୟ ରଣା):** ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଓଡ଼ିଶାର ୮ଜଣ ପର୍ବତାରୋହୀଙ୍କୁ ଆର୍ଥିକ ପୁରସ୍କାର ସହିତ ସମ୍ବର୍ଦ୍ଧିତ ହେବେ। ଏହି ଉପଲକ୍ଷେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟରଠାରେ ବୁଧବାର ଅପରାହ୍ନ ୨ଟାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମ୍ବର୍ଦ୍ଧିତ ହେବାକୁଥିବା ପର୍ବତାରୋହୀମାନେ ହେଲେ ରାହୁଲ ପ୍ରଧାନ, ଚିନ୍ମୟ ମହାରଣା, ବିଭାରାଣୀ ପାତ୍ର, ଅଭିଳାଷ ଭୋଇ, ଶଶିଭୂଷଣ ମାଝି, ପର୍ଶୁରାମ ପଣ୍ଡା, ସତ୍ୟବ୍ରତ ଦାସ ଓ ସ୍ପନ୍ଦନ ପଟ୍ଟନାୟକ।

# ଟୋରେଣ୍ଟ ଗ୍ରୁପ ମାଲିକାନାରେ ଗୁଜରାଟ ଟାଇଟନ୍ସ

**ନୂଆଦିଲ୍ଲୀ, ୧୭।୩(ପି.ଟି.):** ଆଇପିଏଲ୍ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସର ୬୭ ପ୍ରତିଶତ ଅଂଶଧନର ଅଧିଗ୍ରହଣ ଶେଷ କରିଥିବା ଅହମ୍ମଦାବାଦର ପ୍ରତିଷ୍ଠିତ ଟୋରେଣ୍ଟ ଗ୍ରୁପ ପକ୍ଷରୁ ସୋମବାର କୁହାଯାଇଛି। ଟୋରେଣ୍ଟ ଗ୍ରୁପ ଗୁଜରାଟ ଟାଇଟନ୍ସର ୬୭ ପ୍ରତିଶତ ଅଂଶଧନ ଇରେଲିନା କମ୍ପାନୀ ପ୍ରାଇଭେଟ ଲିମିଟେଡ୍‌ଠାରୁ କିଣିଛି। ଏଥିଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡଠାରୁ ମଞ୍ଜୁରୀ ମିଳିଛି। ଅଧିଗ୍ରହଣ ସଫଳତାର ଶେଷ ହୋଇଯାଇଛି। ଏହି ବୁଝାମଣା ମୁତାବକ, ସିଭିସି ଦ୍ୱାରା ପରିଚାଳିତ ଇରେଲିଆ ଅଧୀନରେ ୩୩ ପ୍ରତିଶତ ଅଂଶଧନ ରହିବ ବୋଲି ସ୍ୱାସ୍ଥ୍ୟସେବା ଓ ଶକ୍ତି କମ୍ପାନୀ ପକ୍ଷରୁ କୁହାଯାଇଛି।

# ବ୍ରୋଞ୍ଜ ଜିତି ରାଜ୍ୟକୁ ଗର୍ବିତ କଲେ ସିପ୍ରା

**ଭୁବନେଶ୍ୱର, ୧୭।୩ (ତପନ ସ୍ୱାଇଁ)**

ଇଟାଲୀର ତୁରିନଠାରେ ଅନୁଷ୍ଠିତ ୱାର୍ଲ୍ଡ ୱିଣ୍ଟର ଗେମ୍ସରେ ସ୍ପେଶାଲ ଅଲିମ୍ପିକ୍ସ ଭାରତ ମହିଳା ଫୁଟବଲ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳର ଅଂଶବିଶେଷ ଭାବେ ଭୁବନେଶ୍ୱରସ୍ଥିତ ଓପନ ଲର୍ନିଂ ସିଷ୍ଟମ୍ସର ଛାତ୍ରୀ ସିପ୍ରା ପ୍ରିୟଦର୍ଶିନୀ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ସିପ୍ରା ଭାରତୀୟ ଦଳର ଗୋଲକିପର ଦାୟିତ୍ୱ ନିର୍ବାହ କରିଥିଲେ। ସ୍ପେଶାଲ ଅଲିମ୍ପିକ୍ସ ଭାରତ ପ୍ରଥମ ରାଉଣ୍ଡରେ ତ୍ରିନିଦାଦ ଆଣ୍ଡ ଟବାଗୋକୁ ୨-୦ ଓ ଦ୍ୱିତୀୟ ରାଉଣ୍ଡରେ ଉରୁଗୁଏକୁ ୩-୦ରେ ହରାଇବାପରେ ତୃତୀୟ ରାଉଣ୍ଡରେ ବାଂଲାଦେଶ ନିକଟରୁ ଅଳ୍ପକେ ୦-୧ ଗୋଲରେ ହାରି ଯାଇଥିଲା। ମାତ୍ର ୪ର୍ଥ ରାଉଣ୍ଡରେ ସ୍ପେଶାଲ ଅଲିମ୍ପିକ୍ସ

**ୱାର୍ଲ୍ଡ ୱିଣ୍ଟର ଗେମ୍ସ**

ଭାରତ ଦଳ ମରକ୍କୋକୁ ୧-୦ରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ପଞ୍ଚମ ରାଉଣ୍ଡ ମ୍ୟାଚକୁ ୟୁକ୍ରେନ ବିପକ୍ଷରେ ୧-୧ରେ ଡ୍ର ରଖିଥିଲା। ଏହାପରେ ଗ୍ରୁପ୍ 'ଏ' ପର୍ଯ୍ୟାୟର ପ୍ରଥମ ରାଉଣ୍ଡରେ ୟୁକ୍ରେନଠାରୁ ଭାରତ ହାରିଥିବାବେଳେ ଦ୍ୱିତୀୟ ରାଉଣ୍ଡରେ ତ୍ରିନିଦାଦ ଆଣ୍ଡ ଟବାଗୋକୁ ପରାସ୍ତ କରିଥିଲା। ତୃତୀୟ ରାଉଣ୍ଡରେ ବାଂଲାଦେଶଠାରୁ ପୁଣି ପରାଜିତ ହେବାପରେ ସେମିଫାଇନାଲରେ ମଧ୍ୟ ୟୁକ୍ରେନଠାରୁ ୧-୨ ଗୋଲରେ ହାରି ଯାଇଥିଲା। ମାତ୍ର ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ତ୍ରିନିଦାଦ ଆଣ୍ଡ ଟବାଗୋକୁ ୧୦-୨ ଗୋଲରେ ହରାଇ ସ୍ପେଶାଲ ଅଲିମ୍ପିକ୍ସ ଭାରତ ବ୍ରୋଞ୍ଜ ପଦକ ଜିତିଥିଲା। ସ୍ପେଶାଲ ଅଲିମ୍ପିକ୍ସ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସିପ୍ରାଙ୍କୁ ଦକ୍ଷ ଗୋଲକିପର ଭାବେ ଗଢ଼ି ତୋଳିବାରେ କୋଚ୍ ଗୀତା ପଣ୍ଡାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ଏହି ସଫଳତା ପାଇଁ ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶା ପକ୍ଷରୁ ସିପ୍ରାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


ବ୍ରୋଞ୍ଜ ପଦକ ସହ ସିପ୍ରା ପ୍ରିୟଦର୍ଶିନୀ।

# ୩ ଭାରତୀୟଙ୍କ ଦ୍ୱାରା ନୂଆ ଜାତୀୟ ରେକର୍ଡ

**ନୂଆଦିଲ୍ଲୀ, ୧୭।୩ (ପି.ଟି.)**

ତୁର୍କୀର କୋନ୍ୟାଠାରେ ଅନୁଷ୍ଠିତ ୟୁସିଆଇ ଟ୍ରାକ୍ ସାଇକ୍ଲିଂ ନେଶନ୍ସ କପ୍‌ର ପୁରୁଷ ଟିମ୍ ସ୍ପ୍ରିଣ୍ଟ ଇଭେଣ୍ଟରେ ଭାରତର ୩ଜଣ ଡେଭିଡ ବେକ୍‌ହାମ, ଏସୋ ଅଲ୍‌ବାନ ଓ ରୋଜିତ ସିଂ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଇଭେଣ୍ଟରେ ଭାରତୀୟ ତ୍ରୟଙ୍କ ଟାଇମିଂ ୪୪.୧୮୭ ସେକେଣ୍ଡ ରହିଥିଲା। ଗତବର୍ଷ ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ୪୪.୪୫୧ ସେକେଣ୍ଡ ଟାଇମିଂରେ ଯେଉଁ ରେକର୍ଡ ପ୍ରତିଷ୍ଠା ହୋଇଥିଲା ତାହା ଭଙ୍ଗ ହୋଇପାରିଛି। ଭାରତୀୟ ଦଳ ଟିମ୍ ର୍‍ୟାଙ୍କିଙ୍ଗରେ ଯଦିଓ ଏକାଦଶ ସ୍ଥାନ ଅଧିକାର କରିଥିଲା, ଭାରତୀୟ

**ୟୁସିଆଇ ଟ୍ରାକ୍ ସାଇକ୍ଲିଂ ନେଶନ୍ସ କପ୍**

କ୍ରୀଡ଼ା ପ୍ରାଧିକରଣ (ସାଇ)ତରଫରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପ୍ରଦର୍ଶନକୁ ନେଇ ଉଚ୍ଚ ପ୍ରଶଂସା କରାଯାଇଛି। ସାଇ ପକ୍ଷରୁ ଏକ ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ, ଆମର ୩ଜଣ ପ୍ରତିଭାବାନ ସାଇକ୍ଲିଷ୍ଟ ଡେଭିଡ ବେକ୍‌ହାମ, ଏସୋ ଅଲ୍‌ବାନ ଓ ରୋଜିତ ସିଂଙ୍କ ପ୍ରଦର୍ଶନକୁ ନେଇ ଆମେ ଖୁବ୍ ଗର୍ବିତ। ଏହି ଇଭେଣ୍ଟରେ ଗ୍ରେଟ୍ ବ୍ରିଟେନ (୪୨.୦୬୦ ସେକେଣ୍ଡ) ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ଜାପାନ (୪୨.୧୯୪) ଓ ଅଷ୍ଟ୍ରେଲିଆ (୪୨.୩୫୨) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିଥିଲା। ସୂଚନାଯୋଗ୍ୟ, ନୂଆଦିଲ୍ଲୀରେ ୨୦୨୨ରେ ଅନୁଷ୍ଠିତ ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍ ରୋନାଲଡୋଙ୍କ ସହ ବେକହାମ୍ ଭାରତୀୟ ସ୍ପ୍ରିଣ୍ଟ ଟିମ୍‌ର ଅଂଶବିଶେଷ ହୋଇ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ୨୦୨୩ ଏସିଆନ ଗେମ୍ସରେ ମଧ୍ୟ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସେ ଏହି ମହାଦେଶୀୟ କ୍ରୀଡ଼ା ଇଭେଣ୍ଟରେ ପ୍ରଥମ ଭାରତୀୟ ସାଇକ୍ଲିଷ୍ଟ ଭାବେ କୌଣସି ସ୍ପ୍ରିଣ୍ଟ ସାଇକ୍ଲିଂ ଇଭେଣ୍ଟର କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପାରିଥିଲେ।


ୟୁସିଆଇ ଟ୍ରାକ୍ ସାଇକ୍ଲିଂ ନେଶନ୍ସ କପ୍‌ର ପୁରୁଷ ଟିମ୍ ସ୍ପ୍ରିଣ୍ଟ ଇଭେଣ୍ଟ ଅବସରରେ ପ୍ରତିଯୋଗୀମାନେ।

# ଚନ୍ଦ୍ରକାନ୍ତ-ବିଘ୍ନେଶ ଯୋଡ଼ି ଚାମ୍ପିୟନ

**ଦିଗପହଣ୍ଡି, ୧୭।୩**
**(ଅଶେଷ ନାଥ ମିଶ୍ର)**

**ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳ ପଡିଆ ପରିସରରେ ଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଆନ୍ତଃରାଜ୍ୟ ଖେମୁଣ୍ଡି ଓପନ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ହାଇଦ୍ରାବାଦର ଚନ୍ଦ୍ରକାନ୍ତ ଓ ବିଘ୍ନେଶ ଯୋଡି ଚାମ୍ପିୟନ ହୋଇଥିବା ବେଳେ ଛତିଶଗଡ଼ର ଭେଙ୍କଟ ଓ ହନି ଯୋଡି ପ୍ରଥମ ଉପବିଜେତା ଏବଂ ବିଶାଖାପାଟଣାର କିରଣ ଓ ହେମଚନ୍ଦ୍ର ଯୋଡି ଦ୍ୱିତୀୟ ଉପବିଜେତା ହୋଇଥିଲେ। ଉତ୍ତରାଖଣ୍ଡର ରାୱତ କୁମାରଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ କରାଯାଇଥିଲା। ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ଦେବାଶିଷ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ସମାରୋହରେ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡା. ରାଜେନ୍ଦ୍ର କୁମାର ବେହେରା, ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ, ଅବସରପ୍ରାପ୍ତ ସେନା ଅଧିକାରୀ ସୁରେଶ କୁମାର ବକ୍ସି, ସାମାଜିକ କର୍ମୀ ଗୋପାଳକୃଷ୍ଣ ମେକାପ, ରାଜକିରଣ ଦାସ, ଶୁଭେନ୍ଦୁ କୁମାର ପାଢ଼ୀ, କ୍ରିଷ୍ଣାନନ୍ଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତା, ଉପ ବିଜେତା ଓ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ମ୍ୟାଚ ଗୁଡିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିବା ବରିଷ୍ଠ ରେଫେରୀ ଅଚ୍ୟୁତ ଆଚାର୍ଯ୍ୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଖେମୁଣ୍ଡି ବ୍ୟାଡମିଣ୍ଟନ କ୍ଲବର କାର୍ଯ୍ୟକର୍ତ୍ତା ସୁଧୀର କୁମାର ପଣ୍ଡା, ନୀଳମାଧବ ପଣ୍ଡା, ସନ୍ଦୀପ ପାଣିଗ୍ରାହୀ, ସୁଧୀର ସାହୁ, ଜି. ସନ୍ତୋଷ କୁମାର, ସଞ୍ଜୀବ କୁମାର ଗୌଡ, ଶଙ୍କର ମହାନ୍ତି, ସନ୍ତୋଷ ପାତ୍ର, ସୁମନ ମହାରଣା, ତନୁଜ ଦୋରା, ଏ. ରୁଦ୍ର ଓ ଅନ୍ୟ ସଦସ୍ୟ ବୃନ୍ଦ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ଚନ୍ଦ୍ରକାନ୍ତ-ବିଘ୍ନେଶ ଯୋଡିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ